

ମନ୍ଧାନାଙ୍କୁ ଶ୍ରେଷ୍ଠ ରେଟିଂ ପଏଣ୍ଟ
▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-122 •WEDNESDAY •29 OCTOBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୨୨ •ବୁଧବାର •୨୯ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦







## ସ୍ଥଳଭାଗରେ ପିଟିହେଲା ଅଣଆଖିଆ ବାତ୍ୟା

# କାକିନାଡ଼ାରେ 'ମୋନ୍ଥା' ତାଣ୍ଡବ

■ ଭୁବନେଶ୍ୱର,୨୮।୧୦ (ସମିସ): ଆନ୍ଧ୍ରର କାକିନାଡ଼ାର ନିକଟରେ ଲ୍ୟାଣ୍ଡଫଲ୍ କରିଛି ବାତ୍ୟା 'ମୋନ୍ଥା'। ମଙ୍ଗଳବାର ସନ୍ଧ୍ୟାରେ ଆଇଏମ୍‌ଡି ଏ ସମ୍ପର୍କରେ ସୂଚନା ଦେଇଛି । ସନ୍ଧ୍ୟା ୭ଟାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇ ପ୍ରାୟ ରାତି ୧୧ଟା ବେଳେ ବାତ୍ୟା ଭୂଭାଗ ଅତିକ୍ରମ କରିଛି। ଏହା ସହ ବାତ୍ୟା ପ୍ରଭାବରେ ଆନ୍ଧ୍ର ଉପକୂଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଅନୁଭୂତ ହୋଇଛି। ସ୍ଥଳଭାଗ ଅତିକ୍ରମ କରିବା ସମୟରେ ଏହା ଏକ ଭୀଷଣ ବାତ୍ୟା ରୂପରେ ଅଗ୍ରସରହୋଇଛି। 'ମୋନ୍ଥା' ଭୂଭାଗ ସ୍ପର୍ଶ ସମୟରେ ମଛଲିପାଟ୍ଟନମ୍‌ଠାରେ ପବନର ବେଗ ସର୍ବାଧିକ ଘଣ୍ଟା ପ୍ରତି ୬୮ କିମି ଓ କାକିନାଡ଼ାରେ ପବନର ବେଗ ୫୨ କିମି ରେକର୍ଡ ହୋଇଛି।

### ରାଜ୍ୟରେ ଦିନ ତମାମ ମେଘୁଆ ପାଗ

### ଆଜି ପାଇଁ ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲାକୁ ରେଡ୍ ଆଲର୍ଟ

ବାତ୍ୟା ଧୀରେ ଧୀରେ ଆଗକୁ ବଢ଼ିବା ସହ ମାଲକାନଗିରି ମୁହାଁ ହୋଇଛି। ତେଣୁ ରାଜ୍ୟରେ ଆଗକୁ ବର୍ଷା ସାଙ୍ଗକୁ ପବନର ବେଗ ମଧ୍ୟ ବଢ଼ିବା ନେଇ ଆକଳନ କରାଯାଇଛି। ଅନ୍ୟପଟେ ବାତ୍ୟା ପ୍ରଭାବରେ ସୋମବାର ଅପରାହ୍ଣରୁ ଦକ୍ଷିଣ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଛି। ମଙ୍ଗଳବାର ଦିନ ତମାମ ରାଜ୍ୟର ଅଧିକାଂଶ ସ୍ଥାନରେ ମେଘୁଆ ପାଗ ସହ ବର୍ଷା ଅନୁଭୂତ ହୋଇଛି। ସନ୍ଧ୍ୟା ସାଢ଼େ ୫ ▶ପୃଷ୍ଠା-୭



## ରଞ୍ଜନା ଦେଶାଇ ଅଷ୍ଟମ ବେତନ ଆୟୋଗ ଅଧ୍ୟକ୍ଷା

### ସର୍ତ୍ତାବଳୀକୁ ମଞ୍ଜୁରୀ; ୧୮ ମାସରେ ରିପୋର୍ଟ



■ ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି): କେନ୍ଦ୍ର ସରକାର ମଙ୍ଗଳବାର ଅଷ୍ଟମ ବେତନ ଆୟୋଗଙ୍କ ସନ୍ଦର୍ଭ ସର୍ତ୍ତାବଳୀ ଅଥବା ଟର୍ମସ ଅଫ୍ ରେଫରେନ୍ସ (ଟିଓଆର୍)କୁ ଅନୁମୋଦନ ଦେଇଛନ୍ତି। ଏହାପରେ ବର୍ତ୍ତମାନ ଆୟୋଗ ଗଠନ କରାଯିବ। ଏହାଛଡା ଗଠନର ୧୮ ମାସ ମଧ୍ୟରେ ଆୟୋଗ ତାଙ୍କର ସୁପାରିଶ ଦାଖଲ କରିବେ। ଏହାପରେ ନୂତନ ବେତନ ସ୍ତର ୨୦୨୬ ଜାନୁଆରୀ ପହିଲାରୁ କାର୍ଯ୍ୟକାରୀ ହୋଇପାରିବ। ତଥାପି, ପୂର୍ବ ଧାରାଗୁଡ଼ିକୁ ଦୃଷ୍ଟିରେ ରଖି, ସୁପାରିଶଗୁଡ଼ିକର ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବାକୁ ୨୦୨୮ ପର୍ଯ୍ୟନ୍ତ ସମୟ ଲାଗିପାରେ। ଏହାର ଅର୍ଥ ହେଉଛି କର୍ମଚାରୀମାନେ ୧୭-୧୮ ମାସର ବକେୟା ପ୍ରାପ୍ୟ ଏକକାଳୀନ କିମ୍ବା କିସ୍ତିରେ ପାଇବେ। ଏହି ପଦକ୍ଷେପ ୫୦ ଲକ୍ଷ କେନ୍ଦ୍ର କର୍ମଚାରୀ ଏବଂ ୬୯ ଲକ୍ଷ ପେନସନଭୋଗୀଙ୍କୁ ଲାଭ ଦେବ। ସରକାର ଜାନୁଆରୀ ୨୦୨୫ ରେ ବେତନ ଆୟୋଗ ଗଠନ ଘୋଷଣା କରିଥିଲେ। ସର୍ତ୍ତାବଳୀକୁ ଅନୁମୋଦନ ଦେବା ଏକ ଦଲିଲକୁ ବୁଝାଏ ଯାହା ଆୟୋଗଙ୍କ କାର୍ଯ୍ୟାଦେଶ, ଏହା କିପରି କାର୍ଯ୍ୟକାରୀ କରିବ, କେତେ ସମୟ ଲାଗିବ ଏବଂ ଏଥିରେ କିଏ ସବୁ ସାମିଲ ହେବ ତାହା ବର୍ଣ୍ଣନା କରିଥାଏ। ଏଠାରେ ସୂଚନାଯୋଗ୍ୟ ଯେ, ୭ମ ବେତନ ଆୟୋଗ ୨୦୧୪ ▶ପୃଷ୍ଠା-୭

## ଶୂନ୍ୟ ଜୀବନହାନି ଆମର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ



### ୧୫୫୮ ଉଦ୍ଧାରକାରୀ ଦଳ, ୨୦୪୮ ଆଶ୍ରୟସ୍ଥଳ ପ୍ରସ୍ତୁତ

### ବାତ୍ୟା ପରେ, ତୁରନ୍ତ ଫସଲ କ୍ଷତି ଆକଳନ କରି ସହାୟତା ପାଇଁ ନିର୍ଦ୍ଦେଶ

■ ଭୁବନେଶ୍ୱର, ୨୮।୧୦ (ସମିସ): ପ୍ରତ୍ୟେକ ବିପର୍ଯ୍ୟୟରେ ଶୂନ୍ୟ ଜୀବନହାନୀ ହେଉଛି ଆମର ଲକ୍ଷ୍ୟ। ବାତ୍ୟା ଆନ୍ଧ୍ରପ୍ରଦେଶରେ ଅତିକ୍ରମ କରୁଥିଲେ ମଧ୍ୟ ଓଡିଶାର ବିଭିନ୍ନ ଜିଲ୍ଲାରେ, ବିଶେଷ କରି ଦକ୍ଷିଣ ଓଡିଶାର ଜିଲ୍ଲା ଗୁଡିକରେ ବ୍ୟାପକ ବର୍ଷା ସହିତ ପବନ ହେବାର ସମ୍ଭାବନା ରହିଛି। ତେଣୁ କୌଣସି ବିପଦ ସଂକୁଳ ଅଞ୍ଚଳରେ ଯେପରି ସମସ୍ତେ ବାତ୍ୟା-ବନ୍ୟା ଆଶ୍ରୟ ସ୍ଥଳ କିମ୍ବା ଅନ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ ହେବେ, ତାହା ଅଧିକାରୀମାନେ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।


ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଲୋକସେବା ଭବନରେ ବାତ୍ୟା 'ମୋନ୍ଥା'ର ମୁକାବିଲା ସମ୍ପର୍କରେ ସମୀକ୍ଷା କରି ଅଧିକାରୀମାନଙ୍କୁ କହିଛନ୍ତି ଯେ ଗତବର୍ଷ ମଧ୍ୟ ବାତ୍ୟା ଦାନା ସମୟରେ ଆମେ ସଫଳ ଭାବରେ ଲୋକଙ୍କୁ ସ୍ଥାନାନ୍ତରିତ କରି 'ଜିରୋ କାଜୁଆଲ୍‌ଟି' ଲକ୍ଷ୍ୟ ହାସଲ କରିଥିଲୁ। ▶ପୃଷ୍ଠା-୭

## ଭୟ କରନ୍ତୁ ନାହିଁ; ସଜାଗ ରୁହନ୍ତୁ: ନବୀନ

### ଏକାଠି କରିବା ବାତ୍ୟା ମୁକାବିଲା

### ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରନ୍ତୁ

### ଲୋକଙ୍କୁ ସହାୟତା କରିବାକୁ ବିଜେଡି କର୍ମୀ ଓ ନେତାଙ୍କୁ ପରାମର୍ଶ




■ ଭୁବନେଶ୍ୱର, ୨୮।୧୦ (ସମିସ): ବାତ୍ୟା ମୋନ୍ଥା ପରିପ୍ରେକ୍ଷୀରେ ସଜାଗ ରହିବା ସହ ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରିବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ଭିଡ଼ିଓରେ ପୋଷ୍ଟ କରି ନବୀନ ପୂର୍ବବର୍ଷଗୁଡ଼ିକ ପରି ଏଥର ମଧ୍ୟ ଏକାଠି ହୋଇ ବାତ୍ୟାର ମୁକାବିଲା କରିବା ନିମନ୍ତେ ରାଜ୍ୟବାସୀଙ୍କ ସହଯୋଗ ଲୋଡ଼ିଛନ୍ତି ।

ଏହି ଅବସରରେ ନବୀନ କହିଛନ୍ତି ଯେ ପୂର୍ବରୁ ଆମେ ଅନେକ ବାତ୍ୟାର ସଫଳ ମୁକାବିଲା କରିଛନ୍ତି । ତେଣୁ ବାତ୍ୟା 'ମୋନ୍ଥା' ପାଇଁ ଭୟ ନ କରି ସଜାଗ ରୁହନ୍ତୁ।ଆମେ ସବୁବେଳେ ଏକାଠି ମିଳି ବିପର୍ଯ୍ୟୟର ମୁକାବିଲା କରିଆସୁଛେ। ଏଥର ମଧ୍ୟ ଏକାଠି ହୋଇ ବାତ୍ୟାର ମୁକାବିଲା କରିବା ବୋଲି ନବୀନ କହିଛନ୍ତି। ଏହା ସହିତ ବିପଦ ସମୟରେ ରାଜ୍ୟର ଜନସାଧାରଣଙ୍କ ସହ ରହିବା ▶ପୃଷ୍ଠା-୭

## ୬୧ ଟ୍ରେନ୍ ବାତିଲ୍

■ ଭୁବନେଶ୍ୱର, ୨୮।୧୦ (ସମିସ): ବାତ୍ୟା 'ମୋନ୍ଥା'କୁ ନଜରରେ ରଖି ଭାରତୀୟ ରେଳବାଇ ପକ୍ଷରୁ ପୂର୍ବତଟ ରେଳପଥର ୱାଲ୍ଟିୟର ଏବଂ ସଂଯୁକ୍ତ ରୁଟ୍‌ରେ ଚଳାଚଳ କରୁଥିବା ଅନେକ ଟ୍ରେନ୍‌ର ଚଳାଚଳ ବାତିଲ୍ କରାଯାଇଛି। ତେବେ ମଙ୍ଗଳବାର ଯାତ୍ରୀ ସୁରକ୍ଷା ପଦକ୍ଷେପ ସ୍ୱରୂପ ୬୧ଟି ଟ୍ରେନ୍ ବାତିଲ୍ ହୋଇଛି। ଏଥିରେ ଆଜି କେବଳ ୪୮ ଟ୍ରେନ ବାତିଲ୍ କରାଯାଇଛି। ୯ଟି ଟ୍ରେନ୍‌ର ଚଳାଚଳ ଆଂଶିକ ବାତିଲ୍ ,୬ର ଦିଗ ପରିବର୍ତ୍ତନ ଏବଂ ୯ଟିର ଚଳାଚଳ ସମୟ ପୁନଃନିର୍ଦ୍ଧାରଣ କରାଯାଇଛି। ପୁରୀ-ତିରୁପତି ଗୁରୁବାର ନିମନ୍ତେ ଏବଂ ବେଙ୍ଗାଲୁରୁ-ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସ ଏବଂ ଭୁବନେଶ୍ୱର ନିୟୁ-ହାଇଦ୍ରାବାଦ୍ ସ୍ପେଶାଲ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍ ବୁଧବାର ନିମନ୍ତେ ବାତିଲ୍ ▶ପୃଷ୍ଠା-୭

## ଭାରତୀୟ ଜିତିଲେ ୨୪୦ କୋଟିର ଲଟେରୀ



■ ଆବୁଧାବି, ୨୮।୧୦ (ଏଜେନ୍ସି): ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ରହୁଥିବା ଜଣେ ଭାରତୀୟଙ୍କ ଭାଗ୍ୟ ଖୋଲି ଯାଇଛି। ସେ ରାତାରାତି କୋଟିପତି ପାଲଟି ଯାଇଛନ୍ତି। ଅନିଲକୁମାର ବୋଲା ଆବୁଧାବିରେ ଶହେ ନିୟୁତ ଦିରହମ ତଥା ୨୪୦ କୋଟି ଟଙ୍କାର ଜ୍ୟାକପଟ୍ ଜିତିଛନ୍ତି। ଗତ ୧୮ ତାରିଖରେ ଅନୁଷ୍ଠିତ ୨୩ତମ 'ଲକି ଡେ ଡ୍ର'ରେ ଏହି ବଡ଼ ପୁରସ୍କାର ହାତେଇଛନ୍ତି। କେବଳ ମାଆଙ୍କ ଆଶୀର୍ବାଦ ଯୋଗୁଁ ଏପରି ସମ୍ଭବ ହୋଇଥିବା ବିଜେତା କହିଛନ୍ତି। ଏବେ ଅନିଲଙ୍କ ଜୀବନ ବଦଳି ଯାଇଛି। ଗତ ୧୮ ତାରିଖ ତାଙ୍କ ପାଇଁ ସୌଭାଗ୍ୟଶାଳୀ ପାଲଟି ଯାଇଛି। ଏହି ଅବସରରେ ଅନିଲ ଦେଇଥିବା ଏକ ସାକ୍ଷାତରକାରର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି।

ଭିଡିଓରେ ଅନିଲ ପୁରସ୍କାର ଜିତୁଥିବା ଦେଖାଯାଉଛି। ସେ ଏହି ସଫଳତା ପଛରେ ଥିବା କାହାଣୀ ମଧ୍ୟ କହିଛନ୍ତି। ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଅନିଲ କହୁଛନ୍ତି ଯେ ଏହି ଲଟେରି ଜିତିବା ପାଇଁ ସେ କୌଣସି ମ୍ୟାଜିକ କରି ନ ଥିଲେ। ସେ ସହଜରେ ଏକ ଟିକଟ ବାଛି ଥିଲେ। ତେବେ ଏହି ଟିକଟର ଶେଷ କ୍ରମିକ ସଂଖ୍ୟାଟି ତାଙ୍କ ପାଇଁ ସ୍ୱତନ୍ତ୍ର ଥିଲା। କାରଣ ▶ପୃଷ୍ଠା-୭

### ବାତ୍ୟା ପ୍ରଭାବରେ ସମୁଦ୍ରରେ ଉଚ୍ଚ ଜ୍ୱୁଆର

## ପେଣ୍ଠ ନିକଟରେ ଧସିଲା ପଥର ବନ୍ଧ

■ ରାଜନଗର, ୨୮।୧୦ (ସମିସ): ବାତ୍ୟା 'ମୋନ୍ଥା' ପ୍ରଭାବରେ ଅଶାନ୍ତ ହୋଇଛି ସମୁଦ୍ର। ଗତକାଲି ରାତିରୁ ପାଗ ପରିବର୍ତ୍ତନ ହେବା ସହ ହାଲୁକା ପବନ ଓ ପ୍ରବଳ ବର୍ଷା ଲାଗି ରହିଛି। ସମୁଦ୍ରରେ ଉଚ୍ଚ ଜ୍ୱୁଆର ଉଠିବା ସହ ପଥର ବନ୍ଧରେ ମାଡ଼ ହେଉଛି। ରାଜନଗର ବ୍ଲକ୍ ପେଣ୍ଠ ନିକଟରେ ଥିବା ଓଡ଼ିଶାର ପ୍ରଥମ ଜିଓ ସିନ୍ଥେଟିକ ୱାଲ ଉପରେ ସମୁଦ୍ର ଜ୍ୱୁଆର ଭୟଙ୍କର ଭାବେ ମାଡ଼ ହେଉଛି। ଫଳରେ ଜିଓ ସିନ୍ଥେଟିକ ୱାଲ ନିକଟରେ ଥିବା ପଥର ବନ୍ଧ ସମୁଦ୍ର ଜ୍ୱୁଆରରେ କ୍ଷତିଗ୍ରସ୍ତ ହୋଇଛି। ସମୁଦ୍ରର ଉଚ୍ଚ ଜ୍ୱୁଆର ମାଡ଼ ହେବା ଫଳରେ ସମୁଦ୍ର କୂଳରେ ନିର୍ମାଣ ହୋଇଥିବା



ପଥର ବନ୍ଧ ଧସିଯାଇଛି। ପାଖାପାଖି ୫ଫୁଟ୍ ସମୁଦ୍ର ମଧ୍ୟକୁ ଏହି ପଥର ବନ୍ଧ ଧସିବା ସହ ପଥରଗୁଡ଼ିକୁ ସମୁଦ୍ରକୁ ଭସାଇ ନେଉଛି। ଏହି ଦୃଶ୍ୟ ଦେଖି ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଛନକା ପଶିଛି। ଗତକାଲିଠୁ ପେଣ୍ଠ ସମୁଦ୍ରରେ ଉଚ୍ଚ ଜ୍ୱୁଆର ଉଠିବା ସହ ସମୁଦ୍ର ଅଶାନ୍ତ ହୋଇପଡ଼ିଛି। ପଥର ବନ୍ଧ ନିର୍ମାଣ ସମୟରେ ଛୋଟଛୋଟ ପଥର ପକାଇ ବନ୍ଧ ନିର୍ମାଣ କରାଯାଇଥିବାରୁ ଏବେ ଏହି ପଥର ଧସିଯାଉଛି। ପେଣ୍ଠ ନିକଟରେ ସମୁଦ୍ର ଉଗ୍ରମୁଖୀ ହୋଇ ପଥର ବନ୍ଧକୁ କ୍ଷତିଗ୍ରସ୍ତ କରିବା ପରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି।

### ଦୁର୍ଗାପୁରରେ ଓଡ଼ିଆ ମେଡିକାଲ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା

# ପୀଡ଼ିତାଙ୍କ ପୁରୁଷ ବନ୍ଧୁ ହିଁ ମାଷ୍ଟରମାଇଣ୍ଡ

■ କୋଲକାତା, ୨୮।୧୦ (ଏଜେନ୍ସି): ପଶ୍ଚିମ ବଙ୍ଗ ଦୁର୍ଗାପୁରରେ ଓଡ଼ିଆ ମେଡିକାଲ ଛାତ୍ରୀ ଗଣଦୁଷ୍କର୍ମ ମାମଲାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଏବଂ ଅନ୍ୟ ୫ ସହ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି। ଆଜି ଏସଂକ୍ରାନ୍ତ ଟିଆଇ ପରେଡ୍ ରିପୋର୍ଟ ଦୁର୍ଗାପୁର ଏସ୍‌ଡିଜେଏମ୍ କୋର୍ଟରେ ଦାଖଲ ହୋଇଛି। ପୀଡ଼ିତାଙ୍କ ପୁରୁଷ ବନ୍ଧୁ ହିଁ ସମଗ୍ର ଦୁଷ୍କର୍ମ ଘଟଣାର ମାଷ୍ଟରମାଇଣ୍ଡ ବୋଲି ଜଣାପଡ଼ିଛି ।

ପୀଡ଼ିତା ଦୁର୍ଗାପୁରର ଏକ ଘରୋଇ ମେଡିକାଲ କଲେଜର ଦ୍ୱିତୀୟ ବର୍ଷ ଛାତ୍ରୀ। ଗତ ଅକ୍ଟୋବର ୧୦ ତାରିଖ ରାତିରେ ହୋଇଥିବା ଗଣଦୁଷ୍କର୍ମରେ ତାଙ୍କର ପୁରୁଷ ବନ୍ଧୁ ଓ ଅନ୍ୟ ୫ ଜଣ ସାମିଲ ଥିଲେ। ପୀଡ଼ିତାଙ୍କ ଓକିଲ ପାର୍ଥ ଘୋଷ କହିଛନ୍ତି, ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ହେଉଛି ଫିରଦୋସ ଶେଖ୍।



ଅନ୍ୟ ୫ ଜଣଙ୍କୁ ଏଥିରେ ସହଅଭିଯୁକ୍ତ କରାଯାଇଛି। ମେଡିକାଲ ଛାତ୍ରୀଙ୍କୁ ଦୁଷ୍କର୍ମ କରିବା ଲାଗି ପୁରୁଷ ବନ୍ଧୁ ହିଁ ଷଡ଼ଯନ୍ତ୍ର ରଚନା କରିଥିଲା ବୋଲି ଘୋଷ କହିଛନ୍ତି।

ଆଜି କୋର୍ଟରେ ଟିଆଇ ପରେଡ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ସମସ୍ତ ୬ ଜଣ ଅଭିଯୁକ୍ତଙ୍କୁ ଭିଡିଓ କନଫେରେନସିଂ ଜରିଆରେ କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତମାନଙ୍କ ତରଫରୁ କୌଣସି ଓକିଲ

### ୩୧ ଯାଏଁ ବଢ଼ିଲା ହାଜତ ମିଆଦ

ମାମଲା ଲଢ଼ୁ ନ ଥିବାରୁ ସେମାନେ ନିଜ ଆଡ଼ୁ ଜାମିନ ଆବେଦନ କରିଥିଲେ। କୋର୍ଟ ସେମାନଙ୍କର ଆବେଦନକୁ ନାମଞ୍ଜୁର କରିବା ସହିତ ବିଚାର ବିଭାଗୀୟ ହାଜତ ମିଆଦ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ହେଲେ ପୁଲିସକୁ ଯଥାଶୀଘ୍ର ଚାର୍ଜସିଟ୍ ଦାଖଲ କରିବାକୁ ପଡ଼ିବ ବୋଲି ବିଚାରପତି କହିଥିଲେ। ଆସନ୍ତା ୩୧ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଥିବା ବେଳେ ଏହାପୂର୍ବରୁ ଚାର୍ଜସିଟ୍ ଦାଖଲ କଲେ ଭଲ। ଚାର୍ଜସିଟର କପି ସମସ୍ତ ପକ୍ଷଙ୍କୁ ଦିଆଯିବା ପରେ କୋର୍ଟରେ ଚାର୍ଜଫ୍ରେମ ହେବ। ଏହାପରେ ବିଚାର ପ୍ରକ୍ରିୟା ଆରମ୍ଭ ହୋଇପାରିବ ବୋଲି କୋର୍ଟ କହିଥିଲେ।

ସୂଚନାଯୋଗ୍ୟ ଯେ ଗତ ୧୦ ତାରିଖ ରାତିରେ ଦୁର୍ଗାପୁରର ଏହି ଘରୋଇ ମେଡିକାଲ କଲେଜ ବାହାରକୁ ▶ପୃଷ୍ଠା-୭



ବାତ୍ୟା 'ମୋନ୍ଥା' ସ୍ଥଳଭାଗ ଛୁଇଁବା ପୂର୍ବରୁ ଆନ୍ଧ୍ର ପ୍ରଦେଶର କାକିନାଡ଼ାରେ ଭୀଷଣ ବର୍ଷା । ପାଣି ଘେରରେ ଉପକୂଳିଆ ଅଞ୍ଚଳ

# ଜାମାଇକାରେ ମାଡ଼ ହେବ ବିଶ୍ୱର ଭୟଙ୍କର ତୋଫାନ 'ମେଲିସା'

ୱାଶିଂଟନ, ୨୮।୧୦ (ଏଜେନ୍ସି): କାରିବିଆନ ଦେଶ ଜାମାଇକା ଅଭିମୁଖେ ବଡ଼ ବିପଦ ମାଡ଼ି ଚାଲିଛି । ବିପଦର ନାମ 'ମେଲିସା' । ଏହା ଚଳିତ ବର୍ଷର ସବୁଠାରୁ ବଡ଼ ଭୟଙ୍କର ଝଡ଼ ତୋଫାନ ପାଲଟି ଯାଇଛି । ଏହା ମଙ୍ଗଳବାର ସନ୍ଧ୍ୟାରେ ଜାମାଇକା ଉପକୂଳରେ ସ୍ଥଳଭାଗ ଛୁଇଁପାରେ । ଏହା ପୂର୍ବରୁ ମେଲିସା ହାଇତି ଏବଂ ଡୋମିନିକାନ ରିପବ୍ଲିକାନରେ ବିପର୍ଯ୍ୟୟ ସୃଷ୍ଟି କରିଥିଲା । ଏହା ଜାମାଇକା, ହାଇତିରେ ୩ ଜଣ ଲେଖାଏଁ ଡୋମିନିକାନରେ ଜଣଙ୍କ ଜୀବନ ନେଇଛି । ଏହାର ପ୍ରଭାବରେ ଭୀଷଣ ବର୍ଷା ହେଉଥିବାବେଳେ ଭୟଙ୍କର ପବନ ହେଉଛି । ଏହାକୁ ଆମେରିକା ପାଣିପାଗ ବିଜ୍ଞାନୀ ବଡ଼ ଚେତାବନୀ ଦେଇଛନ୍ତି । ମେଲିସା ବିନାଶକାରୀ ସାବ୍ୟସ୍ତ ହୋଇପାରେ ବୋଲି କୁହାଯାଇଛି । ଏବେ ମେଲିସା ଘଣ୍ଟା ପ୍ରତି ୨୮୨ କିମି ବେଗରେ ଆଗକୁ ବଢ଼ି ଚାଲିଛି । ଏହା ପଞ୍ଚମ ଶ୍ରେଣୀର ଝଡ଼ ପାଲଟି ଯାଇଛି । ଏହା ସବୁଠାରୁ ବିପଜ୍ଜନକ ଶ୍ରେଣୀରେ ଯାଉଛି । ଏହା ମଙ୍ଗଳବାର ସନ୍ଧ୍ୟାରେ ଜାମାଇକା ଉପକୂଳରେ ମାଡ଼ ହୋଇପାରେ । ବାତ୍ୟାର ଭୟବହତାକୁ ଦେଖି କ୍ୟାବାରୁ ୬ ଲକ୍ଷ ଏବଂ ଜାମାଇକାରୁ ୨୮ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନିଆଯାଇଛି ।



ଅନ୍ୟପକ୍ଷରେ ଆମେରିକା ବାୟୁସେନା ରିଜର୍ଭର ୪୦୩ତମ ଶାଖା 'ହୁରିକେନ ହର୍ଣ୍ଟର୍ସ' ପକ୍ଷରୁ ଏକ ଭିଡିଓ ଜାରି କରାଯାଇଛି । ଏଥିରେ ଝଡ଼ତୋଫାନର ମଧ୍ୟଭାଗର ଦୃଶ୍ୟ ଦେଖିବାକୁ ମିଳୁଛି । ଭୟଙ୍କର ମେଘମାଳ ଯାଉଥିବା ଦେଖାଯାଉଛି ।ମେଲିସା ଜାମାଇକା ଅଭିମୁଖେ ବଢୁଥିବାବେଳେ ରବିବାର ଏହି ଭିଡିଓ ସୁଟିଂ କରାଯାଇଥିଲା । ଶନିବାର ଏହି ଝଡ଼ ତୋଫାନ ୧୨୦ କିମି ବେଗରେ ଗତି କରୁଥିଲା । ମାତ୍ର ୨୪ ଘଣ୍ଟା ଭିତରେ ରବିବାର ରାତି ସୁଦ୍ଧା ଏହା ୨୨୫ ବେଗରେ ଗତି କରିବାକୁ ଲାଗିଥିଲା । ସୋମବାର ରାତିରେ ଏହାର ବେଗ ୨୬୦ କିମି ଛୁଇଁ ଥିଲା । ତେଣୁ ଏହାକୁ ପଞ୍ଚମ ଶ୍ରେଣୀର ଝଡ଼ ହୋଇଥିଲା । ଏହି ଶ୍ରେଣୀରେ ସାମିଲ ଝଡ଼ର ଘଣ୍ଟା ପ୍ରତି ବେଗ ୨୫୨ କିମିରୁ ଅଧିକ ହୋଇଥିଲା । ଏହାର ବେଗ ଏତେ ଅଧିକ ହୋଇଥାଏ ଯେ ମଝବୁତ ସିମେଣ୍ଟ କଂକ୍ରିଟକୁ ବି କ୍ଷତିଗ୍ରସ୍ତ କରିଦେଇଥାଏ । ବଡ଼ ବଡ଼ ଗଛକୁ ଉପାଡ଼ି ଦେଇଥାଏ । ବିଦ୍ୟୁତ ଏବଂ ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥାଏ । ସମୁଦ୍ରରୁ ବଡ଼ ବଡ଼ ଲହରୀ ଆସିଥାଏ ।

## ଇରାନରେ ବନ୍ଦୀ ହୋଇଥିବା ୪ ଭାରତୀୟ ସ୍ୱଦେଶ ଫେରିଲେ

ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି): ଇରାନରେ ବନ୍ଦୀ ୪ ଭାରତୀୟ ନାଗରିକ ମଙ୍ଗଳବାର ସକାଳେ ଦିଲ୍ଲୀରେ ପହଞ୍ଚିଛନ୍ତି । ଏମାନେ ଗୁଜରାଟର ବାସିନ୍ଦା । ସମସ୍ତେ ଆଜି ସ୍ୱଦେଶ ଫେରିଛନ୍ତି । ମନସା ବିଧାୟକ ଜେଏସ ପଟେଲ ଏହି ସୂଚନା ଦେଇଛନ୍ତି । ଏହି ୪ ଜଣ ବେଆଇନ ଭାବେ ଆମେରିକା ଯିବାକୁ ପ୍ରୟାସ କରୁଥିଲେ । ଏହି ସମୟରେ ଇରାନର ତେହରାନ ବିମାନବନ୍ଦରରେ ସେମାନଙ୍କୁ ଅପହରଣ କରି ନିଆଯାଇଥିଲା । ଅପହରଣକାରୀମାନେ ଏହି ଭାରତୀୟଙ୍କୁ ବନ୍ଦୀ ବନାଇ ପରିବାର ଲୋକଙ୍କୁ ୨ କୋଟି ଟଙ୍କା ଲେଖାଏଁ ମାଗିଥିଲେ । ଏ ନେଇ ପରିବାର ସଦସ୍ୟଙ୍କୁ ଏକ ଭିଡିଓ ପଠା ଯାଇଥିଲା । ଏଥିରେ ୪ ଜଣଙ୍କୁ ଉଲଗ୍ନ କରି ମୁହଁ ବାନ୍ଧି ତଳେ ବସାଇ ଦିଆଯାଇଥିବା ଦେଖିବାକୁ ମିଳିଥିଲା । ଏହା ପରେ ଭାରତ ସରକାରଙ୍କ ମାମଲାରେ ହସ୍ତକ୍ଷେପ କରିଥିଲେ । ଇରାନ ସରକାର ଚାରି ଜଣଙ୍କୁ ବନ୍ଦୀଙ୍କ କବଳରୁ ମୁକ୍ତ କରିଥିଲେ । ଏବେ ଟ୍ରେନରେ ଗୁଜରାଟ ଫେରିବେ । ଅପହୃତଙ୍କ ମଧ୍ୟରେ ଜଣେ ମହିଳା ଏବଂ ତିନି ପୁରୁଷ ସାମିଲ ଅଛନ୍ତି । ତିନି ଜଣ ଗାନ୍ଧୀନଗରର ହୋଇଥିବାବେଳେ ଅନ୍ୟ ଜଣେ ବଡପୁରାର ବାସିନ୍ଦା ଥିଲେ ।

## ଇସ୍ରାଏଲ-ପାକିସ୍ତାନ ମଧ୍ୟରେ ଗୁପ୍ତ ଚୁକ୍ତି

ଇସଲାମାବାଦ, ୨୮।୧୦ (ଏଜେନ୍ସି): ପାକିସ୍ତାନ ସହ ଭାରତର ବନ୍ଧୁ ରାଷ୍ଟ୍ର ଇସ୍ରାଏଲ ଗୁପ୍ତ ଚୁକ୍ତି ସ୍ୱାକ୍ଷର କରିଛି । ଏହି ଚୁକ୍ତି ଅଧିନରେ ଗାଜାକୁ ପାକିସ୍ତାନ ୨୦ ହଜାର ସୈନ୍ୟ ପଠାଇବା । ଏହି ସୈନ୍ୟ ହମାସ ଠାରୁ ଅସ୍ତ୍ରଶସ୍ତ୍ର ଆତ୍ମସମର୍ପଣ କରାଇବେ ଏବଂ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା କରିବେ । ଏହି ପାକିସ୍ତାନୀ ସୈନିକ ଇଣ୍ଟରନ୍ୟାସନାଲ ଷ୍ଟାବିଲାଇଜେସନ ଫୋର୍ସ (ଆଇଏସଏଫ)ର ଅଂଶ ହେବେ । ଏମାନେ ହିଁ ଗାଜାରେ ଶାନ୍ତି ଚୁକ୍ତିକୁ କାର୍ଯ୍ୟକାରୀ କରିବେ । ଏହାକୁ ନେଇ ଇଜିପ୍ଟର ରାଜଧାନୀ କାଇରୋରେ ଏକ ଗୁପ୍ତ ବୈଠକ ହୋଇଥିଲା । ଏଥିରେ ଇସ୍ରାଏଲ ଗୁଇନ୍ଦା ଏଜେନ୍ସି ମୋସାଦର ବଡ଼ ଅଧିକାରୀଙ୍କ ସହ ପାକିସ୍ତାନ ଏବଂ ଆମେରିକା ଗୁଇନ୍ଦେ ଏଜେନ୍ସି ଅଧିକାରୀ ସାମିଲ ହୋଇଥିଲେ । ତେବେ ତୁର୍କୀ, ଅଜରବୈଜାନ ଏବଂ କାତାର ଏହି ନିଷ୍ପତ୍ତି ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପାକିସ୍ତାନ ସୈନିକ ଗାଜାରେ ମୁତୟନ ହୁଅନ୍ତୁ ବୋଲି ଏହି ଦେଶ ଚାହୁଁନାହାନ୍ତି । ପାକିସ୍ତାନ ସହ ତୁର୍କୀର ଘନିଷ୍ଠ ସମ୍ବନ୍ଧ ରହିଛି । ଏହା ସତ୍ତ୍ୱେ ବି ତୁର୍କୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅସନ୍ତୁଷ୍ଟ କରିବାକୁ ଚାହୁଁନାହିଁ ।

# ଡାକ୍ତରଙ୍କ ଧ୍ୟାନ ରଖିବା ଆମ ଦାୟିତ୍ୱ ସମାଜ ଆମକୁ କ୍ଷମା କରିବ ନାହିଁ



■ ସୁପ୍ରିମକୋର୍ଟରେ ଡାକ୍ତରଙ୍କୁ କରୋନା କ୍ଷତିପୂରଣ ପ୍ରଦାନ ମାମଲା

■ କରୋନାରେ ପ୍ରାଣ ହରାଇଥିବା ଘରୋଇ ଡାକ୍ତରଙ୍କୁ ସରକାରୀ ବୀମାର ଲାଭ ମିଳୁ

ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି): ଯଦି ନ୍ୟାୟପାଳିକା ଡାକ୍ତରଙ୍କ ଧ୍ୟାନ ରଖିବେ ନାହିଁ ଏବଂ ତାଙ୍କ ସହ ଛିଡାହେବ ନାହିଁ ତେବେ ସମାଜ ଆମକୁ କେବେ କ୍ଷମା କରିବ ନାହିଁ । କରୋନା ସମୟରେ ପ୍ରାଣ ହରାଇଥିବା ଘରୋଇ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ସରକାରୀ ବୀମା ଯୋଜନାର ଲାଭ ଦେବା ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ମଙ୍ଗଳବାର ଏହି ଟିପ୍ପଣୀ ଦେଇଛନ୍ତି । ଜଷ୍ଟିସ ପି ଏସ ନରସିହ୍ମା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି ଯେ ବୀମା କମ୍ପାନୀଗୁଡ଼ିକ ବୈଧ ଦାବି ଗୁଡିକର ସମାଧାନ ସହ ଅର୍ଥ ପ୍ରଦାନ କରିବା ଉଚିତ । ସରକାର ଏହା ସୁନିଶ୍ଚିତ କରିବା ଆବଶ୍ୟକ । ଘରୋଇ ଡାକ୍ତର କେବଳ ଲାଭ ପାଇଁ କାମ କରୁଛନ୍ତି ବୋଲି ଭାବିବା ଭୁଲ୍ । କରୋନା ସମୟରେ ଲୋକଙ୍କ ସେବା କରି ପ୍ରାଣ ହରାଇଥିବା ଘରୋଇ ଡାକ୍ତରଙ୍କ ବୀମା ଦାବି ଖାରଜ କରିବା ଅନୁଚିତ । ଖାଲି ସେ ଘରୋଇ ଡାକ୍ତରଖାନାରେ କାମ କରୁଥିବା କହି ପରିବାରର ବୀମା ଦାବି ଖାରଜ କରିବା ଭୁଲ୍ ହେବ । ଯଦି କରୋନା ମୁକାବିଲା ପାଇଁ ଧାର୍ଯ୍ୟ ସର୍ତ୍ତ ଅନୁଯାୟୀ ଏବଂ କରୋନାରେ ଡାକ୍ତର ପ୍ରାଣ ହରାଇଛନ୍ତି ତେବେ ବୀମା ବାବଦ ଅର୍ଥ ପ୍ରଦାନ କରିବା ପାଇଁ କେନ୍ଦ୍ର ବୀମା କମ୍ପାନୀକୁ କହିବା ଉଚିତ ।

ପ୍ରଧାନମନ୍ତ୍ରୀ ବୀମା ଯୋଜନା ବ୍ୟତୀତ ଏଭଳି ଆଉ କ'ଣ ଯୋଜନା ଅଛି ତାହାର ସୂଚନା ଦେବାକୁ ସୁପ୍ରିମକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ମାମଲାର ସମାଧାନ ପାଇଁ ବୀମା କମ୍ପାନୀଙ୍କ ନିମନ୍ତେ ଏକ ନିୟମ ଧାର୍ଯ୍ୟ କରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏହି ଆଧାରରେ ବୀମା କମ୍ପାନୀ ଆଗାମୀ ଦାବିଗୁଡିକର ସମାଧାନ କରିବେ । ପ୍ରଦୀପ ଆରୋରା ଏବଂ ଅନ୍ୟ ଲୋକମାନଙ୍କ ଆବେଦନ ଉପରେ ବିଚାର କରି କୋର୍ଟ ଏହି ରାୟ ଦେଇଛନ୍ତି । ଏତିରେ ୨୦୨୧ ମାର୍ଚ୍ଚ ୯ରେ ବମ୍ବେ ହାଇକୋର୍ଟ ଦେଇଥିବା ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା । ସେତେବେଳେ ହାଇକୋର୍ଟ କହିଥିଲେ ଯେ ଯଦି ସରକାର ଆନୁଷ୍ଠାନିକ ଭାବେ ଘରୋଇ ଡାକ୍ତରଙ୍କୁ ସେବା ମାଗିଥିବେ ତେବେ ଘରୋଇ ହସ୍ପିଟାଲର ଡାକ୍ତର ଏବଂ ଅନ୍ୟ କର୍ମଚାରୀଙ୍କୁ ବୀମା ଲାଭ ମିଳିବ । ଏହି ମାମଲା କିରନ ଭାସ୍କର ସୁର୍ଗଡେଙ୍କ ମାମଲା ସମ୍ବନ୍ଧିତ । ସେ କରୋନାରେ ୨୦୨୦ ମାର୍ଚ୍ଚରେ ନିଜ ସ୍ୱାମୀଙ୍କୁ ହରାଇ ଦେଇଥିଲେ । ତାଙ୍କ ସ୍ୱାମୀ ଥାନେ ସ୍ଥିତ ଏକ ଘରୋଇ କ୍ଲିନିକ ଚଳାଉ ଥିଲେ । ତାଙ୍କ କ୍ଲିନିକ ମାନ୍ୟତା ପ୍ରାପ୍ତ କରୋନା ହସ୍ପିଟାଲ ନଥିବା କହି ବୀମା ଦାବିକୁ କମ୍ପାନୀ ଖାରଜ କରି ଦେଇଥିଲା । ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜ (ପିଏମଜେକେପି) ୨୦୨୦ ମାର୍ଚ୍ଚରୁ ଆରମ୍ଭ ହୋଇଥିଲା । ଏହି ଯୋଜନା ଅଧିନରେ କରୋନା କାର୍ଯ୍ୟରେ ମୁତୟନ ଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ୫୦ ଲକ୍ଷ ଟଙ୍କାର ବୀମା ପ୍ରଦାନ କରାଯାଇଥିଲା । କରୋନାରେ ମୃତ୍ୟୁହେଲେ ପରିବାର ସଦସ୍ୟଙ୍କୁ ଏହି ରାଶି ପ୍ରଦାନ କରାଯାଉଥିଲା ।

# ଆସିଲା 'ଇଣ୍ଡିଆ' ମେଣ୍ଟର ଘୋଷଣାପତ୍ର

■ ପ୍ରତି ଘରୁ ଜଣଙ୍କୁ ସରକାରୀ ଚାକିରି

■ ମଞ୍ଚରେ ଦେଖାଗଲେନି ବିହାର କଂଗ୍ରେସ ଅଧ୍ୟକ୍ଷ ଓ ପ୍ରଭାରୀ



ପାଟନା, ୨୮।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ବିରୋଧୀ ମହାମେଣ୍ଟ 'ଇଣ୍ଡିଆ'ର ନେତା ମଙ୍ଗଳବାର ଘୋଷଣା ପତ୍ର ଜାରି କରିଛନ୍ତି । ଏହାର ନାମ 'ତେଜସ୍ୱୀ କା ପ୍ରଣ' ରଖାଯାଇଛି । ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀରେ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ଏହାକୁ ଜାରି କରିଛନ୍ତି । ଏଥିରେ ଅନେକ ବଡ଼ ବଡ଼ ପ୍ରତିଶ୍ରୁତି ଦିଆଯାଇଛି । ସରକାର ଗଠନର ୨୦ ମାସ ମଧ୍ୟରେ ପ୍ରତ୍ୟକ ପରିବାରରୁ ଜଣକୁ ସରକାରୀ ଚାକିରି ଦେବାକୁ ଘୋଷଣା କରାଯାଇଛି । ଏହାକୁ ସାକାର କରିବା ପାଇଁ ସରକାର ଗଠନର ୨୦ ଦିନ ଭିତରେ ନିୟମ ପ୍ରସ୍ତୁତ କରାଯିବ ।

ମହାମେଣ୍ଟର ଏହି ଘୋଷଣାପତ୍ରରେ ଯୁବ ଗୋଷ୍ଠୀ, ମହିଳା, ଠିକା କର୍ମଚାରୀ, ପୁରୁଣା ପେନସନଧାରକ, ଚାଷୀ ଏବଂ ଗରିବ ପରିବାର ପାଇଁ ଅନେକ ପ୍ରତିଶ୍ରୁତି ଦିଆଯାଇଛି । ତେବେ ଏହି ମଞ୍ଚରେ ନେତାଙ୍କ ଉପସ୍ଥିତିକୁ ନେଇ ବିବାଦ ଲାଗି ରହିଛି । ଏଥିରୁ ଏ ପର୍ଯ୍ୟନ୍ତ ମହାମେଣ୍ଟରେ ସାମିଲ ଦଳଙ୍କ ଭିତରେ ଥିବା ବିବାଦର ସମାଧାନ ହୋଇନାହିଁ ବୋଲି ପ୍ରତୀତ ହେଉଛି । କାରଣ ସାମ୍ବାଦିକ ସମ୍ମିଳନୀରେ ତେଜସ୍ୱୀଙ୍କ ସହ କଂଗ୍ରେସର ରାଜ୍ୟସଭା ସାଂସଦ ଅଖିଳେଶ ସିଂହ ଏବଂ ରାଷ୍ଟ୍ରୀୟ ପ୍ରବକ୍ତା ପବନ ଖେଡ଼ା ଉପସ୍ଥିତ ଥିବାବେଳେ ବିହାର କଂଗ୍ରେସ ଅଧ୍ୟକ୍ଷ ରାଜେଶ ରାମ ଏବଂ ପ୍ରଭାରୀ କୃଷ୍ଣା ଅଲାବାରୁଙ୍କୁ ଦେଖିବାକୁ ମିଳି ନ ଥିଲା । ଏହା ଜାରି କରି ତେଜସ୍ୱୀ କହିଥିଲେ ଯେ ଆମେ କେବଳ ସରକାର ନୁହେଁ, ବରଂ ବିହାର ଗଠନ କରିବାକୁ କାମ କରିବୁ । ଆଜି ମହାମେଣ୍ଟର ସବୁ ସହଯୋଗୀ ମିଶି ଲୋକଙ୍କ ସାମ୍ନାରେ ଘୋଷଣାପତ୍ର ରଖିଛନ୍ତି ।

ଏଠାରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ମଧ୍ୟ ତେଜସ୍ୱୀ ନିଶାଣ କରିଛନ୍ତି । କଟାକ୍ଷ କରି ନୀତୀଶଙ୍କୁ ତେଜସ୍ୱୀ କହିଥିଲେ ଯେ ସେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ସହାନୁଭୂତି ରଖିଛନ୍ତି । ବିଜେପି ଏବଂ ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ନୀତୀଶଙ୍କୁ କଣ୍ଢେଇ କରି ରଖିଛନ୍ତି । କେବଳ ତାଙ୍କ ଚେହେରାକୁ ବ୍ୟବହାର କରାଯାଉଛି ।

ତେଜସ୍ୱୀଙ୍କ ଏହି ପଣରେ ଲୋକଙ୍କ ପାଇଁ ମାଗଣା ଘୋଷଣାର ବନ୍ୟା କରାଯାଇଛି । ଏଥିରେ ୫ଟି ପ୍ରମୁଖ ଘୋଷଣା ରହିଛି । ସେଗୁଡିକ ହେଲା ପ୍ରତ୍ୟେକ ପରିବାରକୁ ୨୦୦ ୟୁନିଟ ମାଗଣା ବିଜୁଳି । ପ୍ରତିଯୋଗିତାମୂଳକ ପରୀକ୍ଷାର ଫର୍ମ ପକାଇବା ଏବଂ ପରୀକ୍ଷା ଶୁଳ୍କ ମାଗଣା କରାଯିବ । ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ମାଗଣା ହେବ । ସରକାରୀ ବସ୍‌ରେ ମହିଳା ମାଗଣାରେ ଯାତ୍ରା କରିବେ । ପରୀକ୍ଷାର୍ଥୀଙ୍କୁ ମାଗଣାରେ କୋଚିଂ ଦିଆଯିବ । ଏହା ବ୍ୟତୀତ ସବୁ 'ଜୀବିକା ସିଏମ ଦିଦି'ଙ୍କୁ ସରକାରୀ କରାଯିବ ଏବଂ ମାସକୁ ୩୦ ହଜାର ଟଙ୍କା ଦିଆଯିବ ।

## ପ୍ରଶାନ୍ତ କିଶୋରଙ୍କ ପାଖରେ ୨ଟି ଭୋଟର କାର୍ଡ

ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି):ନିର୍ବାଚନ ରଣନୀତିକାରରୁ ରାଜନେତା ପାଲଟିଥିବା ଜନ ସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋରଙ୍କୁ ନେଇ ବିବାଦ ସୃଷ୍ଟି ହୋଇଛି । ବିହାର ଉପ-ମୁଖ୍ୟମନ୍ତ୍ରୀଙ୍କ ପରେ ପ୍ରଶାନ୍ତ କିଶୋରଙ୍କ ପାଖରେ ଦୁଇ ଦୁଇଟି ଭୋଟର କାର୍ଡ ଥିବା ଜଣାପଡ଼ିଛି । ପଶ୍ଚିମବଙ୍ଗ ଏବଂ ବିହାରର ଭୋଟର ଭାବେ ସେ ପଞ୍ଜିକୃତ ହୋଇଛନ୍ତି । ସୂଚନା ଅନୁଯାୟୀ ପଶ୍ଚିମବଙ୍ଗର ୧୨୧, କାଳୀଘାଟ ରୋଡର ଭୋଟର ତାଲିକାରେ ତାଙ୍କ ନାମ ରହିଛି । ଏହା କୋଲକାତାର ଭବାନିପୁର ବିଧାନସଭା କ୍ଷେତ୍ରରେ ଥିବା ଟିଏମ୍‌ସି ମୁଖ୍ୟାଳୟର ଠିକଣା । ଏହା ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କ ନିର୍ବାଚନ କ୍ଷେତ୍ର । ପଶ୍ଚିମବଙ୍ଗରେ ୨୦୨୧ରେ ହୋଇଥିବା ବିଧାନସଭା ନିର୍ବାଚନରେ ଟିଏମ୍‌ସିର ରାଜନୈତିକ ପରାମର୍ଶଦାତା ଭାବେ ପ୍ରଶାନ୍ତ କିଶୋର କାମ କରିଥିଲେ । ସେହିପରି ବିହାର ରୋହତାସ ଜିଲ୍ଲା ସାସାରାମ ସଂସଦୀୟ କ୍ଷେତ୍ରର କରଗାହର ଠିକଣାରେ ପ୍ରଶାନ୍ତଙ୍କ ଆଉ ଏକ ଭୋଟର ଆଇଡି ରହିଛି । ଏହାର ମତଦାନ କେନ୍ଦ୍ରଟି କୋନାର ମଧ୍ୟ ବିଦ୍ୟାଳୟରେ ରହିଛି । ନିର୍ବାଚନ କମିଶନ ଏହି ମାମଲାକୁ ଗୁରୁତର ସହ ନେଇ ପ୍ରଶାନ୍ତ କିଶୋରଙ୍କୁ ନୋଟିସ ଜାରି କରିଛନ୍ତି । ତିନି ଦିନ ମଧ୍ୟରେ ଜବାବ ଦେବାକୁ କହିଛନ୍ତି । ୧୯୫୦ର ଲୋକ ପ୍ରତିନିଧି ଆଇନ ଅନୁଯାୟୀ କୌଣସି ବ୍ୟକ୍ତି ଦୁଇଟି ଭୋଟର କାର୍ଡ ରଖିପାରିବେ ନାହିଁ ।



# ପୁଣି ବସ୍‌ରେ ଲାଗିଲା ନିଆଁ; ୨ ମୃତ

■ ବିଦ୍ୟୁତ୍ ତାରରେ ଲାଗି ସିଲିଣ୍ଡର ବିସ୍ଫୋରଣ

■ ବସ୍‌ରେ ଥିଲେ ୬୫ ଇଟାଭାଟି ଶ୍ରମିକ

■ ୧୫ ଦିନରେ ୫ମ ଘଟଣା; ବଢୁଛି ବିପଦ

ଜୟପୁର, ୨୮।୧୦ (ଏଜେନ୍ସି): ଦେଶରେ ବସ୍‌ରେ ନିଆଁ ଲାଗିବା ଘଟଣା ଥମିବାର ନା ଧରୁନି । ଏବେ ରାଜସ୍ଥାନ ଜୟପୁରର ମନୋହରପୁର ଅଞ୍ଚଳରେ ଏଭଳି ଭୟଙ୍କର ଅଘଟଣର ପୁନରାବୃତ୍ତି ହୋଇଛି । ମଙ୍ଗଳବାର ଏକ ବସ୍ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ ତାରରେ ଲାଗିଯାଇଛି । ଏଥିଯୋଗୁଁ ବସ୍‌ରେ କରେଣ୍ଟ ପ୍ରଭାବିତ ହେବାରୁ ନିଆଁ ଲାଗି ଯାଇଛି ଏବଂ ବସ୍ ଉପରେ ନିଆ ଯାଉଥିବା ସିଲିଣ୍ଡରରେ ବିସ୍ଫୋରଣ ହୋଇଛି । ଏହି ଦୁର୍ଘଟଣାରେ ଉତ୍ତର ପ୍ରଦେଶର ଦୁଇ ଜଣ ଯାତ୍ରୀ ପ୍ରାଣ ହରାଇଥିବାବେଳେ ୧୦ ଜଣ ଶ୍ରମିକ ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୫ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ସେମାନଙ୍କୁ ଜୟପୁର ହସ୍ପିଟାଲକୁ ପଠାଇ ଦିଆଯାଇଛି । ଏହି ବସ୍ ଉପରେ ବେଆଇନ ଭାବେ ୫ଟି ସିଲିଣ୍ଡର ନିଆଯାଉଥିଲା । ସେଥିରୁ ଗୋଟିଏରେ ବିସ୍ଫୋରଣ ହୋଇଥିବା କୁହାଯାଉଛି । ଜିଲ୍ଲାପାଳ ଜିତେନ୍ଦ୍ର ସୋନି କହିଛନ୍ତି ଯେ ଏହି ବସ୍‌ରେ ୬୫ ଶ୍ରମିକଙ୍କୁ ଟୋଡି ସ୍ଥିତ ଇଟାଭାଟିକୁ ନିଆଯାଉଥିଲା । ବସ୍‌ଟି ପିଲିଭିତରୁ ଆସୁଥିଲା । ଇଟାଭାଟିରେ ପହଞ୍ଚିବାର ପ୍ରାୟ ୩୦୦ ମିଟର ଦୂରରେ ଏହି ଦୁର୍ଘଟଣା ଘଟିଥିଲା । ଏହାକୁ ମିଶାଇ ଗତ ୧୫ ଦିନରେ ୫ଟି ବସ୍‌ରେ ନିଆଁ ଲାଗିଲାଣି ।

ବିଦ୍ୟୁତ ବିଭାଗ ଅନୁଯାୟୀ ଯେଉଁ ରାସ୍ତାରେ ଏହି ବସ୍ ଯାଉଥିଲା ତାହା ମାଟି ଥିଲା । ଏହା ସବୁଦିନିଆ ରାସ୍ତା ନ ଥିଲା । କେନ୍ଦ୍ରୀୟ ବିଦ୍ୟୁତ କର୍ତ୍ତୃପକ୍ଷଙ୍କ ନିୟମ ଅନୁଯାୟୀ ସାଧାରଣ ରାସ୍ତା ବ୍ୟତୀତ ଅନ୍ୟ ସ୍ଥାନରେ ଭୂପୃଷ୍ଠରୁ ୧୫ ଫୁଟ ଉଚ୍ଚରେ ୧୧ କେଭି ବିଦ୍ୟୁତ ତାର ଯିବା ଉଚିତ । ଏହି ସ୍ଥାନରେ ଉଚ୍ଚତା ୧୭ ଫୁଟ ଥିଲା । ଦୁର୍ଘଟଣାଗ୍ରସ୍ତ ବସ୍‌ଟି ଡବଲ ଡେକର ଥିଲା । ଏହାର ଉପରେ ଗ୍ୟାସ ସିଲିଣ୍ଡର ଏବଂ ମୋଟର ସାଇକେଲ ସହିତ ଅନ୍ୟ ସାମଗ୍ରୀ ରଖାଯାଇଥିଲା । ଏହା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ନିଆଁ ଲାଗି ଯାଇଥିଲା । ଏହାର ଫିଡରରେ ଥିବା ବ୍ରେକର ଟ୍ରିପ ହୋଇଯିବାରୁ ବିଦ୍ୟୁତ ତୁରନ୍ତ କଟି ଯାଇଥିଲା । ତେବେ ବସ୍‌ରେ ନିଆଁ ବ୍ୟାପି ଯାଇଥିଲା । ଯାତ୍ରୀ ହଠାତ ଭିତରୁ ବାହାରି ପାରି ନ ଥିଲେ । ତେଣୁ ଜଳି ଯାଇଥିଲେ । ଏହା ପୂର୍ବରୁ ଗତ ୧୨ ତାରିଖରେ ଜୈସାଲମେର-ଜୋଧପୁର ରାସ୍ତାରେ ଚଳନ୍ତା ଏସି ସ୍ଲିପର ବସ୍‌ରେ ନିଆଁ ଲାଗି ୨୮ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା । ଗତ ୨୪ ତାରିଖରେ ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲରେ ଏକ ବାଇକ ସହ ଧକ୍କା ହେବା ଯୋଗୁଁ ବସ୍‌ରେ ନିଆଁ ଲାଗି ୨୦ ଜଣ ପ୍ରାଣ ହରାଇ ଥିଲେ । ୧୯ ଜୀବନ ବସ୍‌ରୁ ଡେଇଁ ଜୀବନ ବଞ୍ଚାଇ ଥିଲେ ।

# ଚର୍ଚ୍ଚାରେ ୧୫ କୋଟିର ଘୋଡ଼ା



ଆଜମେର, ୨୮।୧୦ (ଏଜେନ୍ସି): ଆଜମେରର ପୁଷ୍କରରେ ପଶୁ ମେଳା ଲାଗିଛି । ଏହି ମେଳା ପଡ଼ିଆରେ ଘୋଡ଼ାଙ୍କ ଗହଳି ଲାଗିଛି । ପଞ୍ଜାବ, ହରିୟାଣାରୁ ଆସିଥିବା ଘୋଡ଼ା ମାଲିକ ବିଳାଶପୂର୍ଣ୍ଣ ଟେଣ୍ଟରେ ନିଜ ଘୋଡ଼ାଙ୍କ ସହ ବିଶ୍ରାମ ନେଉଛନ୍ତି । ଆଉ ଏହି ଟେଣ୍ଟ ବାହାରେ ମହଙ୍ଗା ଗାଡ଼ିର ଧାଡ଼ି ଲାଗିଛି । ତେବେ ଏହି ମେଳାରେ ଧଳାର ରଙ୍ଗ ଘୋଡ଼ା 'ଶାବାଜ'କୁ ଦେଖିବା ପାଇଁ ଲୋକଙ୍କ ଗହଳି ଲାଗିଛି । କାରଣ ଏହି ଘୋଡ଼ାର ମୂଲ୍ୟ ୧୫ କୋଟି ଟଙ୍କା । ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଶାବାଜର ବ୍ରିଡିଂ ପାଇଁ ୨ ଲକ୍ଷ ଟଙ୍କା ଦେବାକୁ ପଡୁଛି । ଯିଏ ଏହା ଶୁଣୁଛି ସେ ଆଶ୍ଚର୍ଯ୍ୟ ହୋଇ ଯାଉଛି । ଏହି ଘୋଡ଼ା ୬ଟି ଶୋ' ଜିତିଲାଣି । ସେହିପରି ଏହି ମେଳାକୁ ୫ ବର୍ଷୀୟ ଘୋଡ଼ା 'ବାଦଲ' ପହଞ୍ଚିଛି । ସେ ଏ ପର୍ଯ୍ୟନ୍ତ ୨୮୫ ଶାବକଙ୍କ ପିତା ପାଲଟି ଗଲାଣି । ଏହାର ମୂଲ୍ୟ ୧୧ କୋଟି ପର୍ଯ୍ୟନ୍ତ ଗଲାଣି । କିନ୍ତୁ ବାଦଲକୁ ବିକିବାକୁ ଚାହୁଁ ନାହାନ୍ତି ତା'ର ମାଲିକ ରାହୁଲ । ଏହା ବ୍ୟତୀତ ୮୦୦ କେଜିର ମଇଁଷୀ ସାମିଲ ହୋଇଛି । ଏହାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ।



ଗଞ୍ଜାମ ଜିଲ୍ଲା ପାତ୍ରପଡ଼ାର ଏକାଧିକ ଆଦିବାସୀ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ



ମୋନ୍ଥା ପ୍ରଭାବ: ଗଞ୍ଜାମ ବ୍ଲକ୍ ପୋଡ଼ମ୍ପେଟାରେ ସମୁଦ୍ର ଗର୍ଭରେ ଲୀନ ହେଲା ୩ ଘର



ମତ୍ସ୍ୟଜୀବୀଙ୍କୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଖାଦ୍ୟ ପ୍ରଦାନ

■ 'ମୋନ୍ଥା' ପ୍ରଭାବ

# ସମୁଦ୍ରରେ ଫସିଲା ଟ୍ରଲର୍

ବ୍ରହ୍ମଗିରି, ୨୮।୧୦(ସମିସ): ମଙ୍ଗଳବାର ବାତ୍ୟା 'ମୋନ୍ଥା' ପ୍ରଭାବରେ ଫସିଥିବା ଏକ ମାଛଧରା ଟ୍ରଲର ବ୍ରହ୍ମଗିରି ବାଲିହରଚଣ୍ଡୀ ସମୁଦ୍ର କୂଳରେ ଲାଗିଥିବା ଦେଖିବାକୁ ମିଳିଛି। ଖବର ନେବାରେ ଜଣାପଡ଼ିଛି ଯେ ସେହି ଟ୍ରଲର ବିଶାଖାପାଟଣା ଯାଇଥା'ନ୍ତା। କିନ୍ତୁ ବାତ୍ୟାରେ ଦିଗହରା ହୋଇ ବୁଲୁଥିବା ଅବସ୍ଥାରେ ବାଲିହରଚଣ୍ଡୀ ସାମ୍ନା ସମୁଦ୍ର କୂଳରେ ଲାଗିଥିଲା। ଏଥିରେ ଥିବା ସମସ୍ତ ୧୦ଜଣ ମତ୍ସ୍ୟଜୀବୀ ସୁରକ୍ଷିତ ଅଛନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ସୋମବାର ରାତିରୁ ସେମାନେ ସମୁଦ୍ର ଭିତରେ ଫସି ରହିଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ଭାସିଭାସି ଆସି କୂଳରେ ଲାଗିଥିଲା। ଖବର ପ୍ରସାରିତ ହେବା



ବାଲିହରଚଣ୍ଡୀ କୂଳରୁ ଉଦ୍ଧାର

ପରେ ଲୋକମାନେ ଏହି ଟ୍ରଲରକୁ ଦେଖିବା ପାଇଁ ଭିଡ଼ ଜମାଇଥିଲେ। ସେଥିରେ ଥିବା ୧୦ଟି ବଡ଼ବଡ଼ ମାଛକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳରୁ ଲୋକମାନେ ରୁଣ୍ଡ ହୋଇଥିଲେ। ଏହି ଟ୍ରଲରରେ ଥିବା ଟନ୍ ଟନ୍ ବଡ଼ ତୁମୁଡ଼ା ମାଛ ଟ୍ରାକ୍ଟର ଦ୍ୱାରା ଆସି କଣ୍ଟେନରରେ ଲୋଡ୍ କରାଯାଇ ବିଶାଖାପାଟଣା ଯିବ ବୋଲି ଜଣାପଡ଼ିଛି।

■ ୩ବିଚାର ବିଭାଗ ଅଧିକାରୀଙ୍କ ବଦଳି

# ଡ.ପବିତ୍ର ମୋହନ ସାମଲ ଆଇନ ବିଭାଗର ପ୍ରମୁଖ ସଚିବ

କଟକ, ୨୮।୧୦(ସମିସ): ଜିଲ୍ଲା ଜଜ୍ କ୍ୟାଡର୍‌ର ବିଚାର ବିଭାଗୀୟ ଅଧିକାରୀଙ୍କ ବଦଳି ନେଇ ଓଡ଼ିଶା ହାଇକୋର୍ଟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ତିନି ଜଣ ବିଚାରବିଭାଗ ଅଧିକାରୀଙ୍କୁ ନୂତନ ସ୍ଥାନରେ ଅବସ୍ଥାପିତ କରାଯାଇଛି। ଅଶାନ୍ତ କୁମାର ଦାସଙ୍କୁ ଗଞ୍ଜାମ ଜିଲ୍ଲା ଓ ଦୌରାଜଜ୍ ଓ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ଜଗତସିଂହପୁର ଜିଲ୍ଲା ଓ ଦୌରା ଅଦାଲତ ଜଜ୍ ଭାବେ ବଦଳି କରାଯାଇଛି। ଡ. ପବିତ୍ର ମୋହନ ସାମଲଙ୍କୁ ରାଜ୍ୟ ଆଇନ ବିଭାଗର ପ୍ରମୁଖ ସଚିବ ଭାବେ ଅବସ୍ଥାପିତ କରାଯାଇଛି।

# ପ୍ରକାଶ ପାଇଲା ଏଲ୍‌ଆଇ ପରୀକ୍ଷା ଫଳ

ଭୁବନେଶ୍ୱର, ୨୮ ।୧୦(ସମିସ): ବହୁ ବିବାଦୀୟ ହୋଇଥିବା ଫରେଷ୍ଟର, ଫରେଷ୍ଟଗାର୍ଡ ଓ ଲାଇଭ୍‌ଷ୍ଟକ୍ ଇନିସପେକ୍ଟର ନିଯୁକ୍ତି ପରୀକ୍ଷା ମଧ୍ୟରୁ ଲାଇଭ୍‌ଷ୍ଟକ୍ ଇନିସପେକ୍ଟର୍ (ଏଲ୍‌ଆଇ) ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଗତକାଲି ଅର୍ଥାତ୍ ସୋମବାର ଫରେଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଆସନ୍ତା ୩୧ ତାରିଖ ମଧ୍ୟରେ ଫରେଷ୍ଟଗାର୍ଡ ରେଜଲ୍ଟ ମଧ୍ୟ ପ୍ରକାଶ ପାଇବ ବୋଲି ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ସୂଚନା

## ୩୧ ସୁଦ୍ଧା ଫରେଷ୍ଟଗାର୍ଡ ରେଜଲ୍ଟ

ଦିଆଯାଇଛି। ଫଳରେ ଦୀର୍ଘ ଦୁଇ ବର୍ଷର ନିଯୁକ୍ତି ପ୍ରକ୍ରିୟା ପରେ ଯାଇ ଆଶାୟୀମାନେ ନିଯୁକ୍ତି ପାଇବା ନେଇ ସମ୍ଭାବନା ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ସୋମବାର ଫରେଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଏକକାଳୀନ ସମସ୍ତ ପଦର ରେଜଲ୍ଟ କାହିଁକି ପ୍ରକାଶ କରାଗଲା ନାହିଁ ବୋଲି ଆଜି ଓଏସ୍‌ଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆଶାୟୀମାନେ ବିକ୍ଷୋଭ କରିଥିଲେ। ଲଗାଣ ବର୍ଷା ସତ୍ତ୍ୱେ ବହୁ ପରୀକ୍ଷାର୍ଥୀ ତ୍ୱରିତ ସମସ୍ତ ପରୀକ୍ଷାଫଳ ପ୍ରକାଶ କରିବାକୁ ଦାବି କରିଥିଲେ। ଆଶାୟୀଙ୍କ ସହ ଆଲୋଚନା କରି ଆଜି ଲାଇଭ୍‌ଷ୍ଟକ୍ ଇନିସପେକ୍ଟର୍ ରେଜଲ୍ଟ ପ୍ରକାଶ ପାଇବ ଓ ଚଳିତ ମାସ ଶେଷସୁଦ୍ଧା ଫରେଷ୍ଟର ରେଜଲ୍ଟ ବାହାର କରାଯିବ ବୋଲି ଓଏସ୍‌ଏସ୍‌ଏସ୍‌ସି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅଧ୍ୟକ୍ଷଙ୍କ କହିବା ଅନୁଯାୟୀ ଏଲ୍‌ଆଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚୂଡ଼ାନ୍ତ ତାଲିକାରେ ୬୩୬ ଜଣ ସ୍ଥାନ ପାଇଥିବା ବେଳେ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ୭୧ଟି ପଦ ପାଇଁ ରେଜଲ୍ଟ ପ୍ରକାଶ ପାଇନାହିଁ ବା ହୋଲ୍ଡ କରାଯାଇଥିବା ସୂଚନା ମିଳିଛି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ବାଲେଶ୍ୱର, ୨୮।୧୦ (ସମିସ): ବାଲେଶ୍ୱର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ୍ ଇନ୍ଦିରା ପ୍ରିୟଦର୍ଶିନୀ ଆଜି ଏକ ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଅଭିଯୁକ୍ତ ସହଦେବଖୁଣ୍ଟା ଥାନା ଅଞ୍ଚଳର ଅଭିଯୁକ୍ତ ଜ୍ୟୋତିରଞ୍ଜନ ବେହେରାକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୧୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ ବର୍ଷ ସଶ୍ରମ ଜେଲଦଣ୍ଡ ଭୋଗିବାକୁ ରାୟରେ ପ୍ରକାଶ ପାଇଛି। ପୀଡ଼ିତାଙ୍କ ବୟାନ ସହ ୨୪ଜଣଙ୍କ ସାକ୍ଷ୍ୟ ଓ ୨୯ ଦଲିଲ ଦସ୍ତାବିଜ୍‌କୁ ଆଧାର କରି ବିଚାରପତି ଦୋଷୀଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଲାଗି ଜିଲ୍ଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୩ ମସିହାରେ ଜ୍ୟୋତିରଞ୍ଜନ ବିବାହର ପ୍ରତିଶ୍ରୁତି ଦେଇ ସ୍ଥାନୀୟ ଅଞ୍ଚଳର ୧୫ବର୍ଷୀୟା ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିଲା। ଏପରିକି, ଦୁଷ୍କର୍ମ ସମୟରେ ଭିଡିଓ ଉତ୍ତୋଳନ କରି ପରେ ବ୍ଲାକମେଲ କରିଥିଲା। ବାରମ୍ବାର ସଂପର୍କ ରଖିବାକୁ ବାଧ୍ୟ କରିଥିଲା। ନାବାଳିକାଜଣଙ୍କ ରାଜି ନ ହେବାରୁ ତାଙ୍କର ଉକ୍ତ ଆପତ୍ତିଜନକ ଭିଡିଓ ଓ ଫଟୋଗୁଡ଼ିକୁ ଇନଷ୍ଟାଗ୍ରାମ୍‌ରେ ଛାଡ଼ି ଭାଇରାଲ କରିଦେଇଥିଲା। ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ପକ୍ଷରୁ ୨୦୨୩ ଜୁନ୍ ୫ରେ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଜ୍ୟୋତିରଞ୍ଜନକୁ ଗିରଫ କରିଥିଲା। ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁସନ୍, ବାଲେଶ୍ୱର ଦୀପ୍ତିରଞ୍ଜନ ସେଣ୍ଠଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

ଭିଜିଲାନ୍ସ ରିପୋର୍ଟ

# ଯନ୍ତ୍ରୀ ସବୁଠୁ ଲାଞ୍ଚୁଆ; ୧୬ ମାସରେ ୫୪ ଗିରଫ

ଭୁବନେଶ୍ୱର/କଟକ,୨୮ ।୧୦(ସମିସ):ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଭିଜିଲାନ ପ୍ରକାଶ କରିଛି ୧୬ ମାସର ରିପୋର୍ଟ। ଏହି ସମୟରେ ୩୦୨ ମାମଲାରେ ୩୦୩ ସରକାରୀ ଅଧିକାରୀଙ୍କୁ ଗିରଫ କରିଛି ଭିଜିଲାନ୍ସ। ସେଥିରେ ୯୦ ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ଓ ୬୨ ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ ରହିଛନ୍ତି। ଆଇଏଏସ୍, ମୁଖ୍ୟ ଯନ୍ତ୍ରୀ, ଯୁଗ୍ମ ସଚିବ, ଉପଜିଲ୍ଲାପାଳ, ତହସିଲଦାରଙ୍କ ଭଳି ୯୦ ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ରହିଛନ୍ତି। ସର୍ବାଧିକ ୫୪ ଜଣ ଯନ୍ତ୍ରୀ ଗିରଫ ହୋଇଥିବା ବେଳେ ରାଜସ୍ୱ ବିଭାଗର ୩୩, ପଞ୍ଚାୟତିରାଜ ବିଭାଗର ୩୨, ପୁଲିସ ବିଭାଗର ୨୨, ବନ ବିଭାଗର ୧୩, ୮ ଜଣ ଡାକ୍ତର ଓ ୭ ଜଣ ଅଙ୍ଗନବାଡ଼ି କର୍ମଚାରୀ ବନ୍ଧା ହୋଇଛନ୍ତି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଜନିତ ୮୦ଟି ମାମଲା ରୁଜୁ କରାଯାଇଥିବା ବେଳେ ୨୧୨ କୋଟି ଟଙ୍କାର ସମ୍ପତ୍ତିକୁ ଖୋଜି ବାହାର କରିଛି ଭିଜିଲାନ୍ସ। ସେହିପରି ୧୩୬ଟି ଲାଞ୍ଚ କାରବାର ମାମଲାରେ ୧୪୪ ସରକାରୀ ବାବୁଙ୍କ ସମେତ ୧୪୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୩୫ ଲକ୍ଷ ୬୨ ହଜାର ଟଙ୍କା ଜବତ କରାଯାଇଛି। ୪୬ ପ୍ରଥମ ଶ୍ରେଣୀ ଓ ୨୧ ଦ୍ୱିତୀୟ ଶ୍ରେଣୀ ଅଧିକାରୀଙ୍କ ସମେତ ୧୪୪ ଜଣଙ୍କ ବିରୋଧରେ ୮୦ଟି ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଛି। ୮୦ଟି ମାମଲାରେ ୨୧୨ କୋଟିର ସମ୍ପତ୍ତି ଜବତ ହୋଇଛି। ସେହିପରି ୨୪ କିଲୋ ସୁନା, ୯ କୋଟି ୨୦ ଲକ୍ଷ ଟଙ୍କା, ୮୩୨ ପ୍ଲଟ୍, ୮୪ ଏକର ଜମି ଓ ୮ଟି ଫାର୍ମ ହାଉସ ଜବତ କରାଯାଇଛି।

ମୁଖ୍ୟ ଯନ୍ତ୍ରୀ (ଗ୍ରାମ୍ୟ ନିର୍ମାଣ) ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ଘରେ ଚଢ଼ଉ ବେଳେ ସର୍ବାଧିକ ୨ କୋଟି ୫୬ ଲକ୍ଷ ଟଙ୍କା ମିଳିଥିଲା। ସେହିପରି ମାଲକାନଗିରି ଡେପୁଟି ଡାଇରେକ୍ଟର ତଥା ପ୍ରୋଜେକ୍ଟ ଡାଇରେକ୍ଟର ଶାନ୍ତନୁ ମହାପାତ୍ରଙ୍କ ଘରୁ ୨.୮ କୋଟି, ଜୟପୁର ଡେପୁଟି ରେଞ୍ଜର ୧.୪୩ କୋଟି ଓ ଧର୍ମଗଡ଼ ଉପ ଜିଲ୍ଲାପାଳ ତଥା ଆଇଏଏସ୍ ଧିମନ ଚକମାଙ୍କ ଠାରୁ ୫୭ ଲକ୍ଷ ଟଙ୍କା ଜବତ ହୋଇଥିଲା। ଭିଜିଲାନ୍ସ ମୋଟ ୩୦୨ ମାମଲାରେ ସମେତ ୫୧୯ ଜଣଙ୍କୁ (ସରକାରୀ ଓ ବେସରକାରୀ) ଗିରଫ କରିଛି। ଆୟ ବର୍ହିଭୂତ ସମ୍ପତ୍ତି ଓ ଲାଞ୍ଚ କାରବାର ଜନିତ ମାମଲାରେ ୭୩୯ଟି ସ୍ଥାନରେ ଚଢ଼ଉ କରିଛି ଭିଜିଲାନ୍ସ। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ୧୪୭୮ଟି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ କରାଯାଇଛି। ୧୫୮ଟି ମାମଲାରେ ୪୦୩ଟି ବିଲଡିଂ ଓ ଫ୍ଲାଟ୍ ଜବତ

■ ରାଜସ୍ୱ ବିଭାଗର ୩୩, ପଞ୍ଚାୟତିରାଜ ବିଭାଗର ୩୨ ଗିରଫ
■ ଗିରଫ ହୋଇଛନ୍ତି ୯୦ ପ୍ରଥମ ଓ ୬୨ ଦ୍ୱିତୀୟ ଶ୍ରେଣୀ ଅଧିକାରୀ
■ ୨୪ କିଲୋ ସୁନା, ୯ କୋଟି ଟଙ୍କା ଓ ୮୩୨ ପ୍ଲଟ ଜବତ
■ ପ୍ରମାଣ ଅଭାବରୁ ବନ୍ଦ ହୋଇଛି ୮୦ଟି ମାମଲାରେ ଅନୁସନ୍ଧାନ

ହୋଇଛି। ସେହି ବିଲଡିଂ ଓ ଫ୍ଲାଟର ମୂଲ୍ୟ ୫୯ କୋଟି ଟଙ୍କା ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଉଛି। ଗତ ୧୬ ମାସ ମଧ୍ୟରେ ୧୩୨ଟି ଭିଜିଲାନ୍ସ ମାମଲାରେ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ମୋଟ ମାମଲାର ପ୍ରାୟ ୫୦ ପ୍ରତିଶତ ମାମଲାରେ ଅଭିଯୁକ୍ତମାନଙ୍କୁ ସଜା ହୋଇଛି। ସଜା ହୋଇଥିବା ମାମଲା ଗୁଡ଼ିକରେ ୮୦ ପ୍ରତିଶତ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଜନିତ ମାମଲା ରହିଛି। ସେହିପରି ଦୋଷୀ ସାବ୍ୟସ୍ତ ହେବାପରେ ୩୦ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ବେଳେ ୬୮ ଜଣଙ୍କର ପେନସନ ବନ୍ଦ କରାଯାଇଛି।

ଗତ ୧୬ ମାସ ମଧ୍ୟରେ ଭିଜିଲାନ୍ସ ୩୦୦ ସରକାରୀ ଅଧିକାରୀଙ୍କ ବିରୋଧରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ନେଇ ଅନୁସନ୍ଧାନ କରିଥିବା ବେଳେ ୨୪୭ଟି ଅନୁସନ୍ଧାନ ସମାଧାନ କରିଛି। ସେଥିରୁ ୧୪୫ଟି ମାମଲା ରୁଜୁ ହୋଇଥିବା ବେଳେ ୨୨ ଜଣଙ୍କ ବିରୋଧରେ ତାଙ୍କ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରେଫର୍ କରାଯାଇଛି। ଆବଶ୍ୟକୀୟ ପ୍ରମାଣ ନ ମିଳିବାରୁ ୮୦ଟି ଅନୁସନ୍ଧାନକୁ ବନ୍ଦ କରିଦିଆଯାଇଛି। ସେହିପରି ୫୦୩ଟି ମାମଲାର ତଦନ୍ତ ସାରିଛି ଭିଜିଲାନ୍ସ। ୪୦୬ ମାମଲାରେ ୮୩୪ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ସେଥିରେ ୫୯ ଜଣ ପ୍ରଥମ ଶ୍ରେଣୀ, ୬୮ ଜଣ ଦ୍ୱିତୀୟ ଶ୍ରେଣୀ, ୩୭୩ ଜଣ ତୃତୀୟ ଶ୍ରେଣୀ, ୧୨ ଜଣ ଚତୁର୍ଥ ଶ୍ରେଣୀ, ୪୨ ସରକାରୀ କର୍ମଚାରୀ ଓ ୨୮୦ ଜଣ ବେସରକାରୀ କର୍ମଚାରୀ ରହିଛନ୍ତି।

ପୁଣି ବିଜେପି ବିରୋଧରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

# ସିଇଓଙ୍କୁ ଭେଟିଲା ବିଜେଡି ପ୍ରତିନିଧି ଦଳ

ଭୁବନେଶ୍ୱର,୨୮।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ ଶାସକ ବିଜେପି ବାରମ୍ବାର ନିର୍ବାଚନ ଆଚରଣ ସଂହିତା ଉଲଂଲଘନ କରୁଛି। ଏପରିକି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସିଆରପି ଓ ମିଶନ ଶକ୍ତି କର୍ମୀ(ଜୀବିକା ମିଶନ)ଙ୍କୁ ଦଳୀୟ ପ୍ରାର୍ଥୀ ଜୟଢୋଲକିଆଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟରେ ଲଗାଉଥିବା ଅଭିଯୋଗ ଆଣିଛି ବିଜେଡି। ଦଳର ଏକ



■ ଦଳୀୟ ପ୍ରଚାରରେ ସିଆରପି, ମିଶନ ଶକ୍ତି କର୍ମୀଙ୍କୁ ନିୟୋଜିତ କରାଯାଉଛି
■ ତଦନ୍ତ ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି
■ ମିଶନ ଶକ୍ତି କର୍ମୀଙ୍କ ଉପରେ ନଜର ରଖନ୍ତୁ ଜିଲ୍ଲା ନିର୍ବାଚନ ଅଧିକାରୀ

ପ୍ରତିନିଧିମଣ୍ଡଳୀ ମଙ୍ଗଳବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏନେଇ ଅଭିଯୋଗ କରିଛି।

ପ୍ରତିନିଧି ମଣ୍ଡଳୀର ଅଭିଯୋଗ ଅନୁଯାୟୀ ଗତ ୨୫ ତାରିଖରେ ଏକ ସଭାରେ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ଏକ ରାଜନୈତିକ ସଭାମଞ୍ଚରେ ପଡ଼ୋଶୀ ବଲାଙ୍ଗୀର ସଦର ବ୍ଲକର ଲକି ହୋତା ନାମକ ଜଣେ ସିଆରପିଙ୍କୁ ଦେଖିବାକୁ ମିଳିଥିଲା। କେବଳ ଏତିକି ନୁହେଁ ଏକ ଅଡିଓ କ୍ଲିପରେ ଶ୍ରୀମତି ହୋତା ଅନ୍ୟ ସିଆରପିମାନଙ୍କୁ ବିଜେପି ନିର୍ବାଚନ ପ୍ରଚାରରେ ସହଯୋଗ କରିବାକୁ କହୁଥିବା ସ୍ପଷ୍ଟ ଶୁଣାଯାଉଛି। ସିଆରପି ଏବଂ ମିଶନ ଶକ୍ତି କର୍ମୀମାନେ ସରକାରୀ କଲ୍ୟାଣକାରୀ କାର୍ଯ୍ୟକ୍ରମ ଅଧିନରେ କାର୍ଯ୍ୟ କରିଥାନ୍ତି। ତେଣୁ ସେମାନେ କୌଣସି ରାଜନୈତିକ କାର୍ଯ୍ୟକଳାପ କିମ୍ବା ନିର୍ବାଚନୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ନାହିଁ। ମାତ୍ର ଶ୍ରୀମତି ହୋତାଙ୍କ ଏପରି କାର୍ଯ୍ୟକଳାପ ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ ବୋଲି ବିଜେଡି ଅଭିଯୋଗ କରିଛି। ବିଶେଷକରି ସରକାରୀ କଳର ଦୁରୁପଯୋଗ ସହ ରାଜନୈତିକ କାର୍ଯ୍ୟକଳାପରେ ସରକାରୀ ଯୋଜନାରେ କାର୍ଯ୍ୟରତ କର୍ମୀଙ୍କ ଯୋଗଦାନ ମୁକ୍ତ ଓ ଅବାଧ ନିର୍ବାଚନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଏହି ଘଟଣାକୁ ଗୁରୁତର ଭାବେ ଗ୍ରହଣ କରି ତୁରନ୍ତ ନିରପେକ୍ଷ ଯାଞ୍ଚ କରାଯାଉ। ପୂରା ଘଟଣାରେ ସିଆରପି, ମିଶନ ଶକ୍ତି କର୍ମୀ ଏବଂ ହିତାଧିକାରୀଙ୍କର ରାଜନୈତିକ ପ୍ରଚାରରେ ସମ୍ପୃକ୍ତି ନେଇ ତଦନ୍ତ କରାଯିବା ସହ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସିଆରପି ଲକି ହୋତା ଏବଂ ଅନ୍ୟମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଛି। ଏହାସହ କୌଣସି ନିର୍ବାଚନୀ କାର୍ଯ୍ୟରେ ଯେପରି ସରକାରୀ ଅନୁବନ୍ଧିତ କର୍ମଚାରୀ କିମ୍ବା ହିତାଧିକାରୀ ଭାଗ ନେଇନପାରନ୍ତି, ତାହା ସୁନିଶ୍ଚିତ କରାଯାଉ। ଜିଲ୍ଲା ନିର୍ବାଚନ ଅଧିକାରୀ ମିଶନ ଶକ୍ତି କର୍ମୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରତିନିଧି ମଣ୍ଡଳୀ ଦାବି କରିଛି। ଏହି ଅବସରରେ ଅଂଶୁ ତ୍ରିପାଠୀ, ଜ୍ୟୋସ୍ନାମୟୀ ପରିଡ଼ା, ରୀତାଞ୍ଜଳି ପ୍ରଧାନ, ଇଲା ସ୍ୱାଇଁ, ତୁମ୍ବନାଥ ପଣ୍ଡା ଓ ମିହିର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

■ ପ୍ରଶ୍ନ ଉଠାଇଲା ବିଜେଡି

# ବାତ୍ୟା ବେଳେ ଡିଆଇଜିଙ୍କୁ ଛୁଟି ଦେଲା କିଏ?

ଭୁବନେଶ୍ୱର,୨୮।୧୦(ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନ ହେବାକୁ ଦୁଇ ସପ୍ତାହରୁ କମ୍ ସମୟ ଥିବାବେଳେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଅଚାନକ ଛୁଟିରେ ଯାଇଛନ୍ତି। ତାଙ୍କ ସ୍ଥାନରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଯାହାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। ସୋମବାର ବିଜେଡି ପକ୍ଷରୁ ନୂଆପଡ଼ା ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦ୍ୱାରା ନିର୍ବାଚନକୁ ସରକାରୀ ଦଳ ସପକ୍ଷରେ ନେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ କରାଯାଇଥିବା ବେଳେ, ହିମାଂଶୁ ଲାଲଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇ ବିଜେପି ସରକାରୀ ଅଧିକାରୀଙ୍କୁ ବ୍ୟବହାର କରି ବିଜେପି ନିର୍ବାଚନକୁ ତାଙ୍କ ସପକ୍ଷରେ ନେବାକୁ ଉଦ୍ୟମ କରୁଛି ବୋଲି ଦଳ ଅଭିଯୋଗ କରିଛି। ସୋମବାର ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏ ସଂକ୍ରାନ୍ତରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଯେଉଁଥିରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଲ ସିଂ ଅଚାନକ ଛୁଟିରେ ଯିବା ନେଇ ସନ୍ଦେହ ପ୍ରକଟ କରାଯାଇଛି।

ପ୍ରତିନିଧି ଦଳର ଯୁକ୍ତି ଅନୁଯାୟୀ, କନୱର ବିଶାଲ ସିଂ ପୂର୍ବରୁ ପ୍ରଶାସନିକ ସ୍ତରରେ ନିର୍ବାଚନ ସମ୍ବନ୍ଧୀୟ ବୈଠକରେ ଉପସ୍ଥିତ ରହୁଥିବା ବେଳେ ଗତକାଲି ଅଚାନକ ତାଙ୍କ ସ୍ଥାନରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କୁ ଦେଖିବାକୁ ମିଳିଥିଲା। ଉପନିର୍ବାଚନ ସମୟରେ ଓ ରାଜ୍ୟରେ ଆସନ୍ନ ବାତ୍ୟା ସ୍ଥିତିରେ ସରକାର ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରିଛନ୍ତି। ତେବେ କେଉଁ ପରିସ୍ଥିତିରେ କନୱର ବିଶାଲ ସିଂଙ୍କୁ ଛୁଟିରେ ଯିବାକୁ ଅନୁମତି ଦିଆଗଲା ବୋଲି ସ୍ମାରକପତ୍ରରେ ବିଜେଡି ପ୍ରଶ୍ନ କରିଛି । ସେ ଛୁଟିରେ ଯାଇଛନ୍ତି ନା ସରକାର ତାଙ୍କୁ ଛୁଟିରେ ପଠାଇ ଦେଇଛନ୍ତି। ବିଜେଡିର ଅଭିଯୋଗ ଅନୁଯାୟୀ ଉପନିର୍ବାଚନର ଭୋଟ ଗଣତି ୧୪ ନଭେମ୍ବରରେ ଶେଷ ହେଉଥିବା ବେଳେ କନୱର ବିଶାଲ ସିଂ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଛୁଟିରେ ରହିବେ ବୋଲି ସୂଚନା ମିଳିଛି, ଯାହା ଅତ୍ୟନ୍ତ ସାଂଘାତିକ। ଏହାଛଡା ହିମାଂଶୁ ଲାଲଙ୍କ ପୂର୍ବ ରେକର୍ଡ ମଧ୍ୟ ଠିକ ନାହିଁ। ହିମାଂଶୁ

■ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ
■ ହିମାଂଶୁ ଲାଲଙ୍କ ମାଧ୍ୟମରେ ନିର୍ବାଚନକୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛି ବିଜେପି

ଲାଲଙ୍କ ମାଧ୍ୟମରେ ପ୍ରଶାସନିକ କଳକୁ ବ୍ୟବହାର କରି ବିଜେପି ନୂଆପଡା ଉପନିର୍ବାଚନ ଜିତିବାକୁ ଉଦ୍ୟମ କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ଏହି ପରିପ୍ରେକ୍ଷୀରେ ଉପନିର୍ବାଚନ କିପରି ସ୍ୱଚ୍ଛ ଓ ଅବାଧ ହୋଇପାରିବ, ସେଥିପାଇଁ ଆବଶ୍ୟକୀୟ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅନୁରୋଧ କରିଛି ବିଜେଡି। ଏହି ପ୍ରତିନିଧି ମଣ୍ଡଳୀରେ ସାଂସଦ ସୁଲତା ଦେଓ, ଭୃଗୁ ବକ୍ସିପାତ୍ର, ଡ. ଲେନିନ୍ ମହାନ୍ତି, ମିହିର ରାୟ, ତୁମ୍ବନାଥ ପଣ୍ଡା, ସୋଫିଆ ଆଲମ୍, ଜ୍ୟୋସ୍ନା ପରିଡା, ରୀତାଞ୍ଜଳୀ ପ୍ରଧାନ ଓ ଇଲା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୫

# ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ପ୍ରଶାସନ ଆମର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୧୦(ସମିସ): ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଛୋଟରୁ ବଡ଼ ସମସ୍ତ ଦୁର୍ନୀତି ଗ୍ରସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦେଶର ଅଗ୍ରଣୀ ଦୁର୍ନୀତି ବିରୋଧୀ ସଂସ୍ଥା ଭାବେ ସୁନାମ ଅର୍ଜନ କରିଛି। ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପର୍ଯ୍ୟନ୍ତ କାହାରିକୁ ଛଡାଯାଇନାହିଁ। ଭିଜିଲାନ୍ସ ଅଧିକାରୀମାନଙ୍କୁ ସ୍ୱାଧୀନ ଭାବେ କାର୍ଯ୍ୟକରିବାର ଅଧିକାର ପ୍ରଦାନ କରାଯିବା ଫଳରେ ଏସବୁ ସମ୍ଭବ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ରାଜ୍ୟ ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅବସରରେ କହିଛନ୍ତି। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଦଣ୍ଡ ବିଧାନ ହାର ମଧ୍ୟ ୫୦ ପ୍ରତିଶତରୁ ଅଧିକ ରହିଛି। ଦୁର୍ନୀତି ନିବାରଣ ବିଭାଗ ଆଜିର ଦିନରେ କାହାକୁ କ୍ଷମା କରିବ ନାହିଁ ଏବଂ କାହାକୁ ଛାଡିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜିର ଏହି କାର୍ଯ୍ୟକ୍ରମ ଦୁର୍ନୀତି ନିବାରଣ ପାଇଁ କେବଳ ଏକ ପ୍ରତିକାତ୍ମକ କାର୍ଯ୍ୟକ୍ରମ ନୁହେଁ। ଏହା ଦୁର୍ନୀତିଖୋର୍ ଅଧିକାରୀଙ୍କୁ ଏବଂ ଦୁର୍ନୀତିରେ ଲିପ୍ତ ସିଷ୍ଟମକୁ ଦୁର୍ନୀତି ପ୍ରତି ଆମ ସରକାର ଶୂନ୍ୟ ସହନଶୀଳ କଠୋର ବାର୍ତ୍ତା ଦେବା ପାଇଁ ଉଦ୍ଦିଷ୍ଟ। ଆମ ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଛନ୍ତି। ଏହା ଫଳରେ ବିଭିନ୍ନ ଯୋଜନାର ସୁଫଳ ନ୍ୟାୟ ପୂର୍ଣ୍ଣ ଓ ସ୍ୱଚ୍ଛତାର ସହିତ ଉପଯୁକ୍ତ ଲାଭାର୍ଥୀଙ୍କ ପାଖରେ ପହଞ୍ଚାଯାଇ ପାରୁଛି।।

■ ସଚ୍ଚୋଟତା ଓ ସାଧୁତାର ଶପଥ ପାଠ କରାଇଲେ
■ ଦୁର୍ନୀତି ଅଭିଯୋଗରେ ୩୦ ଜଣ ସରକାରୀ କର୍ମଚାରୀ ବହିଷ୍କୃତ
■ ୬୮ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ବନ୍ଦ

ମୁଖ୍ୟମନ୍ତ୍ରୀ କହିଥିଲେ ଶୂନ୍ୟ ସହନଶୀଳ ନୀତିର ଅଂଶ ଭାବରେ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୩୦ ଜଣ ସରକାରୀ କର୍ମଚାରୀଙ୍କୁ ବହିଷ୍କାର କରାଯାଇଛି ଓ ୬୮ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ବନ୍ଦ କରଯାଇଛି। ଏକ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ପ୍ରଶାସନ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସଚ୍ଚୋଟତା ଓ ସାଧୁତାର ଶପଥ ପାଠ କରାଇଥିଲେ। ଶ୍ରେଷ୍ଠ ଦୁର୍ନୀତି ନିବାରଣ ଡିଭିଜନ ଭାବେ କଟକ ଡିଭିଜନ, ଶ୍ରେଷ୍ଠ ୟୁନିଟ୍ ଭାବେ ସୁବର୍ଣ୍ଣପୁର ୟୁନିଟ୍, ଶ୍ରେଷ୍ଠ ତଦନ୍ତକାରୀ ପୁରୁଷ ଅଧିକାରୀ ଭାବେ ମନୋରଞ୍ଜନ ପାଇକରାୟ, ଶ୍ରେଷ୍ଠ ତଦନ୍ତକାରୀ ମହିଳା ଅଧିକାରୀ ଭାବେ ପ୍ରଣୀତା ରାୟ ଏବଂ ଶ୍ରେଷ୍ଠ ପବ୍ଲିକ ପ୍ରୋସିକ୍ୟୁଟର ଭାବେ ବ୍ରହ୍ମପୁରର ସୁରେନ୍ଦ୍ର ପଣ୍ଡାଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଦୁର୍ନୀତି ନିବାରଣ ବିଭାଗର ମହାନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠୱା, ଦୁର୍ନୀତି ନିବାରଣ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ଅସୀତ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA



# ବାତ୍ୟାକୁ ନେଇ ଚାଷୀକୁଳ ଆଶଙ୍କାରେ



କାଳିପଦା, ୨୮।୧୦ (ସମିସ): ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ବାତ୍ୟା ମନ୍ଥାକୁ ନେଇ ଚାଷୀକୁଳ ଏବେ ଆଶଙ୍କାରେ ରହିଛନ୍ତି। ବାତ୍ୟା ପ୍ରଭାବରେ ଆଜି ସକାଳରୁ ତୁହାକୁ ତୁହା ବର୍ଷା ଲାଗିରହିଛି। ବର୍ଷା ସହିତ ପବନ ମଧ୍ୟ ବହୁଛି। କେତେକ ଚାଷୀଙ୍କ କ୍ଷେତରେ ଧାନ ପାଚି ଯାଇଥିବା ବେଳେ ଅଧିକାଂଶ ଚାଷୀଙ୍କ କ୍ଷେତରେ ଧାନ କେଣ୍ଡା ଫୁଲ ଉଡାଉଛି। ଅଧିକ ବର୍ଷା ଓ ପବନ ଲାଗି ରହିଲେ ଉଭୟେ ପାଚିଲା ଧାନ ଓ କେଣ୍ଡାରେ ଫୁଲ ଉଡାଉଥିବା ଧାନ ଚାଷ କ୍ଷତି ଗ୍ରସ୍ତ ହେବ ବୋଲି ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ବାଲିଆପାଳର ବଙ୍ଗୋପ ସାଗର ଉପକୂଳ ବଡ଼ାଶ, ଡଗରା, ଚୌମୁଖ, ବେତଗଡ଼ିଆ, ଅଳାଡିହା, ନୂଆ ଗାଁ, ପଞ୍ଚୁପାଲି, ବୋର୍ଙ୍ଗ, ଜାମ୍ବୀରାଇ ଆଦି ପଞ୍ଚାୟତ ର ଲୋକମାନେ ବାତ୍ୟା ଆଶଙ୍କାରେ ଅଧିକ ଭୟଭୀତ ହୋଇ ପଡିଛନ୍ତି। ବର୍ଷା ଯୋଗୁଁ ଷୋଳସା, ମଧୁପୁରା, ଚାନ୍ଦମଣୀ, କାଳନ୍ଦା ଆଦି ପାଣ୍ଠ ଜମିର ଚାଷ ପାଣିରେ ବୁଡି ଯିବାର ମଧ୍ୟ ଆଶଙ୍କା ରହିଛି। ପବନ ବହିବା ଯୋଗୁଁ କ୍ଷେତରେ ଧାନ ଗଛ ଶୋଇ ଯାଇଛି। ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଗହିରି ଜମି ଧାନ ଚାଷ। ଆଉ ଅଧିକ ବର୍ଷା ଓ ପବନ ଲାଗି ରହିଲେ ଚାଷ ସମୂଳେ ନଷ୍ଟ ହୋଇ ଯିବ ବୋଲି ମଦନ ମୋହନ ମାଝୀ, ଖଗେଶ୍ୱର ବାରିକ, ରୋଶନ କୁମାର ଦେବ ନାଥ, ଗଣେଶ ଚନ୍ଦ୍ର ମୈକାପ, ସୁମନ୍ତ କୁମାର ବେହେରା, ସୁବୋଧ କାନ୍ତ ପାତ୍ର, ହିମାଂଶୁ ଶେଖର ବେହେରା, ଯଜ୍ଞେଶ୍ୱର ପଣ୍ଡା, ମୁକୁନ୍ଦ ମୁରାରୀ ଟୁଡୁ ପ୍ରମୁଖ କହିଛନ୍ତି। ତେବେ ବାତ୍ୟାକୁ ଭୟ ଭୀତ ନ ହେବା ପାଇଁ ବ୍ଲକ ପ୍ରଶାସନ ତରଫରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବିଡ଼ିଓ ରାଧା ରଞ୍ଜନ ଦାସ ପ୍ରକାଶ କରିଛନ୍ତି। ବାତ୍ୟା ପରେ ସମସ୍ତ କ୍ଷୟକ୍ଷତି ଆକଳନ କରାଯିବ ବୋଲି ସେ ମଧ୍ୟ କହିଛନ୍ତି।

# ଓଲଟି ପଡ଼ିଲା ପଥର ବୋଝେଇ ଡମ୍ଫର



ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୨୮।୧୦ (ସମିସ) : ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ପାଇକସିଦା ହାଇସ୍କୁଲ ଛକ ନିକଟରେ ଗତକାଲି ରାତ୍ରି ସମୟରେ ଡମ୍ଫର ଗୁଡ଼ିକ ସେହି ରାସ୍ତା ଦେଇ ପାସ ହେଉଥିଲା। ହେଲେ ଓଭର୍ ଲୋଡ଼ିଂ ଓ ଅଣଓସାରିଆ ରାସ୍ତା ପାଇଁ ଧସିଗଲା କଂକ୍ରିଟ୍, ଫଳରେ ଓଲଟି ପଡ଼ିଲା ପଥର ବୋଝେଇ ଡମ୍ଫର। ଅଣଓସାରିଆ ରାସ୍ତା ପାଶ୍ୱର୍ରେ ଘର ରହିଥିବାରୁ ଏତେ ବଡ ବଡ ଗାଡି ଯିବା ଆସିବା କରିବା ଦ୍ୱାରା ରାସ୍ତାକଡରେ ଥିବା ଘର ଏବେ ବିପଦରେ। ତେଣୁ ଏହି ରାସ୍ତା ଦେଇ ଭାରିଯାନ ନ ଯିବାକୁ ପ୍ରଶାସନ ପାଖରେ ଦାବି କରିଛନ୍ତି ଗ୍ରାମବାସୀ।

# ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ




ଖଇରା,୨୮ ।୧୦ (ସମିସ): ଅକ୍ଟୋବର ୨୭ ତାରିଖରୁ ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ଭାବେ ପାଳନ କରାଯାଉଥିବା ବେଳେ ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟା ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଦିନ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସରପଞ୍ଚ ରଘୁନାଥ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ଭିଜିଲାନ୍ସ ଏସପି ଅରୁଣ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଡିଏସପି ସିକନ୍ଦର ହେମ୍ବ୍ରମ ଯୋଗ ଦେଇ ଦୁର୍ନିତି ଉପରେ କିଭଳି ଅଙ୍କୁଶ ଲଗାଯାଇ ପାରିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ୧୦୬୪ ଟୋଲ ଫି ନମ୍ବରରେ ସମସ୍ତେ ଯୋଗାଯୋଗ କରି ପାରିବେ ବୋଲି ଇନ୍ସପେକ୍ଟର ସବିତା ପାଣିଗ୍ରାହୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭିଜିଲାନ୍ସ ଏସଆଇ ପ୍ରଫୁଲ୍ଲ ମହାପାତ୍ର, ୫ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶଙ୍କ ସମେତ ସମସ୍ତ ଅଙ୍ଗନୱାଡି,ଆଶା ଓ ସ୍ୱାସ୍ଥ୍ୟ କର୍ମୀ ତଥା ୱାର୍ଡ ସଭ୍ୟା ସଭ୍ୟ ଉପସ୍ଥିତ ଥିଲେ।

# ତିନି ବେଆଇନ ପଥର ବୋଝେଇ ଡମ୍ଫର ଜବତ

ସୋର, ୨୮।୧୦ (ସମିସ): ସୋର ତହସିଲ ଓ ବାଲେଶ୍ୱର ଖଣି ବିଭାଗ ପକ୍ଷରୁ ବାଗୁଡ଼ି ନିକଟରେ ଚଢ଼ଉ କରାଯାଇ ତିନୋଟି ପଥର ବୋଝେଇ ଡମ୍ଫରକୁ ଜବତ କରାଯାଇଛି। ଆଜି ସନ୍ଧ୍ୟାରେ ବାଗୁଡି ପଥର ଖାଦାନରୁ ପଥର ଚାଲାଣ ହେଉଥିବାର ଖବରପାଇ ସୋର ତହସିଲଦାର ଦୈତାରୀ ମଲ୍ଲିକ ଓ ବାଲେଶ୍ୱର କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ବାଗୁଡିରେ ଚଢ଼ଉ କରିଥିଲେ। ଏହି ସମୟରେ ଅନେକ ଗାଡି ରାସ୍ତା ବଦଳାଇ ଫେରାର ହୋଇଯାଇଥିବା ବେଳେ ତିନୋଟି ଗାଡିକୁ ଜବତ କରିଥିଲେ। ଜବତ ଗାଡିକୁ ସୋର ଥାନାରେ ଜିମା ଦେବା ସହିତ ଗାଡିରୁ ଫାଇନ ଆଦାୟ ପରେ ଛଡାଯିବ ବୋଲି ଖଣି ବିଭାଗରୁ ସୂଚନା ମିଳିଛି।

## ବାତ୍ୟା 'ମୋନ୍ଥା' ନେଇ ଚିନ୍ତାରେ ଉତ୍ତର ବାଲେଶ୍ୱର ଚାଷୀ

# କେଣ୍ଡା ବାହାରୁଥିବା ବେଳେ ଧାନଚାଷ ନଷ୍ଟ ଆଶଙ୍କା

ବାଲେଶ୍ୱର(ଉତ୍ତର),୨୮।୧୦(ସମିସ)



ବାତ୍ୟା "ମୋନ୍ଥା'କୁ ନେଇ ଉତ୍ତର ବାଲେଶ୍ୱର ଅଞ୍ଚଳର ହଜାର ହଜାର ଚାଷୀ ଆତଙ୍କିତ ଅଛନ୍ତି। ହେକ୍ଟର ହେକ୍ଟର ଚାଷ ଜମିରେ ଧାନ ଗଛରେ ଏବେ କେଣ୍ଡା ବାହାରୁଥିବା ବେଳେ ଅନେକ ସ୍ଥାନରେ ଚାଷ ହୋଇଥିବା ସଅଳ କିସମ ଧାନ ଫୁଲ ଉଡ଼ାଉଛି। ଏହି ସମୟରେ ଝଡ଼ ବର୍ଷା ଆସୁଥିବାର ଖବର ଶୁଣି ଚାଷୀ ମାନେ ଚିନ୍ତାରେ ଅଛନ୍ତି। ଅପରପକ୍ଷରେ ବସ୍ତା, ଜଳେଶ୍ୱର, ବାଲିଆପାଳ ଓ ଭୋଗରାଇ ବ୍ଲକରେ ସୁବର୍ଣ୍ଣରେଖା ଓ ଜଳକା ନଦୀରେ କ୍ରମାଗତ ବନ୍ୟା ଆସିବା ଯୋଗୁଁ ଅନେକ ଜମିରେ ଧାନ ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା। ପରେ ପୁଣି ଚାଷୀ ବାହାରୁ ଧାନ ତଳି ଆଣି ପୋତି ଥିଲେ। ସେହିପରି ଯେଉଁ କେତେକ ସ୍ଥାନରେ ଚାଷ ସୁରକ୍ଷିତ ଥିଲା ସେଠାରେ ଏବେ ଗଛରେ କେଣ୍ଡା ବାହାରି ଗଲାଣି। ତେଣୁ ଏହି ସମୟରେ ବାତ୍ୟା ଓ ବର୍ଷା ଆସିବା ଶୁଣି ଚାଷୀଙ୍କ ମନରେ ଛନକା ପଶିଲାଣି। ସମ୍ଭାବ୍ୟ ବାତ୍ୟା ନେଇ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସତର୍କ ସୂଚନା ଦିଆଯାଇଥିଲେ ମଧ୍ୟ ଫସଲକୁ ସୁରକ୍ଷା ଦେବା ପାଇଁ ଚାଷୀ ହାତରେ କିଛି ନାହିଁ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଏହି ଚାରୋଟି ବ୍ଲକରେ ପ୍ରାୟ ୭୦ରୁ ୮୦ ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ ହୋଇଥିଲା। ଏହି ଚାଷ ସମଗ୍ର ବାଲେଶ୍ୱର ବାସୀଙ୍କୁ ଆହାର ଯୋଗାଇ ଆସୁଥିବା ବେଳେ ଅନେକ ଲୋକଙ୍କ ଜୀବିକାର ମାଧ୍ୟମ ଅଟେ। ଚାଷ ଆରମ୍ଭରୁ ପ୍ରତିକୂଳ ପାଗ ସତ୍ତ୍ୱେ ମଧ୍ୟ ଅନେକ ସ୍ଥାନରେ ଧାନ ଫସଲ ଭଲ ହୋଇଛି। ଏତିକି ବେଳେ ଝଡ଼ ବାତ୍ୟା କିମ୍ବା ବର୍ଷା ହେଲେ ଧାନ ଫସଲ ଅମଳ କରିବା ଅସମ୍ଭବ ବୋଲି ଆଶଙ୍କା ରହିଛି। ବହୁ କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ତଥା ଭାଗଚାଷୀ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତିରୁ ଟଙ୍କା ଋଣ ଆଣିଥିବା ବେଳେ ଅନେକ ଚାଷୀ ସାହୁକାରଙ୍କ ଠାରୁ ଚଢା ଦରରେ ସୁଧରେ ଟଙ୍କା ଆଣି ଚାଷ କରିଥିଲେ। ଅମଳ ପରେ ଧାନ ବିକ୍ରି କରି ଋଣ ପରିଶୋଧ କରିଥାନ୍ତେ ମାତ୍ର ଯଦି ଫସଲ କ୍ଷତି ହେବ ତାହେଲେ ବହୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଯିବାର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ।

# 'ଥିଲେ ଦିଅନ୍ତୁ, ନ ଥିଲେ ନିଅନ୍ତୁ'



ସିମୁଳିଆ, ୨୮।୧୦ (ସମିସ): ଏକ ନିଆରା ପ୍ରୟାସ ଆରମ୍ଭ କରିଛି ଆପଣ ଏକା ନୁହଁନ୍ତି ଟ୍ରଷ୍ଟ। ଆପଣଙ୍କ ପାଖରେ ପୁରୁଣା ବସ୍ତ୍ର ଥିଲେ ତାକୁ ନଷ୍ଟ ନ କରି ଅସହାୟଙ୍କୁ ଦାନ କରନ୍ତୁ। ଆପଣ ଏକା ନୁହଁନ୍ତି ଟ୍ରଷ୍ଟ ତରଫରୁ ଏକ ନିଶୁଳ୍କ ନୂତନ ଏବଂ ପୁରୁଣା ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମାର୍କୋଣାରେ ଅନୁଷ୍ଠିତ ହୋଇଯାଇଛି। ସମାଜରେ ଗରିବ ଖଟିଖିଆ ଲୋକ ସ୍ତ୍ରୀ,ପିଲାଛୁଆଙ୍କ ବସ୍ତ୍ର କିଣିବା ସମ୍ଭବ ନୁହେଁ। ଅନ୍ୟପଟେ ଧନୀ ଲୋକଙ୍କ ପାଖରେ ବ୍ୟବହାର ଠାରୁ ଅଧିକ ବସ୍ତ୍ର ଥିଲେ ମଧ୍ୟ କାହାରିକୁ ଦେବା ପାଇଁ ଖରାପ ଲାଗୁଥିବାରୁ ଅସହାୟ ଲୋକଙ୍କୁ ଦେଇ ପାରୁନଥିବା ବେଳେ ଗରିବ ଅସହାୟ ଲୋକ ଧନୀ ଲୋକଙ୍କୁ ବସ୍ତ୍ର ମାଗିବାକୁ ଲାଜ ଲାଗୁଛି । ତେଣୁ ଏଠାରେ ଆପଣ ଏକା ନୁହଁନ୍ତି ଟ୍ରଷ୍ଟ ଏହାର ସମାଧାନର ବାଟ ବାହାର କରିଛି। ଯେଉଁମାନଙ୍କ ଠାରେ ପୁରୁଣା ବ୍ୟବହାର ଯୋଗ୍ୟ ବସ୍ତ୍ର ଅଧିକ ଅଛି ସେଗୁଡ଼ିକୁ ସଂଗ୍ରହ କରି ଗରିବ ଲୋକଙ୍କ ନିକଟରେ ପହଞ୍ଚାଇ ଗରିବ ଅସହାୟ ମାନଙ୍କର ଅଭାବକୁ ଦୂର କରିବାକୁ ଚେଷ୍ଟା କରିଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବରି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମାହାଳିକ, ଚତୁର୍ଭୁଜ ପାଣିଗ୍ରାହୀ, ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସଭାପତି ଅଜୟ କୁମାର ମହାନ୍ତି. ସମ୍ପାଦକ ସୁଶାନ୍ତ କୁମାର ବେହେରା. କୋଷାଧକ୍ଷ ଗୋପମଣି ପଣ୍ଡା, ଉପଦେଷ୍ଟା ଗଦାଧର ଜେନାଙ୍କ ସମେତ ସଂଗଠନର ଅନ୍ୟ ସଦସ୍ୟ ସଦସ୍ୟାମାନେ ମଧ୍ୟ ଉପସ୍ଥିତ ରହିଥିଲେ। ଏଥିରେ ଛୋଟ ଛୋଟ ପିଲା, ଅସହାୟ ବୃଦ୍ଧ ବୃଦ୍ଧାଙ୍କ ସହ ପାଖାପାଖି ୨୦୦ ଲୋକଙ୍କୁ ଶାଢ଼ୀ, ପ୍ୟାଣ୍ଟ ସାର୍ଟ, ଗାମୁଛା ଆଦି ବିଭିନ୍ନ ପ୍ରକାର ବସ୍ତ୍ର ପ୍ରଦାନ କରାଯାଇଛି ।

# ହାତୀ ଦ୍ୱାରା କ୍ଷତିଗ୍ରସ୍ତ ଚାଷଜମି ବୁଲି ଦେଖିଲେ ଡିଏଫ୍ଓ



ଜଳେଶ୍ୱର ବ୍ଲକ, ୨୮।୧୦ (ସମିସ): ଜଳେଶ୍ୱର ବ୍ଲକ ରାଇବଣିଆ ଅଞ୍ଚଳରେ ଆଜକୁ କିଛି ଦିନ ହେବ ହାତୀ ଉପଦ୍ରବ ଦେଖାଦେଇଛି। ଏଠାରେ ଝାଡଖଣ୍ଡ, ଶିମିଳିପାଳର ୩୦ ଟିକିଆ ହାତୀ ପଲ ସନ୍ଧ୍ୟା ହେଲେ ରାଇବଣିଆବାସୀଙ୍କୁ ନାକେଦମ୍ କରୁଛନ୍ତି। କେତେବେଳେ କାହାର ଘର ଭାଙ୍ଗିଲାଣି ତ କେତେବେଳେ ପାଚିଲା କ୍ଷେତରେ ପଶି ଧାନ ଫସଲ ନଷ୍ଟ କରୁଛନ୍ତି। ହାତୀପଲଗୁଡ଼ିକ ଏବେ ବାଗବୁଡ଼ା, ବଣସାହି, ଲୁହାପଡ଼ା, ଭଲୋ, ଦୁଧିଆଶୋଳ, ମଥୁରଘେରରା, ଭାଡରାପଦା ଶ୍ୟାମନଗର ପଞ୍ଚାୟତର ଧାନଘେରା, କାଲାଯୋଡ଼ି, ସୁକୋଯୋଡ, ବଣକାଟି, ରଙ୍ଗାମାଟିଆ ଅଞ୍ଚଳରେ ବ୍ୟାପକ କ୍ଷତି ଘଟାଇଛନ୍ତି। ଯାହାକୁ ନେଇ ଚାଷୀ ଏବେ ଚିନ୍ତାରେ ଏ ନେଇ ସୋମବାର ଅପରାହ୍ନରେ ବାଲେଶ୍ୱର ଜିଲ୍ଲା ବନ୍ୟ ସୁରକ୍ଷା ଅଧିକାରୀ ପ୍ରଫୁଲ୍ଲ ମଲ୍ଲିକ ଆସି ହାତୀଙ୍କ ଗତିବିଧି ଉପରେ ଆଲୋଚନା କରିବା ସହିତ ଚାଷୀଙ୍କ କ୍ଷୟକ୍ଷତି ଅଞ୍ଚଳ ଜହ୍ନିଫୁଲିଆ, ଭୋଳ, ଧାନଘେରା ଆଦି ଅଞ୍ଚଳ ପରିଦର୍ଶନ କରିଥିଲେ। ଚାଷୀଙ୍କୁ ଭେଟି ସେମାନଙ୍କର ତୁରନ୍ତ କ୍ଷୟକ୍ଷତି ସହାୟତା ପ୍ରଦାନ ପାଇଁ ବରଡ଼ିହା ବନପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଳେଶ୍ୱର ରେଞ୍ଜର, ବରଡ଼ିହା ବନପାଳ ପ୍ରହଲ୍ଲାଦ ନାୟକ, ଦିଲୀପ ସିଂ, ଫରେଷ୍ଟଗାର୍ଡ ସୁଲୋଚନା ବେହେରା, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ ଦାସ ଉପସ୍ଥିତ ଥିଲେ। ଯେହେତୁ ଧାନର ସହାୟକ ମୂଲ୍ୟ ସରକାରୀ ସ୍ତରରେ ବୃଦ୍ଧି ପାଇଛି ତେଣୁ ଚାଷୀ ମାନେ ସେମାନଙ୍କର କ୍ଷତିର ପରିମାଣ ବୃଦ୍ଧି ପାଇଁ ଦାବି କରିଛନ୍ତି।

# ଜଳେଶ୍ୱରପୁରରେ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ



ଭୋଗରାଇ, ୨୮।୧୦ (ସମିସ): ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତର ସେହି ଗ୍ରାମରେ ଥିବା ଯାତ୍ରା ପଡ଼ିଆରେ ବାବା ଈଷାଣେଶ୍ୱର ଯୁବକ ସଂଘ ଦ୍ୱାରା ଆୟୋଜିତ ସାଂସ୍କୃତିକ ମହୋତ୍ସବର ଉଦଯାପନୀ ସଭାରେ କମିଟିର ସଭ୍ୟ ତଥା ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ଇଂରାଜୀ ବିଭାଗର ଅଧ୍ୟାପକ ଜଗଦୀଶ ଚନ୍ଦ୍ର ଗିରି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଫକିରମୋହନ ମେଡିକାଲ କଲେଜ ତଥା ବାଲେଶ୍ୱର ଜିଲ୍ଲା ମେଡ଼ିକାଲର ପୂର୍ବତନ ମୁଖ୍ୟ ରାମଚନ୍ଦ୍ର ଗିରି କହିଥିଲେ ଉତ୍ସବ ଭାଇଚାରାର ସମ୍ପର୍କ ସୃଷ୍ଟି କରିଥାଏ। ବିଶିଷ୍ଟ ଅତିଥି ଜିଲ୍ଲା କଂଗ୍ରେସର ସଭାପତି ସତ୍ୟଶିବ ଦାସ, ମୁଖ୍ୟବକ୍ତା ଭୋଗରାଇ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଶିକ୍ଷକ ରାଜେନ୍ଦୁ ବିକାଶ ପାତ୍ର, ପ୍ରଧାନ ଶିକ୍ଷକ ଅରୁଣ ଦାସ, ସରପଂଚ ବିରୂପାକ୍ଷ ଜେନା ଆଦି ସାଂସ୍କୃତିକ ମହୋତ୍ସବ ବାବଦରେ ବଖାଣି ଥିଲେ। କବି ଶ୍ରୀକୁମାର ଘୋଷ ଅତିଥି ପରିଚୟ ଓ ମଞ୍ଚ ଆହ୍ୱାନ କରିଥିବା ବେଳେ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ସଂସ୍କୃତ ବିଭାଗର ଅଧ୍ୟାପକ ଦେବାଶିଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ଭୋଗରାଇ, ୨୮।୧୦(ସମିସ): ଭୋଗରାଇ ବ୍ଲକ ଦାରୁହା ପଞ୍ଚାୟତ ଅନ୍ତର୍ଗତ ବେଣୁଦା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପଣ୍ଡା(୮୧)ଙ୍କ ପରଲୋକ ଘଟିଛି। ସେ ଜଣେ ଛାତ୍ରାବତ୍ସଳ, ସମୟାନୁବର୍ତ୍ତି, ନିଷ୍ଠାପର, ଧର୍ମପରାୟଣ ବ୍ୟକ୍ତି ଥିଲେ। ଘରେ ଥିବା ବେଳେ ସେ ଅସୁସ୍ଥ ହୋଇପଡିଥିଲେ। ଚିକିତ୍ସା ପାଇଁ ତାଙ୍କୁ ବାଲେଶ୍ୱରସ୍ଥିତ ଜ୍ୟୋତି ହସ୍ପିଟାଲ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ କଳ୍ପନା, ପୁଅ ଦେବାଶିଷ, ଶୁଭାଶିଷ, ଝିଅ ଶୁଭଶ୍ରୀ, ପୁତୁରା ଶୈଳେନ୍ଦୁ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ମଶାଣିରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା।

# ଝାଡ଼ପିମ୍ପଳ ସ୍କୁଲ ସମ୍ମୁଖରୁ ହଟିଲା ଜବରଦଖଲ

ଜଳେଶ୍ୱର,୨୮।୧୦(ସମିସ) : ଜଳେଶ୍ୱର ବ୍ଲକ ଝାଡପିମ୍ପଳ ସ୍କୁଲ ସମ୍ମୁଖ ପୂର୍ତ୍ତ ବିଭାଗ ରାସ୍ତା କଡରେ ଜବର ଦଖଲରେ ଥିବା ୨୦ଟି ଦୋକାନ ଘର ଉଚ୍ଛେଦ କରାଯାଇଛି। ସ୍ଥାନୀୟ ଲୋକମାନେ ରାସ୍ତା ପାଖରେ ଛୋଟ ଛୋଟ ଦୋକାନ କରି ପରିବାର ଚଳାଇ ଆସୁଥିବାବେଳେ ରାସ୍ତାଟି ସଂକୁଚିତ ହୋଇ ଚଳାଚଳରେ ବ୍ୟାଘାତ ହେଉଥିଲା। ଏହା ସହ ପାଣି ନିଷ୍କାସନ ରେ ସମସ୍ୟା ସୃଷ୍ଟି ହେଉ ଥିବାରୁ ଅନ୍ୟଏକ ପୋଲ ନିର୍ମାଣ ଲାଗି ତତ୍ପରତା ପ୍ରକାଶ ପାଇବା ପରେ ଉଚ୍ଛେଦ କୁ ଗ୍ରାମବାସୀ ସମର୍ଥନ ଜଣାଇଥିଲେ। ବିଦ୍ୟାଳୟଟି ଗଦାବରିଶ ଆଦର୍ଶ ବିଦ୍ୟାଳୟରେ ଅନ୍ତର୍ଭୁକ୍ତ ହୋଇଥିବାରୁ ୨କୋଟି ୮୫ଲକ୍ଷ ଟଙ୍କାର ଏହାର ସମ୍ପ୍ରସାରଣ କାର୍ଯ୍ୟଲାଗି ଆବଶ୍ୟକ ସ୍ଥାନ ପରିପ୍ରେକ୍ଷୀରେ ଗ୍ରାମ୍ୟ କମିଟି ଓ ଗ୍ରାମବାସୀଙ୍କ ସହମତିରେ ଜବରଦଖଲରେ ଥିବା ୨୦ଟି ଦୋକାନ ଗୃହକୁ ସହମତିରେ ଉଚ୍ଛେଦ କରାଯାଇଛି। ଉକ୍ତ ସ୍ଥାନରେ ଗାର୍ଡୱାଲ ନିର୍ମାଣ ପରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ଉଚ୍ଛେଦ ହୋଇଥିବା ଦୋକାନୀ ମାନଙ୍କୁ ଥଇଥାନ କରାଯିବ ବୋଲି ସରପଂଚ ଜୟକୃଷ୍ଣ ଅଣ୍ଡିଆ କହିଛନ୍ତି।

# ଡମ୍ଫରକୁ ଧକ୍କା ଦେଲା ଟ୍ରକ, ଚାଳକ ଗୁରୁତର

ରାଜଘାଟ. ୨୮।୧୦ (ସମିସ): ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥର ଗୋଡ଼ିଖାଳ ଛକ ନିକଟରେ ଛିଡ଼ା ହୋଇଥିବା ଡମ୍ଫର ପଛକୁ ଅନ୍ୟ ଏକ ଟ୍ରକ ଧକ୍କା ଦେବାରୁ ଟ୍ରକର କେବିନ ଅଂଶଟି ଭାଙ୍ଗି ଚୁରମାର୍ ହୋଇଯାଇଥିବା ବେଳେ ଚାଳକ ଗୁରୁତର ହୋଇଛନ୍ତି। ସୋମବାର ବିଳମ୍ବିତ ରାତିରେ ଅମର୍ଦ୍ଦାରୋଡରୁ ଜଳେଶ୍ୱର ମୁହାଁ ଯାଉଥିବା ଗୋଟିଏ ଚିପ୍ସ ବୋଝେଇ ଡମ୍ଫରର ପଛ ଏକ୍ସେଲ ଭାଙ୍ଗିଯିବାରୁ ତାହା ଗୋଡ଼ିଖାଳ ଛକ ନିକଟରେ ରାସ୍ତା ପାଶ୍ୱର୍କୁ ଛିଡ଼ା ହୋଇଥିଲା। ଏହି ସମୟରେ ସମାନ ଦିଗରେ ଯାଉଥିବା ଅନ୍ୟ ଏକ ଟ୍ରକ ଡମ୍ଫରରୁ ପଛକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଟ୍ରକଟିର ଷ୍ଟିଅରିଂ ବାହାରକୁ ବାହାରି ଆସିଥିଲା। ଜାତୀୟ ରାଜପଥ ପହରା ପୁଲିସ ସମେତ ଅଗ୍ନିଶମ ବାହିନୀ ପହଞ୍ଚି ଘଟଣା ସ୍ଥଳରୁ ଚାଳକକୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲେ। ବସ୍ତା ଥାନା ପୁଲିସ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

# ଗାଡ଼ି ଧକ୍କାରେ ୩ ଗୁରୁତର

ସୋର, ୨୮।୧୦ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବାହାନଗା ନିକଟରେ ଅଜଣା ଗାଡି ଧକ୍କାରେ ଦୁଇ ଯାତ୍ରା କଳାକାର ସମେତ ଜଣେ ଶିଶୁ ଗୁରୁତର ଆହତ ହୋଇଛନ୍ତି। ଗୋପାଳପୁର ଇଞ୍ଚୁଡିଠାରେ ଯାତ୍ରା ସାତରଂଗ ଯାତ୍ରା ପରିବେଷଣ କରୁଛି। ଆଜି ଅପରାହ୍ଣରେ ଏଥିରେ ନୃତ୍ୟ କଳାକାର ଭାବେ କାର୍ଯ୍ୟରତ ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳର ପ୍ରଭାତ ମଳିକ(୪୦) ତାଙ୍କ ପାଞ୍ଚବର୍ଷର ପୁଅ ଜଗା ମଳିକ ଓ ଲାଇଟ ଅପରେଟର ଭଣ୍ଡାରିପୋଖରୀ ଅଞ୍ଚଳର ବଳରାମ ଜେନା (୩୬) ଏକ ବାଇକ ଯୋଗେ ଘରୁ ବାଇକ ଯୋଗେ ଗୋପାଳପୁର ଇଞ୍ଚୁଡି ଅଭିମୁଖେ ଆସୁଥିଲେ। ବାହାନଗା ନିକଟରେ ଏକ ଅଜଣା ଗାଡି ଧକ୍କାର ଶିକାର ହୋଇ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ସମସ୍ତଙ୍କ ଅବସ୍ଥା ଶୋଚନୀୟ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ବାତ୍ୟା 'ମୋନ୍ଥା' ନେଇ ସରକାର ତତ୍ପର

# କୁମ୍ଭକର୍ଣ୍ଣ ନିଦ୍ରାରେ ବସ୍ତା ବ୍ଲକ ପ୍ରଶାସନ

ବସ୍ତା ବ୍ଲକ, ୨୮।୧୦ (ସମିସ)




ଓଡ଼ିଶାକୁ ପୁଣି ବାତ୍ୟା ଭୟ। ବାତ୍ୟା 'ମୋନ୍ଥା' ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆଗୁଆ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ବାତ୍ୟା ମୋନ୍ଥା ସ୍ଥଳଭାଗ ଛୁଇଁବା ବେଳକୁ ପବନର ଗତି ଅଧିକ ଥିବା ସହିତ ଓଡ଼ିଶା ର ବିଭିନ୍ନ ଜିଲ୍ଲା ରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ରାଜ୍ୟ ସରକାର ଜିଲ୍ଲା ପ୍ରଶାସନକୁ ସଜାଗ ରହିବାକୁ ନିର୍ଦ୍ଦେଶ ସହିତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି। ବାଲେଶ୍ୱର ଜିଲ୍ଲାରେ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ସରିଥିବା ବେଳେ ବିଭିନ୍ନ ବ୍ଲକରେ ମଧ୍ୟ ପ୍ରସ୍ତୁତି ବୈଠକ ସରିଛି। ଏଭଳି ଏକ ବାତ୍ୟାକୁ ମୁକାବିଲା ପାଇଁ ସରକାର ଠାରୁ ବ୍ଲକ ପ୍ରଶାସନ ଚେଇଁ ଉଠିଥିବା ବେଳେ ବସ୍ତା ବ୍ଲକ ନିଘୋଡ଼ ନିଦରେ ଶୋଇ ପଡ଼ିଥିବା ବସ୍ତା ବାସୀଙ୍କୁ ଚକିତ କରିଛି। ବସ୍ତାରେ କେତେ ପାରଦର୍ଶିତା ଲାଭ କରିଥିବା ଅଧିକାରୀ ଅଛନ୍ତି ଏଇଠୁ ଜଳ ଜଳ ହୋଇ ଦିଶୁଛି। ଯଦି ବାତ୍ୟାର ପ୍ରଭାବ ବସ୍ତାରେ ପରିଲକ୍ଷିତ ହୁଏ ତାହାଲେ ବସ୍ତା ବାସୀଙ୍କୁ ଭଗବାନ ଭରଷା ବୋଲି କୁହା ଯାଉଛି। ୧୯୯୯ ମହାବାତ୍ୟା ଠାରୁ ୨୦୨୪ ପର୍ଯ୍ୟନ୍ତ ଓଡ଼ିଶା ୧୧ଟି ବଡ଼ ବାତ୍ୟାକୁ ସାମ୍ନା କରିଛି। ଏହି କ୍ରମ ରେ ଦେଖିବାକୁ ଗଲେ ବାତ୍ୟା ମୁକାବିଲା ପାଇଁ ବସ୍ତା ବ୍ଲକ ପ୍ରଶାସନର ତତ୍ପରତା ଦେଖିବାକୁ ମିଳିଥିଲା। ବିଭିନ୍ନ ବିଭାଗ ର ଅଧିକାରୀ, ଜରୁରୀକାଳୀନ ସେବା ଯୋଗାଉଥିବା ବିଭାଗ ସହ ଖାଦ୍ୟ, ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉପସ୍ଥିତିରେ ବାତ୍ୟା ମୁକାବିଲାର ପ୍ରସ୍ତୁତି ବୈଠକ ହେଉଥିଲା। ମାତ୍ର ମୋନ୍ଥା ଯେପରି ବସ୍ତାରେ ପ୍ରଭାବ ଶୂନ୍ୟ ରହିବ ତାହା ପୂର୍ବରୁ ଜାଣି ପାରି ଥିବା ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ବାତ୍ୟା ଫାଇଲିନ, ହୁଡ ହୁଡ଼, ତିତିଲି, ଫନି, ବୁଲବୁଲ, ଆମ୍ଫନ୍, ୟାଶ, ଗୁଲାବ, ଆସାନି, ଦାନା ଭଳି ବାତ୍ୟାରେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ପବନ ଠାରୁ ବର୍ଷା କୁ ଅଧିକ ସାମ୍ନା କରିଛି। ପ୍ରବଳ ବର୍ଷା ଫଳରେ ବସ୍ତା ବ୍ଲକ ରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ବାତ୍ୟା ଆଶ୍ରୟସ୍ଥଳୀ ଓ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କୁ ଆଗୁଆ ବିପଦ ସଙ୍କୁଳ ସ୍ଥାନରୁ ଆଣି ରଖିବା, ରନ୍ଧା ଖାଦ୍ୟ ଦିଆ ଯାଉଥିବା ସହିତ ଶିକ୍ଷା ଅନୁଷ୍ଠାନକୁ ଛୁଟି ଘୋଷଣା କରିବାର ନିଷ୍ପତ୍ତି ନିଆଯାଉଥିଲା। କିପରି ବାତ୍ୟା ମୁକାବିଲା ହେବ ବିଧାୟକ, ସାଂସଦ, ନିର୍ବାଚିତ ଜନପ୍ରତିନିଧି ଓ ଜିଲ୍ଲା ର ଅଧିକାରୀଙ୍କ ଉପସ୍ଥିତିରେ ହେଉଥିଲା। ମାତ୍ର ଚଳିତ ବାତ୍ୟା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଏପରିକି ଡ଼ାକବାଜି ଯନ୍ତ୍ରରେ ମଧ୍ୟ ସତର୍କତା କରାଯାଇ ନ ଥିବାରୁ ବସ୍ତା ବ୍ଲକ ବାସୀ ବାତ୍ୟାକୁ ନେଇ ଅନ୍ଧାରରେ ଅଛନ୍ତି। ସମୁଦ୍ର ନିକଟ ବର୍ତ୍ତି ବସ୍ତା ନିର୍ବାଚନ ମଣ୍ଡଳୀ ଥିବାରୁ ବାତ୍ୟା ପାଇଁ ବସ୍ତା ବ୍ଲକ ଆଗୁଆ ପଦକ୍ଷେପ ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି କୁହା ଯାଉଛି। ମଙ୍ଗଳବାର ବସ୍ତାରେ ବର୍ଷା ହୋଇଥିବା ବେଳେ ହାଲୁକା ପବନ ଅନୁଭୂତ ହୋଇଛି। ସେହିପରି ସମୁଦ୍ର ଅଶାନ୍ତ ଥିବା ସମୁଦ୍ର କୁଳିଆ ବାସୀଙ୍କ ଠାରୁ ସୂଚନା ମିଳିଛି। ଏ ନେଇ ବସ୍ତା ବ୍ଲକ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ବାତ୍ୟା ପାଇଁ ସଜାଗ ରହିବାକୁ ସବୁ ବିଭାଗକୁ ଚିଠି କରାଯାଇଥିବା କୁହା ଯାଇଛି। ବସ୍ତାରେ ୪ ଟି ବାତ୍ୟା ଆଶ୍ରୟ ସ୍ଥଳୀ ଥିବା ବେଳେ କଇନଗିରି ପଞ୍ଚାୟତରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀରେ କ'ଣ ବ୍ୟବସ୍ଥା କରାଯାଇଥିବା ନେଇ ସରପଞ୍ଚଙ୍କୁ ପଚାରିବାରୁ ତାଙ୍କୁ କୌଣସି ବ୍ୟବସ୍ଥା ପାଇଁ ଚିଠି ଆସି ନଥିବା କହିଛନ୍ତି। ଯାହାକୁ ନେଇ ଆହୁରି ଅନେକ ଦ୍ୱନ୍ଦ୍ୱ ବଢାଇ ଦେଇଛି।

॥ ଏକାଦଶାହ ଶ୍ରଦ୍ଧାଞ୍ଜଳି ॥



୰ ନାରାୟଣ ଚନ୍ଦ୍ର ଘୋଷ
ଅବସରପ୍ରାପ୍ତ ଶିକ୍ଷକ
ସରିଷା, ବସ୍ତା, ବାଲେଶ୍ୱର

ଆବିର୍ଭାବ : ୧୮.୦୧.୧୯୫୭ ତିରୋଧାନ : ୧୯.୧୦.୨୦୨୫

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ସରଳତା, କର୍ତ୍ତବ୍ୟ ପରାୟଣତା ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପୁତ୍ର- ଶରତ ଚନ୍ଦ୍ର, ହେମନ୍ତ, ବଧୂ- ସସ୍ମିତା, ଦୀପାଞ୍ଜଳି, ଝିଅ- ମଞ୍ଜୁବାଳା ପାତ୍ର, ଜ୍ୱାଇଁ- ସତ୍ୟବ୍ରତ ପାତ୍ର, ନାତି ନାତୁଣୀ ଓ ପରିବାରବର୍ଗ

# ବାତ୍ୟା 'ମୋନ୍ଥା'; ୟେଲୋ ଜୋନ୍‌ରେ ବାଲେଶ୍ୱର

## ଓଡ୍ରାଫ ଓ ଏନଡିଆରଏଫ ଟିମ୍ ସଜାଗ

ବାଲେଶ୍ୱର,୨୮ ।୧୦(ସମିସ)

ବାତ୍ୟା 'ମୋନ୍ଥା' ନେଇ ବାଲେଶ୍ୱର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏ ନେଇ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ରହିବା ସହ ଓଡ୍ରାଫ ଓ ଏନଡିଆରଏଫ ଟିମ୍ ସଜାଗ ରହିଛି ।

ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ବାତ୍ୟାକୁ ମୁକାବିଲା କରିବା ପାଇଁ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ଦୁଇଟି ଓଡ୍ରାଫ୍ଟ ଟିମ, ଗୋଟିଏ ଏନଡିଆରଏଫ ଟିମ ସହ ୧୨ଟି ଫାୟାର ଟିମ ମଧ୍ୟ ପ୍ରସ୍ତୁତ ହୋଇ ରହିଛି । ଆବଶ୍ୟକ ପଡିଲେ ସେମାନେ ତୁରନ୍ତ ଉଦ୍ଧାର କାର୍ଯ୍ୟ ପାଇଁ ନିୟୋଜିତ ହେବେ । ଅନ୍ୟପଟେ ଏହି ବାତ୍ୟାର ମୁକାବିଲା କରିବା ପାଇଁ ଓଡ୍ରାଫ୍ଟ ଟିମ ପକ୍ଷରୁ ମକଡ୍ରିଲ ମଧ୍ୟ ସରିଛି । ଅପ୍ୟପଟେ ଜିଲ୍ଲାର ୧୨ଟି ବ୍ଲକରେ ଥିବା ୧୪୪ଟି ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟ ପୂର୍ଣ୍ଣମାତ୍ରାରେ ପ୍ରସ୍ତୁତ ହୋଇ ରହିଛି । ବାତ୍ୟା ମୋନ୍ଥା ଫଳରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି । ଏ ନେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି ଯେ, ବାତ୍ୟାର ଲ୍ୟାଣ୍ଡଫଲ କାକିନଡା ପାଖରେ ହେବ । ଯାହାଫଳରେ ବାଲେଶ୍ୱର ଜିଲ୍ଲାରେ କିଛିଟା ପ୍ରଭାବ ପକାଇବ । ବିଶେଷ କରି ଆଜି ଏବଂ ଆସନ୍ତା କାଲି ୨୯ ତାରିଖ ଦୁଇ ଦିନ ପର୍ଯ୍ୟନ୍ତ ସତର୍କ ରହିବାକୁ ପଡିବ । ଏଣୁ ବାଲେଶ୍ୱର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ରହିଛି । ସମସ୍ତ ବ୍ଲକକୁ ଆଲର୍ଟ ରଖାଯାଇଛି । ବିଶେଷ କରି ତହସିଲଦାରଙ୍କ ଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜ କାର୍ଯ୍ୟାଳୟରେ ରହିଛି । ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟ ସଜାଗ ରହିଛି । ଆବଶ୍ୟକ ପଡିଲେ ତାହା ବ୍ୟବହାର ହେବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବାତ୍ୟା ଫଳରେ ଯେଉଁ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଯାଇଥିଲେ ସେମାନେ ସବୁ କୂଳକୁ ଫେରିଆସିଛନ୍ତି । ଯଦି ପାଣିପାଗ ବିଭାଗ ଯଦି କିଛି ଅନ୍ୟ ଅପଡେଟ ଦିଅନ୍ତି ତେବେ ସେଇ ଅନୁସାରେ କାର୍ଯ୍ୟ କରାଯିବ । ଏବେ ସମୁଦ୍ର କୂଳିଆ ଅଞ୍ଚଳର ଲୋକମାନଙ୍କୁ ମାଇକ ଯୋଗେ ସଚେତନ କରାଯାଇଛି ।



# ପ୍ରତିବର୍ଷ ଅକ୍ଟୋବରରେ ବାତ୍ୟା ଛନକା



ବାଲେଶ୍ୱର,୨୮ ।୧୦(ସମିସ): ଅକ୍ଟୋବର ଆସିଲେ ମନେପଡେ ମହାବାତ୍ୟା କଥା । ତା' ପରେ ପରେ ପ୍ରତିବର୍ଷ ବାତ୍ୟା ଆଶଙ୍କା । ପ୍ରତିବର୍ଷ ଅକ୍ଟୋବର ମାସ ଆସିଲେ ବାତ୍ୟାର ଛନକା ମନ ଭିତରେ ଭରି ରହୁଛି । ଏହି ବାତ୍ୟାରୁ ବର୍ତ୍ତିନାହିଁ ବାଲେଶ୍ୱର । ବର୍ଷେ ତଳେ ବାଲେଶ୍ୱରକୁ ଦୁଃଖ ଦେଇଥିଲା 'ଦାନା' । ଏହି ଅକ୍ଟୋବରରେ ମହାବାତ୍ୟା ପରେ ଫାଇଲିନ୍, ହୁଡହୁଡ, ତିତିଲି ପରେ ଦାନା ଆସିଥିଲା । ଯାହା ଓଡ଼ିଶା ଉପକୂଳରେ ମାଡ ହୋଇଥିଲା । ସେହିପରି ଗତବର୍ଷ ଆସିଥିବା ବାତ୍ୟା 'ଦାନା' ଯୋଗୁଁ ପ୍ରଭାବିତ ହୋଇଥିଲା ବାଲେଶ୍ୱର ସମେତ ଭଦ୍ରକ ଓ କେନ୍ଦ୍ରାପଡ଼ା । ଠିକ୍ ବର୍ଷେ ପରେ ପୁଣି ସେଇ ଅକ୍ଟୋବରରେ ଆଉ ଏକ ବାତ୍ୟା ସୃଷ୍ଟି ହୋଇଛି 'ମୋନ୍ଥା' ।

୧୯୯୯ ଅକ୍ଟୋବର ୨୯ରେ ଓଡ଼ିଶାକୁ ଆସିଥିଲା ମହାବାତ୍ୟା । ପରବର୍ତ୍ତୀ ସମୟରେ ୨୦୧୩ ଅକ୍ଟୋବରରେ ଗୋପାଳପୁର ପାଖରେ ମାଡ଼ ହୋଇଥିଲା ଅତି ଭୀଷଣ ବାତ୍ୟା "ଫାଇଲିନ୍' । ଏଥିରେ ପୁରୀ ଓ ଗଞ୍ଜାମ ପ୍ରଭାବିତ ହୋଇଥିଲା । ୨୦୧୪ ଅକ୍ଟୋବର ୧୨ ରେ ଆସିଥିଲା ବାତ୍ୟା ହୁଡହୁଡ୍ । ଗଞ୍ଜାମ, ଗଜପତି ଓ କନ୍ଧମାଳ ପ୍ରଭାବିତ ହୋଇଥିଲା । ସେମିତି ୨୦୧୮ ଅକ୍ଟୋବରରେ ଲ୍ୟାଣ୍ଡଫଲ୍ କରିଥିଲା ତିତଲୀ । ଏହି ବାତ୍ୟାରେ ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀ ଓ ଜଗତସିଂହପୁର ଜିଲ୍ଲା । ୨୦୧୯ ମେ ମାସରେ ଫନି ବାତ୍ୟା ଆସିଥିଲା । ପ୍ରଭାବିତ ହୋଇଥିଲା ପୁରା ଉପକୂଳ ଓଡ଼ିଶା । ୨୦୨୦ ମେ ମାସରେ ବାତ୍ୟା ଅମ୍ଫାନ୍ ଆସିଥିଲା । ଏଥିରେ ବାଲେଶ୍ୱର ସମେତ ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ପ୍ରଭାବିତ ହୋଇଥିଲା । ଫନିରେ ବାଲେଶ୍ୱରର ୧୨ ଟି ବ୍ଲକର କଚ୍ଚା ଘର ଭାଙ୍ଗିବା ସହ ଗାଈଗୋରୁଙ୍କ ମୃତ୍ୟୁ ହୋଇଥିଲା । ସେହିପରି ୨୦୨୦ ଅମ୍ଫାନ ରେ ୧୨ ଟି ବ୍ଲକରେ କ୍ଷତି ହୋଇଥିବା ବେଳେ ୨୦୨୧ ୟସ୍‌ରେ ୧୨ଟି ବ୍ଲକ ଓ ୪ ଟି ପୌରାଞ୍ଚଳରେ କ୍ଷୟକ୍ଷତି ହୋଇଥିବା ନେଇ ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟରୁ ସୂଚନା ମିଳିଛି । ସେହିପରି ୨୦୨୨ରେ ଅକ୍ଟୋବରରେ ବାତ୍ୟା ଆଶଙ୍କା ଆସିଥିଲେ ମଧ୍ୟ ଓଡ଼ିଶାକୁ ବିପଦ ନଥିଲା । ସେହିପରି ୨୦୨୩ ରେ ବାତ୍ୟା ନେଇ ଆଶଙ୍କା ଥିଲେ ମଧ୍ୟ ବଡ ଧରଣର କିଛି ହୋଇନାହିଁ । ୨୦୨୪ ଅକ୍ଟୋବର ୨୫ରେ ଆସିଥିବା ବାତ୍ୟା 'ଦାନା' । ଏଥିପାଇଁ ବାଲେଶ୍ୱର ଜିଲ୍ଲା ଅନେକ ପ୍ରଭାବିତ ହୋଇଥିଲା । ବର୍ତ୍ତମାନ ସେଇ ଅକ୍ଟୋବର । ଯେଉଁଠି ବାତ୍ୟା ଆଶଙ୍କାରେ ଓଡ଼ିଶାର କିଛି ସ୍ଥାନରେ ବର୍ଷା ଲାଗିରହିଛି । 'ଅକ୍ଟୋବର ହେଉଛି ବାତ୍ୟା ମାସ । କାରଣ ମୌସୁମୀ ବାୟୁ ଫେରିଯାଇଥାଏ । ଲ୍ୟାଣ୍ଡରେ ହିଟିଂ କମ୍ ଥାଏ ଏବଂ ସମୁଦ୍ର ଉପରର ତାପମାତ୍ରା ୨୬.୫ ଡିଗ୍ରୀରୁ ଅଧିକ ଥାଏ । ଯାହାକି ବାତ୍ୟା ପୃଷ୍ଠଭୂମି ସୃଷ୍ଟି କରେ । ଏହି ଅକ୍ଟୋବର ଓ ନଭେମ୍ବର ମାସରେ ଲ୍ୟାଣ୍ଡ ଓ ସି ମଧ୍ୟରେ ତାପମାତ୍ରା ଅଲଗା । ଯେଉଁଥିପାଇଁ ବାତ୍ୟା ସୃଷ୍ଟିର ମୁଖ୍ୟ କାରଣ । ବିଶେଷକରି ପ୍ରି ମୁନସୁନ୍ ଆସିବା ପୂର୍ବରୁ ଦୁଇମାସ ଏପ୍ରିଲ, ମେ ମାସ ଏବଂ ମୁନସୁନ ଯିବା ପରେ ଦୁଇ ମାସ ଅକ୍ଟୋବର ଓ ନଭେମ୍ବରରେ ବାତ୍ୟା ଆଶଙ୍କା ଅଧିକ ରହିଥାଏ । ସେହିପରି ଏହି ଅକ୍ଟୋବରରେ ମୋନ୍ଥା ବାତ୍ୟା ରହିଛି । ହେଲେ ଏହାର ପ୍ରଭାବ ବାଲେଶ୍ୱର ଉପରେ ଏତେଟା ନାହିଁ । କେବଳ ବର୍ଷା ଓ ପବନ ହେବ । ୩୦ ତାରିଖ ସକାଳ ପର୍ଯ୍ୟନ୍ତ ବାଲେଶ୍ୱର ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ବୋଲି ବାଲେଶ୍ୱର ପାଣିପାଗ କାର୍ଯ୍ୟାଳୟ ମୁଖ୍ୟ ମଦନ ମୋହନ ଦାସ ସୂଚନା ଦେଇଛନ୍ତି ।

■ ବାଲେଶ୍ୱରରେ ମାଳ ମାଳ ପ୍ଲାଷ୍ଟିକ ପାଣି ଜାର କମ୍ପାନୀ

# ରହୁନି ଅଙ୍କୁଶ; ଶୁଦ୍ଧ ଜଳ ନାମରେ ପିଉଛନ୍ତି ବିଷ

ବାଲେଶ୍ୱର,୨୮ ।୧୦(ସମିସ): ବାଲେଶ୍ୱର ସହରବାସୀ ଏବେ ଶୁଦ୍ଧ ପାନୀୟ ଜଳ ନାମରେ ବିଷ ପିଉଛନ୍ତି । ମାଳ ମାଳ ଅନାମଧେୟ ସଂସ୍ଥା ପାଣି ଜାର ବ୍ୟବସାୟ ଚଳାଇଛନ୍ତି । କିନ୍ତୁ ଏହି ସଂସ୍ଥାଗୁଡ଼ିକ ଉପରେ କୌଣସି ଅଙ୍କୁଶ ରହୁନଥିବାରୁ ନିମ୍ନମାନର ପାଣି ଲୋକ ପିଉଛନ୍ତି । ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ନିମ୍ନମାନର ପିଇବା ପାଣି ଜାର ବ୍ୟବସାୟ ବଢୁଛି । ଏବେ ପ୍ରତିଟି ହୋଟେଲ, ଉଠା ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ, ହସ୍ପିଟାଲ, ସାମୁହିକ କାର୍ଯ୍ୟକ୍ରମ ଆଦିରେ ପିଇବା ପାଣି ଜାରର ବେଶ ଚାହିଦା ଦେଖିବାକୁ ମିଳୁଛି । ବାଲେଶ୍ୱରରେ ଏହି ଶୁଦ୍ଧ ପିଇବା ପାଣି ଯୋଗାଇବା ଅଭିଯାନରେ ଛତୁ ଫୁଟିଲା ଭଳି ନାନାଦି ପ୍ରକାରର ଜଳ ଯୋଗାଣ ସଂସ୍ଥା ମାନ ଖୋଲିଛି । ରାତି ପାହିବା ଆଗରୁ ସମସ୍ତ ଦ୍ୱାରମାନଙ୍କରେ ଗାଡି ଗାଡି ବୁହା ହୋଇ ଯାଉଥିବା କୋଡିଏ ଲିଟର ବାଲା ପାଣି ଜାର ପହଞ୍ଚାଉଛନ୍ତି । ବିଶ୍ୱାସ ଏବଂ ଭରସାରେ ମଗାଉଥିବା ଜଳ କେତେଦୂର ଶୁଦ୍ଧ, ତାହାର ଗୁଣବତ୍ତା ନିର୍ଦ୍ଧାରଣର କୌଣସି ପ୍ରତିଷ୍ଠାନ ନାହାନ୍ତି । ଏଠାରେ ଏବେ ପ୍ରଶ୍ନ ଉଠେ ହଜାର ହଜାର ଗ୍ରାହକ ଶୁଦ୍ଧ ପାଣି ନାମରେ ବିଷ ପିଉ ନାହାଁନ୍ତି ତ ? ଜଳର ଶୁଦ୍ଧତା ପାଇଁ ନିର୍ଦ୍ଧାରିତ ମାନଦଣ୍ଡ ଗୁଡ଼ିକୁ ପାଳନ କରୁଛନ୍ତି ତ ? ଉଚିତ ଆରଓ, ଡିଟିଏସ ଏବଂ ଫିଲଟରିଂ ଇତ୍ୟାଦି ହେଉଛି କି ନାହିଁ, ତାହା ପର୍ଯ୍ୟାୟକ୍ରମେ ସରକାର ତଥା ବିଭାଗୀୟ ଅଧିକାରୀମାନେ ଯାଞ୍ଚ କରୁଛନ୍ତି ତ? ଅନେକ ପାଣି ବ୍ୟାରେଲ ଏକ୍ସପାଇରୀ ହେବା ସହ ଭିତରୁ ଲାଲ ରଙ୍ଗର ପରସ୍ତ ମଧ୍ୟ ଜମା ହୋଇଥିବାର ଦେଖିବାକୁ ମିଳୁଛି । କେବଳ ଏତିକି ନୁହଁ ସମୟ ସମୟରେ ଛୋଟ ଛୋଟ ପୋକ ଭାସୁଥିବାର ମଧ୍ୟ ସାମ୍ନାକୁ ଆସୁଛି । ଜଳ ପ୍ଲାଷ୍ଟିକ ପ୍ଲାଷ୍ଟିକ ମଧ୍ୟ ଦୁର୍ଗନ୍ଧ ହେଉଛି ବୋଲି ଅନେକ ଗ୍ରାହକ ଅସନ୍ତୋଷ ପ୍ରକାଶ କରୁଛନ୍ତି । ବର୍ତ୍ତମାନ ବାଲେଶ୍ୱର ଏକ ଯକୃତ ରୋଗର ଗନ୍ତାଘର ପାଲଟି ଗଲାଣି । ରୋଗର କାରଣ ମାନଙ୍କ ମଧ୍ୟରୁ ଏହା ଗୋଟିଏ ହୋଇ ନ ଥିବ ବୋଲି କିଏ କହି ପାରିବ । ଲୋକଙ୍କ ଭରସା ସହିତ ଏହି ସଂସ୍ଥା ମାନେ ଖେଳ ଖେଳୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ସରକାରଙ୍କ ଏ ନେଇ କୌଣସି ଲଗାମ ନ ରହିବା ଏବଂ ସରକାରୀ ବାବୁଙ୍କ ଦାୟିତ୍ୱହୀନତା ପାଇଁ ଏହି ସାଧାରଣ ସମସ୍ୟା ବଢୁଛି । ସହରାଞ୍ଚଳ ମାନଙ୍କରେ ପେଟ ରୋଗଜନିତ ସମସ୍ୟା ଯୋଗୁଁ ପ୍ରତିଦିନ ଶହ ଶହ ପିଲା ଚିକିତ୍ସିତ ହେଉଛନ୍ତି । ତେଣୁ ଯେଉଁ ଆଶା ଏବଂ ଭରସା ପାଇଁ ଶୁଦ୍ଧ ପାନୀୟ ଜଳ ଉପରେ ଭରସା କରି ସମ୍ପୃକ୍ତ ସଂସ୍ଥାମାନଙ୍କ ପାଖରୁ ଜଳ ମଗାଉଛନ୍ତି,ସେମାନଙ୍କର ମନମୁଖୀ ବ୍ୟବସାୟ ଗ୍ରାହକମାନଙ୍କୁ ମରଣ ମୁହଁକୁ ଠେଲି ଦେବ ନି ତ? ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି ।



# ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଜୋନସ୍ତରୀୟ ବୈଠକ

ବାଲେଶ୍ୱର,୨୮ ।୧୦(ସମିସ): ସିଏସିଏଲ ଓଡ଼ିଶା ଶାଖା ତରଫରୁ ଜୋନ ସ୍ତରୀୟ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ପାଞ୍ଚଟି ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସିଏସିଏଲ ଓଡ଼ିଶା ଶାଖାର ରାଜ୍ୟ ଆବାହକ ସୁକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ସିଏସିଏଲ ଅନୁଷ୍ଠାନର ଲକ୍ଷ୍ୟ ଓ କାର୍ଯ୍ୟାବଳୀ ସଂପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଉତ୍ତର ଜୋନ ଆବାହକ ହୃଷିକେଶ ପଣ୍ଡା ପାଞ୍ଚଟି ଜିଲ୍ଲାରେ ଶିଶୁ ଶ୍ରମିକ ଚିହ୍ନଟ, ଶିଶୁ ଶ୍ରମିକ ବୃଦ୍ଧି ହେଉଥିବାର କାରଣ ଓ ଏହାର ଉଚ୍ଛେଦ ପାଇଁ ଏକ ଛଅ ମାସିଆ ଖସଡ଼ା ଓ ଆଗାମୀ ଶିଶୁ ସୁରକ୍ଷା ସପ୍ତାହ ପାଳନ ସଂପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଂଶଗ୍ରହଣ କରିଥିବା ବେଳେ ରାଜ୍ୟ ସହ ଆବାହକ ପ୍ରସନ୍ନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଶିଶୁ ଏବଂ କିଶୋର କିଶୋରୀଙ୍କ ହୃଦ୍‌ରୋଗ ଚିହ୍ନଟୀକରଣ ଶିବିର




ବାଲେଶ୍ୱର,୨୮ ।୧୦(ସମିସ): ଜିଲ୍ଲା ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ନାରାୟଣ ହୃଦାଳୟ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଜିଲ୍ଲା ସହଜ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ରରେ ଏକ ଶିଶୁ ହୃଦରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରଭାତ କୁମାର ବେହେରା ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଏଭଳି ଶିବିରର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ବରିଷ୍ଠ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ଏହି ଶିବିରରେ ୧୩୯ଜଣ ଶିଶୁଙ୍କର ହୃଦରୋଗ ପରୀକ୍ଷା କରାଯାଇଥିବା ବେଳେ ୭୨ଜଣ ଶିଶୁଙ୍କ ଅସ୍ତ୍ରପଚାର ପାଇଁ ପରୀକ୍ଷା କରାଯାଇଥିଲା ବୋଲି କହିଥିଲେ । ଏହାବ୍ୟତିତ ୭୨ଜଣଙ୍କ ଠାରେ ହୃଦରୋଗ ଜନିତ ସମସ୍ୟା ଚିହ୍ନଟ କରାଯାଇ ସେମାନଙ୍କୁ ପର୍ଯ୍ୟାୟ କ୍ରମେ ଆରବିଏସକେ ମାଧ୍ୟମରେ ନାରାୟଣ ହୃଦୟାଳୟକୁ ପଠାଯାଇ ବିନା ମୂଲ୍ୟରେ ଅସ୍ତ୍ରୋପଚାର କରାଯିବ ବୋଲି ମଧ୍ୟ କହିଥିଲେ । ଏଥିରେ କଲିକତାସ୍ଥିତ ନାରାୟଣ ହୃଦାୟାଳୟ ଠାରୁ ଆସିଥିବା ଶିଶୁ ହୃଦରୋଗ ବିଶେଷଜ୍ଞ ଡାକ୍ତର ଅନ୍ୟସା ମୁଖାର୍ଜୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ ପରେଶଚନ୍ଦ୍ର ନନ୍ଦୀ, ଆରବିଏସକେର ପ୍ରଶାନ୍ତ କୁମାର ଦାଶ,ଡିପିଏମ ଚକ୍ରଧର ଜେନା, ଆରବିଏସକେ ମ୍ୟାନେଜର ସମ୍ବିତ କୁମାର ଭୋଳ,ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ରୋଗ ବିଶେଷଜ୍ଞ ଡ ମୀନାକ୍ଷୀ ରାୟ, ଦାନ୍ତରୋଗୀ ବିଶେଷଜ୍ଞ ଡ ଭକ୍ତ କୁମାର ବେହେରାଙ୍କ ସମେତ ଆରବିଏସକେର ଅନ୍ୟାନ୍ୟ ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଏବଂ ହସପିଟାଲ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର



ବାଲେଶ୍ୱର,୨୮ ।୧୦(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଶିଶୁ ବିବାହ ନିରୋଧ ଆଇନ୍, ପୋକ୍ସୋ ଆଇନ୍ ଏବଂ ଓଡିଶା ପିଡୀତା କ୍ଷତିପୂରଣ ଯୋଜନା ଉପରେ ଏକ ଆଇନ ସଚେତନତା ଶିବିର ଖ୍ରୀଷ୍ଟିଆନ୍ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମନ୍ ଜେନା ଅଧ୍ୟକ୍ଷତା କରି ଉପରୋକ୍ତ ଆଇନ୍ ଗୁଡିକ ବିଷୟରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଚିଫ୍ ଲିଗାଲ୍ ଏଡ୍ ଡିଫେନ୍ସ କାଉନ୍ସେଲ୍ ନଟଗୋପାଳ ପଣ୍ଡା, ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଶତ୍ରୁଘ୍ନ ମଲ୍ଲିକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ବକ୍ତବ୍ୟ ରଖିଥିଲେ ।

# ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ସୋର,୨୮ ।୧୦(ସମିସ): ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନନ୍ତପୁର ସ୍ଥିତ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଅଭିଯୋଗ ଶୁଣାଣି କରିଥିଲେ । ପ୍ରବଳ ବର୍ଷା ପାଇଁ ୭୯ ଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ କେତକ ଅଭିଯୋଗ ତତକ୍ଷଣାତ ସମାଧାନ କରାଯାଇଥିବା ବେଳେ ଅବଶିଷ୍ଟ ଅଭିଯୋଗର ସମାଧାନ ଆସନ୍ତା ୧୫ ଦିନ ମଧ୍ୟରେ ସାରିବାକୁ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୟରେ ବାଲେଶ୍ୱର ଉପ ଜିଲ୍ଲାପାଳ ଶିଭ ମାଲଭ୍ୟା, ମୁଖ୍ୟ ଉନ୍ନୟନ ଅଧିକାରୀ ସଞ୍ଜୟ ରାଉତ, ବ୍ଲକ ଅଧକ୍ଷା ଅନୁସୟା ମଲିକ, ସୋର ତହସିଲଦାର ଦୈତାରୀ ମଲ୍ଲିକ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସୋର ବିଡିଓ ସତ୍ୟନାଥ ନାଏକ ପରିଚାଳନା କରିଥିଲେ ।

# ନଭେମ୍ବର ଶେଷ ସପ୍ତାହରେ ଜିଲ୍ଲାସ୍ତରୀୟ ଭଲିବଲ, କବାଡ଼ି ଏବଂ ଖୋ ଖୋ ପ୍ରତିଯୋଗିତା

ବାଲେଶ୍ୱର,୨୮ ।୧୦(ସମିସ): ଜିଲ୍ଲା ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ନଭେମ୍ବର ମାସ ଶେଷ ସପ୍ତାହରେ ସ୍ଥାନୀୟ ପରମିଟ୍ ପଡିଆରେ ଜିଲ୍ଲାସ୍ତରୀୟ ଭଲିବଲ, କବାଡ଼ି ଏବଂ ଖୋ ଖୋ ପ୍ରତିଯୋଗିତା (ପୁରୁଷ ଓ ମହିଳା) ଅନୁଷ୍ଠିତ ହେବ ବୋଲି ଆସୋସିଏସନର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଜଣାଇଛନ୍ତି । ଆଗ୍ରହୀ ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଅନୁଷ୍ଠାନର କ୍ରୀଡାବିତ ଷ୍ଟାଡିୟମରୁ ଏଣ୍ଟ୍ରି ଫର୍ମ ନେଇ ନଭେମ୍ବର ମାସ ୧୫ ତାରିଖ ସୁଦ୍ଧା ସେମାନଙ୍କର ନାମ ଅନୁଷ୍ଠାନ ଜରିଆରେ ପଞ୍ଜିକରଣ କରାଇବେ । ୧୫ ତାରିଖ ପରେ ଏଣ୍ଟ୍ରି ଫର୍ମ ନିଆଯିବ ନାହିଁ । କ୍ରୀଡା ସମ୍ପର୍କରେ ସମସ୍ତ ବିଷୟ ପାଇଁ ଭଲିବଲ ଯୁଗ୍ମ ସମ୍ପାଦକ ଭଲିବଲ ଜନ୍ମଜୟ ଦେ (୯୩୩୭୪୮୬୭୯୬), ଜଗଦିଶ ଚନ୍ଦ୍ର ବେହେରା (୭୩୮୧୯୫୧୦୧୫) ଓ କବାଡି ଏବଂ ଖୋ ଖୋ କ୍ରୀଡା ସମ୍ପର୍କରେ ସମସ୍ତ ବିଷୟ ପାଇଁ ଯୁଗ୍ମ ସମ୍ପାଦକ ବୀରେନ୍ଦ୍ର କୁମାର ସ୍ୱାଇଁ (୮୧୪୪୬୮୯୪୮୫) ଙ୍କ ସହିତ ଯୋଗାଯୋଗ କରିବାକୁ କାର୍ଯ୍ୟକାରୀ ସଭାପତି ଶ୍ରୀ ମହାପାତ୍ର ଜଣାଇଛନ୍ତି । ଏହି ପ୍ରତିଯୋଗିତାରୁ ମନୋନୀତ ହେବାକୁ ଥିବା ଖେଳାଳିମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବେ ।

● ଓଡିଶା ନାଟ୍ୟ ସଂଘ ନିର୍ବାଚନ

# କୁମାର ଗୋପାଲ ସଂପାଦକ ଭାବେ ନିର୍ବାଚିତ



ବାଲେଶ୍ୱର,୨୮ ।୧୦(ସମିସ): ରାଜ୍ୟର ପୁରାତନ ନାଟ୍ୟ ସଂଘ ଓଡିଶା ନାଟ୍ୟ ସଂଘ ନିର୍ବାଚନରେ ଉତ୍ତର ଓଡ଼ିଶାରୁ ଡ଼. କୁମାର ଗୋପାଳ ସଂପାଦକ ଭାବରେ ନିର୍ବାଚିତ ହୋଇଛନ୍ତି । ଡ. ଗୋପାଳ ଜଣେ ମଞ୍ଚ ଶିଳ୍ପୀ ଭାବରେ ଜୀବନ ଆରମ୍ଭ କରିଥିବା ବେଳେ ଜଣେ ନାଟ୍ୟ ସଂଗଠକ, ନାଟ୍ୟ ଅଭିନେତା, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ଭାବରେ ନିଜର ସାଧନା ଜାରି ରଖି ଅନେକ ପୁରସ୍କାରର ସ୍ୱୀକୃତିକୁ ଆପଣେଇଛନ୍ତି । ଟେଲିଫିଲ୍ମ ଜଗତରେ ଅବଦାନ ପାଇଁ ଚଳଚିତ୍ର ଦର୍ପଣ ତଥା ଅନେକ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି । ଏକାଧାରରେ ଜଣେ ସାହିତ୍ୟିକ, ଗୀତିକାର ଓ କବି ଭାବରେ ଅନେକ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନର ଦାୟିତ୍ୱ ସଫଳତାର ସହ ତୁଲାଉଛନ୍ତି । ଡ଼. ଗୋପାଲ ସଂପାଦକ ଭାବରେ ନିର୍ବାଚିତ ହୋଇ ଥିବାରୁ ସାରା ଉତ୍ତର ଓଡ଼ିଶାରେ ଆନନ୍ଦର ଲହରୀ ଖେଳିଯାଇଛି । ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିବା ସଙ୍ଗେ ସଙ୍ଗେ କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜରୁ ତାଙ୍କୁ ଭଲପାଉଥିବା ନାଟ୍ୟ ପ୍ରେମୀମାନେ ଶୁଭକାମନା ଓ ଅଭିନନ୍ଦନ ଜଣାଇଛନ୍ତି ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଶୋଭାଯାତ୍ରା





ବାଲେଶ୍ୱର,୨୮ ।୧୦(ସମିସ)

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ ପାଳନ ଅବସରରେ ଏକ ସଚେତନତା ଶୋଭାଯାତ୍ରା ରେମୁଣା ଗୋଲେଇ ନିକଟରୁ ବାହାରି ସହର ପରିକ୍ରମା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା । ଦୁର୍ନୀତି ନିବାରଣ ବିଭାଗ ଆରକ୍ଷୀ ଅଧିକ୍ଷକ ଅରୁଣ କୁମାର ନାୟକ ଏହି ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସାତଦିନ ଧରି ଆୟୋଜିତ ହେଉଥିବା ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ସମସ୍ତ ସରକାରୀ, ବେସରକାରୀ, ଏପରିକି ସାଧାରଣ ଲୋକଙ୍କ ମଧ୍ୟରେ ଦୁର୍ନୀତି ରୋକିବା ଦିଗରେ ସଚେତନତା ସୃଷ୍ଟି କରାଯିବ ବୋଲି ସେ ସୂଚନା ଦେଇଥିଲେ । ଏ ନେଇ ପ୍ରଥମ ଦିନରେ ବିଭିନ୍ନ ସରକାରୀ ବିଭାଗର କର୍ମଚାରୀ ଦୁର୍ନୀତି ରୋକିବାକୁ ଶପଥ ପାଠ କରିଥିଲେ ଏବଂ ଦ୍ୱିତୀୟ ଦିନରେ ଏହି ଭଳି ସଚେତନତା ଶୋଭା ଯାତ୍ରା ଆୟୋଜନ କରା ଯାଇଛି ବୋଲି ଆରକ୍ଷୀ ଅଧିକ୍ଷକ ଶ୍ରୀ ନାୟକ ପ୍ରକାଶ କରିଥିଲେ । ଦୁର୍ନୀତି ନିବାରଣ ବିଭାଗ ଉପ ଆରକ୍ଷୀ ଅଧିକ୍ଷକ ଆଲୋକ ରଞ୍ଜନ ଦାସ, ରିନା ସେଠୀ ଓ ସିକନ୍ଦର ହେମ୍ବ୍ରମ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଦୁର୍ନୀତି ନିବାରଣ ବିଭାଗ ଇନସପେକ୍ଟର ସବିତା ପାଣିଗ୍ରାହୀ, ଛବି ହେମ୍ବ୍ରମ, ଶ୍ରୀବଲ୍ଲଭ ନାୟକ, ଦଶରଥ ହେମ୍ବ୍ରମ, ଚନ୍ଦ୍ରଗୁପ୍ତ ଚମସିଆ, ଏସଆଇ ନବକୁମାର ଦାସ ପ୍ରମୁଖ ଏଥିରେ ସାମିଲ ହୋଇ ଦୁର୍ନୀତି ନିବାରଣର ବିଭିନ୍ନ ଦିଗ ଉପରେ ଆଲୋଚନା ସହ "ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି' ସମ୍ପର୍କରେ ମତ ରଖିଥିଲେ । ଏଥିରେ ବିଭାଗର ସଂଖ୍ୟାଧିକ କର୍ମଚାରୀଙ୍କ ସମେତ ଜିଲ୍ଲା କ୍ରୀଡ଼ା ଛାତ୍ରାବାସର ଖେଳାଳିମାନେ ଅଂଶଗ୍ରହଣ କରି ଦୁର୍ନୀତି ହଟାଅ ଦେଶ ବଂଚାଅ ସମ୍ବଳିତ ପ୍ଲାକାର୍ଡ ମାନ ପ୍ରଦର୍ଶନ ପୂର୍ବକ ସ୍ଲୋଗାନ ଦେଇ ସାଧାରଣ ଲୋକଙ୍କୁ ସଚେତନ କରିଥିଲେ । ଦୁର୍ନୀତି ରୋକିବା ପାଇଁ ସାମ୍ପ୍ରତିକ ସମାଜରେ ସମସ୍ତେ ସଜାଗ ରହିବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ । ଆର୍ଥିକ ସ୍ୱଚ୍ଛତା ପ୍ରତିପାଦନ ଓ ଦୁର୍ନିତୀ ମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ସମଗ୍ର ରାଜ୍ୟରେ ଚଳିତ ବର୍ଷ ଅକ୍ଟୋବର ୨୭ରୁ ନଭେମ୍ବର ୨ ପର୍ଯ୍ୟନ୍ତ ସାତ ଦିନ ଧରି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ ପାଳନ କରାଯାଉଥିବା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

**ବଲାଙ୍ଗୀ ଡିଗ୍ରୀ କଲେଜ:** ବଲାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କଲେଜ ଅଧ୍ୟକ୍ଷ ଡ. ରତ୍ନାକର ସିଂହଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଉକ୍ତ ସଭାରେ ବହୁସଂଖ୍ୟକ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ଉଦବୋଧନ ଦେଇ ଦୁର୍ନୀତି କିପରି କର୍କଟ ରୋଗପରି ତାର କାୟା ସବୁସ୍ତରକୁ ବିସ୍ତାର କରି ଚାଲିଛି ଓ ତା'ର ନିରାକରଣ କରାନଗଲେ ସମାଜରେ ଚଳିବା ଅସମ୍ଭବ ହୋଇପଡିବ ବୋଲି ବକ୍ତବ୍ୟରେ ମତ ରଖିଥିଲେ । ଗଣିତ ଅଧ୍ୟାପକ ମନୋଜ ନାୟକ ସଚ୍ଚୋଟ ଉପାୟରେ ଜୀବନଯାପନ ପ୍ରତ୍ୟେକଙ୍କୁ ମାନସିକ ଶାନ୍ତି ପ୍ରଦାନ କରିଥାଏ ବୋଲି ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ରସାୟନ ବିଜ୍ଞାନର ଅଧ୍ୟାପକ ସୁରେନ୍ଦ୍ର କୁମାର ପଣ୍ଡା ସାଧୁତାକୁ ଆଚରଣ ଉଚ୍ଚାରଣରେ ପାଳନ କଲେ ନିର୍ମଳ ଆନନ୍ଦ ହିଁ ପ୍ରାପ୍ତ ହୋଇଥାଏ । ଅନ୍ୟତମ ବକ୍ତା ବିଶ୍ୱଜିତ ପ୍ରଧାନ ପିଲାମାନଙ୍କୁ ଉଦବୋଧନ ଦେଇ କହିଲେ ଯେ ସତ୍ୟତା ସଚ୍ଚୋଟତା ସାଧୁତା ଏଇ ବୟସରେ ପାଳନ ପାଇଁ ଯତ୍ନବାନ ହେଲେ ଭବିଷ୍ୟତ ଜୀବନ ଅନ୍ୟାୟ ଦୁର୍ନୀତି ଆଡକୁ ଆକର୍ଷିତ ହେବନାହିଁ । ଶେଷରେ ପ୍ରହ୍ଲାଦ କୁଅଁର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ସମସ୍ତ ଛାତ୍ରଛାତ୍ରୀ ଅଧ୍ୟାପକ ଅଧ୍ୟାପିକା ନିଷ୍ଠାର ସହ ଶପଥ ପାଠରେ ଅଂଶ ଗ୍ରହଣ କରିଥିଲେ । ରୂପକ ବେହେରା, ସାରଙ୍ଗଧର ତ୍ରିପାଠୀ, ତନୁଶ୍ରୀ ପୋଥାଳ, ମୋନାଲିନା ଦାସ, ନିର୍ମଳ ରାଉତ, ଓମପ୍ରକାଶ ପାଣିଗ୍ରାହୀ, ସୁଶାନ୍ତ ଦାସ, ସତ୍ୟବ୍ରତ ସାମଲ, ହରେକୃଷ୍ଣ ବାରିକ, ରତ୍ନାକର ବେହେରା, ଦେବାଶିଷ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ସମ୍ପାଦକୀୟ



ପ୍ରତ୍ୟେକ ଶିଶୁ ଏହି ସ୍ୱର୍ଗୀୟ ବାର୍ତ୍ତା ଆଣି ଆସିଥାଏ ଯେ ଈଶ୍ୱର ଏବେବି ମଣିଷ ଜାତି ଉପରୁ ଆସ୍ଥା ହରାଇ ନାହାନ୍ତି !
-ରବୀନ୍ଦ୍ରନାଥ ଠାକୁର

ସକାଳ THE SAKALA

## ଖାଉଟି ବିପର୍ଯ୍ୟୟ

ବାତ୍ୟା ଆସିନାହିଁ କି ଆସିବାର ନାହିଁ। ଅଥଚ ଦୁଇଦିନ ଆଗରୁ ପନିପରିବା ଓ ଆଳୁର ବଜାର ଦର ଅହେତୁକ ଭାବେ ବଢ଼ିଗଲା। ଏହା ହେଉଛି ରାଜ୍ୟ ରାଜଧାନୀ ଭୁବନେଶ୍ୱରର ସ୍ଥିତି, ଯେଉଁଠି ସରକାରଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ଓ ଦୃଷ୍ଟି ରହିଛି। ଆଭ୍ୟନ୍ତରୀଣ ଓ ବାତ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି କ'ଣ ହୋଇଥିବ ଏଥିରୁ ଅନୁମେୟ। ଅହେତୁକ ଦର ବୃଦ୍ଧିରେ ଖାଉଟି ଖର୍ଚ୍ଚାନ୍ତ ଓ ବେପାରୀ ମାଲେମାଲ୍ ହୋଇସାରିବା ପରେ ଏବେ ସରକାର ସ୍ୱଭାବସୁଲଭ ଢଙ୍ଗରେ କହୁଛନ୍ତି କଳାବଜାରୀକୁ ବରଦାସ୍ତ କରାଯିବ ନାହିଁ। ସରକାରଙ୍କ ପାଖରେ ବଜାର ଖବର ପହଞ୍ଚିବାରେ ବିଳମ୍ବ ହେଉଛି ନା ଜ୍ଞାତସାରରେ ଏଭଳି ବାବୁ-ବେପାରୀ ମଧୁଚନ୍ଦ୍ରିକାକୁ ଅଣଦେଖା କରାଯାଉଛି ତାହା ସାଧାରଣ ଲୋକ ଜାଣିବା କଷ୍ଟକର।

ନିୟମିତ ଧାରାରେ ସାମାନ୍ୟ ଓଲମବିଲମ ହେଲେ ତାହାର ତତ୍କାଳ ପ୍ରଭାବ ପଡୁଛି ଦ୍ୱୈତନଗରୀ କଟକ-ଭୁବନେଶ୍ୱରର ଆଳୁ ବଜାର ଉପରେ। ପଶ୍ଚିମବଙ୍ଗରେ କାଳୀପୂଜା ପାଇଁ ମଣ୍ଡି ବନ୍ଦ ଥିବାରୁ ତାହାର ପ୍ରଭାବ ଓଡ଼ିଶାର ଆଳୁ ବଜାର ଉପରେ ପଡ଼ିଥିବା କୁହାଯାଉଛି। ତା'ସହିତ ବାତ୍ୟା ଭୟ ଯୋଗୁଁ ଆଳୁ ଚାହିଦା ହଠାତ୍ ବଢ଼ିଯିବାରୁ ଆଳୁ ଦାମ ଉଚ୍ଚା ହୋଇଥିବା ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। କିନ୍ତୁ ଓଡ଼ିଶାର ଆଳୁ ପେଣ୍ଠ କୁବେରପୁରୀରେ ମହଜୁଦ ସ୍ତର ଏତେ ସଙ୍କଟଜନକ ନୁହେଁ ଯେ ଦୁଇ/ତିନିଦିନ ଯୋଗାଣ ବ୍ୟାହତ ହେଲେ ଖୁଚୁରା ବଜାରରେ ଆଳୁ କିଲୋ ପିଛା ୧୦ ଟଙ୍କାରୁ ୧୫ ଟଙ୍କା ପର୍ଯ୍ୟନ୍ତ ବଢ଼ିଯିବ। ତେଣୁ ମହଜୁଦକାରୀ, ପାଇକାରୀ ଓ ଖୁଚୁରା ଦୋକାନୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ହିଁ ଏହି ବର୍ଦ୍ଧିତ ମୂଲ୍ୟ ପାଇଁ ଦାୟୀ। ଏବେ ପ୍ରଶ୍ନ ଉଠୁଛି ଦୁଇଦିନ ଆଗରୁ ଭୁବନେଶ୍ୱର ବଜାରରେ ଆଳୁ ଦାମ ଆଶ୍ଚର୍ଯ୍ୟଜନକ ଭାବେ ବଢ଼ିଯାଇଥିବା ହୁରି ପଡ଼ିଥିଲେ ମଧ୍ୟ ସରକାରଙ୍କ କାନକୁ ଏ ଖବର ଯାଇନାହିଁ କେମିତି? ଏହା ପରିଚାଳନାଗତ ଅପାରଗତା ନା କଳାବଜାରୀକୁ ପରୋକ୍ଷ ପ୍ରୋତ୍ସାହନ ବୋଲି ଲୋକମୁଖରେ ପ୍ରଶ୍ନ ହେଉଛି।

ସାମଗ୍ରିକ ଘଟଣାକ୍ରମରେ ସରକାରଙ୍କ ଉଦାସୀନତାଠାରୁ ଅଧିକ ଦାୟୀ ଖାଉଟିମାନଙ୍କ ମାନସିକତା। ଯେଉଁ ହାତଗଣତି ଅତିସିଆଣିଆ ଖାଉଟି ମାତ୍ରାଧିକ ଚାଲାକିପଣିଆ ଓ ଦୂରଦର୍ଶିତା ଦେଖାଇ କିଲେ ଜାଗାରେ ଦଶକିଲୋ ବୋହି ନେଲେ ତାହାର ଦେଖାଶିକ୍ଷା ପ୍ରଭାବ ପୂରା ଖାଉଟି ବଜାର ଉପରେ ପଡ଼ିଲା। ଏଥିରେ ସାମଗ୍ରିକ ଭାବେ ଖାଉଟି ବର୍ଗ ପ୍ରଭାବିତ ହେଲା ଏବଂ ବିକ୍ରେତାମାନେ ମାସକର ଲାଭ ଗୋଟିଏ ଦିନରେ ଉଠେଇ ନେଲେ। ଗରାଖ ଓ ସ୍ଥିତି ଦେଖି ବେପାରୀଙ୍କ ପାଟିରୁ ଯାହା ବାହାରିଲା ତାହା ହିଁ ବଜାର ଦର ପାଲଟିଲା।

ଏବେ ସମୟ ଆସିଛି ବିପର୍ଯ୍ୟୟ ପ୍ରଶମନ ତାଲିକାରେ ଖାଉଟି ବଜାରକୁ ମଧ୍ୟ ସାମିଲ୍ କରିବାକୁ ପଡ଼ିବ। ପ୍ରାକୃତିକ ବିପର୍ଯ୍ୟୟର ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ଯେଭଳି ପ୍ରାକ୍‌ପ୍ରସ୍ତୁତି, ସ୍ଥାନାନ୍ତରଣ, ଉଦ୍ଧାର ପ୍ରସ୍ତୁତି ଆଦି କରାଯାଉଛି ସେଭଳି ଖାଉଟି ବଜାରକୁ ମଧ୍ୟ ଯଥେଷ୍ଟ ପୂର୍ବରୁ ସରକାର ନିୟନ୍ତ୍ରଣକୁ ନେବା କିମ୍ବା ସତର୍କ ଦୃଷ୍ଟି ରଖିବା ଆବଶ୍ୟକ। କାରଣ ପ୍ରାକୃତିକ ଦୁର୍ବିପାକ ଜନିତ କ୍ଷୟକ୍ଷତି ତୁଳନାରେ କଳାବଜାରୀର ପ୍ରଭାବ ଜନସାଧାରଣଙ୍କୁ ବଳି ଯାଉଛି। ତେଣୁ କଳାବଜାରୀକୁ ବିପର୍ଯ୍ୟୟ ପ୍ରଶମନ ଯୋଜନାରେ ସାମିଲ୍ କରିବା ପାଇଁ ସମୟର ନୂଆ ଆହ୍ୱାନକୁ ସରକାର ଗୁରୁତ୍ୱର ସହ ବିଚାର କରିବା ଉଚିତ ହେବ।

## ଶସ୍ୟ ବୋଝ

ଚଳିତ ବର୍ଷ ସ୍ୱାଭାବିକ ମୌସୁମୀ ଯୋଗୁଁ ଭଲ ଫସଲ ହୋଇଛି ଏବଂ ଚାଷୀ ମଧ୍ୟ ଖୁସି ଅଛନ୍ତି। ଅପରପକ୍ଷରେ ସେଥିପାଇଁ ଏବେ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ବିଶେଷକରି ଧାନ ଓ ଗହମର ବିପଣନ, ବିତରଣ ଓ ଭଣ୍ଡାରଣ ଅଧିକ ସମସ୍ୟା ସୃଷ୍ଟି କରିଛି। ଧାନ ଓ ଗହମ କିଣା ଏକପ୍ରକାର ସରକାରୀ ବାଧ୍ୟବାଧକତା। ଚଳିତ ଖରିଫ୍ ଋତୁରେ ଧାନ ଓ ଗହମ ଚାଷ ପୂର୍ବ ସବୁବର୍ଷର ରେକର୍ଡ ଭାଙ୍ଗିଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମାଗଣାରେ ବ୍ୟକ୍ତି ପିଛା ମାସିକ ୫ କିଲୋ ଲେଖାଏଁ ଚାଉଳ/ଗହମ ବଣ୍ଟନ ପରେ ମଧ୍ୟ ଆହୁରି ବଳକା ରହୁଛି। ଚଳିତ ବର୍ଷ ସରକାରୀ ଭଣ୍ଡାରଘରେ ଅକ୍ଟୋବର ଶେଷ ସୁଦ୍ଧା ଗହମର ମହଜୁଦ ପରିମାଣ ବଫର ଷ୍ଟକ୍(ଜରୁରିକାଳୀନ ଆବଶ୍ୟକତା ପୂରଣ ପାଇଁ ସର୍ବୋଚ୍ଚ ମହଜୁଦ ସ୍ତର)ର ଆବଶ୍ୟକତାଠାରୁ ପ୍ରାୟ ଦେଢ଼ଗୁଣ ଅଧିକ ହୋଇସାରି ଥିବା ବେଳେ ଚାଉଳ ମହଜୁଦ୍ ନିର୍ଦ୍ଧାରିତ ସ୍ତରଠାରୁ ସାଢ଼େ ଚାରିଗୁଣ ଅଧିକ ହୋଇଗଲାଣି। ଖରିଫ୍ ଅମଳ ଓ ସଂଗ୍ରହ ଆଉ କିଛିଦିନ ପରେ ଆରମ୍ଭ ହେବ। ତେଣୁ ସରକାର ସେସବୁ ଶସ୍ୟକୁ କିପରି ପରିଚାଳନା କରିବେ ତାହା ସମସ୍ୟା ସୃଷ୍ଟି କରିଛି।

ଏତଦ୍‌ବ୍ୟତୀତ ମକାର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ୍ ପିଛା ୨, ୪୦୦ ଟଙ୍କା ଥିବା ବେଳେ ଅଧିକ ଉତ୍ପାଦନ ଓ ଯୋଗାଣ ଯୋଗୁଁ ଘରୋଇ ବଜାର ଦର ହାରହାରି ୨୦୦୦ ଟଙ୍କାକୁ ଖସି ଆସିଲାଣି। ଆମେରିକା, ବ୍ରାଜିଲ୍, ଆର୍ଜେଣ୍ଟିନାର ଅଧିକ ଉତ୍ପାଦନ ଯୋଗୁଁ ଆନ୍ତର୍ଜାତିକ ବଜାରରେ ସୋୟାବିନ୍ ଦର କମିବାରେ ଲାଗିଛି। ତେଣୁ ଭାରତର ସୋୟାବିନ ରପ୍ତାନୀ ଦର ଗତ ବର୍ଷର ଟନ୍ ପିଛା ୪୯୦ ଡଲାର ତୁଳନାରେ ଚଳିତ ବର୍ଷ ୩୯୮ ଡଲାରକୁ ହ୍ରାସ ପାଇଛି। ଅପରପକ୍ଷରେ ସୋୟାବିନ୍‌ର ଘରୋଇ ଚାହିଦା ମଧ୍ୟ କମିବାରେ ଲାଗିଛି। ତେଣୁ ସରକାରଙ୍କୁ ବାଧ୍ୟ ହୋଇ ମକା ଓ ସୋୟାବିନ୍ ବୋଝ ମଧ୍ୟ ମୁଣ୍ଡାଇବାକୁ ପଡ଼ିବ।

ଜଳବହୁଳେ ସୃଷ୍ଟିନାଶ, ଜଳ ବିହୁନେ ସୃଷ୍ଟି ନାଶ ଭଳି ସ୍ଥିତିରେ ଏବେ କେନ୍ଦ୍ର ସରକାର ପଡ଼ିଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଧାନ ଓ ଗହମ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟକୁ ସରକାର କାଣ୍ଟଛାଣ୍ଟ କରିପାରିବାର ପ୍ରଶ୍ନ ଉଠୁନାହିଁ। ଅପରପକ୍ଷରେ ଧାନ ଓ ଗହମ ଚାଷ ବଦଳରେ ମକା, ସୋୟାବିନ୍, କପା ଆଦି ଅର୍ଥକରୀ ଫସଲ ଅଧିକରୁ ଅଧିକ ଉତ୍ପାଦନ କରିବାକୁ ସରକାର ଏମ୍‌ଏସ୍‌ପି ଜରିଆରେ ଚାଷୀମାନଙ୍କୁ ଉତ୍ସାହିତ କରୁଛନ୍ତି। ଚାଷୀମାନେ ଏସବୁ ଉତ୍ପାଦନ ବଢ଼ାଇବା ପରେ ଏବେ ତାହା ସରକାରଙ୍କ ପାଇଁ ବୋଝ ପାଲଟିଛି। ଚାଷୀମାନଙ୍କୁ ସୁରକ୍ଷା ଦେବାକୁ ହେଲେ ଭାରତ ସରକାର ଆମଦାନୀ ଶୁଳ୍କରେ ବୃଦ୍ଧି କରିବା ଛଡ଼ା ଅନ୍ୟ ବାଟ ନାହିଁ। କିନ୍ତୁ ସାମ୍ପ୍ରତିକ ଶୁଳ୍କ ଯୁଦ୍ଧରେ ସେ ବାଟଟି ମଧ୍ୟ ଏତେ ସରଳ ଓ ସୁଗମ ନୁହେଁ। ମକା ଓ ସୋୟାବିନ୍‌ର ବଳକା ପରିମାଣକୁ ଇଥାନଲ୍ ଉତ୍ପାଦନ ମୁହାଁ କରିବାର ସୁଯୋଗ ମଧ୍ୟ ସଂକୁଚିତ। ଏ ସଙ୍କଟରୁ ସରକାର କେମିତି ନିଜେ ମୁକୁଳିବା ସହିତ ଚାଷୀମାନଙ୍କୁ ସନ୍ତୁଷ୍ଟ କରିପାରିବେ ତାହାର ପ୍ରଭାବ ଆଗାମୀ ରାଜ୍ୟ ବିଧାନସଭା ନିର୍ବାଚନଗୁଡ଼ିକରେ ପ୍ରତିଫଳିତ ହେବ।

# ବିହାର ରାଜନୀତିରେ ଜାତିବାଦ

**ସୌଭାଗ୍ୟ ସୁନ୍ଦରରାୟ**

ଦେଶର ଚତୁର୍ଥ ସର୍ବାଧିକ ବିଧାନସଭା ଆସନ ଥିବା ରାଜ୍ୟ ବିହାରରେ ଆଗାମୀ ମାସରେ ନୂଆ ସରକାର ଗଠନ ହେବ। ଦେଶର ପୂର୍ବାଞ୍ଚଳରେ ଅବସ୍ଥିତ ଏହି ରାଜ୍ୟର ବିଧାନସଭା ଆସନ ସଂଖ୍ୟା ୨୪୩। ଚଳିତ ନିର୍ବାଚନରେ କେଉଁ ମେଣ୍ଟ ଯାଦୁ ସଂଖ୍ୟା ୧୨୨ ଆସନ ହାସଲ କରିବାରେ ସମର୍ଥ ହେବ ତାହା ଉପରେ ଦେଶବାସୀଙ୍କ ନଜର ରହିଛି। କାରଣ ଆସନ୍ତାବର୍ଷ ପଶ୍ଚିମବଙ୍ଗ ଓ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବ। ବିହାରରେ କ୍ଷମତାସୀନ ଏନଡିଏ ଶାସନ ବଜାୟ ରଖିବ ନା ରାଜ୍ୟରେ ପରିବର୍ତ୍ତନ ଘଟିବ ସେଥିନେଇ ରାଜନୈତିକ ମହଲରେ ଉତ୍ସୁକତା ମଧ୍ୟ ରହିଛି।

୨୦୨୦ ମସିହା ବିହାର ବିଧାନସଭା ନିର୍ବାଚନରେ ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି) ସର୍ବାଧିକ ୨୨.୧୪% ଭୋଟ ଏବଂ ସର୍ବାଧିକ ୭୫ଟି ଆସନ ପାଇଥିଲା। ଏହା ପରକୁ ବିଜେପି ୨୦.୫୨% ଭୋଟ ପାଇ ୭୪ଟି ଆସନରେ ଏବଂ ଜେଡି(ୟୁ) ୧୮.୫୨% ଭୋଟ ପାଇ ୪୩ ଆସନରେ ବିଜୟୀ ହୋଇଥିଲା। କଂଗ୍ରେସ ଦଳର ଫଳାଫଳ ନୈରାଶ୍ୟଜନକ ଥିଲା। ଦଳ ୭୦ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୧୯ଟି ଆସନରେ ବିଜୟୀ ହୋଇଥିଲା। ଦଳର ଭୋଟ ହାର ୯.୨୦% ରହିଲା। ଆସନ ସଂଖ୍ୟାରେ ତୃତୀୟରେ ଥାଇ ମଧ୍ୟ ଜେଡି(ୟୁ)ର ନେତା ନୀତୀଶ କୁମାର ବିଜେପି ସମର୍ଥନରେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଫଳରେ ରାଜ୍ୟରେ ଗଠନ ହୋଇଥିଲା ଏନଡିଏ ସରକାର। ଏହି ନିର୍ବାଚନରେ ଚିରାଗ ପାଶୱାନଙ୍କ 'ଲୋକ ଜନଶକ୍ତି ପାର୍ଟି' ଏକାକୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ଏହି କାରଣରୁ ଜେଡି(ୟୁ) କ୍ଷତିଗ୍ରସ୍ତ ହୋଇଥିଲା।

ଚଳିତ ନିର୍ବାଚନରେ ଜେଡି(ୟୁ)-ବିଜେପି ମେଣ୍ଟ ପୂର୍ବପରି ରହିଥିବା ବେଳେ ଏଥିରେ ଉପେନ୍ଦ୍ର ଖୁସୱାଙ୍କ 'ରାଷ୍ଟ୍ରୀୟ ଲୋକମୋର୍ଚ୍ଚା (ଆରଏଲଏମ)', ଚିରାଗ ପାଶୱାନଙ୍କ 'ଏଲ୍‌ଜେପି', ଜୀତନ ରାମ ମାନ୍‌ଝୀଙ୍କ 'ହିନ୍ଦୁସ୍ଥାନ ଆୱମ ମୋର୍ଚ୍ଚା (ଏଚଏଏମ)' ସାମିଲ ହୋଇଛି। ତେଣେ ଆରଜେଡି ଓ କଂଗ୍ରେସକୁ ନେଇ ଗଠିତ ମହାଗଠବନ୍ଧନ ମେଣ୍ଟରେ 'ବିକାଶଶୀଳ ଇନ୍‌ସାନ ପାର୍ଟି', 'ସିପିଆଇ', 'ସିପିଆଇ(ଏମ)', 'ସିପିଆଇ(ଏମଏଲ)', ରାମବିଳାଶ ପାଶୱନଙ୍କ ଭାଇ ପଶୁପତି କୁମାର ପାରସଙ୍କ ନେତୃତ୍ୱାଧୀନ 'ଏଲଜେପି' ଓ 'ଜେଏମଏମ' ସାମିଲ ହୋଇଛନ୍ତି।

ବିହାରର ଦୀର୍ଘ ୭୬ ବର୍ଷର ନିର୍ବାଚନର ଇତିହାସକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ ରାଜ୍ୟର ରାଜନୀତି ବହୁ ଭାବେ ଜାତିଆଣ ଆଧାରରେ ପ୍ରଭାବିତ ହୋଇଛି। ବିହାର ଜନସଂଖ୍ୟାର ୮୨% ହେଉଛନ୍ତି ହିନ୍ଦୁ। ମୁସଲିମ ଜନସଂଖ୍ୟା ୧୭.୭%। ସଂଖ୍ୟାଲଘୁ ସଂପ୍ରଦାୟର ଏହି ଜନସଂଖ୍ୟା ମଧ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଓ ଅତ୍ୟଧିକ ପଛୁଆ ବର୍ଗ (ଇବିସି) ରହିଛନ୍ତି। ହିନ୍ଦୁ ବର୍ଗରେ ଯାଦବଙ୍କ ସଂଖ୍ୟା ସର୍ବାଧିକ ୧୪.୩%। ସେହିପରି କୁର୍ମି-ଖୁସୱାଙ୍କ ସଂଖ୍ୟା ୭.୧%। ଉଭୟ ଯାଦବ ଓ କୁର୍ମୀ-ଖୁସୱା ଓବିସି ଶ୍ରେଣୀଭୁକ୍ତ। ଯାଦବ ଓ ସଂଖ୍ୟାଲଘୁ ମୁସଲିମ ଭୋଟ ସାଧାରଣତଃ ଆରଜେଡି ନିକଟକୁ ଯାଇଥାଏ। କାରଣ ଆରଜେଡି ନେତା ଯାଦବ ସଂପ୍ରଦାୟର। ଜେଡି(ୟୁ) ନେତା ନୀତୀଶ କୁମାର କୁର୍ମୀ ସଂପ୍ରଦାୟର ହୋଇଥିବାରୁ ଏହି ଭୋଟ ଜେଡି(ୟୁ) ନିକଟକୁ ଯାଇଥାଏ। ତେବେ କୁର୍ମୀଙ୍କ ସଂଖ୍ୟା (୨.୮%) ଖୁସୱା (୪.୨)ଙ୍କ ଠାରୁ କମ୍। ଖୁସୱା ସଂପ୍ରଦାୟର ନେତା ଉପେନ୍ଦ୍ର ଖୁସୱାଙ୍କ ଦଳ ଆରଏଲଏମ ଚଳିତ ନିର୍ବାଚନରେ ୬ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଚଳିତ ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ଥିବା ବିଜେପି ନେତା ସମ୍ରାଟ ଚୌଧୁରୀ ମଧ୍ୟ ଖୁସୱା ସଂପ୍ରଦାୟର ହୋଇଥିବାରୁ ଏହି ଭୋଟ ଏନଡିଏ ସପକ୍ଷରେ ଯିବା ଆଶା କରାଯାଏ।

ମିଳିତ ଭାବେ ରାଜ୍ୟର ଓବିସି ଭୋଟ ହାର ୨୪.୮% ହୋଇଥିବା ବେଳେ ଉଚ୍ଚବର୍ଗର ଭୋଟ ହାର ୧୫.୫% ରହିଛି। ଏହି ବର୍ଗରେ ବ୍ରାହ୍ମଣ, କାୟସ୍ଥ, ରାଜପୁତ ଓ ଭୂମିହାର ଆସୁଛନ୍ତି। ଏହି ଉଚ୍ଚବର୍ଗ ସଂପ୍ରଦାୟ ବିହାର ରାଜନୀତିକୁ ଦୀର୍ଘଦିନ ଧରି ପ୍ରଭାବିତ କରି ରଖିଥିଲେ। ରାଜ୍ୟର ୭୬ ବର୍ଷର ନିର୍ବାଚନୀ ଇତିହାସରେ ଉଚ୍ଚବର୍ଗ ପ୍ରାୟ ୩୭ ବର୍ଷ ଶାସନ ବ୍ୟବସ୍ଥା ନିୟନ୍ତ୍ରଣ କରିଛନ୍ତି ଏବଂ ସଂପ୍ରଦାୟରୁ ୧୨ ଜଣ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଶ୍ରୀ କ୍ରିଷ୍ଣା ସିଂହ ପ୍ରାୟ ୧୭ ବର୍ଷ ମୁଖ୍ୟମନ୍ତ୍ରୀ ରହିଥିଲେ। ଏଥିସହ ଜଗନ୍ନାଥ ମିଶ୍ର, କ୍ରିଷ୍ଣା ବଲ୍ଲଭ ସହାୟ, ବିନ୍ଦେଶ୍ୱରୀ ଦୁବେ, ଚନ୍ଦ୍ର ଶେଖର ସିଂହ, ବିନୋଦାନନ୍ଦ ଝା, ଭଗବତ ଝା ଆଜାଦ, ମହାମାୟା ପ୍ରସାଦ ସିଂହ, କେଦାର ପାଣ୍ଡେ, ସତ୍ୟେନ୍ଦ୍ର ନାରାୟଣ ସିଂହ ପ୍ରମୁଖ ବିହାର ମୁଖ୍ୟମନ୍ତ୍ରୀ ହୋଇଥିଲେ।

୧୯୬୮ ମସିହାରେ ବିହାରରେ ରାଜନୀତିରେ ନୂତନ ଅଧ୍ୟାୟର ସୂତ୍ରପାତ ହେଲା। ପ୍ରଥମ ଥର ପାଇଁ ପଛୁଆ ବର୍ଗରୁ ସତୀଶ ପ୍ରସାଦ ସିଂହ ହେଲେ ମୁଖ୍ୟମନ୍ତ୍ରୀ ଏବଂ ଏହାଥିଲା ପ୍ରଥମ ଅଣ-କଂଗ୍ରେସ ସରକାର। 'ସଂଯୁକ୍ତ ସୋସାଲିଷ୍ଟ ଦଳ'ରୁ ସେ ନିର୍ବାଚିତ ହୋଇ 'ଶୋଷିତ ସମାଜ ଦଳ' ସହ ଏକ ମିଳିତ ସରକାରର ନେତୃତ୍ୱ ନେଇଥିଲେ। ତେବେ ମାତ୍ର ୫ ଦିନ ମୁଖ୍ୟମନ୍ତ୍ରୀ ରହିବା ପରେ ସତୀଶ ପ୍ରସାଦ ସିଂହ ଇସ୍ତଫା ଦେଇ ଅନ୍ୟ ଜଣେ ପଛୁଆ ବର୍ଗ ରାଜନୀତିଜ୍ଞ ବି.ପି.ମଣ୍ଡଳ ଶାସନ ଭାର ନେବା ପାଇଁ ପଥ ପରିଷ୍କାର କରିଥିଲେ। ଏହି ପରିପ୍ରେକ୍ଷୀରେ ଲାଲୁ ପ୍ରସାଦ ଯାଦବ, ରାବଡ଼ୀ ଦେବୀ, ନୀତୀଶ କୁମାର, ଜୀତନ ରାମ ମାନ୍‌ଝୀ ପଛୁଆ ବର୍ଗ ନେତାଙ୍କ ହାତରେ ବିହାରର ଶାସନ ଡୋରୀ ଦୀର୍ଘ ୩୫ ବର୍ଷ ହେଲା ରହିଲାଣି। ଜୀତନ ରାମ ମାନ୍‌ଝୀ ମୁସାହାର ସଂପ୍ରଦାୟର। ତାଙ୍କ ଦଳ ଚଳିତ ନିର୍ବାଚନରେ ୬ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଅନୁସୂଚିତ ଜାତି ବର୍ଗର ଏହି ସଂପ୍ରଦାୟ ଅତି ପଛୁଆ। ଏମାନଙ୍କ ସଂଖ୍ୟା ପ୍ରାୟ ୩.୧%। ରାଜ୍ୟରେ ଅନୁସୂଚିତ ଓ ସଂଖ୍ୟାଲଘୁ ବର୍ଗର ମୁଖ୍ୟମନ୍ତ୍ରୀ ହୋଇଛନ୍ତି, କିନ୍ତୁ ସେମାନଙ୍କ ସରକାର ବେଶୀ ସମୟ ତିଷ୍ଠି ପାରିନାହିଁ। ଅତ୍ୟଧିକ ପଛୁଆ ବର୍ଗରୁ କର୍ପୁରୀ ଠାକୁର ମଧ୍ୟ ସ୍ୱଳ୍ପ ସମୟ ପାଇଁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି।

ବିହାର ରାଜନୀତିରେ ଉଚ୍ଚବର୍ଗ ଓ ପଛୁଆ ବର୍ଗର ପ୍ରାଧାନ୍ୟ ରହୁଥିବାରୁ ସମସ୍ତେ ନିଜ ବର୍ଗର ମୁଖ୍ୟମନ୍ତ୍ରୀ ପାଇଁ ସ୍ୱପ୍ନ ଦେଖିଥା'ନ୍ତି। ସେହି ଅନୁଯାୟୀ ବିହାର ରାଜନୈତିକ କ୍ଷମତା ପରିଚାଳିତ ହୋଇଥାଏ। ଅନ୍ୟାନ୍ୟ ବର୍ଗର ସଂଖ୍ୟା ସୀମିତ ଯୋଗୁଁ ସେହି ବର୍ଗର ମୁଖ୍ୟମନ୍ତ୍ରୀ ବେଶି ଦିନ କ୍ଷମତା ଉପଭୋଗ କରିପାରି ନାହାନ୍ତି। ବିହାର ରାଜନୀତିରେ ପଛୁଆ ବର୍ଗର ଉତ୍ଥାନ ସହ ଉଚ୍ଚ ବର୍ଗର ପ୍ରାଧାନ୍ୟ ହ୍ରାସ ପାଇଲା। ଉଚ୍ଚବର୍ଗ ସର୍ବଦା କଂଗ୍ରେସ ସପକ୍ଷରେ ରହିଆସିଥିଲେ। ଏହି ବର୍ଗଟି ଆରଜେଡି ପରି ପଛୁଆ ବର୍ଗ ବିରୋଧୀ। ଯେତେବେଳେ ରାଜ୍ୟରେ କଂଗ୍ରେସର ଅଧୋଗତି ଦେଖାଦେଲା ସେହି ସମୟରେ ଏହି ବର୍ଗର କିଛି ଭୋଟ ବିଜେପି ନିକଟକୁ ଗଲା। ତେବେ ସଂଖ୍ୟାଗରିଷ୍ଠ ଭୋଟ ଝୁଲା ଅବସ୍ଥାରେ ରହିଆସିଛି। ଚଳିତ ଥର ଏହି ବର୍ଗରୁ ପ୍ରଶାନ୍ତ କିଶୋରଙ୍କ 'ଜନ ସୁରାଜ ଦଳ' ପ୍ରଥମ ଥର ପାଇଁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରୁଛି। ପ୍ରଶାନ୍ତ ନିର୍ବାଚନ ଗଣକ ଭାବେ ଦେଶରେ ପରିଚିତ। ନିର୍ବାଚନ କଳାକୌଶଳ ସଂପର୍କରେ ସେ ଅବଗତ। ସେ ବ୍ରାହ୍ମଣ ସଂପ୍ରଦାୟର। ଏଣୁ ଏଥର ଉଚ୍ଚବର୍ଗ ଭୋଟ 'ଜନ ସୁରାଜ ଦଳ' ସପକ୍ଷରେ କିଭଳି ଭାବେ ଯାଉଛି ତାହା ଦେଖିବାର କଥା।


ପଛୁଆ ବର୍ଗ, ଉଚ୍ଚବର୍ଗଙ୍କ ପରେ ବିହାରରେ ରାଜନୀତିରେ ଶକ୍ତିଶାଳୀ ଜନଜାତି ବର୍ଗଟି ହେଉଛି ପାଶୱାନ ସଂପ୍ରଦାୟ। ଏହି ସଂପ୍ରଦାୟ ରାମବିଳାଶ ପାଶୱାନ ଏବଂ ତାଙ୍କ ଦଳ 'ଲୋକ ଜନଶକ୍ତି ପାର୍ଟି'ର ଦୃଢ଼ ସମର୍ଥକ। ଏବେ ଏହି ଦଳର ନେତୃତ୍ୱ ନେଉଛନ୍ତି ରାମବିଳାଶଙ୍କ ପୁତ୍ର ଚିରାଗ ପାଶୱାନ। ବିହାରର ନିର୍ବାଚନ ଗଣିତ ଗୋଳମାଳ କରିବାରେ ଏହି ଦଳର ଯଥେଷ୍ଟ ଶକ୍ତି ରହିଛି। ଗତ ନିର୍ବାଚନରେ ରାଜ୍ୟରେ 'ଲୋକ ଜନଶକ୍ତି ପାର୍ଟି' ଏକାକୀ ନିର୍ବାଚନ ଲଢ଼ିବାରୁ ଜେଡି(ୟୁ) କ୍ଷତିଗ୍ରସ୍ତ ହୋଇଥିଲା। ପ୍ରାୟ ୭୫ଟି ଆସନରେ ଏଲଜେପି ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମଧ୍ୟ ଗୋଟିଏ ବି ଆସନ ପାଇପାରି ନ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଲୋକସଭା ନିର୍ବାଚନରେ ଏଲଜେପି ୫ଟି ଆସନରେ ଲଢ଼ି ସମସ୍ତ ଆସନରେ ବିଜୟୀ ହୋଇଥିଲା। ଏହି କାରଣରୁ ଚଳିତ ବିହାର ବିଧାନସଭା ନିର୍ବାଚନରେ ଏଲଜେପିକୁ ୨୯ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ସୁଯୋଗ ମିଳିଛି। ତେବେ ଲୋକସଭାର ମତଦାନ ଧାରା ବିଧାନସଭା ନିର୍ବାଚନରେ ଯେ ପ୍ରତିଫଳିତ ହେବ ତାହା କୁହାଯାଇନପାରେ। ଲୋକସଭା ନିର୍ବାଚନରେ ଜାତୀୟ ପ୍ରସଙ୍ଗ ଉତ୍ଥାପିତ ହେଉଥିବା ବେଳେ ବିଧାନସଭା ନିର୍ବାଚନରେ ରାଜ୍ୟ ପ୍ରସଙ୍ଗ ଉଠିଥାଏ।

ବିହାର ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ଯେଉଁ ଆସନ ଭାଗବଣ୍ଟା କରିଛନ୍ତି ସେଥିରେ ଜାତି ପ୍ରମୁଖ୍ୟ ଆଧାର ହୋଇଥିବା ପରିଲକ୍ଷିତ ହେଉଛି। ବିଭିନ୍ନ ସଂପ୍ରଦାୟର ଭୋଟରଙ୍କୁ ମେଣ୍ଟ ସପକ୍ଷରେ ଆକୃଷ୍ଟ କରି କ୍ଷମତା ଦଖଲ କରିବା ନିମନ୍ତେ ରାଜନୈତିକ ଦଳ ଉଦ୍ୟମ କରିଛନ୍ତି। ତେବେ ସରକାର ଗଠନରେ କେଉଁ ସଂପ୍ରଦାୟ ନେତା ପ୍ରମୁଖ ଭୂମିକା ଗ୍ରହଣ କରିବ ତାହା ନିର୍ବାଚନ ଫଳାଫଳ ଘୋଷଣା ପରେ ହିଁ ଜଣାପଡ଼ିବ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

# ସମ୍ପାଦକୀୟର ଗୁରୁତ୍ୱ

**ଅଧ୍ୟାପକ ରାଜେଶ୍ ରାୟ**



'ସମ୍ପାଦକୀୟ'ର ଗୁରୁତ୍ୱ କେତେ? ଖବରକାଗଜର ଜଣେ ନିୟମିତ ପାଠକ ଭାବେ ମତେ ଏହି ପ୍ରଶ୍ନ ବେଳେବେଳେ ଦ୍ୱନ୍ଦ୍ୱରେ ପକାଏ। ପ୍ରତିଦିନ ସକାଳୁ ଛୁଟି ଆସୁଥିବା ରଙ୍ଗବେରଙ୍ଗର ଖବରକାଗଜରେ ବିଭିନ୍ନ ଖବର ସହ ବିଜ୍ଞାପନ, ଜରୁରୀ ସୂଚନା ଓ ତଥ୍ୟ ସାଙ୍ଗ ହୋଇ ଆସନ୍ତି। କିନ୍ତୁ ସବୁଠୁ ସ୍ୱତନ୍ତ୍ର ପରିଚୟ ବହନ କରେ 'ସମ୍ପାଦକୀୟ'।

ପ୍ରାୟତଃ ଅଧିକାଂଶ ଖବରକାଗଜର ମଝି ଭାଗରେ 'ସମ୍ପାଦକୀୟ' ଶୋଭାପାଏ। ଏହାକୁ ଖବରକାଗଜର ମେରୁଦଣ୍ଡ ବା ମୁଖ୍ୟ ଅଙ୍ଗ ବୋଲି ବିଚାର କଲେ କିଛି ଭୁଲ ହେବନି। ଆଉ କିଛି ବୁଦ୍ଧିଜୀବୀ 'ସମ୍ପାଦକୀୟ'କୁ ଖବରକାଗଜର ଦର୍ପଣ ଭାବେ ତୁଳନା କରିଥା'ନ୍ତି। କାରଣ କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗ, ସାମଗ୍ରିକ ଘଟଣାବଳୀ, ଦେଶର ଚିତ୍ର ଓ ଚରିତ୍ର ସମ୍ପର୍କରେ ଖବରକାଗଜ ପ୍ରକାଶନ କରୁଥିବା ସଂସ୍ଥାର ମତ ଓ ଦୃଷ୍ଟିକୋଣ 'ସମ୍ପାଦକୀୟ'ରେ ପ୍ରତିଫଳିତ ହୋଇଥାଏ। ବସ୍ତୁତଃ 'ସମ୍ପାଦକୀୟ' ଜରିଆରେ ଖବରକାଗଜ, ପତ୍ରପତ୍ରିକାର ସମ୍ପାଦକ ତାଙ୍କର ସନ୍ଦେଶ, ମତ ଓ ବିଚାର ଜନସାଧାରଣଙ୍କୁ ଦେଇଥା'ନ୍ତି। ତେଣୁ ଅନେକ ସମୟରେ 'ସମ୍ପାଦକୀୟ' ଗତାନୁଗତିକ ଧାରା ପରିବର୍ତ୍ତନ କରିପାରେ।

ଏହାଛଡ଼ା 'ସମ୍ପାଦକୀୟ' ପୃଷ୍ଠାର କୋଳରେ ପ୍ରତିଦିନ ବିଭିନ୍ନ ପ୍ରସଙ୍ଗକୁ ନେଇ ଗଢ଼ି ଉଠିଥିବା ପ୍ରବନ୍ଧମାନ ପ୍ରକାଶ ପାଏ, ଯେଉଁଥିରେ ଆଞ୍ଚଳିକ ପ୍ରସଙ୍ଗରୁ ଆରମ୍ଭ କରି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଘଟୁଥିବା ସାଂପ୍ରତିକ ଘଟଣାବଳୀ, ବିଶେଷ ଦିବସ, ଧାରା ଓ ସୂଚନାଧର୍ମୀ ବିଷୟ କୋଳମଣ୍ଡନ କରେ। ମୋ ମତରେ 'ସମ୍ପାଦକୀୟ' ହେଉଛି ଜ୍ଞାନର ଏକ ଅସରନ୍ତି ଭଣ୍ଡାର। ଯେଉଁ ଲେଖକମାନେ 'ସମ୍ପାଦକୀୟ' ପୃଷ୍ଠାରେ ଲେଖା ଦିଅନ୍ତି ସେମାନେ ବିଭିନ୍ନ ଗବେଷଣା, ପରୀକ୍ଷା ନିରୀକ୍ଷା ଏବଂ ନିଷ୍ଠାର ସହ ସାଧନା କରି ନିଜର ମତକୁ ଉପସ୍ଥାପନ କରନ୍ତି। କୁହାଯାଏ ଗୋଟିଏ ସପ୍ତାହର ଖବରର ସାରାଂଶ 'ସମ୍ପାଦକୀୟ' ପୃଷ୍ଠା ପଢ଼ିଲେ ଜାଣି ହୁଏ।

ବର୍ତ୍ତମାନ ପରିସ୍ଥିତିରେ ଯଦି ପ୍ରଶ୍ନ କରାଯାଏ 'ସମ୍ପାଦକୀୟର ଗୁରୁତ୍ୱ କେତେ?', ଯେଉଁ ଉଦ୍ଦେଶ୍ୟରେ ଏହା ଜନ୍ମ ନେଇଛି ତାହା କେତେଦୂର ପୂରଣ ହେଉଛି?' ଇତ୍ୟାଦି, ତେବେ ଏହାର ଉତ୍ତର ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ବନ୍ଦୀ ହୋଇଯିବ। ଆଜିକାଲି କେତେଜଣ ପାଠକ ନିୟମିତ ମନଧ୍ୟାନ ଦେଇ ଖବରକାଗଜର 'ସମ୍ପାଦକୀୟ'କୁ ପଢ଼ୁଛନ୍ତି? ଦେଶର କର୍ଣ୍ଣଧାର କୁହାଯାଉଥିବା ଯୁବପିଢ଼ି ଏଥିପ୍ରତି କେତେ ଆକୃଷ୍ଟ? ଏହି ପ୍ରଶ୍ନ କେବେ ଆପଣ ଭାବିଛନ୍ତି କି? ବାସ୍ତବତା ହେଉଛି ବର୍ତ୍ତମାନ ଖବରକାଗଜର ଛାପା ସଂଖ୍ୟା ପୂର୍ବ ଅପେକ୍ଷା ଢେର୍ କମି ଯାଇଛି। କାରଣ ଏହି ଡିଜିଟାଲ ଯୁଗରେ ଆମେ ମୋବାଇଲ୍ ଫୋନରେ ଅତି ସହଜରେ ଖବରକାଗଜଗୁଡ଼ିକ ପାଇପାରୁଛୁ। ପଢ଼ିବାକୁ ମଧ୍ୟ ଆମ ପାଖେ ସେତିକି ଧୈର୍ଯ୍ୟ ନାହିଁ। ଖାଲି ମୁଖ୍ୟଖବରର ଶୀର୍ଷକ ଉପରେ ନଜର ପକାଇଦେଲେ ହେଇଗଲା।

ଏହି ପରିପ୍ରେକ୍ଷୀରେ 'ସମ୍ପାଦକୀୟ'ର କଥା ବିଚାରକୁ ନେଲେ ଆମେ ଦେଖିପାରିବା ଯେ କିଛି ହାତଗଣତି ପାଠକଙ୍କ ଗହଣରେ ଏହା ନିଜର ପରିଚୟକୁ ତଥାପି ଅକ୍ଷୁର୍ଣ୍ଣ ରଖିପାରିଛି। ଆନ୍ତରିକ ଧନ୍ୟବାଦ ଦେବି ସେହି ଲେଖକମାନଙ୍କୁ, ଯେଉଁମାନେ ନିରବଚ୍ଛିନ୍ନ ଭାବେ ନିଜର ଦାୟିତ୍ୱକୁ ନିର୍ବାହ କରି ଚାଲିଛନ୍ତି। 'ସମ୍ପାଦକୀୟ' ପୃଷ୍ଠାକୁ ସଜାଉଥିବା ଖବରକାଗଜର ସମ୍ପାଦନା ମଣ୍ଡଳୀଙ୍କ ଉଦ୍ୟମ ବଳରେ ଆଜି ତାହା ବଞ୍ଚି ରହିଛି। କିନ୍ତୁ ବର୍ତ୍ତମାନର ଯୁବପିଢ଼ିଙ୍କୁ ଏହାର ଗୁରୁତ୍ୱକୁ ବୁଝାଇବା ଅବଶ୍ୟ ଜରୁରୀ। ବିଦ୍ୟାର୍ଥୀମାନେ ଯଦି ଏଥିପ୍ରତି ମନ ବଳାନ୍ତେ ତେବେ ସମାଜରେ ଏକ ବିଶାଳ ପରିବର୍ତ୍ତନ ଅବଶ୍ୟ ହୋଇପାରନ୍ତା। ଜାତୀୟସ୍ତରୀୟ ପରୀକ୍ଷା ଯଥା ଭାରତୀୟ ପ୍ରଶାସନିକ ସେବା ନିମନ୍ତେ ପ୍ରସ୍ତୁତି କରୁଥିବା ପିଲାମାନେ 'ସମ୍ପାଦକୀୟ'ରୁ ଅନେକାଂଶରେ ଲାଭାନ୍ୱିତ ହେଉଛନ୍ତି।

କିଛିଦିନ ପୂର୍ବେ ମୁଁ ଶ୍ରେଣୀରେ ପାଠ ପଢ଼ାଉଥିବା ପିଲାମାନଙ୍କୁ ଖବରକାଗଜ ଓ 'ସମ୍ପାଦକୀୟ' ପଢ଼ିବା ବିଷୟରେ ପଚାରିଲି। କିନ୍ତୁ ଅନେକ ପିଲା ମତେ ପଚାରିଲେ ଯେ 'ସମ୍ପାଦକୀୟ' କ'ଣ? ସେଥିରେ କ'ଣ ବାହାରେ? ଏଥିରୁ ଆପଣ ବୁଝି ପାରୁଥିବେ ଯେ ବର୍ତ୍ତମାନର ପିଲା ଏ ବିଷୟରେ କେତେ ସଚେତନ! ତେଣୁ ସମୟ ଆସିଛି ଖବରକାଗଜରେ 'ସମ୍ପାଦକୀୟ'ର ସ୍ଥାନକୁ ଆହୁରି ମଜବୁତ୍ କରିବା ପାଇଁ ଏବଂ ଖବରକାଗଜର ପାଠକଙ୍କ ସଂଖ୍ୟାକୁ ବୃଦ୍ଧି କରି ଏକ ନୂଆ ବିପ୍ଳବ ଆଣିବାର ପଥକୁ ଉନ୍ମୁକ୍ତ କରିବା ପାଇଁ। ଖବରକାଗଜର ନିର୍ମାତାମାନଙ୍କୁ ବିଶେଷ ଅନୁରୋଧ ସେମାନେ ଏହି ପ୍ରସଙ୍ଗଟି ଉପରେ ଧ୍ୟାନ ଦିଅନ୍ତୁ ଏବଂ 'ସମ୍ପାଦକୀୟ'ର ଲୋକପ୍ରିୟତାକୁ ବିସ୍ତାର କରନ୍ତୁ।

(ବିଦ୍ୱାନ୍ ମହାବିଦ୍ୟାଳୟ)
ଜୟପୁର, ମୋ: ୬୩୭୧୫୫୫୯୪୦

## ଲୋକକଥାରେ ଲୋକଦେବତା

# ହରିଦାସ ସମାଧି ମଠ

**ସ୍ୱପ୍ନେଶ୍ୱର**

ପ୍ରେମାବତାର ଶ୍ରୀଚୈତନ୍ୟ ଦେବ ନଦିଆ ନବଦ୍ୱୀପରୁ ଆସି ଶ୍ରୀକ୍ଷେତ୍ରରେ ଅବସ୍ଥାନ କରିବା ସମୟରେ ତାଙ୍କ ସାଙ୍ଗରେ ଆସିଥିବା ଶିଷ୍ୟଶ୍ରେଷ୍ଠ ହରିଦାସଙ୍କୁ ରଖିବା ପାଇଁ ପୁରୀର କୌଣସି ଘର ମାଲିକ ରାଜି ନ ହେବାରୁ ସେ କିଭଳି ଖରା ବର୍ଷା ଶୀତ କାକରରେ ଦିନରାତି ଖୋଲା ଆକାଶ ତଳେ ନୀଳଚକ୍ରକୁ ଚାହିଁ ଚାହିଁ ଦୈନିକ ତିନି ଲକ୍ଷ ଜଗନ୍ନାଥ ନାମ କୀର୍ତ୍ତନ କରି ଜୀବନ ଅତିବାହିତ କରିବାକୁ ଲାଗିଲେ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର ମହିମାରୁ କିଭଳି ଚୈତନ୍ୟ ମହାପ୍ରଭୁ ସେଦିନ ରୋପଣ କରିଥିବା ମହାପ୍ରଭୁଙ୍କର ଦନ୍ତମଞ୍ଜନରେ ବ୍ୟବହୃତ ବଉଳ ଦାନ୍ତକାଠିଟି ତତ୍‌କ୍ଷଣାତ ମହାଦ୍ରୁମରେ ପରିଣତ ହୋଇ ହରିଦାସଙ୍କୁ ଆଶ୍ରୟ ଦେଲା ଏବଂ କାଳକ୍ରମେ ସେଠାରେ କିଭଳି ସେହି ମହାଦ୍ରୁମ ନାମରେ ସିଦ୍ଧବକୁଳ ମଠ ଗଢ଼ି ଉଠିଲା ତାହା ଆମେ ପୂର୍ବରୁ ଏହି ସ୍ତମ୍ଭରେ ଆଲୋଚନା କରିଛେ।

ଦିନେ ହରିଦାସ ତାଙ୍କର ଅନ୍ତର୍ମନରେ ଜାଣିବାକୁ ପାଇଲେ ଯେ ଗୁରୁ ଶ୍ରୀଚୈତନ୍ୟ ଦେବ ଇହଲୀଳା ସମ୍ବରଣ କରିବା ପାଇଁ ନିଷ୍ପତ୍ତି ନେଇସାରିଛନ୍ତି। ଗୁରୁଙ୍କ ଅବର୍ତ୍ତମାନରେ ବଞ୍ଚିବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା। ତେଣୁ ଗୁରୁଙ୍କ ପୂର୍ବରୁ ଦେହ ତ୍ୟାଗ କରିବା ପାଇଁ ସେ ସଙ୍କଳ୍ପ ନେଲେ। ସେଦିନ ହରିଦାସ ସ୍ୱାଭାବିକ ଭାବେ ଶିଷ୍ୟମାନଙ୍କ ସହ ନାମ କୀର୍ତ୍ତନ କରୁଥିଲେ। ହଠାତ୍ ହରିଦାସଙ୍କ କଣ୍ଠ ଧୀର ହୋଇ ନୀରବୀ ଗଲା। ତାଙ୍କ ଶରୀରରୁ ଏକ ଆଲୋକବର୍ତ୍ତିକା ନିର୍ଗତ ହୋଇ ମହାଶୂନ୍ୟରେ ମିଶିଗଲା। ତା'ପରେ ତାଙ୍କର ପ୍ରାଣହୀନ ଶରୀର ଢଳି ପଡ଼ିଲା। ଶ୍ରୀଚୈତନ୍ୟ ହରିଦାସଙ୍କ ମର ଶରୀରକୁ କାନ୍ଧରେ ଧରି ଉଦ୍ଦଣ୍ଡ କୀର୍ତ୍ତନ କରିବାକୁ ଲାଗିଲେ। ଶିଷ୍ୟମାନେ ମଧ୍ୟ ଉଦ୍ଦଣ୍ଡ କୀର୍ତ୍ତନ କଲେ। ସମସ୍ତେ ନାଚି ନାଚି ଯାଇ ସମୁଦ୍ର କୂଳରେ ପହଞ୍ଚିଲେ। ଚୈତନ୍ୟ ହରିଦାସଙ୍କ ମରଶରୀରକୁ ସମୁଦ୍ରରେ ସ୍ନାନ କରାଇ ସମାଧି ଯାଗାକୁ କୀର୍ତ୍ତନ କରି କରି ପହଞ୍ଚିଲେ। ସେଠାରେ ନିଜେ ହରିଦାସଙ୍କୁ ସମାଧି ଦେଲେ। ଏ ସମସ୍ତ କାମ ଚାଲି ଥିବାବେଳେ ଶିଷ୍ୟମାନେ ଉଦ୍ଦଣ୍ଡ କୀର୍ତ୍ତନ କରି ଚାଲିଥିଲେ।

କେତେକ ଶିଷ୍ୟ ହରିଦାସଙ୍କୁ ଏତେ ଭକ୍ତି କରୁଥିଲେ ଯେ ସେମାନଙ୍କ ଭିତରୁ କେତେକ ସମାଧି ପୀଠରେ ରହିବାକୁ ଲାଗିଲେ। କ୍ରମଶଃ ସେଠାରେ ଏକ ମଠ ଗଢ଼ି ଉଠିଲା ଏବଂ ସେ ମଠର ନାମ 'ହରିଦାସ ସମାଧି ମଠ' ରଖାଗଲା। କିଛିବର୍ଷ ପରେ ସେ ମଠର ମହନ୍ତ ଦିନେ ସମୁଦ୍ରରେ ସ୍ନାନ କରୁଥିବା ବେଳେ କଳାମୁଗୁନି ପଥରରେ ନିର୍ମିତ ଏକ ଦିବ୍ୟ ଗରୁଡ଼ ବିଗ୍ରହ ପାଇଲେ। ସେ ବିଗ୍ରହକୁ ଆଣି ମଠରେ ସ୍ଥାପନା କରି ପୂଜାର୍ଚ୍ଚନା ଆରମ୍ଭ କଲେ। ପନ୍ଦର ଦିନ ପରେ ମହନ୍ତ ଓ ଶିଷ୍ୟମାନେ ସମୁଦ୍ରରେ ସ୍ନାନ କରୁଥିବା ବେଳେ ପାଟକନାରେ ବନ୍ଧା ହୋଇଥିବା ଏକ ପୁଟୁଳି ତାଙ୍କ ଆଡ଼କୁ ଭାସି ଆସିଲା। ସେ ପୁଟୁଳି ଭିତରେ ଥିଲେ ତିନୋଟି ସୁନ୍ଦର ଦାରୁ ବିଗ୍ରହ- ଜଗନ୍ନାଥ, ବଳଭଦ୍ର ଓ ସୁଦର୍ଶନ। ମହନ୍ତ ମହାରାଜ ମୂର୍ତ୍ତିମାନଙ୍କୁ ମଠରେ ସ୍ଥାପନା କରି ଆରାଧନା କରିବା ପାଇଁ ନିଷ୍ପତ୍ତି ନେଲେ। କିନ୍ତୁ ମାଆ ସୁଭଦ୍ରା ନ ଥିବାରୁ ଚତୁର୍ଦ୍ଧା ବିଗ୍ରହ ଅସଂପୂର୍ଣ ଥିଲେ। ତେଣୁ ମହନ୍ତ ମହାରାଜ ମାଆ ସୁଭଦ୍ରାଙ୍କୁ ମଠରେ ବିଜେ କରିବା ପାଇଁ ପ୍ରାର୍ଥନା କଲେ। ତା' ପର ଦିନ ସେ ସମୁଦ୍ରରେ ସ୍ନାନ ପରେ ଅର୍ଘ୍ୟ ଦେବା ପାଇଁ ଆଞ୍ଜୁଳାଏ ପାଣି ଉଠେଇ ଆଣିବା ବେଳକୁ ତାଙ୍କ ହାତରେ ମାଆ ସୁଭଦ୍ରାଙ୍କର ଏକ ଦିବ୍ୟ ସୁନ୍ଦର ବିଗ୍ରହ ଆବିର୍ଭାବ ହେଲେ। ସେ ମହାଆନନ୍ଦରେ ତାଙ୍କୁ ମଠକୁ ନେଇ ମହା ସମାରୋହରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପ୍ରତିଷ୍ଠା କରି ପୂଜାର୍ଚ୍ଚନା ଆରମ୍ଭ କଲେ।

କଥାଟା ଶ୍ରୀଜଗନ୍ନାଥଙ୍କ ଭକ୍ତ ମହଲରେ ପ୍ରଚାରିତ ହେଲା ଯେ ମହାପ୍ରଭୁମାନେ ସ୍ୱଇଚ୍ଛା କରି ହରିଦାସ ସମାଧି ମଠରେ ବିରାଜମାନ କରିଛନ୍ତି। ତା' ପରେ ସେ ମଠର ପ୍ରତିଷ୍ଠା ଅନେକ ଗୁଣରେ ବଢ଼ିଗଲା। ତେଣୁ ଶ୍ରୀକ୍ଷେତ୍ରକୁ ଆସୁଥିବା ଭକ୍ତମାନେ, ନିର୍ଦ୍ଦିଷ୍ଟ ଭାବରେ ବଙ୍ଗପ୍ରଦେଶର ଭକ୍ତମାନେ, ଏହି ମଠ ପରିଦର୍ଶନ କରି ମହାନ ସନ୍ଥ ହରିଦାସଙ୍କ ସମାଧିରେ ଭକ୍ତି ନିବେଦନ କରୁଛନ୍ତି। ଷୋଡ଼ଶ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ ଏହି ମଠରେ ଅଖଣ୍ଡ ନାମ କୀର୍ତ୍ତନ ଏବଂ ଦିନରେ ଦୁଇଥର ହରିଦାସଙ୍କ ସମାଧି ନିକଟରେ ଶିଷ୍ୟମାନେ ଉଦ୍ଦଣ୍ଡ କୀର୍ତ୍ତନ କରିବାର ପରମ୍ପରା ଜାରି ରହିଛି। ଦିନକୁ ଦୁଇଥର ଦରିଦ୍ର ନାରାୟଣଙ୍କୁ ଅନ୍ନ ଦାନ ଦିଆଯାଉଛି। ସାରା ଭାରତରେ ହରିଦାସ ସମାଧି ମଠ ଏକ ମାତ୍ର ଅନୁଷ୍ଠାନ, ଯେଉଁଠାରେ ଏକ ଯବନର ସମାଧିକୁ ବୈଷ୍ଣବମାନେ ହିନ୍ଦୁ ପରମ୍ପରାରେ ପୂଜାର୍ଚ୍ଚନା କରୁଛନ୍ତି।

ମୋ: ୯୯୦୦୦୮୩୪୩୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଆଜି ବନ୍ଦ ରହିବ ନନ୍ଦନକାନନ, ଶିମିଳିପାଳ

ବାରଙ୍ଗ/ବାରିପଦା, ୨୮।୧୦ (ସମିସ): ବାତ୍ୟା 'ମୋନ୍ଥା' ପାଇଁ ଗୋଟିଏ ଦିନ ବନ୍ଦ ରହିବ ନନ୍ଦନକାନନ ପ୍ରାଣୀଉଦ୍ୟାନ। ଜୀବଜନ୍ତୁଙ୍କ ସହ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୯ ତାରିଖ ଦିନ ନନ୍ଦନକାନନ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଏହାସହ ଉଦ୍ଭିଦ ଉଦ୍ୟାନ (ବଟାନିକାଲ୍ ଗାର୍ଡେନ୍) ମଧ୍ୟ ବନ୍ଦ ରହିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ୨୮ ତାରିଖ ରାତିରେ ବାତ୍ୟା ମୋନ୍ଥା ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେଣୁ, ବର୍ଷା-ପବନ ଜନିତ କ୍ଷୟକ୍ଷତିରୁ ପ୍ରାଣୀ ଉଦ୍ୟାନ ବନ୍ୟଜନ୍ତୁଙ୍କୁ କିଭଳି ସୁରକ୍ଷା ଦିଆଯିବ, ସେଥିପାଇଁ କର୍ତ୍ତୃପକ୍ଷ ବିଭିନ୍ନ ବ୍ୟବସ୍ଥା ହାତକୁ ନେଇଛନ୍ତି। ଜୀବଜନ୍ତୁଙ୍କୁ ତାଙ୍କର ଖୁଆଡ଼ର ଫିଡିଂ ଚାମ୍ବରରେ ରଖାଯାଇଛି। ବାତ୍ୟା ସମୟରେ ଗଛ ଭାଙ୍ଗିଲେ, କଟର୍ ମେସିନ ସାହାଯ୍ୟରେ ଗଛ କଟାଯାଇ ସଫା କରାଯିବ। ସେହିପରି ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରି ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଜଳହସ୍ତୀ, ହରିଣ, କୁଟୁରା, ନୀଳଗାଇ, କୃଷ୍ଣସାର ମୃଗ ଭଳି ଜନ୍ତୁଙ୍କ ଉପରେ ନଜର ରଖିବା ପାଇଁ ଏକ ଟିମ୍ ଗଠନ କରାଯାଇଛି। ବାକି ଅନ୍ୟଜନ୍ତୁଙ୍କୁ ପକ୍କାଘର ଫିଡିଂ ଚାମ୍ବରରେ ରଖାଯାଇଛି। ସେହିପରି ବୁଧବାର ଶିମିଳିପାଳ ଜାତୀୟ ଅଭୟାରଣ୍ୟ ବି ଦିନକ ପାଇଁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ ବୋଲି ଘୋଷଣା ହୋଇଛି। ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗେନାନୀ ବିଭାଗୀୟ ବିଜ୍ଞପ୍ତି ଅନୁସାରେ ଏହି ଘୋଷଣା କରିଛନ୍ତି। 'ମୋନ୍ଥା' ପାଇଁ ମୟୂରଭଞ୍ଜ ୟେଲୋ ୱାର୍ଣ୍ଣିଂ ଜାରି କରିଥିବାରୁ ଏପରି ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କାକିନାଡ଼ାରେ 'ମୋନ୍ଥା'...

ଟା ସୁଦ୍ଧା ଚାନ୍ଦବାଲିରେ ୫୧.୭ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ୫୧ ମିମି, ଯାଜପୁରରେ ୪୨, ଭଦ୍ରକ ୩୭, କୋରାପୁଟ ୩୬, ପରାଳାଖେମୁଣ୍ଡି ୩୪.୪, ନୟାଗଡ଼ ୨୧, ସମ୍ବଲପୁର ୨୦, ପାରାଦୀପ ୨୦, ଭୁବନେଶ୍ୱର ୧୭, ବାରିପଦା ୧୬, ଖୋର୍ଦ୍ଧା ୧୫, କଟକ ୧୩ ଓ କେନ୍ଦୁଝରରେ ୧୧ ମିମି ବର୍ଷା ରେକର୍ଡ କରାଯାଇଛି।

ଆସନ୍ତାକାଲି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ଓ ସ୍ଥାନେ ସ୍ଥାନେ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କାରେ ପାଣିପାଗ କେନ୍ଦ୍ର ରେଡ୍ ଆଲର୍ଟ ଜାରି କରିଛି। ଏହି ଜିଲ୍ଲାଗୁଡ଼ିକରେ ବର୍ଷା ସାଙ୍ଗକୁ ପବନର ବେଗ ଘଣ୍ଟା ପ୍ରତି ୬୦-୭୦ ଓ ଝଟକା ପବନ ୮୦ କିମି ପର୍ଯ୍ୟନ୍ତ ରହିବାର ଆଶଙ୍କା ରହିଛି। ସେହିପରି ନୂଆପଡା, ବଲାଙ୍ଗିର, କନ୍ଧମାଳ, ଗଜପତି ଜିଲ୍ଲାର ପ୍ରବଳରୁ ଅତିପ୍ରବଳ ବର୍ଷା ସାଙ୍ଗକୁ ପବନର ବେଗ ୫୦-୬୦ ଓ ଝଟକା ପବନ ୭୦ କିମି ଆଶଙ୍କା କରିଛି ପାଣିପାଗ ବିଭାଗ। ଅନ୍ୟପକ୍ଷରେ ଦେବଗଡ଼, ଅନୁଗୁଳ , ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ବୌଦ୍ଧ, ସମ୍ବଲପୁର, ସୋନପୁର ଓ ବରଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ଆଲର୍ଟ ଜାରି ହୋଇଛି।

ସୋଆ ଜଳବାୟୁ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ବାତ୍ୟା 'ମୋନ୍ଥା' ଓଡ଼ିଶାର ମାଲକାନଗିରି, କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲା ଦେଇ ଆଗକୁ ଯିବ। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୪୦-୫୦ କିମି ରହିବ। ଏହାର ପ୍ରଭାବରେ ମଙ୍ଗଳବାର ରାତି ଏବଂ ବୁଧବାର ସକାଳେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, କଳାହାଣ୍ଡି ଏବଂ କନ୍ଧମାଳ ଆଦି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଅନୁରୂପ ଭାବରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବା ନେଇ କେନ୍ଦ୍ର କହିଛି। ଅନ୍ୟପଟେ ବାତ୍ୟା ଯୋଗୁଁ ବର୍ତ୍ତମାନ ସମୁଦ୍ର ଅଶାନ୍ତ ରହିଛି। ତେଣୁ ମତ୍ସ୍ୟଜୀବୀମାନଙ୍କ ୩୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଏବଂ ୨୯ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ-ପଶ୍ଚିମ, କେନ୍ଦ୍ରୀୟ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ବାତ୍ୟା ଦୃଷ୍ଟିରୁ ଗୋପାଳପୁର ବନ୍ଦର ପାଇଁ ୩ ନଂ ବିପଦ ସଙ୍କେତ ଜାରି କରାଯାଇଥିବା ବେଳେ ପାରାଦୀପ, ଧାମରା, ପୁରୀ, ଛତ୍ରପୁର ଏବଂ ଚାନ୍ଦବାଲି ବନ୍ଦର ପାଇଁ ୨ ନଂ ବିପଦ ସଙ୍କେତ ଜାରି କରାଯାଇଛି। ବୁଧବାର ବାତ୍ୟା ଦୁର୍ବଳ ହୋଇ ଅପବାତ ଓ ବିଳମ୍ବିତ ରାତି ସୁଦ୍ଧା ଏକ ସଦୃଶ ଲଘୁଚାପରେ ପରିଣତ ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

### ଶୂନ୍ୟ ଜୀବନହାନି...

ବାତ୍ୟା ପ୍ରଭାବିତ ଅଞ୍ଚଳରୁ ଲୋକଙ୍କ ସ୍ଥାନାନ୍ତରଣ ହେଉଛି ଆମର ଏକ ପ୍ରମୁଖ ରଣନୀତି। ତେଣୁ ଏହି ଦିଗ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ବାତ୍ୟାପରେ ଯେପରି ବିଭିନ୍ନ ଜରୁରୀ ବ୍ୟବସ୍ଥା ତୁରନ୍ତ ପୁନଃକ୍ଷମ କରାଯାଇ ପାରିବ ସେଥିପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ଇଞ୍ଜିନିୟରିଂ ବିଭାଗ ଗୁଡିକରୁ ନିର୍ଦ୍ଦେଶ ଦେଇଛନ୍ତି। ଭାଙ୍ଗିଯାଇଥିବା ଗଛ ଗୁଡିକ ଯୋଗୁ ରାସ୍ତା ଅବରୋଧ ନହୁଏ, ସେଥିପ୍ରତି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବର୍ତ୍ତମାନ ଫସଲ ଅମଳର ସମୟ। ତେଣୁ, ବାତ୍ୟା ପରେ ପରେ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ଚାଷୀ ଭାଇମାନଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିଯିବା ଉଚିତ। ଆଲୋଚନାରୁ ଜଣାଯାଇଛି ଯେ ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଆଦି ୮ଟି ଜିଲ୍ଲାରେ ବାତ୍ୟାର ସର୍ବାଧିକ ପ୍ରଭାବ ରହିବ। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ୨୦୪୮ଟି ବାତ୍ୟା-ବନ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ କରି ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୮ଟି ଜିଲ୍ଲାରେ ୧୧,୩୯୬ ଜଣ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି। ଆବଶ୍ୟକ ହେଲେ ଆହୁରି ୩୦,୫୫୪ ଜଣଙ୍କୁ ସ୍ଥାନାନ୍ତରିତ କରାଯିବ। ୧୮୭୧ ଜଣ ଗର୍ଭବତୀ ମହିଳାଙ୍କୁ ମଧ୍ୟ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି ଏବଂ ଆହୁରି ୮୨୨ ଜଣଙ୍କୁ ସ୍ଥାନାନ୍ତରିତ କରାଯିବ। ସମୁଦାୟ ୨୬୯୩ ଜଣ ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯିବ। ବାତ୍ୟାର ମୁକାବିଲା ପାଇଁ ୩୦ଟି ଓଡ୍ରାଫ, ୫ଟି ଏନ୍‌ଡିଆର୍‌ଏଫ ଏବଂ ୧୨୩ଟି ଅଗ୍ନିଶମ ଦଳକୁ ମୁତୟନ କରାଯାଇଛି। ଆହୁରି ଅଧିକ ଟିମ୍ ଆଲର୍ଟରେ ଅଛନ୍ତି। ଆବଶ୍ୟକ ପଡିଲେ ଏମାନଙ୍କୁ ନିୟୋଜିତ କରାଯିବ। ପ୍ରଭାବିତ ହେବାକୁ ଥିବା ୮ଟି ଜିଲ୍ଲାରେ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ୩୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଆବଶ୍ୟକ ହେଲେ ଛୁଟିର ସମୟସୀମା ବଢାଯିବ।

ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ଓ ପାନୀୟ ଜଳ ଯୋଗାଣ ପାଇଁ ଇଞ୍ଜିନିୟରିଂ ବିଭାଗ ଗୁଡିକ ପ୍ରସ୍ତୁତ ହୋଇଅଛନ୍ତି। ବିକଳ୍ପ ଭାବେ ସମସ୍ତ ଜରୁରୀ ସେବା ସଂସ୍ଥା ଗୁଡିକରେ ଡିଜି ସେଟ୍ ମହଜୁଦ ରଖାଯାଇଛି। ସମସ୍ତ ପ୍ରଭାବିତ ଅଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ପର୍ଯ୍ୟାପ୍ତ ପରିମାଣର ସାପକାମୁଡା ଇଞ୍ଜେକ୍‌ସନ୍, ଔଷଧ ଓ ଚିକିତ୍ସା କିଟ୍ ମହଜୁଦ୍ ରଖାଯାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଓ ପାହାଡିଆ ଅଞ୍ଚଳରେ ଭ୍ରମଣ ପାଇଁ ପର୍ଯ୍ୟଟକ ମାନଙ୍କୁ ନିଷେଧ କରାଯାଇଛି। ମତ୍ସ୍ୟଜୀବୀ ମାନଙ୍କୁ ମଧ୍ୟ ସମୁଦ୍ର ଭିତରକୁ ନଯିବା ପାଇଁ ସତର୍କ କରାଯାଇଛି।

ଏହି ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିସନର ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ବରିଷ୍ଠ ଅଧିକାରୀ ମାନେ ଯୋଗଦେଇଥିଲେ। ଜିଲ୍ଲାପାଳ ମାନେ ମଧ୍ୟ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

### ଭୟ କରନ୍ତୁ ନାହିଁ...

ଓ ଲୋକମାନଙ୍କୁ ସହାୟତା କରିବା ପାଇଁ ବିଜେଡିର କର୍ମୀ ଓ କର୍ମକର୍ତ୍ତାମାନଙ୍କୁ ନବୀନ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଏକାଧିକ ବାତ୍ୟାର ସଫଳ ମୁକାବିଲା କରିଥିଲା ଓଡ଼ିଶା। କେବଳ ସଫଳ ମୁକାବିଲା କରିନଥିଲା, ବରଂ ବିପର୍ଯ୍ୟୟ ପରିଚାଳନାରେ ସମଗ୍ର ଦେଶପାଇଁ ଓଡ଼ିଶା ରୋଲ ମଡେଲ ସାଜିଥିଲା। ଏପରିକି ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଜାତିସଂଘଠାରୁ ଆରମ୍ଭ କରି ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥା ଓଡ଼ିଶାକୁ ପ୍ରଶଂସା କରିବା ସହ ସମ୍ମାନ ଦେଇଥିଲେ। ଯାହା ଫଳରେ ୧୯୯୯ ମହାବାତ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ଓଡ଼ିଶା ୨୦୨୪ ମସିହା ବେଳକୁ ବିପର୍ଯ୍ୟୟ ମୁକାବିଲାରେ ପ୍ରବୀଣ ହୋଇ ପାରିଛି । ଓଡ଼ିଶାର ବିପର୍ଯ୍ୟୟ ମୁକାବିଲା ପଦ୍ଧତି ଦେଶର ଅନ୍ୟ ରାଜ୍ୟପାଇଁ ଅନୁକରଣୀୟ ହୋଇଛି।

### ୬୧ ଟ୍ରେନ୍...

କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ମୋନ୍ଥା ପାଇଁ ଯାତ୍ରୀ ସୁରକ୍ଷା ପଦକ୍ଷେପ ସ୍ୱରୂପ ସୋମବାର ୩୨ଟି ଟ୍ରେନ୍‌ର ଚଳାଚଳ ବାତିଲ୍ କରାଯାଇଥିଲା।

ବାତ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀମାନଙ୍କ ସହିତ ବାତ୍ୟା ମୁକାବିଲା ସ୍ଥିତି ସମୀକ୍ଷା କରିଛନ୍ତି। ବିଶେଷ କରି ଆନ୍ଧ୍ରପ୍ରଦେଶ, ଓଡ଼ିଶା ଏବଂ ତେଲଙ୍ଗାନାରେ ପ୍ରଭାବିତ ହେବାକୁ ଥିବା ରେଳ ଭିତ୍ତିଭୂମିର ସୁରକ୍ଷା ଏବଂ ଯାତ୍ରୀଙ୍କ ନିରାପତ୍ତା ସୁନିଶ୍ଚିତ କରିବା ଉପରେ ରେଳ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବାତ୍ୟା ପୂର୍ବରୁ ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଲାଗି ଶ୍ରୀ ବୈଷ୍ଣବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ମନ୍ତ୍ରୀ ଡିଭିଜନ ସ୍ତରୀୟ ଜରୁରିକାଳୀନ କକ୍ଷକୁ କାର୍ଯ୍ୟକ୍ଷମ କରିବା ସହ ସ୍ଥିତି ଉପରେ ୨୪ ଘଣ୍ଟିଆ ନିରୀକ୍ଷଣ ଲାଗି କହିଛନ୍ତି । ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା, ବିଶାଖାପାଟଣା ଏବଂ ଗୁଣ୍ଟୁର ଡିଭିଜନରେ ଜରୁରୀ ଉପକରଣ, ଯନ୍ତ୍ରାଂଶ ଏବଂ ଯଥେଷ୍ଟ ସଂଖ୍ୟାରେ ରେଳ କର୍ମଚାରୀଙ୍କୁ ପୁନରୁଦ୍ଧାର ଲାଗି ପ୍ରସ୍ତୁତ ରଖିବା ପାଇଁ ରେଳମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଯାତ୍ରୀଙ୍କ ଅସୁବିଧାକୁ ହ୍ରାସ କରିବା ଲାଗି ରେଳ ଚଳାଚଳ ଉପରେ ନଜର ରଖିବା ଏବଂ ଏହାକୁ ସୁବ୍ୟବସ୍ଥିତ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି। ଜରୁରୀକାଳୀନ ପରିସ୍ଥିତି ଏବଂ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ନେବା ଲାଗି ପୂର୍ବତଟ, ଦକ୍ଷିଣ ତଟ ଏବଂ ଦକ୍ଷିଣ କେନ୍ଦ୍ରୀୟ ରେଳ ଜୋନ ଅଧିକାରୀମାନଙ୍କୁ ଆବଶ୍ୟକ ସମ୍ବଳ ଯୋଗାଡ଼ ପାଇଁ ରେଳ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ଯେକୌଣସି ପ୍ରକାର ସହାୟତା ଲାଗି ପୂର୍ବତଟ ରେଳପଥ ପକ୍ଷରୁ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି।

### ରଞ୍ଜନା ଦେଶାଇ...

ଫେବୃଆରୀରେ ଗଠନ କରାଯାଇଥିଲା। ଏହାର ରିପୋର୍ଟ ୨୦୧୫ ନଭେମ୍ବରରେ ଦାଖଲ ହୋଇଥିବାବେଳେ ସରକାର ଏହାକୁ ୨୦୧୬ ଜୁନ୍‌ରେ ଅନୁମୋଦନ ଦେଇଥିଲେ। ଆୟୋଗଙ୍କ ସୁପାରିଶଗୁଡ଼ିକ ୨୦୧୬ ଜାନୁଆରୀ ପହିଲାରେ କାର୍ଯ୍ୟକାରୀ ହୋଇଥିଲା।

ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ରଞ୍ଜନା ପ୍ରକାଶ ଦେସାଇଙ୍କୁ ଅଷ୍ଟମ ବେତନ ଆୟୋଗର ଅଧ୍ୟକ୍ଷା ଭାବରେ ନିଯୁକ୍ତ କରାଯାଇଛି। ଆଇଆଇଏମ ବେଙ୍ଗାଲୁରୁର ପ୍ରଫେସର ପୁଲକ ଘୋଷ ଓ ପେଟ୍ରୋଲିୟମ୍ ଗ୍ୟାସ୍ ସଚିବ ପଙ୍କଜ ଜୈନ ସଦସ୍ୟ ରହିବେ। କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ୮ମ ବେତନଙ୍କ ସୁପାରିଶ ପ୍ରତିରକ୍ଷା ସେବା କର୍ମଚାରୀଙ୍କ ସମେତ ପ୍ରାୟ ୫୦ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପ୍ରାୟ ୬.୯ ଲକ୍ଷ ପେନସନଭୋଗୀଙ୍କୁ ସାମିଲ କରିବ। 'ଟିଓଆର୍' ମୂଳତଃ ଏକ ବେତନ ଆୟୋଗର କାର୍ଯ୍ୟକାରିତାକୁ ରୂପରେଖା ଦିଏ। ଏହା ମୂଳ ଦରମା ଗଠନ, ଭତ୍ତା ଏବଂ ପେନସନ ସଂଶୋଧନଠାରୁ ଆରମ୍ଭ କରି ଅବସର ଲାଭ ଏବଂ ସେବା ସର୍ତ୍ତାବଳୀ ପର୍ଯ୍ୟନ୍ତ ଆୟୋଗଙ୍କ ସୁପାରିଶ କରିବା ଆଶା କରାଯାଉଥିବା ପରିସର ଏବଂ ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକୁ ବର୍ଣ୍ଣନା କରେ। ଏକ ଟିଓଆର ବିନା ଆୟୋଗ କାର୍ଯ୍ୟ କରିବା ପାଇଁ କୌଣସି ଆନୁଷ୍ଠାନିକ ନିର୍ଦ୍ଦେଶ କିମ୍ବା ଆଇନଗତ ଆଦେଶ ନାହିଁ। 'ଟିଓଆର୍' ଯେକୌଣସି ବେତନ କମିଶନର ମୂଳଦୁଆ ଦଲିଲ୍ ଭାବରେ କାର୍ଯ୍ୟ କରେ। ଏହା କେବଳ କାର୍ଯ୍ୟସୂଚୀ ସ୍ଥିର କରେ ନାହିଁ ବରଂ ସମୟସୀମା ଏବଂ ଆଶା ମଧ୍ୟ ସ୍ଥାପନ କରେ। ଟିଓଆର ଅନୁପସ୍ଥିତିରେ ଆୟୋଗ ତଥ୍ୟ ସଂଗ୍ରହ କରିପାରିବନାହିଁ, ଅଂଶୀଦାରମାନଙ୍କ ସହିତ ଜଡିତ ହୋଇପାରିବ ନାହିଁ କିମ୍ବା ଆର୍ଥିକ ମାନଦଣ୍ଡରେ ବିଶ୍ଳେଷଣ କରିପାରିବନାହିଁ। ଏହି ବିଳମ୍ବ କେବଳ ଆଭ୍ୟନ୍ତରୀଣ ପ୍ରଶାସନିକ ଯୋଜନାକୁ ବାଧା ଦେଉନାହିଁ ବରଂ ସଂଶୋଧିତ ଦରମା ଢାଞ୍ଚାର ସମୟୋଚିତ କାର୍ଯ୍ୟକାରିତା ପାଇଁ ଅପେକ୍ଷା କରିଥିବା କର୍ମଚାରୀଙ୍କ ଆଶାକୁ ମଧ୍ୟ ଧୂଳିସାତ୍ କରୁଛି।

### ଭାରତୀୟ ଜିତିଲେ...

ଏହା ତାଙ୍କ ମାଆଙ୍କ ଜନ୍ମ ତାରିଖର ସଂଖ୍ୟା ଥିଲା। ଲଟେରି ଜିତିଥିବା ଖବର ଶୁଣିବା ପରେ ଅନିଲ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ସେ ସୋଫାରେ ସେମିତି ବସି ରହିଥିଲେ। ଜିତେଇଥିବାରୁ ମାଆଙ୍କୁ ଧନ୍ୟବାଦ ଦେଇଥିଲେ। ସେ ଏହି ଲଟେରି ଅର୍ଥକୁ ଦାୟିତ୍ୱର ସହ ଖର୍ଚ୍ଚ କରିବେ ବୋଲି କହିଛନ୍ତି। ନିଜ ସ୍ୱପ୍ନ ପୂରଣ କରିବା ପାଇଁ ଏଥିରୁ ଏକ ସୁପରକାର୍, ରେସ୍ତୋରାଁ ଏବଂ ସପ୍ତ ତାରକା ହୋଟେଲ କିଣିବେ। ବାକି ଅର୍ଥକୁ ସଠିକ ମାର୍ଗରେ ନିବେଶ କରିବେ। ପରିବାରକୁ ୟୁଏଇକୁ ନେଇଯିବେ। ତାଙ୍କ ସହ ସାରା ଜୀବନ ବିତାଇବେ। ଏହି ଅର୍ଥରୁ ଆଉ କିଛି ଭାଗକୁ ସେ ଦାନ କରିବେ ବୋଲି କହିଛନ୍ତି।

### ପୀଡ଼ିତାଙ୍କ ପୁରୁଷ ବନ୍ଧୁ...

ପୀଡ଼ିତାଙ୍କୁ ଡାକିନେଇଥିଲା ତାଙ୍କର ସହପାଠୀ ତଥା ପୁରୁଷ ବନ୍ଧୁ। ଖାଇବା ବାହାନାରେ ପୀଡ଼ିତାଙ୍କୁ ସେ ମେଡିକାଲ ନିକଟବର୍ତ୍ତୀ ଜଙ୍ଗଲିଆ ଅଞ୍ଚଳକୁ ନେଇଯାଇଥିଲା। ପୂର୍ବରୁ ସେଠାରେ ଅପେକ୍ଷାରେ ଥିବା ଅନ୍ୟ ୫ ଜଣ ପୀଡ଼ିତାଙ୍କୁ ଟେକିନେଇ ଗଣଦୁଷ୍କର୍ମ କରିଥିଲେ। ଏହି ଜଘନ୍ୟ କାଣ୍ଡ ବେଳେ ପୁରୁଷ ବନ୍ଧୁ ସେଠାରୁ ଫେରାର ହୋଇଯାଇଥିଲା। ଖବର ପାଇ ପୁଲିସ ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଇଥିଲେ। ଏହାକୁ ନେଇ ଓଡ଼ିଶା ଓ ପଶ୍ଚିମ ବଙ୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଦୁର୍ଗାପୁର ମାମଲାରେ ଜାତୀୟ ମହିଳା କମିସନ ଏବଂ ଓଡ଼ିଶା ମହିଳା କମିସନ ମଧ୍ୟ ଉଦବେଗ ପ୍ରକାଶ କରିବା ସହିତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ଯାତ୍ରା ମଞ୍ଚସ୍ଥ ନ ହେବାରୁ ୨ କଳାକାରଙ୍କୁ ଅପହରଣ

ବାରିପଦା, ୨୮।୧୦(ସମିସ): ଯାତ୍ରା ମଞ୍ଚସ୍ଥ ନ ହେବାରୁ ଦୁଇଜଣ କଳାକାରଙ୍କୁ ଅପହରଣ କରାଯାଇଛି। ଏନେଇ ତକତପୁର ଅଞ୍ଚଳର ଫାଗୁନ କଏଲ ଅପେରା ମାଲିକ ରାକ୍ଷୀମଣି ମାର୍ଣ୍ଡି ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଝାଡ଼ଖଣ୍ଡ ରାଜ୍ୟର ୱେଷ୍ଟ ସିଂହଭୂମ ଅଞ୍ଚଳର ଧବାଡିରେ ଯାତ୍ରା କରିବା ପାଇଁ ଅଗ୍ରୀମ ବୁକିଂ ହୋଇଥିଲା। କିନ୍ତୁ କୌଣସି ସମସ୍ୟା ପାଇଁ ସେଠାକୁ ଯାତ୍ରା କରିବାକୁ ଯାଇପାରି ନ ଥିଲେ; ଯାହାକୁ ନେଇ କମିଟି ସଦସ୍ୟମାନେ ବାରିପଦା ଆସି ଦୁଇ ଜଣ ଯାତ୍ରା କଳାକାର ସାଉନା ହେମ୍ବ୍ରମ ଓ ଲକ୍ଷ୍ମଣ ମାଝୀଙ୍କୁ ଅପହରଣ କରି ନେଇଛନ୍ତି। ଯେପର୍ଯ୍ୟନ୍ତ ତାଙ୍କ ଅଞ୍ଚଳରେ ଯାତ୍ରା ପରିବେଷଣ ନ ହୋଇଛି, ସେ ଯାଏ ଛାଡ଼ିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।


Office of the Principal
**KALANDI CHARAN SANSKRIT COLLEGE**
At/Po- Padhuan, Dist.- Bhadrak - 756046
**ଅତିଥି ଅଧ୍ୟାପକ ଓ କିରାଣି ଆବଶ୍ୟକ**
ଏତଦ୍ୱାରା ଉଚ୍ଚ ଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ପତ୍ର ସଖ୍ୟା - ୫୭୧୯୮, ତା.୨୩.୧୦.୨୦୨୫ରିଖ ନିର୍ଦ୍ଦେଶ ଅନୁସାରେ କାଳନ୍ଦି ଚରଣ ସଂସ୍କୃତ ମହାବିଦ୍ୟାଳୟ, ପଢୁଆଁ, ବାସୁଦେବପୁର ଭଦ୍ରକ ରେ ଖାଲିଥିବା ନିମ୍ନ ବିଷୟମାନଙ୍କରେ ଅତିଥି ଅଧ୍ୟାପକ ଓ କିରାଣି ନିଯୁକ୍ତି କରାଯିବ।
୧) ରାଜନୀତି ବିଜ୍ଞାନ - ୧, ଓଡ଼ିଆ - ୧, କିରାଣି - ୧
୨) ଯୋଗ୍ୟତା: ଅବସର ପ୍ରାପ୍ତ ଅଧ୍ୟାପକ ଓ କିରାଣୀ (୪୮୮, ୬୬୨) ଏବଂ ସଂସ୍କୃତ ବର୍ଗର
୩) ବୟସ ସୀମା: ୬୧ ରୁ ୬୯ ବୟସ ମଧ୍ୟରେ
୪) ଆବେଦନ: ଉପଯୁକ୍ତ ପ୍ରାର୍ଥୀ କେବଳ HIMS ପୋର୍ଟାଲ ମାଧ୍ୟମରେ ବିଜ୍ଞାପନର ୭ ଦିନ ମଧ୍ୟରେ ଆବେଦନ କରିପାରିବେ।
**Sd/- Principal-cum-Secretary**
Kalandi Charan Sanskrit College
Padhuan, Bhadrak

OFFICE OF THE PRINCIPAL-CUM-SECRETARY
**GHANTESWAR DEGREE COLLEGE**
DIST-BHADRAK, PIN-756129, ODISHA
Accredited by NAAC Grade 'B', www.ghanteswarcollege.org.in,
Email: ghanteswardegree2016@gmail.com
**WANTED**
Guest Non-teaching member PET is wanted for immediate appointment. The retired Non-teaching members apply through HIMS Portal on or before 31/10/2025. Norms, conditions and salary will be as per the notification of DHE, Odisha vide letter No-57203, Dt.-23/10/2025.
**Sd/- Principal-cum-Secretary**
Ghanteswar Degree College, Ghanteswar

**DHAMNAGAR COLLEGE**
Estd: 1977
Dhamnagar, Bhadrak, Odisha-756117
Website: dhamnagarcollege.org.in
**WANTED**
Guest Lecturers in Chemistry, Logic & Philosophy, and Urdu including Three Demonstrators in Physics, Chemistry, Biology and PET are wanted for immediate appointment.The retired faculties and Non-Teaching Members below the age of 69 years with requisite Qualification may apply through provided links in HIMS portal.The Salary for the above cited posts will be as per the Notification of DHE, Odisha vide letter No. 57198 and 57203 on 23.10.2025.
**Sd/- Principal-cum-Secretary**
Dhamnagar College, Dhamnagar

**ନୋଟିସ୍**
(ଦେ.କା. ଆଇନ୍‌ର ଅର୍ଡର ୫ ରୁଲ୍ ୧୦ ସହିତ ଅର୍ଡର ୫ ରୁଲ ୨୦ (୧) ଏବଂ ୧ (କ) ଅନୁସାରେ ନୋଟିସ୍)
**ଜଜ୍ ଫ୍ୟାମିଲି କୋର୍ଟ, ଅନୁଗୋଳ**
**ସିଭିଲ୍ ପ୍ରୋସିଡିଙ୍ଗ (Execution), କେଶ ନଂ. 9/9091**
କଳ୍ପନା ମହାପାତ୍ର, ବୟସ ୪୧ ବର୍ଷ, ସ୍ୱାମୀ- ପ୍ରଦୀପ ଦାସ, ସା-ହନୁମାନ ବଜାର, ପୋ.ଅ- ଅନୁଗୋଳ, ଥାନା/ସ.ଡ଼ି.-ଅନୁଗୋଳ, ଜିଲ୍ଲା-ଅନୁଗୋଳ (ଓଡ଼ିଶା)
... ଦରଖାସ୍ତକାରୀଣି
ବନାମ
ପ୍ରଦୀପ ଦାସ, ବୟସ ୪୫ ବର୍ଷ ପିତା- ସ୍ୱର୍ଗତ ସଦାଶିବ ଦାସ, ପ୍ଲଟ୍ ନଂ.-୨୬୪. ମିଲନ ପାରାଡାଇସ୍, ଆର୍ଯ୍ୟ ବିହାର କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୧୦୨୧।
ଅଫିସ ଠିକଣା- ପ୍ରଦୀପ ଦାସ, ବୟସ ୪୫ ବର୍ଷ ପିତା- ସ୍ୱର୍ଗତ ସଦାଶିବ ଦାସ, ଫ୍ଲାଟ୍ ନଂ.-୪୨୮, ୪ର୍ଥ ଫ୍ଲୋର ଡ଼ି.ଏଲ୍. ଏଫ୍. ସାଇବର ସିଟି, ପଟିଆ, ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଇ-ଷ୍ଟେଟ୍, ଭୁବନେଶ୍ୱର-୭୫୧୦୨୪, ମୋ.ନଂ-୯୨୦୬୭୫୩୩୯୮, ୮୨୪୯୮୧୪୯୨୩
...ଅପରପକ୍ଷ
ଯେହେତୁ ଦରଖାସ୍ତକାରୀ U/S 18 Family Courts Act ପରିବାର ଅଦାଲତ ଅନୁଗୋଳ ଅନୁସାରେ ଆପଣଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଖଲ କରିଛନ୍ତି । ଆପଣଙ୍କ ବିରୁଦ୍ଧରେ ନୋଟିସ୍ ବାରମ୍ବାର ଆପଣଙ୍କ ଠିକଣାରେ ଜାରି ନିମନ୍ତେ ପଠାଗଲେ ମଧ୍ୟ ଆପଣ ଜାଣିଶୁଣି ଅନୁପସ୍ଥିତ ରହୁଥିବାରୁ ଓ ଆପଣଙ୍କ ଠିକଣା ପାଇପାରୁନଥିବାରୁ ନୋଟିସ୍ ଉତ୍ତମ ରୂପେ ଜାରି ହୋଇପାରୁନାହିଁ।
ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଇଅଛି କି ଆପଣ ଧାର୍ଯ୍ୟ ତା.୧୪.୧୧.୨୦୨୫ରିଖ ପୂର୍ବାହ୍ନ ୧୦:୩୦ ମିନିଟ୍ ସମୟରେ ଅତ୍ର କୋର୍ଟରେ ହାଜର ହୋଇ ଜବାବ ଦାଖଲ କରିବେ । ହାଜର ନ ହେଲେ ଆପଣଙ୍କ ବିରୁଦ୍ଧରେ ଏକ ତରଫା ସୁତ୍ରେ ବିଚାର କରାଯିବ।
ଅଦ୍ୟ ତା.୨୬.୦୯.୨୦୨୫ରିଖ ରେ ଆମ୍ଭର ସ୍ୱାକ୍ଷର ଅଦାଲତରେ ମୋର ଯୁକ୍ତେ ଦିଆଗଲା।
ସ୍ୱା/- ବିଚାରପତି

Office of the Principal
**Shyamsundar Sanskrit College**
**Bhograi, Balasore**
No.64 / E-mail - sscollegebhograi@gmail.com, Date - 27.10.2025
**WANTED**
Guest faculties in Dharmashastra (1) & Sahitya (1) including 2 nos. of Jr. Clerks are required on contractual basis. Only retired academicians and Jr. Clerks below the age of 69 years may apply through HIMS Portal on or before 31.10.2025. Remuneration will be paid as per the notification of DHE, Odisha vide letter no. 57198 and 57203 on dt. 23.10.2025.
**Sd/- Principal-cum-Secretary**
Shyamsundar Sanskrit College,
Bhograi, Balasore-756038

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡ଼ି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍-୦୬୭୪-୨୩୬୨୨୪୯
**ସୁନା ନିଲାମ ବିଜ୍ଞପ୍ତି**
ଏତଦ୍‌ଦ୍ୱାରା ନିମ୍ନଲିଖିତ ସୁନା ଋଣଗ୍ରହୀତା, ସେମାନଙ୍କର ଆଇନଗତ ଉତ୍ତରାଧିକାରୀ ଓ ସୁନା ଅଳଙ୍କାର ବ୍ୟବସାୟରେ ଜଡିତ ଥିବା ବ୍ୟକ୍ତି ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛିକି, ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ନିମ୍ନଲିଖିତ ଋଣଗ୍ରହୀତାମାନେ ସେମାନଙ୍କର ବକେୟା ଦେୟ ପଇଠ କରୁନାହାଁନ୍ତି। ଏହି ନୋଟିସ୍ ପ୍ରକାଶନ ମାଧ୍ୟମରେ ଜଣାଇ ଦିଆଯାଉଅଛିକି, ଯଦି ସେମାନେ ସେମାନଙ୍କର ସମ୍ପୃକ୍ତ ସୁନା ଋଣ ଆକାଉଣ୍ଟ ବାବଦ ବକେୟା ଦେୟ (ଅଦ୍ୟାବଧି ସମସ୍ତ ସୁଧ ଏବଂ ଦେୟ/ଆଇନଗତ ଖର୍ଚ୍ଚ ଅନ୍ତର୍ଭୁକ୍ତ କରି) ତା.୧୯.୧୧.୨୦୨୫ରିଖ ସୁଦ୍ଧା ପଇଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କରେ ବନ୍ଧକ ଥିବା ସେମାନଙ୍କର ସୁନା ଅଳଙ୍କାରଗୁଡିକୁ ତା.୨୦.୧୧.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ବ୍ୟାଙ୍କରେ ବନ୍ଧକ ଥିବା ସେମାନଙ୍କର ସୁନା ଅଳଙ୍କାରଗୁଡିକୁ ନିମ୍ନରେ ଦର୍ଶାଯାଇଥିବା ସହିଦ ନଗର ଶାଖା ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। ବ୍ୟାଙ୍କ ସମ୍ପୃକ୍ତ ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା କିମ୍ୱା କ୍ଷତି ନିମନ୍ତେ ଦାୟୀ ହେବ ନାହିଁ ଏବଂ କୌଣସି ଋଣଗ୍ରହୀତାଙ୍କ ପକ୍ଷରୁ ଏ ବାବଦ କୌଣସି ଅଭିଯୋଗ କିମ୍ୱା ପ୍ରତିନିଧିତ୍ୱକୁ ପ୍ରଶ୍ରୟ ଦେବ ନାହିଁ। ଯଦି ନିଲାମ ରାଶି ଅପର୍ଯ୍ୟାପ୍ତ କିମ୍ୱା କମ୍ ହୋଇଥାଏ ତେବେ କୌଣସି କାରଣ ନଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି। ପୁନଶ୍ଚ ଆବଶ୍ୟକସ୍ଥଳେ ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଉପରୋକ୍ତ ସ୍ଥିରିକୃତ ନିଲାମର ତାରିଖ, ସମୟ ଏବଂ ସ୍ଥାନକୁ ପରିବର୍ତ୍ତନ କିମ୍ୱା ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି। ସୁନା ଅଳଙ୍କାର/ କଏନ୍ ଗୁଡିକର ଶୁଦ୍ଧତା ଓ ନେଟ୍ ଓଜନ ଏବଂ ସଂରକ୍ଷିତ ମୂଲ୍ୟ ଇତ୍ୟାଦି ଇଚ୍ଛୁକ ନିଲାମଧାରୀମାନଙ୍କ ନିମନ୍ତେ ନିଲାମ ତାରିଖ ଦିନ ଏବଂ ନିଲାମର ସାଇଟ୍ / ନିଲାମ ପୋର୍ଟାଲରେ ଉପଲବ୍ଧ ହେବ।

| କ୍ର. ନଂ. | ଆକାଉଣ୍ଟ ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ମୋଟ ଓଜନ (ଗ୍ରାମରେ) | ନେଟ୍ ଓଜନ (ଗ୍ରାମରେ) | ୨୩.୦୯.୨୦୨୫ ସୁଦ୍ଧା ମୋଟ ବକେୟା ଦେୟ (ଲାଗୁ ହୋଇନଥିବା ସୁଧ, ଖର୍ଚ୍ଚ ଓ ଦେୟ ଇତ୍ୟାଦି ବ୍ୟତିତ) |
|---|---|---|---|---|---|
| ବ୍ୟାଙ୍କ ଅଫ୍ ଇଣ୍ଡିଆ, ସହିଦ ନଗର ଶାଖା, ଏ/୧୨୩, ସହିଦ ନଗର, ପୋ: ସହିଦ ନଗର, ଭୁବନେଶ୍ୱର, ପିନ୍-୭୫୧୦୦୭, ମୋ.: ୮୯୮୧୦୮୧୩୭୩ | | | | | |
| ୧. | ୫୫୫୧୭୭୬୧୦୦୦୦୯୫୯ | ପ୍ରକାଶ ଭୋଳ, ପିତା: ଭାଗ୍ୟଧର ଭୋଳ, ଏ ବ୍ଲକ୍ ମାର୍କେଟ, ସେକ୍ଟର-୮, ରାଉରକେଲା, ଓଡ଼ିଶା, ପିନ୍-୭୬୯୦୦୯ | ୪୬.୦୭୦ | ୪୧.୫୦୦ | ଟ.୨,୨୮,୮୨୯.୬୪ |

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୮.୧୦.୨୦୨୫ — ଆଞ୍ଚଳିକ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ

**AFFIDAVIT**
By virtue of an Affidavit Sworn before the Executive Magistrate, Angul, I, **Bashumati Maharana,** W/o: Late Saroj Maharana, Permanent resident of At: Madhupur, P.O.: Nandapur, P.S.: Bantala, Dist.: Angul (Odisha)-759132 have changed my minor daughter name from Sohaeni Maharana to Sohini Maharana. Sohaeni Maharana & Sohini Maharana is one & same person. Henceforth she shall be known as **Sohini Maharana** for all future purposes.

**AFFIDAVIT**
I, Kumari Pradhan W/o Biswanath Pradhan, Resident of At- Mayfair Nagar, Jaydev Vihar, Salia Sahi, PO-RRL, PS- Maitri Vihar, Bhubaneswar, Dist-Khordha PIN-751013, Odisha declared by this affidavit No.1669/94 dtd 27.10.2025 that now onwards I shall be known as **JYSIMA PRADHAN** for all future purposes.

**AFFIDAVIT**
I, Md Shahud Parbej S/o Md Mehboob, Resident of Latumia Lane, Panposh Town, Panposh, Rourkela, PS-Raghunathpali, Dist- Sundargarh PIN-769004, Odisha declared by this affidavit No.A/02 dtd 28.10.2025 that now onwards I shall be known as **MD SHAHUD PERVEZ** for all future purposes.

**AFFIDAVIT**
I, **Miss. Shruti Agarwal,** aged 23 years, D/O: Sajan Kumar Agarwalla, At: Radhakrishna Mandir, PO: Motiganj, PS: Town, Dist: Balasore, vide Affidavit No: 9245, Dt. 25.10.2025 declare that, my name be called as **Shruti Agarwalla** from here on for all future purposes.

**AFFIDAVIT**
I, **Smt. Madhavi Agarwal,** aged 49 years, W/o: Sajan Kumar Agarwalla, At: Radhakrishna Mandir, PO: Motiganj, PS: Town, Dist: Balasore, vide Affidavit No: 3426, Dt. 08.05.2025 declare that, my name be called as **Madhavi Agarwalla** from hereon for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Angul, Affidavit No- 5629 on dated 24-10-2025 I, **S P DURA BASULU SWAMY,** permanent resident of Vill. At/Po- Boxipalli, PS- Gopalpur, Dist- Ganjam, State- Odisha, Pin- 761002, declare that I have changed my name from **Spdura Basulu Swamy** (Old name) to **S P DURA BASULU SWAMY** (New name), Henceforth, I shall be known as **S P DURA BASULU SWAMY** for all future purposes.
Sd-(**S P DURA BASULU SWAMY**)

**AFFIDAVIT**
I, **Sri Shivam Agarwal,** aged 20 years, S/o.: Sajan Kumar Agarwalla, At: Radhakrishna Mandir, PO: Motiganj, PS: Town, Dist: Balasore, vide Affidavit No: 3428, Dt. 08.05.2025 declare that, my name be called as **Shivam Agarwalla** from hereon for all future purposes.

**AFFIDAVIT**
By virtue of an affidavit sworn before Notary Public Bhubaneswar, dated 20th September 2025, I Tirumal Kotnii, residing at 41/A, Ashok Nagar, Janpath, Near Rajmahal Square, Sri Durga Retail Private Limited, Bhubaneswar, Khurdha, Odisha- 751009, declare that I have change my name from Kotni Tirumal Kumar to Tirumal Kotnii. Henceforth, I shall be known as **Tirumal Kotnii** for all purposes.
Tirumal Kotnii

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, **Dharmananda Sahu,** S/o: Late Duryodhana Sahoo, resident of Bhitaradigapatana, Nayak Sahi, Bhuban NAC, Ward No-8, Bhuban, Po/Ps: Bhuban, Dist.: Dhenkanal, PIN-759017, Odisha declare by this affidavit No-11179. dtd- 23.10.25 that now onwards I shall be known as **Dharmananda Sahoo.** For all future purposes.

**AFFIDAVIT**
I Bhagyalata Patra wife of Sri Satya Narayan Mohapatra resident of ward No. 35, Plot No. C/ 2, Labour Colony, Unit- 3, Po-Gpo, Ps- Kharvel Nagar, Bhubaneswar, Dist- Khordha, Odisha, PIN- 751001 declare by this affidavit No. 77 dated 27.10.2025 that now onwards I shall be known as **BHAGYALATA PATRO** for all future purposes.

**AFFIDAVIT**
I, **Sri Sajan Kumar Agarwal,** aged 51 years, S/o: Late Ramavatar Agarwalla, At: Radhakrishna Mandir, PO: Motiganj, PS: Town, Dist: Balasore, vide Affidavit No: 3427, Dt. 08.05.2025 declare that, my name be called as **Sajan Kumar Agarwalla** from hereon for all future purposes.

**NAME CHANGE**
By virtue of an affidavit sworn before the Executive Magistrate, Tangi, Khordha CF.NO. 2672, dated 22/10/2025, I, **JAMUNARANI MANDAL,** W/o Ranjit Mandal resident of At: Gobardhanpur Colony Po: Bhusandpur, Ps - Tangi, Dist- Khordha, State- Odisha, Pin-752021 declare that I have changed my name from **JAMUNA MANDAL** (Old Name) to **JAMUNARANI MANDAL** (New Name). Henceforth, I shall be known as **JAMUNARANI MANDAL** for all future purposes.
(Sd- **JAMUNARANI MANDAL**)

**AFFIDAVIT**
I, Sunreeta Subhadarshini Nayak, aged about 41 years, W/o- Bhakta Ranjan Biswal, resident of At- Plot No- 315, Jayadev Vihar, Ps- Maitri Vihar, Bhubaneswar, Dist- Khurda, Pin- 751013, Odisha declare by this affidavit No. 2211, dtd. 27/10/2025, that now onwards I shall be known as **SUNRITA SUBHADARSHINI NAYAK** for all future purposes.

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-HIRING-VEHICLE-509, ତା.21.10.2025ରିଖ
କାର୍ଯ୍ୟର ନାମ: 30 ମାସ ଅବଧି ନିମନ୍ତେ ସିଗ୍ନାଲିଂ ପରିସମ୍ପତ୍ତି(Assets)ର ରକ୍ଷଣାବେକ୍ଷଣ, ବ୍ରେକଡାଉନ ସ୍ଥଳରେ ଉପସ୍ଥିତ(Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ(En-route Detention) କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର/ ସିଗ୍ନାଲ/ଟାଲଚେର (TLHR) ଏବଂ ସିନିୟର ସେକ୍ସନ ଇଂଜିନିୟର/ସିଗ୍ନାଲ/ଢେଙ୍କାନାଳ (DNKL) ଅଧୀନରେ ସିଗ୍ନାଲିଂ କର୍ମଚାରୀ ଏବଂ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଅହୋରାତ୍ର (Round the clock) ଚାଳକ ସହିତ TATA 207-DI କିମ୍ବା ଅନୁରୂପ ଭଳି ଗୋଟିଏ ଚାରି-ଚକିଆ ଗାଡ଼ି ଭଡ଼ା ଦ୍ୱାରା ନେବା।
ଟେଣ୍ଡର ମୂଲ୍ୟ(₹): 35,40,000.00, EMD (₹): 70,800.00, ଟେଣ୍ଡର ଦସ୍ତାବେଜ ମୂଲ୍ୟ (₹): 3,540.00
ବିଡ୍ ଆରମ୍ଭ ହେବା ତାରିଖ: ତା.29.10.2025ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.12.11.2025 ରିଖ 1100 ଘଟିକାରେ
[illegible]
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।
[illegible]
ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-728/Q/25-26

## ଗାଡ଼ିରେ ବ୍ରାଉନସୁଗର ଅଛି କହି ଟଙ୍କା ଲୁଟ୍ ଉଦ୍ୟମ






### ୩ ଯୁବକଙ୍କୁ ମାଡ଼ି ବସିଲା ପୁଲିସ

ବସ୍ତା ବ୍ଲକ/ରାଜଘାଟ, ୨୮।୧୦ (ସମିସ): ବସ୍ତା ଥାନା ଅଞ୍ଚଳରେ ଏକ ଭିନ୍ନ ଧରଣର ଠକେଇ କରିବା ଉଦ୍ୟମ କରି ୩ ଜଣ ଯୁବକଙ୍କୁ ପୁଲିସ ଗିରଫ କରିଛି। ସୋମବାର ଅପରାହ୍ନ ଚାରିଟା ସମୟରେ ବସ୍ତା, ବାଲିଆପାଳ ଏବଂ ସଦର ଥାନା ଅଞ୍ଚଳ ରେ କିଛି ଯୁବକ ମିଶି ଭୋଗରାଇରୁ ଏକ କାର ଭଡା ସୂତ୍ର ରେ ଆଣିଥିଲେ। ପୂର୍ବ ଯୋଜନା ଅନୁଯାଇ ଭୋଗରାଇରୁ କାରରେ ଆସିଥିବା ଯୁବକ ଜଣକ ଛୋଟ ଛୋଟ ଜରିରେ କିଛି ଅଟା ଗୁଣ୍ଡ ରଖିଥିଲା। ରାଜପଥର ନଳବହାର ଛକ ନିକଟରେ ଜଣେ ସମ୍ପର୍କୀୟଙ୍କୁ ଆଣିବା କହି ଗାଡିକୁ ଧପାକନ୍ଦ ଗ୍ରାମ ନିକଟକୁ ନେଇଯାଇଥିଲେ। ସେଠାରେ ଚାରିଜଣ ଯୁବକ ବାଇକରେ ଆସି ଗାଡି ରେ ବ୍ରାଉନସୁଗାର ଅଛି କହି ଗାଡିକୁ ଅଟକ କରି ଗାଡି ମାଲିକ ସହ ଯୋଗାଯୋଗ କରି ମାଲିକଠାରୁ ମୋଟା ଅଙ୍କର ଅର୍ଥ ଦାବି କରିଥିଲେ ଏବଂ ଡ୍ରାଇଭର ନିକଟରେ ଥିବା ପାଞ୍ଚ ହଜାର ଟଙ୍କା ନେଇଯାଇଥିଲେ। ଗାଡି ମାଲିକ ଭୟରେ ଉପାୟ ନ ପାଇ ପଚିଶ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ। ତାଙ୍କୁ ଟଙ୍କା ଦେବା ପାଇଁ ଡ୍ରାଇଭର ଏକାଉଣ୍ଟରେ ଡିପୋଜିଟ କରିଥିଲେ। ଲୁଟେରାମାନେ ଡ୍ରାଇଭରକୁ ନେଇ ଗାନ୍ଧିଛକସ୍ଥିତ ଏଟିଏମକୁ ଟଙ୍କା ଉଠାଇବାକୁ ଯାଇଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବସ୍ତା ପୁଲିସ ଦୁର୍ବୃତ୍ତଙ୍କୁ ମାଡ଼ିବସିଥିଲା। ଏହି ଘଟଣାରେ ସମ୍ପୃକ୍ତ ସଦର ଥାନା ଶିଳଦା ଗ୍ରାମର ବିଜୟ ମାଇତି (୨୮), ବସ୍ତା ଥାନା ପୋଡାପଡା ଗ୍ରାମ ରେ ଅମିତ ଦାସ ଓରଫ ଜଗା (୩୦) ଏବଂ ବାଲିଆପାଳ ଥାନା ବଡ଼ାପାଳ ଗ୍ରାମର ଯତିନ୍ଦ୍ର ଜେନା (୨୬)କୁ ଗିରଫ କରି ଏକ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହାୟତା ତଦନ୍ତ କରିଛି। ଅଭିଯୋଗକାରି ଗାଡି ମାଲିକଙ୍କ ଘର ଭୋଗରାଇ ଥାନା ବାଟଗ୍ରାମ ଅଞ୍ଚଳରେ ପଦ୍ମଲୋଚନ ଜେନା ବୋଲି ଜଣା ପଡ଼ିଛି।

## ଆଳୁ ଆମଦାନୀରେ ବାଧା, ଚଢ଼ା ଦରରେ ବିକ୍ରି



ଜଳେଶ୍ୱର ବ୍ଲକ, ୨୮।୧୦ (ସମିସ): କିଛି ଦିନ ଧରି ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ ବନ୍ଦ ରହିଥିବାବେଳେ ସମ୍ଭାବ୍ୟ ବାତ୍ୟା ଆଶଙ୍କାରେ ଲୋକେ ଅଧିକ ଆଳୁ କିଣୁଥିବାରୁ ଆଳୁ ଦାମ ହଠାତ୍ ବଢିବାରେ ଲାଗିଛି। କାଳୀପୂଜା ପାଇଁ ପଶ୍ଚିମବଙ୍ଗର ଆରାମ ବାଗ, ଚନ୍ଦ୍ରକଣା, ଗଡ଼ ବେତାରେ ଥିବା ସମସ୍ତ ଆଳୁ ଗୋଦାମ ବନ୍ଦ ଥିବା ଓ ଛଟପୂଜା ପାଇଁ ପଡ଼ୋଶୀ ରାଜ୍ୟରୁ ଆସି କାର୍ଯ୍ୟ କରୁଥିବା ଶ୍ରମିକମାନେ ଛୁଟିରେ ରହିଥିବାରୁ ଓଡ଼ିଶାକୁ ଆଳୁ ଆସିବାରେ ବାଧାପ୍ରାପ୍ତ ହୋଇଥିଲା। ଗତ ଦୁଇଦିନ ତଳେ କିଛି ଗୋଦାମ ଖୋଲିଛି। କିନ୍ତୁ ଗୋଦାମ ଖୋଲିବା ପରେ କୁଇଣ୍ଟାଲ ପ୍ରତି ଆଳୁ ଦାମ ୭୦ରୁ ୮୦ଟଙ୍କା ବଢାଇ ବିକ୍ରି ଆରମ୍ଭ ହୋଇଛି। ଫଳରେ ଓଡ଼ିଶାର ଆଳୁ ବ୍ୟବସାୟୀମାନେ ହଠାତ୍ ବଢା ଦାମରେ ଆଳ ଆଣିବାକୁ ଅନିଚ୍ଛା ପ୍ରକାଶ କରି ଆଳୁ ଆମଦାନୀ ବନ୍ଦ ରଖୁଥିବା ଜଣାଯାଇଛି। ଯାହାର ପ୍ରଭାବ ବଜାର ଉପରେ ପରିଲକ୍ଷିତ ହେଉଛି। ଆଜି କିଛି ବ୍ୟବସାୟୀ ଆଳୁ ଆଣି ବଜାରକୁ ଛାଡ଼ିଥିବାର ଜଣାଯାଇଛି। ଫଳରେ ବଜାରରେ ପୂର୍ବରୁ ୧୭/୧୮ ଟଙ୍କାରେ ମିଳୁଥିବା ଆଳୁ ଏବେ ୨୦/ ୨୧ ଟଙ୍କା ଦାମ ହେବାର ସୂଚନା ମିଳିଛି। ପୂର୍ବରୁ ପଶ୍ଚିମବଙ୍ଗରେ କୁଇଣ୍ଟାଲ ପ୍ରତି ୧୧୪୦ରୁ ୧୧୫୦ ଟଙ୍କା ରହିଥିବାବେଳେ ଏବେ ୧୨୦୦ରୁ ୧୨୧୦ ଟଙ୍କା ରହିଥିବାରୁ ବଜାରରେ ଏବେ ୨୦ଟଙ୍କାରୁ ୨୨ଟଙ୍କା ମଧ୍ୟରେ ଆଳୁର ଦାମ ରହିବ ବୋଲି ଜଳେଶ୍ୱର ଆଳୁ ଗୋଦାମର ମାଲିକମାନେ ସୂଚନା ଦେଇଛନ୍ତି।

## କୃଷକ ମଞ୍ଚର ଆନ୍ଦୋଳନକୁ ସିପିଆଇର ସମର୍ଥନ

ନୀଳଗିରି, ୨୮।୧୦ (ସମିସ): ନୀଳଗିରି କୃଷକ ମଞ୍ଚ ପକ୍ଷରୁ କୁଲଡିହା ଅଭୟାରଣ୍ୟର ୫ କିମି ବ୍ୟାସାର୍ଦ୍ଧ ମଧ୍ୟରେ ରହିଥିବା ରାଜସ୍ୱ ଗ୍ରାମ ଓ ବସ୍ତିଗୁଡ଼ିକୁ ରଖିବାକୁ କେନ୍ଦ୍ର ସରକାରଙ୍କ ଜଙ୍ଗଲ ବିଭାଗର ନିଷ୍ପତ୍ତିକୁ ବିରୋଧ କରି ଚଳାଇଥିବା ପ୍ରତିବାଦ ଆନ୍ଦୋଳନକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ବାଲେଶ୍ୱର ଜିଲ୍ଲା ସମ୍ପୂର୍ଣ୍ଣ ସମର୍ଥନ କରିବା ସହ ଇକୋ ସେନସିଟିଭ ଜୋନରୁ ରାଜସ୍ୱ ଗ୍ରାମ, ବସ୍ତି, ଅଙ୍ଗନବାଡ଼ି ୱାଡ଼ି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ସହ ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନଗୁଡ଼ିକୁ ବାଦ ଦେବା ପାଇଁ ଦୃଢ ଦାବି କରିଛି। ଏ ସମ୍ପର୍କରେ ଗତ ସୋମବାର ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକରେ ଏକ ପ୍ରସ୍ତାବ ଗୃହିତ ହୋଇଥିଲା। ଏହି ବୈଠକରେ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ମିଶ୍ର, ଦୁଇ ଜଣ ସହ ସମ୍ପାଦକ ଜୟନ୍ତ ଦାସ, କ୍ଷୀରୋଦ ସିଂଦେଓ ସମେତ ପୂର୍ବତନ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ ଯୋଗଦେଇ ଏହି ଜନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ମଙ୍ଗଳବାର ନୀଳଗିରିସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରସ୍ତାବିତ ଇକୋ ସେନସିଟିଭ ଜୋନରୁ ଜନବସ୍ତି ଓ ସରକାରୀ ଅନୁଷ୍ଠାନଗୁଡ଼ିକୁ ବାଦ ଦେବ ସହ ରାସ୍ତା ଓ ଅନ୍ୟାନ୍ୟ ସରକାରୀ ନିର୍ମାଣକାର୍ଯ୍ୟ ଉପରୁ ଜଙ୍ଗଲ ବିଭାଗର ଅଙ୍କୁଶ ହଟାଇବା ପର୍ଯ୍ୟନ୍ତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୃଷକମଞ୍ଚର ଏହି ଆନ୍ଦୋଳନକୁ ସମର୍ଥନ କରିବା ସହ ସାମିଲ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ନିରଞ୍ଜନ ବାରିକ, ବର୍ଷିୟାନ କମ୍ୟୁନିଷ୍ଟ ନେତା କୈଳାଶ ଚନ୍ଦ୍ର ପଣ୍ଡା, ଜିଲ୍ଲା ସମ୍ପାଦକ ଭାଗିରଥି ପ୍ରତିହାରୀ, ଶ୍ୟାମସୁନ୍ଦର ଗ୍ରା.ପ.ର ସରପଞ୍ଚ ପୁରୁଷୋତ୍ତମ ସେଠୀ, ନୀଳଗିରି ଜୋନ ସମ୍ପାଦକ ବିଜୟ କୁମାର ସ୍ୱ, ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟ ଯତୀନ କୁମାର ପାତ୍ର ପ୍ରକାଶ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ମନୋରଞ୍ଜନ ଦାସ, ପ୍ରଭାକର ମହାପାତ୍ର, ଗାୟତ୍ରୀ ପଣ୍ଡା, ନିହାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ବାତ୍ୟା ମୋନ୍ଥା ପାଇଁ ଉପକୂଳବର୍ତ୍ତୀ ଅଞ୍ଚଳ ଲୋକେ ଭୟଭୀତ

# ତାଳସାରୀଠାରୁ କୀର୍ତ୍ତନିଆ ଯାଏଁ ସୁରକ୍ଷା ବନ୍ଧ କେବେ

ଚନ୍ଦନେଶ୍ୱର,୨୮।୧୦ (ସମିସ)



ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ଏବେ ସାମୁଦ୍ରିକ ବାତ୍ୟା ମୋନ୍ଥା ରୂପ ନେଇଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ ବାଲେଶ୍ୱରକୁ ବାତ୍ୟାର ପ୍ରଭାବ କମ୍ ଥିଲେ ମଧ୍ୟ ଆଜି ପାଖରୁ ବର୍ଷା ସାରାଦିନ ଲାଗିରହିଛି। ତେଣୁ ବାତ୍ୟାର ମୁକାବିଲା ପାଇଁ ଭୋଗରାଇ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ସମସ୍ତ ବାତ୍ୟା, ବନ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ କରିବା ସହିତ ସମୁଦ୍ର ଉପକୂଳ ଓ ତଳିଆ ଅଞ୍ଚଳବାସୀଙ୍କୁ ସ୍ଥାନାନ୍ତର କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସେଇଥିପାଇଁ ବିଭାଗୀୟ ଅଧିକାରୀ ଓ ସରକାରୀ କର୍ମଚାରୀଙ୍କୁ ସଜାଗ ରହିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଓଡିଶା ସୀମାନ୍ତ ବାଲେଶ୍ୱର ଜିଲ୍ଲାର ଭୋଗରାଇର ସମୁଦ୍ର ଉପକୂଳବାସୀ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। ତାଳସାରୀ ଠାରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ବେଳାଭୂମି ରହିଛି। ପ୍ରତି ବର୍ଷ ସାମୁଦ୍ରିକ ଝଡ଼ ଓ ଲଘୁଚାପ ପାଇଁ ସମୁଦ୍ରରେ ଉଚ୍ଚ ଜୁଆର ମାଡିବା ଯୋଗୁଁ ଉପକୂଳ ଅଞ୍ଚଳ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି ! ସମୁଦ୍ରର ଉଚ୍ଚ ଜୁଆର କୂଳରେ ମାଡ ହେବାରୁ ମୃତ୍ତିକା କ୍ଷୟ ହେବା ସହିତ ଉପକୂଳ ଗାଁ ତାଳସାରୀ, ବିନ୍ଧାପଦ୍ମପୁର, କୃଷ୍ଣନଗର, କନ୍ୟାନଗରୀ, ଖଡ଼ିବିଲ, ରଣସିଂହପୁର, ବଡ଼ପାହି, ନାରାୟଣ ମହାନ୍ତି ପଡିଆ, ଚନ୍ଦ୍ରବାଲି ଓ କୀର୍ତ୍ତନିଆ ଆଦି ଗାଁର ଲୋକମାନେ ଭୟଭୀତ ଅବସ୍ଥାରେ ଦିନ ଗଣୁଛନ୍ତି। ଏହାଛଡା ଗତ ୧୯୯୯ ମସିହା ନଭେମ୍ବର ୨୯ ତାରିଖ ମହାବାତ୍ୟା ପର ଠାରୁ ଅଦ୍ୟାବଧି ଆଠରୁ ଅଧିକ ସାମୁଦ୍ରିକ ଝଡ଼ ଉପକୂଳବାସୀଙ୍କୁ ବେଶ ପ୍ରଭାବିତ କରିଛି। ତାଳସାରୀ ଠାରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ୧୨ କିଲୋମିଟର ଉପକୂଳ ସୁରକ୍ଷା ବନ୍ଧ ଦୀର୍ଘ ଦିନ କାର୍ଯ୍ୟକାରୀ ହେଉ ନ ଥିବାରୁ ସମୁଦ୍ରର ଉଚ୍ଚ ଜୁଆର ମାଡ଼ରେ ଧନ ଜୀବନ କ୍ଷୟକ୍ଷତି ହେଉଛି । ଶହ ଶହ ଏକର ଚାଷ ଜମିରେ ଲୁଣି ପାଣି ପଶିବା ଫଳରେ ଚାଷ ନଷ୍ଟ ହେବା ସହ ଚାଷୀଙ୍କର ଚାଷ ପ୍ରତି ନିରାଶା ଭାବ ସୃଷ୍ଟି ହେଉଛି। ସାମୁଦ୍ରିକ ଝଡ ଏବଂ ଅମାବାସ୍ୟା ଓ ପୂର୍ଣ୍ଣିମା ତିଥିରେ ସମୁଦ୍ରର ଉଚ୍ଚ ଜୁଆର ମାଡ଼ରେ ସୁବର୍ଣ୍ଣପୁରରେ ଥିବା ଶହ ଶହ ଝାଉଁ ଜଙ୍ଗଲ ସମୁଦ୍ର ଗର୍ଭରେ ଲୀନ ହେଉଛି। ତାଳସାରୀ ଠାରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ଦୀର୍ଘ ୧୨ କିଲୋମିଟର ଉପକୂଳ ତଟ ମୁକୁଳା ପଡିଛି । ଦୀର୍ଘ ଦିନ ଧରି ଉଚ୍ଚ ପଥର ବନ୍ଧ ତିଆରି ନ ହେବାରୁ ସମୁଦ୍ର ଉପକୂଳ ଲୋକମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି । ତୁରନ୍ତ ସମୁଦ୍ର ଉପକୂଳର ତଟ ସୁରକ୍ଷା ଉଚ୍ଚ ପଥର ବନ୍ଧ ନ ହେଲେ କିଛି ବର୍ଷ ମଧ୍ୟରେ ଅଶାନ୍ତ ସମୁଦ୍ର ଉପକୂଳ ଗାଁଗୁଡିକ ଲୀନ ହୋଇ ଭୌଗୋଳିକ ସ୍ଥିତି ବଦଳାଇ ଦେଇ ପାରେ ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିବା ସହିତ ସୁରକ୍ଷା ବନ୍ଧ ନିର୍ମାଣ କରିବାକୁ ଦାବି କରିଛନ୍ତି।

### ● ତାଳସାରି ସାମୁଦ୍ରିକ ଥାନା ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ

## ମିଥ୍ୟା ମାମଲାରେ ୩ ଯୁବକଙ୍କୁ ଗିରଫ ଅଭିଯୋଗ



ଭୋଗରାଇ, ୨୮।୧୦ (ସମିସ): ଭୋଗରାଇ ବ୍ଲକ ତାଳସାରି ସାମୁଦ୍ରିକ ଥାନା ପୁଲିସ ପକ୍ଷରୁ ଗତ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଉଦୟପୁର ବେଳାଭୂମିରେ ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଅନ୍ୟ ଦୁଇ ଜଣ ଯୁବକଙ୍କୁ ପୁଲିସ ଥାନାକୁ ଆଣି ଅଟକ ରଖିବା ପରେ ଉଦୟପୁର ବେଳାଭୂମିରେ ଚୋରା ମଦ ବିକ୍ରି କରିବା ଓ ପର୍ଯ୍ୟଟକଙ୍କୁ ମଦ ଯୋଗାଇ ଦେବା ମାମଲାରେ ମଙ୍ଗଳବାର ଅଟକ ରଖିଥିବା ୩ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଏନେଇ ସ୍ଥାନୀୟ ବ୍ୟବସାୟୀ ଓ ଜନସାଧାରଣ ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସର ସ୍ୱଚ୍ଛତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସ୍ଥାନୀୟ ବ୍ୟବସାୟୀମାନେ କହିଛନ୍ତି ତାଳସାରି ସାମୁଦ୍ରିକ ଥାନା ପୁଲିସ ଉଦୟପୁର ବେଳାଭୂମିରେ ମଦ, ଗଞ୍ଜେଇ, ବ୍ରାଉନ ସୁଗାର ବେପାରୀ ଓ ଦେହଜୀବୀ ଦଲାଲଙ୍କ ଠାରୁ ମାସକୁ ମାସ ମୋଟା ଅଙ୍କର ବଟି ନେଇ ବେଳାଭୂମିରେ ଅନୈତିକ, ଅସାମାଜିକ କାର୍ଯ୍ୟ କରିବାକୁ ପ୍ରୋତ୍ସାହନ ଦେଇ ଆସୁଛନ୍ତି। ସ୍ଥାନୀୟ ଯୁବକମାନେ ମଧ୍ୟ ନିଜର ଓ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ବନ୍ଧୁବାନ୍ଧବ ଓ ପରିବାର ବର୍ଗଙ୍କୁ ଆଣି ପର୍ଯ୍ୟଟକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ବେଳାଭୂମିରେ ଚେୟାର ଟେବୁଲରେ ବସାଇ ମଦ ପିଇବାକୁ ପ୍ରବର୍ତ୍ତାଇ ଅର୍ଥ ରୋଜଗାର କରନ୍ତି। ମାତ୍ର ଗତ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ହଠାତ ତାଳସାରି ସାମୁଦ୍ରିକ ଥାନା ଅଧିକାରୀ ଚମ୍ପାବତୀ ସୋରେନ ଓ ତାଙ୍କର କର୍ମଚାରୀ ମାନେ ବେଳାଭୂମି ରାସ୍ତାରେ ପାର୍କିଂ ସ୍ଥାନରେ ଛିଡ଼ା ହୋଇଥିବା ଉଦୟପୁର ଗାଁର ବିନୋଦ ବେହେରା(୩୫), ଉଦୟପୁର ବେଳାଭୂମିରୁ ଭୋଗରାଇ ଥାନା ଅଧୀନ ରଣସିଂହପୁର ଗାଁର ଚିରଞ୍ଜିତ ପଟ୍ଟାୟତ(୨୬) ଓ ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କୁ ଉଠାଇଆଣି ଥାନାରେ ଅଟକ ରଖି ମିଛ ମାମଲାରେ ଫସାଇ ନିରୀହ ଯୁବକମାନଙ୍କୁ ଅଭିଯୁକ୍ତ ସଜାଇଥିବା ସ୍ଥାନୀୟ ଲୋକେ ଓ ବ୍ୟବସାୟୀ ଅମୂଲ୍ୟ ବେହେରା, ଅତୁଲ ବେହେରା, ବାବାଜୀ ପ୍ରଧାନ, ଆନନ୍ଦ ବେହେରା, କୁଶିଆ ପଟ୍ଟାୟତ, ଚନ୍ଦନ ବେରା, ଛଟାଙ୍ଗୀ ବେହେରା, ଅଞ୍ଜନା ପଟ୍ଟାୟତ, ସୁଭଦ୍ରା ବେହେରା, ମିନତୀ ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି । ଉଦୟପୁର ବେଳାଭୂମିରେ ମଦ, ଗଞ୍ଜେଇ, ବ୍ରାଉନ ସୁଗାର ସହିତ ଦେହଜୀବୀଙ୍କ ଅଶ୍ଳୀଳ ନୃତ୍ୟ ବନ୍ଦ ପାଇଁ ସାଧାରଣରେ ଦାବି କରିଛନ୍ତି। ଏଥିସହିତ ଉକ୍ତ ୩ ନିରୀହ ଯୁବକ ମାନଙ୍କ ଉପରେ ଥାନା ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରି ନ୍ୟାୟ ପାଇଁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଉକ୍ତ ଯୁବକମାନେ ଉଦୟପୁର ବେଳାଭୂମିରେ ଚୋରା ମଦ ବିକ୍ରି କରୁଥିବା ସମୟରେ ସେମାନଙ୍କୁ ଧରାଯାଇ ସେମାନଙ୍କ ବିରୁଦ୍ଧରେ ୧୦୨/୨୫ ଓ ୧୦୩/୨୫ରେ ପୃଥକ ମାମଲା ରୁଜୁ କରାଯିବା ପରେ ମଙ୍ଗଳବାର ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀଣୀ ଚମ୍ପାବତୀ ସୋରେନ ସୂଚନା ଦେଇଛନ୍ତି।

## ସିପିଆଇ ବାଲେଶ୍ୱର ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକ

ସୋର,୨୮।୧୦ (ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ବାଲେଶ୍ୱର ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକ ସୋର ପୌର ପାଳିକା ଅନ୍ତର୍ଗତ କମରପୁର ସ୍ଥିତ ସଂଗ୍ରାମୀ ଭବନରେ ବରିଷ୍ଠ ସାଥି ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନବ ନିର୍ବାଚିତ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ମିଶ୍ର ରାଜ୍ୟ ସରକାରଙ୍କ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଆଦିବାସୀ ଅଧ୍ୟୁଷିତ ପ୍ରାକୃତିକ ଖଣିଜ ସମ୍ପଦ ଭରା ଅଞ୍ଚଳକୁ ବେଦାନ୍ତ ହାତରେ ସମର୍ପି ଦେବାକୁ ଯୋଜନା। ୧୯୪୮ କାରଖାନା ଆଇନକୁ ଉଲଂଘନ କରି ଶ୍ରମିକ ମାନଙ୍କୁ ଶୋଷଣ ସହ ବେକାର କରାଇବାକୁ ଓଡିଶା ସରକାରଙ୍କ ରାଜ୍ୟ କ୍ୟାବିନେଟରେ ୮ ଘଣ୍ଟା ଶ୍ରମ ପରିବର୍ତ୍ତେ ୧୦ ଘଣ୍ଟା ଶ୍ରମ ସମୟ ବୃଦ୍ଧିକୁ ଦୃଢ ନିନ୍ଦା କରିଥିଲେ। ଶ୍ରମିକ ଶ୍ରେଣୀ ଏହାର ଉଚିତ ଜବାବ ଦେବାକୁ ଆହ୍ୱାନ ଦେଇଥିଲେ। ସେହିପରି ପୂର୍ବତନ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ରାଜ୍ୟ ସହ ସମ୍ପାଦକ କ୍ଷିରୋଦ ସିଂଦେଓ ଯୋଗଦେଇ କୁଲଡିହା ଅଭୟାରଣ୍ୟ ଇକୋ ସେନସିଟିଭ ଜୋନର ସୀମା ନିର୍ଧାରଣ ବେଳେ ଶତାଧିକ ବର୍ଷର ଜନବସତି ଗ୍ରାମ ଗୁଡିକୁ ଇକୋ ସେନସିଟିଭ ଅଞ୍ଚଳ ମଧ୍ୟରୁ ବାଦ ନ ଦେବା ଫଳରେ ସାଧାରଣ ଲୋକ ନାହିଁ ନଥିବା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ବାସ୍ତବତା ଦୃଷ୍ଟିରୁ ଅଭୟାରଣ୍ୟ ପାଇଁ ଧାର୍ଯ୍ୟ ସୀମା ଆଇନ ଅନୁଯାଇ ଜନବସତୀ ଠାରୁ ୧୦ କିଲୋମିଟର ଦୂରରେ ଥିବା ନୀଳଗିରି, ଔପଦା ଏବଂ ସୋର ବ୍ଲକର କେତେକ ପଞ୍ଚାୟତର ଗ୍ରାମ ଗୁଡିକୁ ତୁରନ୍ତ ବାଦ ଦିଆଯାଇ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭ ପାଇଁ ଦାବି କରିଥିଲେ। ସାଥି ନିରଞ୍ଜନ ବାରିକ ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇ ଜନ ବସତିର ସୁରକ୍ଷା ପାଇଁ କୃଷକ ସଭା ଏବଂ ଭିଟାମାଟି ସୁରକ୍ଷା ମଞ୍ଚ, ନଭେମ୍ବର ପହିଲାରୁ ଶ୍ୟାମସୁନ୍ଦର ପୁର ପଞ୍ଚାୟତ ଠାରୁ ଜନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇ ନଭେମ୍ବର ୭ ରେ ମହାସମାବେଶ ବାଲେଶ୍ୱର ଜିଲ୍ଲା ପାଳଙ୍କ ଅଫିସ ସମ୍ମୁଖରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରିଥିଲେ।

## ନିଖୋଜ ଭିନ୍ନକ୍ଷମ ବଙ୍ଗୀୟ ଯୁବକ ଉଦ୍ଧାର



ଜଳେଶ୍ୱର,୨୮।୧୦(ସମିସ): ପଶ୍ଚିମବଂଗ ଦାନ୍ତୁନ ଥାନା ଅନ୍ତର୍ଗତ ପାଶାଣ୍ଡ ପଞ୍ଚାୟତ ର କୋଟପଦା ଗ୍ରାମର ଭିନ୍ନକ୍ଷମ ଯୁବକ ୩୦ କିମି ରାସ୍ତା ଅତିକ୍ରମ କରି ନଛିମ ପୁର ପଞ୍ଚାୟତ ଠାରେ ଏକ ସାଇକେଲ ଧରି ପଥହରା ହୋଇଥିଲେ। ରବିବାର ସନ୍ଧ୍ୟାରେ ଆନନ୍ଦ ବଜାର ଛକ ଠାରେ ଲୋକେ ରୁଣ୍ଡ ହୋଇ ପରିଚୟ ଜାଣିବାକୁ ଚାହିଁଥିଲେ ମଧ୍ୟ ସେ ମାନସିକ ଭାରସାମ୍ୟ ହରାଇ କିଛି କହି ପାରି ନଥିଲେ। ପରେ ବହୁ ପଞ୍ଚାୟତ ରୁ ଖବର ଆସିଥିଲେ ମଧ୍ୟ ପରିଚୟ ଜଣା ନପଡିବାରୁ ସାମ୍ବାଦିକ ଦୁର୍ଗା ଶଙ୍କର ଗିରି ଜଳେଶ୍ୱର ଥାନା କୁ ଖବର ଦେଇ ସାଇକେଲ ଜିମାରେ ରଖିଥିଲେ। ଜଳେଶ୍ୱର ପୁଲିସ ଏଏସଆଇ ସୃଷ୍ଟି ଧର ବେହେରା ମୁକ ଯୁବକଙ୍କୁ ନେଇ ସାନ୍ତିଆସ୍ଥିତ ଗାନ୍ଧୀ ସେବାଶ୍ରମରେ ରଖିଥିଲେ। ପରେ ସାମାଜିକ ଗଣମାଧ୍ୟମରୁ ଜାଣି ବୃଦ୍ଧ ବାପା ହରିପଦ ପ୍ରାମାଣିକ, ପୁଅ ସୁକଦେବ ପ୍ରାମାଣିକ(୨୩)କୁ ଜଳେଶ୍ୱର ଥାନାରେ ଆବଶ୍ୟକ କାଗଜପତ୍ର ଦେଖେଇ ନେଇ ଥିଲେ।

## ଓଲମରା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା



ଜଳେଶ୍ୱର ବ୍ଲକ,୨୮।୧୦(ସମିସ): ସରକାରୀ ଉଚ୍ଚ ବିଦ୍ୟାଳୟ ଓଲମରା, ବାଲେଶ୍ୱରର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମଙ୍ଗଳ ମାରାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପିଲାମାନେ ବିଜ୍ଞାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହଯୋଗରେ ୩୧ଟି ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ସମସ୍ତ ପ୍ରକଳ୍ପକୁ ବିଚାରକ ମଣ୍ଡଳୀ ଦ୍ୱାରା ନିରୀକ୍ଷଣ କରାଯାଇଥିଲା ଓ ଶେଷରେ ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଓ ବିଚାରକ ଭାବେ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଅବସରପ୍ରାପ୍ତ ଅଧ୍ୟାପକ ଅଚିତ ନାରାୟଣ ଜେନା ଓ ତାଙ୍କ ଧର୍ମପତ୍ନୀ ତଥା ଅବସରପ୍ରାପ୍ତ ଅଧ୍ୟାପିକା ମମତା ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଞ୍ଜୟ ବେହେରା ଏବଂ ବିଶିଷ୍ଟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତାପସ କୁମାର ଦତ୍ତ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ନାରାୟଣ ପାଇକରାୟ ମଞ୍ଚ ପରିଚାଳନା କରିଥିଲେ ଏବଂ ଶେଷରେ ବିଶେଶ୍ୱର ଘଡେଇ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରଥମ ସ୍ଥାନ କରିଥିବା ସବ୍ ଜୁନିୟର ବିଭାଗରେ ଶ୍ରୁତି ଗିରି, ଜୁନିୟର ବିଭାଗରେ ଅଙ୍କିତ ଦତ୍ତ ଏବଂ ସିନିୟର୍ ବିଭାଗରେ ସ୍ୱାଧୀନ ଅଧିକାରୀଙ୍କୁ ପୁରସ୍କୃତ କରିବା ସହ ସମସ୍ତ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ତିନି ଜଣ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳାରେ ଯୋଗ ଦେବାର ସୁଯୋଗ ପାଇବେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସଞ୍ଜୟ କୁଇଲା, ବଳରାମ ମୁର୍ମୁ, ସମରସେନ ସର୍ଦ୍ଦାର, ନୀଳକଣ୍ଠ ଜେନା, ପ୍ରଦୀପ ଦାସ, ପୁଷ୍ପଲତା ଜେନା, ସୁଲୋଚନା ହେମ୍ବ୍ରମ, ଆର୍ଷୀମେଲ ଟୁଡୁ, ସୁଚିସ୍ମିତା ବେହେରା, ମଞ୍ଜୁଲତା ଗିରି, ମିନାକ୍ଷୀ ଗାନ୍ଧୀ ପ୍ରମୁଖ ସହଯୋଗ କରିଥିଲେ।

### ଭୁଲ ଔଷଧ ଖାଇ ନାବାଳକ ଅସୁସ୍ଥ ହେବା ଘଟଣା

# ଅସୁସ୍ଥ ନାବାଳକଙ୍କ ଘରେ ପହଞ୍ଚି ତଦନ୍ତକଲା ଡାକ୍ତରୀ ଟିମ୍

ବାହାନଗା,୨୮।୧୦(ସମିସ)

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତର ଲେଖିଥିବା ଔଷଧ ନ ଦେଇ କମ୍ପାଉଣ୍ଡର ଭୁଲ ଔଷଧ ଦେବା ଏବଂ ଭୁଲ ଔଷଧ ଖାଇ ନାବାଳକ ଅସୁସ୍ଥ ହେବା ଘଟଣା ନେଇ "ସକାଳ'ରେ ଖବର ପ୍ରକାଶ ପରେ ଆକ୍ସନ ମୋଡକୁ ଆସିଛନ୍ତି ବାଲେଶ୍ୱର ଜିଲ୍ଲାପାଳ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ। ପ୍ରକାଶିତ ଖବର ଜିଲ୍ଲାପାଳଙ୍କ ନଜରକୁ ଆସିବା ପରେ କିଛି ଘଣ୍ଟା ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଅସୁସ୍ଥ ନାବାଳକଙ୍କ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ମେଡିକାଲ ଟିମ୍।

ବାହାନଗା ବ୍ଲକ ନୂଆପୁର ଗ୍ରାମର ବିନୋଦ ବିହାରୀ ବିଶ୍ୱାଳଙ୍କ ପୁଅ ଯଜ୍ଞଜ୍ୟୋତି (୧୨)ଙ୍କ ଦେହ ଅସୁସ୍ଥ ହେବା ସହ ୩ ଦିନ ଧରି ଜ୍ୱର ଲାଗି ରହିଆସୁଥିଲା। ଗତ ୨୧ ତାରିଖ ଦିନ ସକାଳ ସାଢେ ୧୦ଟାରେ ପରିବାର ଲୋକେ ଯଜ୍ଞଜ୍ୟୋତିଙ୍କୁ ଗୋପାଳପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ରକ୍ତ ସହ ଅନ୍ୟାନ୍ୟ ପରୀକ୍ଷା ପରେ କାର୍ଯ୍ୟରତ ଡାକ୍ତର ହିମାଂଶୁ ଶେଖର ପୁହାଣ ଏକାଧିକ ୨୫୦ ଏମ.ଜିର ସିରପ ଲେଖିଥିଲେ। ଡାକ୍ତରଙ୍କ ପେସକ୍ରିପସନ ପରେ ନିଦାନ ଯୋଜନାରେ ସରକାରଙ୍କ ପକ୍ଷରୁ ମିଳୁଥିବା ମାଗଣା ଔଷଧ ବିତରଣ କେନ୍ଦ୍ରରୁ କମ୍ପାଉଣ୍ଡର ହିରଣ୍ୟମୟୀ ଦାସଙ୍କ ନିକଟରୁ ଔଷଧ ନେଇଥିଲେ। ହେଲେ କମ୍ପାଉଣ୍ଡର ଶ୍ରୀମତୀ ଦାସ ଡାକ୍ତରଙ୍କ ଲେଖା ମୁତାବକ ଔଷଧ ଦେଇନଥିଲେ। ଡାକ୍ତର ଲେଖିଥିବା ୨୫୦ ଏମ.ଜିର ୩ ଗୋଟି ସିରପ ପରିବର୍ତ୍ତେ ସମସ୍ତ ୫୦୦ ଏମ.ଜିର ବଟିକା ପ୍ରଦାନ କରିବା ସହ ଗୋଟିଏ ଲେଖାଏ ଖାଇବାକୁ କହିଥିଲେ। କମ୍ପାଉଣ୍ଡରଙ୍କ କହିବା ମୁତାବକ ପରିବାର ଲୋକେ ଅସୁସ୍ଥ ପୁଅକୁ ଔଷଧ ଖାଇବାକୁ ଦେଇଥିଲେ। ପରେ ନାବାଳକ ଜଣକ ଔଷଧ ଖାଇବା ପରେ ବାନ୍ତି କରିବା ସହ ନିସ୍ତେଜ ହୋଇ ପଡିଥିଲା। ଶୁଶୁଟି ସୁସ୍ଥ ହେବା ପରିବର୍ତ୍ତେ ଗୁରୁତର ଅସୁସ୍ଥ ହେବା କାରଣରୁ ପରଦିନ ରାତିରେ ପୁଣିଥରେ ପରିବାର ଲୋକେ ମେଡିକାଲକୁ ଆଣିଥିଲେ। କାର୍ଯ୍ୟରତ ଡାକ୍ତର ଅବିନାଶ ନାୟକ ଅସୁସ୍ଥ ନାବାଳକଙ୍କୁ ଅଧିକ ଡୋଜର ଔଷଧ ଦିଆଯାଇଥିବାରୁ ନାବାଳକ ଜଣକ ବାନ୍ତି କରିବା ସହ ନିସ୍ତେଜ ହୋଇ ପଡିଥିବାର ପ୍ରକାଶ କରିବା ସହ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଯିବାକୁ ପରାମର୍ଶ ଦେଇଥିଲେ। ଏମିତି କି ପୁଣିଥରେ ସେହି ପେସକ୍ରିବସନ ପଛପଟେ ପୁଣି ୫୦୦ ଯୁକ୍ତ ୬୫୦ ଡୋଜର ଔଷଧ ଲେଖିଥିଲେ। ରାତିରେ ଶିଶୁ ଜଣକ ଅଧିକ ଅସୁସ୍ଥ ହେବାରୁ ଏକ ଘରୋଇ ଡାକ୍ତରଖାନାରେ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରାଇଥିଲେ।

ମେଡିକାଲରେ କାର୍ଯ୍ୟରତ କମ୍ପାଉଣ୍ଡର ଏବଂ ଡାକ୍ତରଙ୍କ ଖାମଖିଆଲି ଦାୟିତ୍ୱହିନତା କାର୍ଯ୍ୟ ଯୋଗୁଁ ପୁଅର ଅବସ୍ଥା ଗୁରୁତର ହୋଇଛି, ତୁରନ୍ତ ଏଦିଗରେ ବିଧିବଦ୍ଧ ତଦନ୍ତ କରି ଭୁଲ ଔଷଧ ଦେଇ ରୋଗୀଙ୍କ ଜୀବନ ସହ ଖେଳିଥିବା କମ୍ପାଉଣ୍ଡର ଏବଂ ଡାକ୍ତରଙ୍କ ବିରୁଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନାବାଳକର ବାପା ବିନୋଦ ବିହାରୀ ବିଶ୍ୱାଳ ଦାବି କରିଥିଲେ। ଏ ନେଇ ଗତ ୨୪ ତାରିଖରେ "ସକାଳ'ରେ ପ୍ରକାଶ ପାଇଥିଲା। ଏହି ଖବର ନଜରକୁ ଆସିବା ପରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଆକ୍ସନ ମୋଡକୁ ଆସିଥିଲେ। ଏମିତି କି ସ୍ୱାସ୍ଥ୍ୟ ସେବାରେ ଏଭଳି ତ୍ରୁଟି ପରେ ତୁରନ୍ତ ପ୍ରକାଶିତ ଖବର ଆଧାରରେ ତଦନ୍ତ କରି ରିପୋର୍ଟ ପ୍ରଦାନ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଧୀରେଶ ଷଡଙ୍ଗୀଙ୍କ ନେତୃତ୍ୱରେ ବରିଷ୍ଠ ଡାକ୍ତର ଅଭୟ ପଣ୍ଡା, ମେଡିକାଲ ସୁପର ଭାଇଜର ସରୋଜ ମିଶ୍ର, ବିପିଏମ ସୁଜାତା ବିଶ୍ୱାଳଙ୍କ ସହ ଏକ ୫ ଜଣିଆ ମେଡିକାଲ ଟିମ୍ ଅସୁସ୍ଥ ନାବାଳକଙ୍କ ଘରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଥିବା ଜଣାପଡିଛି।

GOVERNMENT OF ODISHA A-787
OFFICE OF SUPERINTENDING ENGINEER
MINOR IRRIGATION DIVISION, MALKANGIRI
E-mail ID: - midivmalkangiri@gmail.com
NOTICE INVITING TENDER
E-Procurement Notice
Bid Identification No. SEMIDMKG - 08/2025-26

The Superintending Engineer, Minor Irrigation Division, Malkangiri on behalf of Governor of Odisha invites **Percentage rate** bids in Single cover system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1. Name of the work : Improvement to Check Dams in Different Blocks under Improvement to CD Scheme and Improvement to MI Tank at MV-120 in korukonda block under MIPSP Scheme of Malkangiri District.
2. Total Number of work : 12 (Tweleve) Nos.
3. Estimated cost : Approximately varies from Rs. 4.24 lakh to Rs. 16.95 lakh.
4. Period of completion : Varies from 02(Two) to 03(Three) Calendar Months
5. Class of Contractor : "D" &"C" Class Contractor
6. Date and time of availability of bid documents in the portal : From 10.00 A.M of 01.11.25 to 5.00 PM of 10.11.2025
7. Last date /time for receipt of bids in the portal : 5.00 pm on 10.11.2025
8. Date of opening of bid : At 11.00 am on 11.11.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Malkangiri
11. Further details can be seen from the Government of Odisha Web-site:www.tendersorissa.gov.in
12 Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids in **Single Cover** system through Online Mode for the works as detailed in the table below. The bids should be submitted online in the website www.tendersodisha.gov.in by eligible Contractors with CDMS registration as mentioned in Column-6 of table below registered with the State govt. and contractors of equivalent grade / Class registered with Central govt / MES / Railway for execution of works. The registered bidders of outside Odisha can also participate in this process after necessary Portal Enrolment, but shall have to subsequently undergo registration with the appropriate authority of the State Government within a month of acceptance of bids.

OIPR-32285/11/0014/2526

# ଅସହାୟଙ୍କୁ ମିଳୁନି; ପ୍ରଭାବଶାଳୀ ହାତେଇଛନ୍ତି ଅନ୍ତ୍ୟୋଦୟ କାର୍ଡ

ଆନନ୍ଦପୁର,୨୮।୧୦(ସମିସ):

ଘସିପୁରା ବ୍ଲକ୍‌ରେ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଶେଷକରି ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା କାର୍ଡ ପ୍ରଦାନରେ ବ୍ୟାପକ ଦୁର୍ନୀତି ହୋଇଥିବା

## ଘସିପୁରା ବ୍ଲକରେ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଅଭିଯୋଗ ହୋଇଛି। ମଦନପୁର ପଞ୍ଚାୟତ କାନପୁର ଗ୍ରାମରୁ ଏଭଳି ଏକ ଚିତ୍ର ମିଳିବାପରେ ବ୍ଲକର ୨୫ଟି ପଞ୍ଚାୟତରେ ଅନ୍ତ୍ୟୋଦୟ କାର୍ଡକୁ ପ୍ରଭାବଶାଳୀମାନେ ହାତେଇ ନେଇଥିବା ଅଭିଯୋଗ ହୋଇଛି।

କାନପୁର ଗ୍ରାମର ଶ୍ରୀନୀବାସ ଜେନା(୭୫) ଓ ତାଙ୍କ ପତ୍ନୀ ଶାନ୍ତିଲତା ଜେନା(୬୭)। ପରିବାରର



ଏହି ଦୁଇଜଣ ବ୍ୟକ୍ତି ଦୁଇଝିଅଙ୍କୁ ବିବାହ ଦେବାପରେ ତାଙ୍କ ଆଗ-ପଛ କେହିନାହାନ୍ତି। ବୟସ ଅଧିକ ହେବାରୁ ଶ୍ରୀନୀବାସ ଆଉ କାମଧନ୍ଦା କରିବାକୁ ଯାଇପାରୁନାହାଁନ୍ତି। ତେବେ ଏହି ପରିବାରକୁ ମିଳିଛି ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ୍ କାର୍ଡ। ତେବେ ତାଙ୍କୁ ମିଳୁଛି ମାସକୁ ମାତ୍ର ୧୦ କିଲୋ ଚାଉଳ। ଯେଉଁଥିରେ ମାସେ ଚଳିବା କଷ୍ଟକର ହୋଇପଡୁଛି। ଫଳରେ ଚାଉଳ ପାଇଁ ଅନ୍ୟପାଖରେ ହାତ ପତେଇବାକୁ ପଡୁଛି। ସେମାନଙ୍କୁ ଅନ୍ତ୍ୟୋଦୟ କାର୍ଡ ପ୍ରଦାନ କରାଯାଇ ମାସକୁ ୩୫ କିଲୋ ଚାଉଳ ପ୍ରଦାନ କରିବାକୁ ବହୁ ଦିନରୁ ଗୁହାରି କରି ଆସୁଥିଲେ ମଧ ତାଙ୍କ କଥା କେହି ଶୁଣୁନାହାଁନ୍ତି।

ଅପରପକ୍ଷରେ କାନପୁର ଗ୍ରାମର ଯେଉଁମାନଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯାଇଛି ଏହାକୁ ଜାଣିଲେ ଦୁର୍ନୀତି ଜଳ ଜଳ ହୋଇ ଦିଶୁଛି। ଗ୍ରାମର କୋଠାଘର, ଟ୍ରକମାଲିକ, ସରକାରୀ ପେନସନ୍ ପାଉଥିବା ବ୍ୟକ୍ତି ଅନ୍ତ୍ୟୋଦୟ କାର୍ଡକୁ ହାତେଇ ମାସିକ ଚାଉଳକୁ ବିକ୍ରି କରୁଥିବା ଅନୁସନ୍ଧାନରୁ ଜଣାପଡିଛି। କିଛିଦିନ ତଳେ ବାତୋ ପଞ୍ଚାୟତର ରିଟେଲର ଏକସଙ୍ଗେ ତିନୋଟି ଅନ୍ତ୍ୟୋଦୟ କାର୍ଡ ହାତେଇଥିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏହି ଯୋଜନାରେ ବ୍ୟାପକ ଜାଲିଆତି ହୋଇଥିବା ନେଇ ଜଣାପଡିଥିଲା। ଅତ୍ୟନ୍ତ ଗରିବ ଓ ଅସହାୟ ବ୍ୟକ୍ତିଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯିବାକୁ ସରକାରୀ ନିର୍ଦ୍ଦେଶ ରହିଥିବାବେଳେ ଘସିପୁରା ବ୍ଲକରେ ଏକ ହଜାରରୁ ଅଧିକ ଅଯୋଗ୍ୟ ଏବେବି ଅନ୍ତ୍ୟୋଦୟ କାର୍ଡକୁ ଅକ୍ତିଆର କରି ରଖିଥିବା ନେଇ ଅଭିଯୋଗ ହୋଇଛି। କେନ୍ଦୁଝର ଜିଲ୍ଲାପାଳ ଏହାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ବାଲି ବୋଝେଇ ଟ୍ରାକ୍ଟର ଜବତ

କୁଆମରା,୨୮।୧୦(ସମିସ): ଗୋପବନ୍ଧୁ ନଗର ବ୍ଲକ ଦେଇ ପ୍ରବାହିତ ନାଲୁହା ନଦୀରୁ ଆଜି ବେଆଇନ ଭାବେ ଏକ ଟ୍ରାକ୍ଟର ଯୋଗେ ବାଲି ବୋଝେଇ କରି ଅନ୍ୟତ୍ର ଚାଲାଣ କରାଯାଉଥିବା ବେଳେ ଜିଲ୍ଲା ଖଣି ବିଭାଗ କୈଣସି ସୂତ୍ରରୁ ଖବର ପାଇ ପୁଲିସ ସହାୟତାରେ କୁଆମରା ଫାଣ୍ଡି ଅନ୍ତର୍ଗତ ପଟୁଆଠାରେ ଚଢ଼ଉ କରିଛି। ତେବେ ଜବତ ହୋଇଥିବା ଟ୍ରାକ୍ଟର ଠାରୁ ଜରିମାନା ଆଦାୟ ହୋଇ ପାରି ନ ଥିବା ବେଳେ ତାହା କୁଆମରା ଫାଣ୍ଡିରେ ଅଟକ ରହିଛି।

# ରାସ୍ତା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନନ୍ଦାବସା ଗ୍ରାମବାସୀ



ରାଇରଙ୍ଗପୁର/ବହଳଦା,୨୮।୧୦(ସମିସ): ଦୀର୍ଘ ଦିନର ଆନ୍ଦୋଳନ ପରେ ବହଳଦା ବ୍ଲକ ପ୍ରଶାସନ ଗ୍ରାମବାସୀଙ୍କ ସମସ୍ୟା ଶୁଣିଲେ ନାହିଁ; ତେଣୁ ଗ୍ରାମବାସୀ ବାଧହୋଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ନନ୍ଦାବସା ଗ୍ରାମ ବନ୍ଧ ତଳ ସାହିରୁ ବାବନଝରୀ ସାହି ଓ ରୁହିନ୍ ସାହି ଠାରୁ ରାମି ଟୁଡୁ ଘର ପର୍ଯ୍ୟନ୍ତ ପ୍ରାୟ ୫ କିମି ଦୂର ରାସ୍ତା ଖାଲଖମା ଓ କାଦୁଅରେ ବିପର୍ଯ୍ୟସ୍ତ ହୋଇଛି। ତେବେ ଅଭିଭାବକ ହେବା ପରେ ସର୍ଭେ ହୁଏ ହେଲେ କାମ ହୁଏ ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଲେଖିଛନ୍ତି ଚିଠି। ବାମନଘାଟୀ ଉପଖଣ୍ଡ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଉଦ୍ଦେଶ୍ୟର ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ସରକାର ଏକ ମାସ ମଧ୍ୟ ରେ ଯଦି ଗାଁ ରାସ୍ତା ସମସ୍ୟାର ସମାଧାନ ନ କରନ୍ତି ତେବେ ରାଜରାସ୍ତାକୁ ଓହ୍ଲାଇବା ସହ ବହବଦା ବ୍ଲକରେ ତାଲା ପକାଇ ଦେବେ ବୋଲି କଡା ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଦୁବୁରାଜ୍ ହେମ୍ବ୍ରମ, କାରୁ ହେମ୍ବ୍ରମ, ଛଟରାୟ ହାଁସଦା, ବୋଧ ମାର୍ଣ୍ଡି, ମଙ୍ଗଳ ହାଁସଦା, ଧନେଶ୍ୱର ହେମ୍ବ୍ରମ, ରବୀନ୍ଦ୍ର ହାଁସଦାଃ, ମୋହନ ସୋରେନ ଓ ମାନସିଂ ବାସ୍କେ ପ୍ରମୁଖ ଅଭିଯୋଗ କରିଛନ୍ତି।

# ତ୍ରିନାଥ କୃଷି ବୈଜ୍ଞାନିକ ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ଅର୍ଜନ



ବେତନଟୀ,୨୮।୦(ସମିସ): କଠିନ ପରିଶ୍ରମ ଓ ଅଧ୍ୟବସାୟ ହିଁ ସଫଳତାର ମୂଳମନ୍ତ୍ର; ଯାହାକୁ ଆଜି ସତ କରିଦେଖାଇଛନ୍ତି ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ପୁରିନ୍ଦା ଅଞ୍ଚଳର ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତଙ୍କ ପୁତ୍ର ତ୍ରିନାଥ ମହାନ୍ତ। ସେ ଆହ୍ଲାବାଦ କୃଷି ବିଶ୍ୱବିଦ୍ୟାଳୟରେ ସ୍ନାତକ ଶିକ୍ଷା ସମାପ୍ତ କରି ଚଳିତ ବର୍ଷ ଏନଟିଏ ଦ୍ୱାରା ପରିଚାଳିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୯୯ ନଂ ର୍‍ୟାଙ୍କ ରଖିଛନ୍ତି। ପିତାଙ୍କ ମନୋବଳ, ଦିଗଦର୍ଶନ ତଥା ଉଚିତ ଶିକ୍ଷା ବଳରେ ଆଜିର ସଫଳତା ପାଇଛନ୍ତି ବୋଲି ସେ କହିଛନ୍ତି। ସମସ୍ତ ଶ୍ରେୟ ବାପା ମାଆଙ୍କୁ ଦେଇଛନ୍ତି। ଭବିଷ୍ୟତରେ ସେ କୃଷି କ୍ଷେତ୍ରରେ କିଛି ନୂତନ କାର୍ଯ୍ୟ କରିବାକୁ ଆଶା ରଖିଛନ୍ତି ବୋଲି କହିଛନ୍ତି।

# ପୂର୍ବତନ ବିଡିଓଙ୍କ ପତ୍ନୀ ବିୟୋଗ



ଆନନ୍ଦପୁର, ୨୮।୧୦ (ସମିସ): ଆନନ୍ଦପୁର ପୌରାଞ୍ଚଳର ଜନାର୍ଦ୍ଦନପୁର ଶାସନ ନିବାସୀ ତଥା ପୂର୍ବତନ ବିଡିଓ ବଂଶୀଧର ପତିଙ୍କ ପତ୍ନୀ କେତକୀ ପତିଙ୍କର ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଯକୃତ ଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ କିଛି ଦିନ ଧରି ଚିକିତ୍ସିତ ହେଉଥିଲେ। ବିୟୋଗ ଖବର ପାଇ ସମସ୍ତ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ଶେଷ ଦର୍ଶନ କରିଥିଲେ। ଖବର ପାଇ ପୂର୍ବତନ ମନ୍ତ୍ରୀ ତଥା ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଦୁଃଖ ପ୍ରକାଶ କରିବା ସହିତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଚାଲାଣବେଳେ ୧୬ ଗୋରୁ ଜବତ; ୫ ଥାନାରେ ଅଟକ



ରାସଗୋବିନ୍ଦପୁର, ୨୮।୧୦(ସମିସ): ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ପାଟ୍ରୋଲିଂ କରୁଥିବା ସମୟରେ ପଶ୍ଚିମବଙ୍ଗକୁ ଗୋମାଫିଆ ମାନେ ଚାଲାଣ କରୁଥିବା ୧୬ଟି ଗୋରୁକୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛନ୍ତି। ଉଦ୍ଧାର ଗୋରୁଙ୍କପାଇଁ ଖାଦ୍ୟ, ପାନୀୟର ବ୍ୟବସ୍ଥା କରିଥିଲା ପୁଲିସ। ଗୋ ଚାଲାଣ ବିଭିନ୍ନ ରାସ୍ତାରେ ଦୀର୍ଘ ଦିନରୁ ଚାଲି ଆସୁଛି। ଗୋମାଫିଆମାନେ ଗୋଚାଲାଣରେ ଗରିବ ଶ୍ରେଣୀର ଲୋକଙ୍କୁ ହାତକରି ବେପାର ଚଳାଇ ଆସୁଛନ୍ତି। କେତେବେଳେ ମୋରଡା ଥାନା ତ କେତେବେଳେ ଶୁଳିଆପଦା ଥାନା ତୋ ଆଉ କେତେବେଳେ ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବିଭିନ୍ନ ଗଳା ରାସ୍ତା ରେ ସ୍ଥାନୀୟ ଗରିବ ଶ୍ରେଣୀୟ ଲୋକଙ୍କ ଦ୍ୱାରା ଗୋରୁକୁ ଚଲାଇ ଚଲାଇ ନେଇ ପଡୋଶୀ ପଶ୍ଚିମବଙ୍ଗରେ ପହଞ୍ଚାଇ ଦେଇଥାନ୍ତି। ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ସୀମା ଖୁଣ୍ଟା ସ୍ଥିତ ଗୋରୁ ହାଟରୁ ଗୋରୁଗାଈ କିଣି ପୋଡଶୀ ପଶ୍ଚିମବଙ୍ଗକୁ ଚାଲାଣ କରିଥାନ୍ତି ମାଫିଆ। ରାସଗୋବିନ୍ଦପୁର ପୁଲିସ ସୁବାନଡିହ-କୃଷ୍ଣଚନ୍ଦ୍ରପୁର ରାସ୍ତାରେ ୧୬ଟି ଗୋରୁକୁ ଚଲାଇ ଚଲାଇ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିବା ବେଳେ ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ନଜରକୁ ଆସିଥିଲା। ସେ ସମସ୍ତ ଗାଈ ଗୋରୁ ସହିତ ପାଞ୍ଚ ଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ମାମଲା ରୁଜୁ କରିବା ସହ ୫ଜଣଙ୍କୁ ଅଟକ ରଖିଛନ୍ତି। ଅଟକ ଥିବା ବ୍ୟକ୍ତିମାନେ ହେଲେ ପଶ୍ଚିମବଙ୍ଗର ସୁରୁ ଟୁଡୁ, ପିଣ୍ଟୁ ଦଣ୍ଡପାଟ, ସୁରେନ୍ଦ୍ର ଦେହୁରୀ, ସଚିନ୍ଦ୍ର ସି, ପ୍ରେମାନନ୍ଦ ସୋରେନ।

# ସାଇବର ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ

ବଡ଼ସାହି,୨୮।୧୦(ସମିସ): ରାଷ୍ଟ୍ରୀୟ ଏକତା ଦିବସ ଓ ସର୍ଦ୍ଦାର ବଲ୍ଲବଭାଇ ପଟେଲଙ୍କ ଶ୍ରଦ୍ଧାଞ୍ଜଳି ଅବସରରେ ବଡସାହି ଥାନା ପରିସରରେ ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସାଇବର ସୁରକ୍ଷା ଓ ଏହାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଡସାହି ବିଧାୟକ ସାନାତନ



ବିଜୁଳି ଯୋଗ ଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଡିସନାଲ ଏସପି ଗୋ÷ତମ କିଷାନ ଓ ସବିତା ମାଝୀ, ଏସଡିପିଓ ମିନତୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ହ୍ୟୁମାନ ରାଇଟ୍ସର ସଦସ୍ୟ, ସାମ୍ବାଦିକ ଓ ମହିଳା ଗୋଷ୍ଠୀ ଓ ସର୍ବସାଧାରଣ ଲୋକଙ୍କୁ ଏହାର ବିଭିନ୍ନ ଦିଗ ଉପରେ ଅବଗତ କରିବା ସହିତ ସଚେତନ କରିଥିଲେ। ଭିଡିଓ କ୍ଲିପିଂ ମାଧ୍ୟମରେ ମଧ ବିଭିନ୍ନ ସାଇବର ଠକେଇ ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ବଡସାହି ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଭିଡିଓ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଅତିମାନଙ୍କୁ ଥାନା ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତୋରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା।

# ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପ୍ରସ୍ତୁତି




କେନ୍ଦୁଝର,୨୮।୧୦(ସମିସ): କେନ୍ଦୁଝର ଜିଲ୍ଲା ପ୍ରଶାସନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିଛି। ଜାତୀୟ ଏକତା ଦିବସର ଭାବନାକୁ ଉଜ୍ଜ୍ୱଳ କରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଏହି ସୂଚନା ଦେଇଛନ୍ତି। କେନ୍ଦୁଝର, ଚମ୍ପୁଆ ଏବଂ ଆନନ୍ଦପୁର ତିନୋଟି ଉପଖଣ୍ଡରେ ଏକତା ପଦଯାତ୍ରା, ଜିଲ୍ଲାସ୍ତରୀୟ ପ୍ରତିଯୋଗିତା, ସ୍ୱଚ୍ଛତା ଅଭିଯାନ, ସାଂସ୍କୃତିକ କଳା ପ୍ରଦର୍ଶନ ଏବଂ ସାଧାରଣ ସମାବେଶ ଅନୁଷ୍ଠିତ ହେବ। ଏକତା ପଦଯାତ୍ରା ଆସନ୍ତା ନଭେମ୍ବର ୧୩ ତାରିଖ କେନ୍ଦୁଝରଠାରେ ଆରମ୍ଭ ହୋଇ ଧରଣୀଧର ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯିବ। ୧୮ ତାରିଖରେ ଚମ୍ପୁଆରେ ଚନ୍ଦ୍ରଶେଖର କଲେଜଠାରୁ ଆରମ୍ଭ ହୋଇ ଚମ୍ପୁଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଶେଷ ହେବ। ନଭେମ୍ବର ୨୧ ତାରିଖ ଦିନ ଆନନ୍ଦପୁରରେ ଘସିପୁରା ବସଷ୍ଟାଣ୍ଡଠାରୁ ଆରମ୍ଭ ହୋଇ ଆନନ୍ଦପୁର ଟାଉନ ହଲରେ ଶେଷ ହେବ। ଶିକ୍ଷାନୁଷ୍ଠାନ, ଏନଏସଏସ ୟୁନିଟ୍ ଏବଂ ଯୁବ କ୍ଲବରୁ ପ୍ରାୟ ୧୫୦୦ ଯୁବ ଅଂଶଗ୍ରହଣକାରୀ ଜିଲ୍ଲା ସାରା ପଦଯାତ୍ରାରେ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ସହ ସାର୍ବଜନୀନ ସ୍ଥାନରେ ବ୍ୟାପକ ସଫେଇ ଅଭିଯାନ କରାଯିବ। ପଦଯାତ୍ରାର ପ୍ରତ୍ୟେକ ୨.୫ କିଲୋମିଟର ଦୂରତାରେ 'ମୋ ଭାରତ' କିଓସ୍କ ସ୍ଥାପନ କରାଯିବ। ପ୍ରତି ଏକ କିଲୋମିଟରରେ ଜଳ ବଣ୍ଟନ କରାଯିବ। ସାମ୍ବାଦିକ ସମ୍ମିଳନୀରେ କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାଏକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ ମଲ୍ଲିକ, ସାଂସଦ କେନ୍ଦୁଝରଙ୍କ ପ୍ରତିନିଧି ବରଦା ପ୍ରସନ୍ନ ସାହୁ, ସ୍ୱେଚ୍ଛାସେବୀ ଅନୁବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ୱିତୀୟ ବାର୍ଷିକ ଧିଙ୍ଗୁଆନ ମହୋତ୍ସବ

ମହୁଲଡିହା,୨୮।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝର ଗ୍ରାମପଞ୍ଚାୟତ କିରକିଚିପାଳ ଗ୍ରାମରେ ବାନ୍ଦନା ପରବ ଅବସରରେ ଦ୍ୱିତୀୟ ବାର୍ଷିକ ଧିଙ୍ଗୁଆନ ମହୋତ୍ସବ- ୨୦୨୫ ଅନୁଷ୍ଠିତ ହୋଇଯାଇଛି। କୁଡୁମୀ ସମ୍ପ୍ରଦାୟରେ ସଂସ୍କୃତି ପରମ୍ପରାକୁ ଆଧାର କରି କାଳୀପୂଜାରେ ପ୍ରତ୍ୟେକ ଘରେ ଗୋମାତାଙ୍କ ଉଦ୍ଦେଶ୍ୟରେ ବନ୍ଦଣା ପରବ ପାଳନ କରାଯାଏ। ଏହି ଦିନ ଢୋଲ ମାଦଳର ତାଳେ ତାଳେ



ଗୀତ ଓ ନାଚରେ ସମସ୍ତଙ୍କ ଘରକୁ ଯାଇଥାନ୍ତି। ଏ ପ୍ରକାର କାର୍ଯ୍ୟକ୍ରମରେ କିରକିଚିପାଳରେ ପ୍ରତିଯୋଗିତା ମଧ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ସମ୍ମାନିତ ଅତିଥି ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗିରିଶ ଚନ୍ଦ୍ର ମହାନ୍ତ ଯୋଗଦେଇ କୁଡୁମୀ ସମାଜର ସଂସ୍କୃତି କିପରି ମା ମାଟି ଓ ପ୍ରକୃତିର ଉପାସକ ରହିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଧିଙ୍ଗୁଆନ ପ୍ରତିଯୋଗିତାରେ ସୁଦର୍ଶନପୁର ପ୍ରଥମ, ନିହାଣଗଣ୍ଡି ଦ୍ୱିତୀୟ, ଦିରିବ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏ ହି ଉତ୍ସବକ ନରହରି ମହାନ୍ତ, ଭରତ ଚନ୍ଦ୍ର ମହାନ୍ତ, ରାଧା ମହାନ୍ତ, ହଟିଆ ମହାନ୍ତ, ଦଧିରାମ ମହାନ୍ତ, ଉପେନ୍ଦ୍ର ମହାନ୍ତ, ତ୍ରିନାଥ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

# ଶରଧା ଗ୍ରାମରେ ପୌର ପରିଷଦର ଗାତଖୋଳାକୁ ଗ୍ରାମବାସୀଙ୍କ ବିରୋଧ

କରଞ୍ଜିଆ, ୨୮।୧୦(ସମିସ): କରଞ୍ଜିଆ ଠାରୁ ମାତ୍ର ୩ କ. ମି ଦୂର ଶରଧା ଗ୍ରାମର ଏକ ସରକାରୀ ଜମିରେ ବର୍ତ୍ତମାନ ପୌରପରିଷଦ ପକ୍ଷରୁ ଗାତଖୋଳାକୁ ନେଇ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ନେଇ ଗ୍ରାମବାସୀ ଏକ ଲିଖିତଭାବେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗର ସଚିବଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗରୁ ପ୍ରକାଶ ଯେ, କରଞ୍ଜିଆ ସନ୍ନିକଟ ଶରଧା ଗ୍ରାମର ଏକ ସରକାରୀ ଜମିକୁ ଗ୍ରାମବାସୀ ଦୀର୍ଘ ଦିନ ଧରି ଚାଷ ବାସ କରି ଭୋଗ ଦଖଲ କରି ଆସୁଥିଲେ। ଗତ ୨୬ ତାରିଖରେ କରଞ୍ଜିଆ ପୌର କାର୍ଯ୍ୟାଳୟର ଜଣେ ବ୍ୟକ୍ତି ମେସିନ ଆଣି ଉକ୍ତ



ସରକାରୀ ଜମିରେ ଏକ ବଡ଼ ଗାତ ଖୋଳୁଥିଲେ। ଗ୍ରାମବାସୀ ଏହାକୁ ବିରୋଧ କରିବାରୁ ପୁଲିସ ଉପସ୍ଥିତିରେ ଏହି ଗାତ ଖୋଳା ଚାଲୁଛି। ଏଣୁ ଉକ୍ତ ଜମିକୁ ଗ୍ରାମବାସୀଙ୍କ ପାଇଁ ରଖାଯିବା ପାଇଁ ସେମାନେ ନିବେଦନ କରିଛନ୍ତି। ଗ୍ରାମର ରାଜେଶ ମହାନ୍ତ, ଝଗଡା ମାଟିଆ, ଡମ୍ବରୁ ମହାନ୍ତ, ଅନାମ ବେହେରା ପ୍ରମୁଖ ବିରୋଧ କରି ପତ୍ର ଲେଖିଛନ୍ତି।

# ସାଇବର୍ ସୁରକ୍ଷା ସଚେତନତା ଅଭିଯାନ

ଶୁଳିଆପଦା, ୨୮।୧୦(ସମିସ): ମୟୂରଭଞ୍ଜ ପୁଲିସ ତରଫରୁ ସ୍ଥାନୀୟ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଏସପି ଦୀପକ୍ କୁମାର ଗଚ୍ଛାୟତ ଯୋଗଦେଇ ଡିଜିଟାଲ ଆରେଷ୍ଟ, ନିବେଶ ଏବଂ ଟ୍ରେଡ଼ିଂ, ପାର୍ସଲ/କଷ୍ଟମ୍ସ, ସେକ୍ସଟୋର୍ସନ ଫାନ୍ଦ, ନକଲି ଋଣ/ତତ୍କାଳ କ୍ରେଡିଟ୍ ଆପ, ନକଲି ପରିଚୟ ଏବଂ ଓଟିପି, ଚାକିରି ଏବଂ ଘରୁ କାମ କରିବା, ଇ-କମର୍ସ ରିଫଣ୍ଡ/ଅଫର୍ ଇତ୍ୟାଦି ଠକେଇ ସହିତ ପ୍ରତିଦିନ ସାଇବର ସୁରକ୍ଷା ପାଇଁ




ଆବଶ୍ୟକ ସାବଧାନୀ ବିଷୟରେ ଆଲୋଚନା କରିଥିଲେ। ଏହା ସହିତ ଛାତ୍ରଛାତ୍ରୀଙ୍କ ପାଇଁ ଇଣ୍ଟରନେଟ ସୁରକ୍ଷା, ଇଣ୍ଟରନେଟ ନୈତିକତା, ସୋସିଆଲ ମିଡିଆ ସତର୍କତା, ଗେମିଂ ଆପ୍ଲିକେସନ୍, ଆର୍ଥିକ କାରବାର, ଅନଲାଇନ ବ୍ରାଉଜିଂ ଇତ୍ୟାଦି ବାବଦରେ ସଚେତନ କରିଥିଲେ। ଶୁଳିଆପଦା ଥାନା ଭାରପ୍ରାପ୍ତ ଅଧିକାରୀ ସତ୍ୟନାରାୟଣ ବଳ ଅତିଥି ପରିଚୟ ସହିତ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟକ୍ଷ କିଶୋର କୁମାର ଗିରି ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

# ବିଶ୍ୱବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



ବାରିପଦା,୨୮।୧୦(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଅକ୍ଟୋବର ୨୭ରୁ ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ 'ଦୁର୍ନୀତି ନିବାରଣ- ଆମ ସାମୂହିକ ଦାୟିତ୍ୱ' ଶୀର୍ଷକ ଏହି ସଚେତନତା ସପ୍ତାହ ପାଳନ ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। କୁଳପତି ପ୍ରଫେସର ଶତପଥି ଏକ ଦୁର୍ନୀତିମୁକ୍ତ ଅନୁଷ୍ଠାନ ହିଁ ଜନସାଧାରଣଙ୍କର ଆସ୍ଥାଭାଜନ ହୋଇପାରେ ବୋଲି ମତଦେବା ସହିତ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖି ତଥା ସରକାରଙ୍କ ନିର୍ଦ୍ଧାରିତ ନୀତି ନିୟମକୁ ମାନି ଏବଂ ସର୍ବୋପରି ଛାତ୍ରଛାତୀଙ୍କ ବୃହତ ହିତକୁ ଆଗରେ ରଖି ବିଶ୍ୱବିଦ୍ୟାଳୟ କାର୍ଯ୍ୟ ସମ୍ପାଦନରେ ସମସ୍ତଙ୍କୁ ବ୍ରତୀ ହେବାକୁ ଅନୁପ୍ରାଣିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ଯୋଗଦେଇଥିଲେ। ଏହି ଅବସରରେ ସଚେତନତା ସୃଷ୍ଟି ପାଇଁ ଛାତ୍ରଛାତୀଙ୍କ ମଧ୍ୟରେ ଏକ 'ଦୁର୍ନୀତିର ବିରୋଧ' ଶୀର୍ଷକ ଏକ କାର୍ଟୁନ୍ ଅଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ନୃତତ୍ତ୍ୱ ଓ ଜନଜାତି ଶିକ୍ଷା ବିଭାଗର ଶ୍ରୀୟା ମିଶ୍ର ପ୍ରଥମ, ଇତିହାସ ବିଭାଗର ଡାବର ସିଂ ଦ୍ୱିତୀୟ ଓ ପ୍ରାଣୀ ବିଜ୍ଞାନ ବିଭାଗର ସ୍ନେହାଶିଶ ସୁମନ ସି ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

# ସହରରେ ଛାତ୍ରଛାତ୍ରୀଙ୍କ ସଚେତନତା ଶୋଭାଯାତ୍ରା

ବାରିପଦା,୨୮।୧୦(ସମିସ):




ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ ପାଳନ ପରିପ୍ରେକ୍ଷୀରେ ମଙ୍ଗଳବାର ବାରିପଦାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ କ୍ରୀଡା ଛାତ୍ରାବାସ ଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲ୍ଲା ପ୍ରଶାସନ ଓ ବାରିପଦା ଭିଜିଲାନ୍ସ ୟୁନିଟ ତରଫରୁ ଆୟୋଜିତ ଉକ୍ତ ରାଲିକୁ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ କହିଥିଲେ ଯେ ଏହି ରାଲିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମାଜରୁ ଦୁର୍ନୀତିକୁ ମୁଳୋତ୍ପାଟନ। କାରଣ ସମସ୍ତଙ୍କ ସହଭାଗୀତାରେ ହିଁ ଦୁର୍ନୀତିର ନିରାକରଣ ହୋଇପାରିବ। ଚଳିତ ବର୍ଷ ଏହି ସଚେତନତା ସପ୍ତାହ ପାଳନର ବିଷୟ ବସ୍ତୁ ରହିଛି ଦୁର୍ନୀତି ନିବାରଣ: ଆମ ସାମୂହିକ ଦାୟିତ୍ୱ। ସହର ପରିକ୍ରମା ସମୟରେ ରାଲିରେ ଅଂଶଗ୍ରହଣକାରି ଛାତ୍ରଛାତ୍ରୀ ଦୁର୍ନୀତି ନିବାରଣ ସମ୍ବନ୍ଧିତ ବିଭିନ୍ନ ପ୍ରକାର ଶିକ୍ଷଣୀୟ ବାର୍ତ୍ତା ଲେଖାଥିବା ପ୍ଲାକାର୍ଡ ଏବଂ ସମାଜରୁ ଦୁର୍ନୀତି ମୁଳୋତ୍ପାଟନ ନିମନ୍ତେ ସଚେତନଧର୍ମୀ ସ୍ଲୋଗାନ ମାନ ଦେଇ ଲୋକଙ୍କ ପାଖରେ ସଚେତନତା ବାର୍ତ୍ତା ପହଞ୍ଚାଇବା ସହ ସମାଜର ପ୍ରତ୍ୟେକ ବ୍ୟକ୍ତି ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସଚେତନ କରାଇଥିଲେ। ଏଥିସହିତ ସେବା ପାଇବା କିମ୍ବା ନିଜର କାମ ହାସଲ ପାଇଁ କାହାକୁ କୌଣସି ପ୍ରକାର ଉକ୍ରଚ, ହାତଗୁଞ୍ଜା, ଲାଞ୍ଚ ଦେବା ଏବଂ ସେବା ପ୍ରଦାନ କରି ପ୍ରତିବଦଳରେ କାହାଠାରୁ କୌଣସି ପ୍ରକାର ଲାଞ୍ଚ, ଉତ୍କୋଚ ନେବା ଅପରାଧ ବୋଲି କହିଥିଲେ। ତେଣୁ ସମସ୍ତେ ଦୁର୍ନୀତି ଠାରୁ ଦୂରେଇ ରହିବା ଉଚିତ ବୋଲି ସେ ବାର୍ତ୍ତା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ଭିଜିଲାସନ୍ସ ୟୁନିଟର ଇନିସ୍ପେକଟର ବିକାଶ କୁମାର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, କ୍ରୀଡା ଛାତ୍ରାବାସର ଅଧିକ୍ଷକ ଅବନୀମୋହନ ମହାନ୍ତି, ଶିକ୍ଷକ ଦୀପକ କୁମାର ରାମ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

**ପ୍ରଶାସନ, ଖଣି ବିଭାଗ ନିଦାବିଷ୍ଟ**

# ବୈତରଣୀ ବାଲିରେ ଛତା ଧରି ବାଲି ସତ୍ୟାଗ୍ରହୀଙ୍କ ପ୍ରତିବାଦ



ଆନନ୍ଦପୁର, ୨୮।୧୦ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଦେଇ ବହି ଯାଇଥିବା ବୈତରଣୀ ନଦୀ ଏବଂ ଆଖପାଖ ନଈନାଳରୁ ବେଆଇନ ବାଲି ଉଠୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ନା ସ୍ଥାନୀୟ ନା ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଇ ପାରୁଛନ୍ତି। ଚୋରା ବାଲି ଚାଲାଣରେ ଅତିଷ୍ଠ ସ୍ଥାନୀୟ ଜନସାଧାରଣ ବାଧହୋଇ ନଦୀପଠାରେ ବୈତରଣୀ ନଦୀ ସୁରକ୍ଷା ଆନ୍ଦୋଳନ ପକ୍ଷରୁ ଦୁଇ ସପ୍ତାହ ଧରି ବାଲି ସତ୍ୟାଗ୍ରହ ଆରମ୍ଭ କରିଛନ୍ତି। ଏହା ଏବେ ଜାରି ରହିଛି। ଏହାପରେ ବି ପ୍ରଶାସନର ନିଦ ଭାଙ୍ଗୁନାହିଁ। ବେଆଇନ ବାଲି ଚାଲାଣ ବେଧଡ଼କ ହେଉଥିବା ବେଳେ ପ୍ରଶାସନ ଆଖି ବୁଜି ଦେଇଛି।

ବର୍ତ୍ତମାନ ବାତ୍ୟା ମନ୍ଥା ପ୍ରଭାବରେ ବର୍ଷା ଲାଗି ରହିଛି। ଏଥିରେ ମଧ୍ୟ ବୈତରଣୀ ନଦୀରେ ବାଲି ସତ୍ୟାଗ୍ରହ ଜାରି ରହିଛି। ଛତା ଧରି ସତ୍ୟାଗ୍ରହୀମାନେ ବାଲି ଲୁଟ୍ ବିରୋଧରେ ପ୍ରତିବାଦ ଜଣାଇବା ସହ ନଦୀ ସୁରକ୍ଷା ପାଇଁ ଦାବି କରିଛନ୍ତି। ହାଟିଡିହୀ ତହସିଲ ଅନ୍ତର୍ଗତ କରଗୋଳାଠାରେ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଅନ୍ୟ ଏକ ସତ୍ୟାଗ୍ରହକୁ ୫ ଦିନ ବିତିଥିଲେ ମଧ୍ୟ ପ୍ରଶାସନିକ ଉଦାସୀନତାକୁ ତୀବ୍ର ନିନ୍ଦା କରାଯାଇଛି। କିଛି ଦିନ ତଳେ ହାଟିଡିହୀ ଅଞ୍ଚଳବାସୀ ଏ ସଂକ୍ରାନ୍ତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ବାଲି ଚୋରି ବିଷୟରେ ଅବଗତ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଜାରି ରହିଛି। ପ୍ରଶାସନ ପକ୍ଷରୁ ହାଟଡିହି ତହସିଲଦାର ଓ ନନ୍ଦିପଦା ଥାନାଧିକାରୀ ସତ୍ୟଗ୍ରହୀମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ନିଷ୍କର୍ଷ ବାହାରି ପାରି ନାହିଁ। ବୈତରଣୀ ନଦୀ ସମେତ ବିଭିନ୍ନ ନଦୀନାଳରୁ ହଜାର ହଜାର ଟ୍ରିପ୍ ବାଲି ହାଇୱା ଯୋଗେ ଲୁଟ୍ ହେଉଛି। ଲୁଟ୍‌କୁ ରୋକିବା ଦିଗରେ ପଦକ୍ଷେପ ନେବା ପରିବର୍ତ୍ତେ ପ୍ରଶାସନ ମାଫିଆଙ୍କୁ ସୁହାଇବା ଭଳି କାର୍ଯ୍ୟ କରୁଥିବା ଯଜ୍ଞପ୍ରସାଦ ସାହୁ ଅଭିଯୋଗ କରିଛନ୍ତି। ବାଲି ସତ୍ୟାଗ୍ରହରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ସାମିଲ ହୋଇଥିବା ବେଳେ ଏହାକୁ ସମର୍ଥନର ସୁଅ ଛୁଟୁଛି। ସତ୍ୟାଗ୍ରହରେ ପୂର୍ବତନ ସରପଞ୍ଚ ଗୋପାଳ ସେଠୀ, ସତ୍ୟବ୍ରତ ଜେନା, ଆଲୋକ ବେହେରା, ବିଜୟ ସାହୁ, ସୁଲି ଜେନା, ଅହଲ୍ୟା ସାହୁ, ରିତଞ୍ଜଳି ସାହୁ, ଅନ୍ନପୂର୍ଣ୍ଣା ପଣ୍ଡା, ଶୁଭଲକ୍ଷ୍ମୀ ନନ୍ଦ, ଜୟନାରାୟଣ ଜେନା, ମହେନ୍ଦ୍ର ପଣ୍ଡା, ନଟବର ମହାରଣା, ରାମଚନ୍ଦ୍ର ସାହୁ, ସୁଦର୍ଶନ ସାହୁ, ଶ୍ରୀଧର ଜେନା, ଗଣେଶ ଜେନା, ଶୁକଦେବ ପଣ୍ଡା, ସୁବାସ ଜେନା, କିଶୋର ଜେନା, ନାରାୟଣ ଓଝା, ନଟବର ବେହେରା, ଅଲେଖ ଜେନା, ପରୀକ୍ଷିତ ଜେନା, କ୍ଷୀରୋଦ ସାହୁ, ନୀଳମଣି ଜେନା, ନରହରି ଜେନାଙ୍କ ସମେତ ୩ଶହରୁ ଅଧିକ ସତ୍ୟଗ୍ରହୀ ଏଥିରେ ସାମିଲ ହୋଇଥିଲେ।

■ ବାତ୍ୟା 'ମୋନ୍ଥା'କୁ ନେଇ ଜିଲ୍ଲାବାସୀ ଆତଙ୍କିତ

# ଶୂନ୍ୟ ମୃତାହତକୁ ପ୍ରଶାସନର ଗୁରୁତ୍ୱ

ବାରିପଦା,୨୮।୧୦(ସମିସ): ବଙ୍ଗୋପସାଗରରେ ସୃଷ୍ଟି ବାତ୍ୟା "ମୋନ୍ଥା'ର ପ୍ରଭାବକୁ ନେଇ ମୟୂରଭଞ୍ଜ ଜିଲ୍ଲାବାସୀ ଆତଙ୍କିତ ହୋଇପଡିଛନ୍ତି। ପାଚିଲା ଧାନ କ୍ଷେତକୁ ବାତ୍ୟାର ବ୍ୟତପାତ ଚାଷୀଙ୍କ ନିଦ ହଜିଯାଇଛି। ଜିଲା ଦେଇ ପ୍ରବାହିତ ନଦ ସଂଲଗ୍ନ ଅଞ୍ଚଳ ଗୁଡିକରେ ଏହାର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ଏହାର ସୁପରିଚାଳନା ପାଇଁ ୨୪ ଘଣ୍ଟିଆ କଂଟ୍ରୋଲ ରୁମ ଖୋଲାଯାଇ ଲୋକଙ୍କୁ ସୁରକ୍ଷିତ ରହିବାକୁ ପରାମର୍ଶ ଦିଆଯାଉଛି। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲାପାଳ ହେମକାନ୍ତ ସୟଙ୍କ ନିର୍ଦ୍ଦେଶରେ ପ୍ରଶାସନିକ ଅଧିକାରୀ ସଜାଗ ରହିଛନ୍ତି। ଏସଆରସି ରିଲିଫ କୋର୍ଡ ଆଧାରିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିର୍ଦ୍ଦେଶାବଳୀ ଅନୁଯାୟୀ ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରାକ ପ୍ରସ୍ତୁତ ଉଦ୍ଧାର ଓ ଥଇଥାନ ଆଦି ଦିଗ ପ୍ରତି ଧ୍ୟାନ ଦେଇ କାର୍ଯ୍ୟ ଖସଡା ପ୍ରସ୍ତୁତ କରି ପ୍ରସ୍ତୁତିକୁ ବାସ୍ତବିକତାର ଦୃଷ୍ଟିକୋଣରୁ କାର୍ଯ୍ୟାନ୍ୱିତ କରିବା ନିମନ୍ତେ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବିପର୍ଯ୍ୟୟ ସମୟରେ ଲୋକଙ୍କ ଅଭାବ ଅସୁବିଧାକୁ ତ୍ୱରିତ ପୂରଣ କରିବା ଦିଗରେ ଗୁରୁତ୍ୱାରୋପ କରାଯାଇଛି। ମୁଖ୍ୟତଃ ଜିଲାର ସାରସକଣା, ରାସଗୋବିନ୍ଦପୁର, ବେତନଟୀ, ବଡ଼ସାହି ଓ ବାରିପଦା ପୌର ପରିଷଦରେ ଥିବା ୧୦ଟି ବନ୍ୟା ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ କରି ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ ମହଜୁଦ ରଖାଯାଇଛି। ସେହିପରି ୨୧୪୬ଟି ପଲିଥିନ ରୋଲ ମହଜୁଦ ରହିଥିବା ବେଳେ ୧୩ହଜାର ୨୩୦ ପରିବାରକୁ ବଣ୍ଟନ କରାଯିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଜିଲା ଏବଂ ବ୍ଲକସ୍ତରରେ କଣ୍ଟ୍ରୋଲ ରୁମ ଖୋଲଯାଇ ଏହାର ମୁକାବିଲା କରିବା ପାଇଁ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଅଧିକାରୀ ନିୟୋଜିତ ରହିଛନ୍ତି। ପ୍ରତି ବ୍ଲକ ମୁଖ୍ୟାଳୟରେ କଣ୍ଟ୍ରୋଲ ରୁମ ଖୋଲାଯିବା ସହ ମାଇକ୍ରୋ ଟିମ ଗଠନ କରାଯାଇଛି। ନଦୀ ସଂଲଗ୍ନ ଅଞ୍ଚଳବାସୀଙ୍କୁ ସ୍ଥାନାନ୍ତର କରାଯାଇ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ବନ୍ୟାଜଳ ନିଷ୍କାସନ ବ୍ୟବସ୍ଥା, ସହରାଂଚଳରେ ଡ୍ରେନେଜ ସଫେଇ, ଦୁର୍ଗମ ଅଞ୍ଚଳରେ ଖାଦ୍ୟ, ଔଷଧ, ପାନୀୟ ଜଳ ଆଦି ମହଜୁଦ ରଖିବା ଏବଂ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ସହିତ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦିଆଯାଇଛି। ମଙ୍ଗଳବାର ଜିଲାର ବାଙ୍ଗରିପୋଷି ବ୍ଲକରେ ସର୍ବାଧିକ ୩୬ମିମି ବର୍ଷା ରେକର୍ଡ କରାଯାଇଛି।

## କେନାଲରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ମୋରଡ଼ା,୨୮।୧୦(ସମିସ): ବେତନଟୀ ଥାନା ବଡଜାମବଣି ଫାଣ୍ଡି ଅଧିନ ବାରମାଇଲ ନିକଟରେ ଥିବା ସୁବର୍ଣ୍ଣରେଖା କେନାଲରେ ଜଣେ ବୃଦ୍ଧ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ହରିହର ଦାସ। ସୂଚନାଯୋଗ୍ୟ ଯେ ମଙ୍ଗଳବାର ଦିନ ୧୨ଟା ସମୟରେ ବାରମାଇଲ ହାଟରୁ ପନିପରିବା କିଣି ହରିହର ଦାସ ପୁଅ ବିଶ୍ୱରଞ୍ଜନଙ୍କ ସହିତ ଘରକୁ ଫେରୁଥିଲେ। ଏହି ସମୟରେ ହରିହରଙ୍କୁ ଶୌଚ ଲାଗିବାରୁ ରାସ୍ତା ନିକଟରେ ଥିବା ଏକ କେନାଲ ପାଖକୁ ଯାଇ ଶୌଚ ହେବା ସମୟରେ ଗୋଡ ଖସିଯିବାରୁ ପାଣି ବୁଡି ଯାଇଥିଲେ। ଅଳ୍ପ ସମୟ ମଧ୍ୟରେ ପୁଅ ସହିତ ସ୍ଥାନୀୟ ଲୋକେ କେନାଲରୁ ହରିହରଙ୍କୁ ଉଦ୍ଧାର କରି କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ; କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପୁଅର ମୃତ୍ୟୁ ଖବର ଶୁଣି ଆଖିବୁଜିଲା ମା'

ଦୋବଲ,୨୮।୧୦(ସମିସ): ଧାମନଗର ବ୍ଲକ ଖଡିପଦା ପଞ୍ଚାୟତ କୋରକଦା ଗ୍ରାମର ଶ୍ରୀଧର ତ୍ରିପାଠୀଙ୍କ ପୁଅ ସତ୍ୟରଞ୍ଜନ ତ୍ରିପାଠୀ (୩୫) ଦୀର୍ଘ ଦିନ ହେଲା କିଡ୍‌ନୀ ରୋଗରେ ପୀଡିତ ଥିଲେ। ମା' ମୀରା ତ୍ରିପାଠୀ ନିଜ କିଡ୍‌ନୀ ଦାନ କରି ପୁଅର ଜୀବନ ବଞ୍ଚାଇଥିଲେ। ଦୀର୍ଘ ୨ ବର୍ଷ ଧରି ସେ ସଂଘର୍ଷ କରୁଥିଲେ। ମଙ୍ଗଳବାର ସକାଳେ ସତ୍ୟରଞ୍ଜନ ନିଶ୍ୱାସ ନେବାରେ ଅସୁବିଧା ଅନୁଭବ କରିବାରୁ ତାଙ୍କୁ କଟକ ନିଆଯାଉଥିବାବେଳେ ବାଟରେ ମୃତ୍ୟୁ ଘଟିଥିଲା। ପୁଅର ମୃତ୍ୟୁ ଖବର ଶୁଣି ମା' ମୀରା ତ୍ରିପାଠୀଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ଉଭୟଙ୍କର ମରଶରୀରକୁ ଶେଷକୃତ୍ୟ ପାଇଁ ପରିବାର ଓ ଗ୍ରାମବାସୀ ଯାଜପୁର ଜିଲ୍ଲା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ଶେଷକୃତ୍ୟ କରିଛନ୍ତି। ସତ୍ୟରଞ୍ଜନ ଜଣେ ମେଳାପୀ, ଶାନ୍ତଶିଷ୍ଟ, ଭଦ୍ର, ନମ୍ର ଓ ଆଖଣ୍ଡଳମଣିଙ୍କ ସେବାୟତ ଭାବେ ବେଶ୍ ପରିଚିତ ଥିଲେ। ଏହି ଖବର ଶୁଣିବା ପରେ ଗାଁରେ ଶୋକର ଛାୟା ଖେଳିଯାଇଛି।

## ଗଞ୍ଜେଇ ସହ ବାଇକ୍ ଜବତ; ଜଣେ ଗିରଫ

ତେଲକୋଇ, ୨୮।୧୦(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ପିଟାନାଳି ଗାଁ ନିକଟରୁ ୧୧ କେଜି ଗଞ୍ଜେଇ ଜବତ କରିଛି ଅବକାରୀ ବିଭାଗ। ଏହି ଘଟଣାରେ ଜଣଙ୍କୁ ଗିରଫ କରିବା ସହିତ ବ୍ୟବହୃତ ବାଇକ୍‌କୁ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଢେଙ୍କାନାଳ ପଟୁ ତେଲକୋଇ ଦେଇ କେନ୍ଦୁଝର ପଟକୁ ବାଇକ ପଛପଟେ ବସ୍ତାରେ ବାନ୍ଧି ଗଞ୍ଜେଇ ନେଇ ଯାଉଥିବା ସମୟରେ ଖବର ପାଇ ଅବକାରୀ ପୁଲିସ ମାଡ଼ି ବସିଥିଲା। ତେବେ, ତେଲକୋଇ ଥାନାଞ୍ଚଳରେ ବିଭିନ୍ନ ନିଶା ଦ୍ରବ୍ୟର ବେପାର ବେଧଡ଼କ ଚାଲୁଥିବାରୁ ଅବକାରୀ ବିଭାଗର ଲୋକଦେଖାଣିଆ ଚଢ଼ଉ ଆଲୋଚନାର ବିଷୟ ହୋଇଛି।

## ସ୍ୱାମୀର ଛୁରା ମାଡ଼ରେ ସ୍ତ୍ରୀ ଗୁରୁତର

ବୈଶିଙ୍ଗା, ୨୮।୧୦(ସମିସ): ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ଉପକଣ୍ଠ ଲାଖବିନ୍ଧା ଗ୍ରାମରେ ସ୍ୱାମୀର ଛୁରା ମାଡରେ ସ୍ତ୍ରୀ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅଭିଯୁକ୍ତ ସ୍ୱାମୀଙ୍କୁ ଗ୍ରାମବାସୀ ଗଛରେ ବାନ୍ଧି ପୁଲିସ ଜିମା ଦେଇଛନ୍ତି। ସୂଚନା ମୁତାବକ, ଗ୍ରାମର ଧୂମା କିସ୍କୁ ଓରଫ କଙ୍କା ଏବଂ ତାଙ୍କ ସ୍ତ୍ରୀ ରକ୍ମଣୀଙ୍କ ମଧ୍ୟରେ ପ୍ରାୟ ସମୟରେ କଳିଝଗଡା ଲାଗି ରୁହେ। ଏମିତିକି କଙ୍କା ସ୍ତ୍ରୀ ରକ୍ମଣୀଙ୍କୁ ମାରଧର



କରୁଥିଲା। ଯୋଉଁଥିପାଇଁ ଦୀର୍ଘଦିନ ହେବ ରକ୍ମଣୀ ଗାଁର ରେଣ୍ଟା ଟୁଡୁଙ୍କୁ ଧରମ ବାପା କରି ତାଙ୍କ ଘରେ ରହି ଆସୁଥିଲେ। ମଙ୍ଗଳବାର ସକାଳେ ରକ୍ମଣୀ ଘରସାମ୍ନାରେ ଥିବା ନନ୍ଦକୂଅରୁ ପାଣି କାଢୁଥିବା ସମୟରେ କଙ୍କା ହଠାତ ପଛପଟୁ ଏକ ଧାରୁଆ ଛୁରୀରେ ଆକ୍ରମଣ କରିଥିଲା। ଫଳରେ ରକ୍ମଣୀଙ୍କ ମୁହଁରେ ଗଭୀର କ୍ଷତ ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସେ ଚିତ୍କାର କରିବାରୁ ଗ୍ରାମବାସୀ ପହଞ୍ଚି ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲେଶ୍ୱର ମେଡିକାଲ କଲେଜକୁ ପଠାଇଥିଲେ। ଭିଯୁକ୍ତ ସ୍ୱାମୀ କଙ୍କାକୁ ଘଟଣାସ୍ଥଳରେ ଏକ କମଳା ଗଛରେ ବାନ୍ଧି ରଖି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ତେଲକୋଇ ଓଏଲ୍‌ଏମ୍ ଦୁର୍ନୀତି ନେଇ ଏପିଡିଙ୍କ ଖୋଳତାଡ଼

ତେଲକୋଇ,୨୮।୧୦(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଓଏଲଏମ ବିଭାଗରେ ଦୁର୍ନୀତି ନେଇ ଖୋଳତାଡ଼ ଆରମ୍ଭ ହୋଇଛି। ଦୀର୍ଘଦିନ ଧରି ସିଆରପି ଓ ଏମବିକେଙ୍କ ମାଧ୍ୟମରେ ସିଧାସଳଖ ଭାବେ ଦାୟିତ୍ୱରେ ରହିଥିବା ବିଏଲସି ଅର୍ଥ ହରିଲୁଟ୍ କରିବା ସହିତ ମହିଳା ଗୋଷ୍ଠୀଙ୍କୁ ଶୋଷଣ କରିଥିବା ନେଇ ଆଜି ତଦନ୍ତ ପାଇଁ ଆସିଥିବା ଏପିଡି ଶୁଭଦର୍ଶୀ ଯୋଶୀଙ୍କ ନିକଟରେ ମହିଳାମାନେ ଅଭିଯୋଗ କରିବା ସହିତ ଆବଶ୍ୟକ କାଗଜପତ୍ର ପ୍ରଦାନ କରିଛନ୍ତି। ଗତ ସେପ୍ଟେମ୍ବରରେ ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ପରେ ତତ୍କାଳ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୨୫ ତାରିଖ ଜିଲ୍ଲା ଓଏଲଏମ ବିଭାଗ ପକ୍ଷରୁ ଡିପିଏମ ପବିତ୍ର ମୋହନ ବାରାଙ୍କ ନେତୃତ୍ୱରେ ଏକ ୪ ଜଣିଆ ପ୍ରତିନିଧି ଦଳ ଆସି କେତେକ ସିଆରପି ଓ ଏମବିକେଙ୍କୁ ନେଇ ବ୍ଲକ ସଭାଗୃହରେ ଏକ ବୈଠକ ବସିଥିଲା। ସେଠାରେ ମଧ୍ୟ ଅନେକ ଏସଏଚଜି ମହିଳା ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ଏପିଡି ଶୁଭଦର୍ଶୀ ଯୋଶୀ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ଉପସ୍ଥିତରେ ବିଭିନ୍ନ ନଥିପତ୍ର ତନଖିବା ସହ ମହିଳାଙ୍କ ନିକଟରୁ କେତେକ ଅର୍ଥ କାରବାର ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସଂଗ୍ରହ କରିଛନ୍ତି। ବିଭିନ୍ନ ଅଭିଯୋଗର ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହିଳାମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ, ଆମକୁ ନ୍ୟାୟ ନ ମିଳିଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବାକୁ ମହିଳା ଗୋଷ୍ଠୀ ଚେତାବନୀ ଦେଇଛନ୍ତି।

# ପଞ୍ଚାୟତ ଗ୍ରାମସଭାରେ ଭାଗ ନେବେନି ଗ୍ରାମ ସାଥୀ; ବଢୁଛି ଅସନ୍ତୋଷ

କେନ୍ଦୁଝର, ୨୮।୧୦(ସମିସ): ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) କାର୍ଯ୍ୟର ତଦାରଖ ପାଇଁ ପ୍ରତ୍ୟେକ ଗ୍ରାମରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ତରଫରୁ ଦୀର୍ଘବର୍ଷରୁ ଗାଁ ସାଥୀ (ମେଟ)ଙ୍କୁ ନିଯୁକ୍ତ କରାଯାଇଥିଲା। ମନରେଗା କାମର ସଫଳତା ପଛରେ ଗାଁ ସାଥୀ (ମେଟ)ଙ୍କ ପ୍ରମୁଖ ଭୂମିକା ରହି ଆସିଥିବାବେଳେ ବର୍ତ୍ତମାନ ପଞ୍ଚାୟତସ୍ତରୀୟ ଗ୍ରାମସଭାଗୁଡିକରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟଖସଡା ପ୍ରସ୍ତୁତ କରାଯିବାକୁ ଥିଲେ ମଧ୍ୟ ସେମାନଙ୍କୁ ଅଣଦେଖାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନଙ୍କୁ ଉପେକ୍ଷା କରାଯାଇ ମନରେଗା କାମ ଗୁଡିକ କିପରି କାର୍ଯ୍ୟକାରୀ ହେବ ଏବଂ ଯୋଜନାଟିର କିପରି ସଫଳ ରୂପାୟନ ହେବ ତାକୁ ନେଇ ପ୍ରଶ୍ନ ଉଠିଲାଣି। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ପାଟଣା ବ୍ଲକ ବାଉଁଶୁଳୀ ଗ୍ରାମପଞ୍ଚାୟତରେ। ପତ୍ରସଂଖ୍ୟା ୪୦ ଅନୁସାରେ ଆସନ୍ତା ୩୦।୧୦।୨୦୨୫ ଶୁକ୍ରବାର ୧୧ା ସମୟରେ ବାଉଁଶୁଳୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମସଭା ଅନୁଷ୍ଠିତ ହେବାକୁ ଯାଉଛି। ଏହି ଗ୍ରାମସଭାରେ ବାଉଁଶୁଳୀ ଗ୍ରାମପଞ୍ଚାୟତର ସମସ୍ତ ରାଜସ୍ୱ ଗ୍ରାମର ୱାର୍ଡ ସଭ୍ୟସଭ୍ୟା, ପଞ୍ଚାୟତ ସମିତିସଭ୍ୟା, ଏମବିକେ, ସିଆରପିସିଏମ୍, ଆଶା, ଅଙ୍ଗନବାଡି କର୍ମୀ, କୃଷିମିତ୍ର, ପ୍ରାଣୀମିତ୍ର, ବ୍ୟାଙ୍କମିତ୍ର, ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଶିକ୍ଷୟିତ୍ରୀ, ରାଜସ୍ୱ ନିରୀକ୍ଷକ, ଫରେଷ୍ଟର, ଏନଜିଓ, ଏଏନ୍‌ଏମ୍, ଯୁବକ ସଂଘର ସଭାପତି ତଥା ସମସ୍ତ ବୁଦ୍ଧିଜୀବୀ ଏବଂ ସମସ୍ତ ସାବାଳକ ଭୋଟରମାନଙ୍କୁ ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଛି। ଏହି ଗ୍ରାମସଭାରେ ଗ୍ରାମପଞ୍ଚାୟତ ଉନ୍ନୟନ ଯୋଜନା(ଜିପିଡିପି) -୨୦୨୬-୨୭ ଏବଂ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା - ୨୦୨୬-୨୭ ଆର୍ଥିକ ବର୍ଷର ଖସଡା ପ୍ରସ୍ତୁତି କରାଯିବ ବୋଲି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଗ୍ରାମସଭାରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପାଇଁ କାର୍ଯ୍ୟଖସଡା ପ୍ରସ୍ତୁତ କରାଯିବାକୁ ଥିଲେ ମଧ୍ୟ ମନରେଗା ଯୋଜନାର ତଦାରଖ ପାଇଁ ନିୟୋଜିତ ଗାଁ ସାଥୀ(ମେଟ)ଙ୍କୁ ନିମନ୍ତ୍ରଣ କରା ନଯିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

## ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷାଙ୍କ ପରଲୋକ

ଯଖପୁରା,୨୮।୧୦(ସମିସ): ଯାଜପୁର ଜିଲ୍ଲା ଦାନଗଦି ବ୍ଲକ୍‌ର ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷା ଓ ମାଣତୀରା ପଞ୍ଚାୟତର ପୂର୍ବତନ ସମିତିସଭ୍ୟା ନଳିନୀ ପ୍ରଭା ମଙ୍ଗରାଜ (୮୫)ଙ୍କ ପରଲୋକ ହୋଇଯାଇଛି। ସେ ଗତ କିଛି ଦିନ ଧରି ସେ



ରୋଗଶଯ୍ୟାରେ ପଡ଼ି ରହିଥିଲେ। ଜନତା ଦଳ ଠାରୁ ଆରମ୍ଭ କରି ବିଜୁ ଜନତା ଦଳ ପର୍ଯ୍ୟନ୍ତ ତାଙ୍କ ରାଜନୀତିକ ଯାତ୍ରା ଜାରି ରହିଥିଲା। ମାଣତୀରା ପଞ୍ଚାୟତରୁ ସେ ଲଗାତାର ତିନିଥର ସମିତିସଭ୍ୟା ଭାବେ ଓ ଦୁଇଥର ଦାନଗଦି ବ୍ଲକ୍ ଉପାଧ୍ୟକ୍ଷା ଭାବେ ଜନସେବା କରିଥିଲେ। ତାଙ୍କ କାର୍ଯ୍ୟକାଳରେ ସେ ମାଣତୀରା ପଞ୍ଚାୟତ ପାଇଁ ଅନେକ ଜନହିତକର ପଦକ୍ଷେପ ନେଇଥିଲେ। ମୃତ୍ୟୁ ସମୟରେ ତିନି ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତନାତୁଣୀ ଉପସ୍ଥିତ ଥିଲେ।

**ଯୁବତୀଙ୍କୁ ଅପହରଣ ମାମଲା**

## ଥାନାରେ ମୁଖ୍ୟ ଅଭିଯୁକ୍ତର ଆତ୍ମସମର୍ପଣ

ଧର୍ମଶାଳା,୨୮।୧୦(ସମିସ): ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ କଣ୍ଟାମାଳିଆ-ଥାନୁଆଳ ରାସ୍ତାରେ ଯୁବତୀଙ୍କୁ କାର୍‌ରେ ଅପହରଣ ଉଦ୍ୟମ ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଧର୍ମଶାଳା ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡିଛି। ଅଭିଯୁକ୍ତ ଜଣକ ଆନ୍ଧ୍ରପ୍ରଦେଶ ସିକାକୁଲମ ଜିଲ୍ଲା ଆନ୍ଦ୍ରଭସାଲା ଥାନା ଚିନତାଦା ଅଞ୍ଚଳର ଭାସ୍କର ନୀଳକଣ୍ଠଙ୍କ ପୁଅ ଭାସ୍କର ମୁକେଶ କୁମାର (୨୫) ବୋଲି ଜଣାପଡିଛି। ଅଭିଯୁକ୍ତ ମୁକେଶ ଭୁବନେଶ୍ୱର ଅଞ୍ଚଳରୁ ଏକ କାର୍ ଭଡ଼ାରେ ଆଣି ଯୁବତୀଙ୍କୁ ଉଠାଇ ନେବାକୁ ଉଦ୍ୟମ କରିଥିଲେ। ତାକୁ ସହାୟତା କରିଥିବା ସ୍ଥାନୀୟ ଥାନୁଆଳ ଗ୍ରାମର ଜିତେନ୍ଦ୍ର ଡୋରା ପୂର୍ବରୁ ଗିରଫ ହୋଇ କୋର୍ଟଚାଲାଣ ହୋଇଛି।

ସୂଚନା ଅନୁଯାୟୀ ଗତ ୨୦ ତାରିଖରେ ଜାରକା ସ୍ଥିତ ଏକ ସୁନାଗହଣା ଦୋକାନରେ କାମ କରୁଥିବା ମୁରାରୀପୁର ଗ୍ରାମର ଜଣେ ବିବାହିତ ମହିଳା ଓ ଜଣେ ଯୁବତୀ ଏକ ସ୍କୁଟିରେ ଫେରୁଥିବା ସମୟରେ ରାତି ପ୍ରାୟ ୮ଟା ସମୟରେ ଏକ ବାଇକ୍ ସେମାନଙ୍କ ପିଛା କରି ନିଛାଟିଆ ରାସ୍ତାରେ ଅଟକାଇଥିଲା। ପରେ ଯୋଜନା ମୁତାବକ ଏକ ଧଳା ରଙ୍ଗର କାର୍‌ରେ ତିନି ଜଣ ଯୁବକ ଆସି ସ୍କୁଟିରେ ଯାଉଥିବା ଯୁବତୀଙ୍କୁ କାର୍ ମଧ୍ୟକୁ ଟେକି ନେଇଥିଲେ। ଏହି ସମୟରେ ସାଥୀରେ ଥିବା ମହିଳା ଜଣଙ୍କ ଚିତ୍କାର କରିଥିଲେ। ଉକ୍ତ ରାସ୍ତା ଦେଇ ଯାଉଥିବା ଜଣେ ବାଇକ୍ ଆରୋହୀ ପହଞ୍ଚିଯିବା ସହ ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ପହଞ୍ଚି ଯୁବତୀ ଜଣଙ୍କୁ ଉଦ୍ଧାର କରିଥିଲେ। ଏହି ସମୟରେ ସେମାନେ ବାଇକ୍‌ରେ ଆସିଥିବା ସ୍ଥାନୀୟ ଅଞ୍ଚଳର ଯୁବକଙ୍କୁ କାବୁ କରି ତା ବାଇକ୍‌କୁ ଜବତ କରିଥିଲେ। ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଞ୍ଚି ଅଟକଥିବା ଯୁବକକୁ ଥାନାକୁ ଆଣିବା ସହ ବାଇକ୍‌କୁ ଜବତ କରି ୬୬୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣାସ୍ଥଳରୁ ଗିରଫ ହୋଇଥିବା ସ୍ଥାନୀୟ ଅଞ୍ଚଳର ଯୁବକକୁ କୋର୍ଟଚାଲାଣ କରି ଘଟଣାର ତଦନ୍ତ ଚଳାଇଥିଲା। ତେବେ ଗିରଫ ଯୁବକକୁ ପଚରା ଉଚରା ପରେ ମୁଖ୍ୟ ଅଭିଯୁକ୍ତ ମୁକେଶ ସମ୍ପର୍କରେ ଜଣାପଡିଥିଲା। ତାକୁ ଫୋନ୍ କରି ପୁଲିସ ଥାନାକୁ ଡାକିଥିବା ବେଳେ ସେ ଉପାୟଶୂନ୍ୟ ହୋଇ ଥାନାରେ ଆତ୍ମସମର୍ପଣ କରିଛି। ପୁଲିସ ତାକୁ ଅଟକ ରଖି ତା' ଠାରୁ ବିଭିନ୍ନ ତଥ୍ୟ ଯୋଗାଡ଼ କରୁଛି। ତେବେ ଅପହରଣ ସମୟରେ ବ୍ୟବହୃତ କାର୍‌ଟି ଭୁବନେଶ୍ୱର ଟ୍ରାଭେଲ୍ସରୁ ଅଣାଯାଇଥିବା ଅଭିଯୁକ୍ତ ମୁକେଶ ସ୍ୱୀକାର କରିଛି। ପୁଲିସ ଉକ୍ତ କାରକୁ ଜବତ କରିବା ପାଇଁ ପ୍ରୟାସ ଚଳାଇଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

## ରାତି ଅଧରେ ଘରେ ପଶି ସାମ୍ବାଦିକଙ୍କୁ ଆକ୍ରମଣ

ତୁରୁମୁଙ୍ଗା, ୨୮।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା କରଞ୍ଜିଆପଡା ଗ୍ରାମରେ ଅବୈଧ ଗଛ କାଟି ମାଫିଆଙ୍କ ଦ୍ୱାରା ଚୋରା ଚାଲାଣ ହେଉଥିବା ନେଇ ଏକ ଟିଭିରେ ରବିବାର ଖବର ପ୍ରସାରଣ ହୋଇଥିଲା। ଏନେଇ ସାମ୍ବାଦିକ ନିଶିକାନ୍ତ ବେହେରାଙ୍କ ଘରେ ସୋମବାର ରାତି ୮.୩୦ ମିନିଟରେ କାଠ ମାଫିଆ ଶାରୁଖ ଖାନ ଏବଂ ଦୁଇଜଣ ସହଯୋଗୀ ଗାଳିଗୁଲଜ କରିବା ସହ କାହିଁକି ଖବର ପ୍ରସାରଣ କରିଛୁ କହି ମାଡ଼ ମାରି ହତ୍ୟା ଧମକ ଦେଇଥିଲେ। ଜୀବନ ପ୍ରତି ବିପଦ ଥିବାରୁ ଉକ୍ତ ଘଟଣାକୁ ନେଇ ସାମ୍ବାଦିକ ନିଶିକାନ୍ତ ବେହେରା ପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ପାଟଣା ସାମ୍ବାଦିକ ସଂଘ ସହ କାର୍ଯ୍ୟରତ ସାମ୍ବାଦିକ ଏହାକୁ ଘୋର ନିନ୍ଦା କରିବା ସହ ଆକ୍ରମଣ କରିଥିବା କାଠ ମାଫିଆ ଓ ସହଯୋଗୀଙ୍କୁ ତୁରନ୍ତ ଗିରଫ କରିବା ଦାବି ହୋଇଛି।

# ୧ରୁ ଖୋଲିବ କୁଲଡିହା ଅଭୟାରଣ୍ୟ; ବ୍ୟାପକ ଅବ୍ୟବସ୍ଥା

ନୀଳଗିରି, ୨୮।୧୦ (ସମିସ): ନୀଳଗିରି ଉପଖଣ୍ଡର ବଣ ପାହାଡ଼ଘେରା ଓ ତତ୍ ସଂଲଗ୍ନ ଜଙ୍ଗଲର ଅପରୂପ ସୌନ୍ଦର୍ଯ୍ୟଭରା କୁଲଡିହା ଅଭୟାରଣ୍ୟ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କ ପାଇଁ ଆସନ୍ତା ନଭେମ୍ବର ୧ରୁ ଖୋଲିବ। ଏ ନେଇ ନୀଳଗିରି କେସିପୁର ପଞ୍ଚାୟତ ବାଲିଆନାଳ ଫାଟକ ଦେଇ କୁଲଡିହା ଅଭୟାରଣ୍ୟକୁ ପର୍ଯ୍ୟଟକମାନେ ସକାଳ ୧୦ଟା ସମୟରେ ପ୍ରବେଶ କରିବେ। ବର୍ଷାଋତୁ ପାଇଁ ଗତ ଜୁନ୍ ୧୫ରୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଥିବା ବେଳେ ଆସନ୍ତା ନଭେମ୍ବର ୧ରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଅଭୟାରଣ୍ୟ ଖୋଲିବ। ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ ଏହି କୁଲଡିହା ଅଭୟାରଣ୍ୟରେ ହାତୀ, ବାଘ, ଭାଲୁ, ସମ୍ବର, ହରିଣ, ଠେକୁଆ, ନୀଳଗାଇ, ବଳିଆ କୁକୁର, ବଜ୍ରକାପ୍ତା, ମୟୂର ଇତ୍ୟାଦି ବନ୍ୟପ୍ରାଣୀ ଓ ବିଭିନ୍ନ ପ୍ରଜାତିର ଦେଶୀ ଏବଂ ବିଦେଶୀ ପକ୍ଷୀ ଦେଖାଯାଆନ୍ତି। ଏଠାରେ ସୁରକ୍ଷିତ ପର୍ଯ୍ୟଟନ ଓ ପର୍ଯ୍ୟଟନର ବିକାଶ ଲାଗି ଗୋହିରାଭୋଳ ଠାରେ 'ରିସିଆ ପ୍ରକୃତି ନିବାସ' ଖୋଲାଯାଇଛି। ରାତ୍ରି ରହଣି ନିମନ୍ତେ ୯ଟି ତମ୍ବୁଘର ହୋଇଛି ଏହା ସହ ନେଚର୍ସ କ୍ୟାମ୍ପ କରାଯାଇ ଶୌଚାଳୟର ଆଲୋକର




ବ୍ୟବସ୍ଥା ଥିଲା। ଏହା ସହ ନେଚର୍ସ କ୍ୟାମ୍ପ ପାଖରେ ପର୍ଯ୍ୟଟକଙ୍କ ବୋଟିଂ ପାଇଁ ରିସିଆ ଡ୍ୟାମ ଭିତରେ ବୋଟିଂ ବ୍ୟବସ୍ଥା ରହିଥିଲା। କିନ୍ତୁ ଗତ କିଛି ବର୍ଷହେବ କୁଲଡିହା ବନବିଭାଗ ବିକାଶର ପ୍ରସ୍ତୁତିରେ ଉପରେ ଦୃଷ୍ଟି ଦେଉ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଆସନ୍ତା ନଭେମ୍ବର ୧ରୁ ଖୋଲିବ କୁଲଡିହା ଅଭୟାରଣ୍ୟ ହେଲେ ଅଭୟାରଣ୍ୟରେ ଏଯାବତ ରାସ୍ତା ମରାମତି ହୋଇପାରିନି କି ଅନ୍ୟ ବିକାଶ କାର୍ଯ୍ୟ ମଧ୍ୟ କରାଯାଇନି। ଦୀର୍ଘ ପ୍ରାୟ ୨ ବର୍ଷ ତଳୁ ଅଭୟାରଣ୍ୟ ଭିତରେ ଥିବା ରାସ୍ତା ମରାମତି ହୋଇଥିଲା। ସେହିପରି ଅଭୟାରଣ୍ୟ ଭିତରେ ଥିବା ଏଫ୍.ଆର.ଏଚ.ଟି ମରାମତି ଅଭାବରୁ ଜରାଜୀର୍ଣ୍ଣ ପାଲଟି ଯାଇଛି। ଗୋହିରାଭୋଳ ଠାରେ ଥିବା ପ୍ରକୃତି ନିବାସରେ ତମ୍ବୁ ଗୁଡ଼ିକ ଛିଣ୍ଡି ନଷ୍ଟ ହୋଇଯାଇଛି। ସୋଲାର ସିଷ୍ଟମ ଅଚଳ ଯୋଗୁଁ ଏଠାରେ ଆଲୁଅ ବ୍ୟବସ୍ଥା ସଠିକ ଭାବେ ହୋଇ ପାରୁନି। ବୋଟିଂ ବ୍ୟବସ୍ଥା ମଧ୍ୟ ବନ୍ଦ ହୋଇ ପଡ଼ିଛି। ବନବିଭାଗ ବିକାଶ

### ପ୍ରକୃତିପ୍ରେମୀଙ୍କ ଅସନ୍ତୋଷ

ଦିଗରେ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଫୋନ କରିବାରୁ ଉଠାଇନଥିଲେ, କୁଲଡିହା ରେଞ୍ଜର ସୁବ୍ରତ୍ କୁମାର ବେହେରା କୌଣସି ସ୍ପଷ୍ଟ ଉତ୍ତର ଦେଇନଥିଲେ, ଏ.ସି.ଏଫ୍ ତଟିନି ସେଠୀଙ୍କ ମତାମତ ନେବାରୁ ଏହି ବିଷୟକୁ ଗୁରୁତର ସହ ନେଇଛୁ କିଛି କାର୍ଯ୍ୟ ଆରମ୍ଭ ହେଲାଣି ଓ ଆସନ୍ତା ଦିନରେ ରିସିଆ ପ୍ରକୃତି ନିବାସର ନବୀକରଣ କରିବୁ ବୋଲି କହିଥିଲେ।

# ମହାବାତ୍ୟାରେ ଚାଲିଚାଲି କଟକରୁ ବାଲେଶ୍ୱର

**ବାଲେଶ୍ୱର, ୨୮।୧୦ (ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି):** "ହଁ... ହଁ... ସେତେବେଳକୁ ମୋତେ ୨୧ବର୍ଷ। କ'ଣ ଗୋଟାଏ ବାତ୍ୟା ହବ ବୋଲି ରେଡିଓ ବାରମ୍ବାର କହୁଥିଲା। କିନ୍ତୁ ବାଲେଶ୍ୱରରେ ପହଞ୍ଚିବା ମୋ' ପାଇଁ ଜରୁରୀ ଥିଲା। ଗୋଟାଏ ସାହସରେ ମାଡ଼ି ଆସିଲି ଗଞ୍ଜାମରୁ... । କିନ୍ତୁ ବାଟରେ ଏମିତି ଦଶା ଭୋଗିବି ବୋଲି ସ୍ୱପ୍ନରେ ବି ଭାବି ନଥିଲି। କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧକୁ ଯେମିତି ପ୍ରତ୍ୟକ୍ଷ ଭାବେ 'ବେଲାଳସେନ' ଦେଖିଥିଲା, ମୋର ବି ମହାବାତ୍ୟାକୁ ଦେଖିବା ଅନୁଭୂତି ସେଇ ପାଖାପାଖି... । ବାତ୍ୟା ଚାଲିଥାଏ, ମୁଁ ବି ଚାଲୁଥାଏ। ଫରକ୍ ଏତିକି; ତାକୁ କାହାର ଭୟ ନଥାଏ, ଆଉ ମୁଁ ପ୍ରତି ମୁହୂର୍ତ୍ତରେ ଭୟରେ ମରୁଥାଏ।" ୧୯୯୯ ମସିହା ଅକ୍ଟୋବର ୨୯ ତାରିଖ ମହାବାତ୍ୟାକୁ ଅଙ୍ଗେ ନିଭାଇଥିବା ଏମିତି ଜଣେ ବ୍ୟକ୍ତି ହେଉଛନ୍ତି, ବାଲେଶ୍ୱର ସହର ଟୁଲଙ୍ଗସାହିରେ ରହୁଥିବା ସୁବୋଧ ଚନ୍ଦ୍ର ପଣ୍ଡା (୪୯)। ବାତ୍ୟାକୁ ୨୬ବର୍ଷ ପୂରିବା ଅବସରରେ 'ସକାଳ'କୁ ସେ ସେହି ଅଭିଶପ୍ତ ଦିନର ଅଭୁଲା ଓ ଅଲୋଡ଼ା ସ୍ମୃତି କହିବା ବେଳେ ତାଙ୍କ ଲୋମ ବାରମ୍ବାର ଟାଙ୍କୁରି ଉଠୁଥିଲା। ମହାବାତ୍ୟା ଦିନ ସୁବୋଧ ବାଲେଶ୍ୱର ଆସିବା ପାଇଁ ଗଞ୍ଜାମରୁ ବାହାରିଥିଲେ। କିନ୍ତୁ ବାଲେଶ୍ୱରରେ ପହଞ୍ଚିବା ବେଳକୁ ତାଙ୍କୁ ୩ ଦିନ ଲାଗିଗଲା। ବାଟସାରା ବାତ୍ୟାର କରାଳ ରୂପ, ତାଣ୍ଡବ ଦେଖି ତାଙ୍କ ଦେହରୁ ଅଧାରକ୍ତ ଶୁଖିଗଲା ଭଳି ତାଙ୍କୁ ଅନୁଭୂତ ହୋଇଥିଲା।



ବାଟ ସାରା ତାଣ୍ଡବର ସାକ୍ଷୀ ସାଜିଥିଲେ ସୁବୋଧ

ସୁବୋଧ କହନ୍ତି, ଗଞ୍ଜାମରେ ମୋ ମାମୁଁଘର, ଗୋସେଇଁ ବାପାଙ୍କ ଘର। ସେଠାରେ ବଡ଼ବାପା ରହନ୍ତି। ମୁଁ ସେତେବେଳେ ଗଞ୍ଜାମ ଯାଇଥିଲି। ଗଞ୍ଜାମରୁ ଜେଜେବାପାଙ୍କୁ ନେଇ ବାହାରିଥିବା ବେଳେ ବର୍ଷା ଆରମ୍ଭ ହୋଇଯାଇଥିଲା। ବଡ଼ବାପା ରାଜି ନହେବାରୁ ଏକୁଟିଆ ବାହାରି ଆସିଲି। ଗଞ୍ଜାମରୁ ବସ୍‌ରେ ଭୁବନେଶ୍ୱର ଯାଏଁ ଆସିଲି। ବସ୍ ଖୋର୍ଦ୍ଧା ଛୁଇଁବା ବେଳକୁ ପବନର ବେଗ ଉଗ୍ର ହୋଇସାରିଥିଲା। ତେଣୁ, ଭୁବନେଶ୍ୱରରେ ପହଞ୍ଚିବା ପାଇଁ ୨୪ ଘଣ୍ଟା ଲାଗିଗଲା। ସେତେବେଳକୁ ଭୁବନେଶ୍ୱର ପାଣିରେ ବୁଡ଼ିଲା ଭଳି। ସେଠୁ କଟକ କଷ୍ଟେମଷ୍ଟେ ବି ପଳାଇ ଆସିଲି। ବାଲେଶ୍ୱର ଯିବା ପାଇଁ ଗୋଟିଏ ବସ୍ ଧରିଲି। କିନ୍ତୁ ବର୍ଷା, ପବନ ଦେଖି ବସ୍ ମଙ୍ଗୁଳିଠାରୁ ଆଉ ଆଗକୁ କଲାନି। ବାଧ ହୋଇ କିଛି ଲୋକ ଏକାଠି ହୋଇ ସେଇଠୁ ଚାଲିଚାଲି ଆଗକୁ ବଢ଼ିବା ଆରମ୍ଭ କଲୁ। ପବନର ବେଗ ଏତେ ଅଧିକ ଥିଲା ଯେ ଆମକୁ ବାରମ୍ବାର ରାସ୍ତାକଡ଼କୁ ଠେଲି ନେଉଥିଲା। ପାଖରେ ଟଙ୍କା ଥିଲା, ହେଲେ ଖାଦ୍ୟ କି ପାଣି ମିଳୁନଥିଲା। ବର୍ଷା ପାଣି ପିଇ ପିଇ ଆଗକୁ ଚାଲିଲୁ। ଛତିଆ ପାଖରେ ଜାତୀୟ ରାଜପଥରେ ଗଛ ପଡ଼ି ରାସ୍ତା ବନ୍ଦ ହୋଇଯାଇଥିଲା। ସେତେବେଳକୁ ରାତି ହୋଇଗଲାଣି। ତେଣୁ ଆଉ କିଛି ଉପାୟ ନ ପାଇ ରାସ୍ତାକଡ଼ରେ ଥୁଆ ହୋଇଥିବା ଏକ ବସ୍‌ରେ ରାତି କଟେଇଲି। ଧୀରେଧୀରେ ବର୍ଷା ଥମିଯାଇଥିଲା। ସକାଳୁ ପୁଣି ବାହାରିଲି। ରାସ୍ତାରେ ବିସ୍କୁଟ, ସେଓ ଆଦି ଗାଡ଼ିରୁ ସବୁ ଯାହା ପାଇଲୁ ଖାଇଲୁ। ଏମିତି ଚାଲିଚାଲି ମୁଁ ଜାମୁଝାଡ଼ି ପହଞ୍ଚିଗଲି। ସେଠାରେ ଆମକୁ ଚାଉଳ ମିଳିଥିଲା। ଆମେ ବହୁତ କଷ୍ଟରେ ହାଣ୍ଡି, କଡ଼େଇ ଯୋଗାଡ଼ କରି ଭାତ ତିଆରି କରି ଖାଇଥିଲୁ। ଅନ୍ୟ କିଛି ଲୋକଙ୍କୁ ଖାଇବାକୁ ବି ଦେଇଥିଲୁ। ଜାମୁଝାଡିରୁ ବାଲେଶ୍ୱରକୁ ଯିବା ପାଇଁ ରାସ୍ତା ବନ୍ଦ ଥିଲା। ସେତେବେଳେ ସାବିରା ରେଲୱେ ଟ୍ରାକ୍ ଦେଇ ଚାଲିଚାଲି ସୋରରୁ ସିଧା ଏକ ବସ୍‌ରେ ବସି ମୁଁ ଆଇଟିଆଇ ଛକରେ ଓହ୍ଲାଇଲି। ମୋତେ ଦେଖି ମୋର ସାଙ୍ଗସାଥୀ ଚମକି ପଡ଼ିଲେ। ଏତେ ଦିନ ପରେ ଚାଲିଚାଲି ଆସିଛି। ମୁଁ ସିଧା ଘରକୁ ଗଲି। ମା' ମୋତେ ଦେଖି କାନ୍ଦି ପକାଇଲା। ବାଲେଶ୍ୱର ସହର ଏତେ କିଛି ପ୍ରଭାବିତ ହୋଇନଥିଲା। ମୁଁ ବାଲେଶ୍ୱର ପହଞ୍ଚିଲା ବେଳକୁ ଅକ୍ଟୋବର ମାସ ସରି ଯାଇଥାଏ। ସେତେବେଳେ ଯୋଗାଯୋଗ ପାଇଁ ଫୋନ୍ ବି ନଥିଲା। ଏହା ମୋ ପାଇଁ ସବୁବେଳେ ଏକ ଅବର୍ଣ୍ଣନୀୟ ଅନୁଭୂତି ହୋଇ ରହିବ।

## ମହାବାତ୍ୟାକୁ ପୂରିଲା ୨୬ ବର୍ଷ

# କ୍ଷତ ଶୁଖିଛି; ଚିହ୍ନ ଯାଇନି





**ଜଗତସିଂହପୁର, ୨୮।୧୦ (ଶଶାଙ୍କ ଶେଖର ପଣ୍ଡା):** ପ୍ରକୃତିର ତାଣ୍ଡବ ଆଗରେ ମଣିଷ ଯେ କେତେ ଅସହାୟ, ତାହା ୧୯୯୯ ମସିହାର ମହାବାତ୍ୟା ଓଡ଼ିଶାବାସୀଙ୍କୁ ଦେଖାଇ ଦେଇଥିଲା। ପ୍ରକୃତିର ସେହି କରାଳ ରୂପକୁ ଆସନ୍ତାକାଲି (ବୁଧବାର) ୨୬ବର୍ଷ ପୂରୁଛି। ଓଡ଼ିଶାବାସୀ ବିଶେଷକରି, ସର୍ବାଧିକ ପ୍ରଭାବିତ ହୋଇଥିବା ଜଗତସିଂହପୁର ଜିଲ୍ଲାବାସୀଙ୍କ ମନରୁ ଏ କ୍ଷତ ଶୁଖିଯାଇଛି ସତ, କିନ୍ତୁ ଏବେ ବି ତା'ର ଚିହ୍ନ ସତେଜ ଅଛି। ମା' କୋଳରୁ ପିଲା, ସ୍ୱାମୀ ଆଖି ଆଗରେ ସ୍ତ୍ରୀ ତ କାହାର ପୂରା ପରିବାରକୁ ନିଶ୍ଚିହ୍ନ କରିଦେଇଥିଲା ମହାବାତ୍ୟା।

ଏହି ପ୍ରଳୟଙ୍କରୀ ମହାବାତ୍ୟାରେ ସର୍ବାଧିକ ପ୍ରଭାବିତ ହୋଇଥିଲା ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ୍ ଅଞ୍ଚଳ। ପୋକମାଛି ପରି ହଜାର ହଜାର ମଣିଷ ଓ ଗୃହପାଳିତ ପଶୁ ଜୀବନ ହରାଇଥିଲେ ଏହି ବିପର୍ଯ୍ୟୟରେ। ଯୁଆଡ଼େ ଦେଖିବ, ଖାଲି କୁଢ଼କୁଢ଼ ଶବ। ଏରସମା ଅଞ୍ଚଳ ଏକପ୍ରକାର ଧ୍ୱଂସସ୍ତୂପରେ ପରିଣତ ହୋଇଥିଲା। ବ୍ଲକ୍‌ର ଜପା ପଞ୍ଚାୟତର ଦହିବର ଗାଁ ଲୋକ ଏବେ ବି ସେହି ଅଭିଶପ୍ତ ମସିହା (୧୯୯୯)ର ନାଁ ଶୁଣିଲେ, ସେମାନଙ୍କ ଲୋମ ଟାଙ୍କୁରି ଉଠେ। ମହାବାତ୍ୟାରେ ଏହି ଗାଁର ସର୍ବାଧିକ ୫୮୭ ଜଣ ଲୋକ ପ୍ରାଣ ହରାଇଥିଲେ। ଏପରିକି, କେତେକ ପରିବାରରୁ ୧୦ରୁ ୧୨ଜଣ ମୃତ୍ୟୁବରଣ କରିଥିବା ବେଳେ ଆଉ କିଛି ପରିବାର ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଥିଲା। କେବଳ ଦହିବର ନୁହେଁ, ଏରସମା ବ୍ଲକ୍‌ର ପ୍ରାୟ ସମସ୍ତ ପଞ୍ଚାୟତରେ ତାଣ୍ଡବ ରଚିଥିଲା ଏହି ପ୍ରଳୟଙ୍କରୀ ମହାବାତ୍ୟା। ସରକାରୀ ହିସାବରେ ୧୦ ହଜାର ଲୋକଙ୍କ ମୃତ୍ୟୁ ହୋଇଥିବା କୁହାଯାଇଥିବା ବେଳେ ପ୍ରକୃତରେ କିନ୍ତୁ ମୃତ୍ୟୁସଂଖ୍ୟା ଏହାଠାରୁ ଢେର୍ ଅଧିକ ଥିଲା ବୋଲି କୁହନ୍ତି ସ୍ଥାନୀୟ ଲୋକେ।

ମହାବାତ୍ୟାର ୨୬ବର୍ଷ ପରେ ଦହିବର ଗାଁ ସହିତ ସମଗ୍ର ଏରସମା ଅଞ୍ଚଳରେ ଅନେକ ବିକାଶ ଘଟିଛି ସତ, ହେଲେ ଆଜି ମଧ୍ୟ ଏଭଳି କେତେକ ପରିବାର ରହିଛନ୍ତି, ଯେଉଁମାନଙ୍କ ପାଖରେ ମୁଣ୍ଡ ଗୁଞ୍ଜିବା ପାଇଁ ଛାତ ଘରଟିଏ ନାହିଁ। ମାଳମାଳ ଯୋଜନା ସତ୍ତ୍ୱେ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ହୋଇପାରି ନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଆଜି ମଧ୍ୟ ଏହି ଅଞ୍ଚଳରେ ବର୍ଷା ଦିନେ ଛାତ୍ରଛାତ୍ରୀମାନେ ଡଙ୍ଗାରେ ବସି ବିଦ୍ୟାଳୟକୁ ଯାଉଛନ୍ତି। ଜିଲ୍ଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନ କେବଳ ମହାବାତ୍ୟାର ସ୍ମୃତିଚାରଣ କରି ନିଜର ପରାକାଷ୍ଠା ଦେଖାଉଥିବା ବେଳେ ଏବେ ମଧ୍ୟ ଅନେକ ପରିବାର ସଠିକ ଭାବେ ସେମାନଙ୍କର ମୌଳିକ ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି।

## ଭିଟାମାଟିରୁ ବେଦଖଲ କରିଦେଲା

# ହଜିଗଲା ଉଦୟକଣୀ, ଛେନୁଅର ଠିକଣା



୧୯୯୯ ମସିହା ଅକ୍ଟୋବର ୨୯। ଏହି ଦିନ ଓଡ଼ିଶା ଇତିହାସରେ ସବୁଠାରୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଆସିଥିଲା। ଓଡ଼ିଶା ମାଟିରେ ପ୍ରଳୟ ରଚିଥିଲା ମହାବାତ୍ୟା। ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ଉପକୂଳ ଓଡ଼ିଶା। ଯଦିଓ ଜଗତସିଂହପୁର ଜିଲ୍ଲାରେ ସର୍ବାଧିକ କ୍ଷତି ଘଟିଥିଲା, ପୁରୀ ଜିଲ୍ଲାରେ ମହାବାତ୍ୟାର ତାଣ୍ଡବ କିଛି କମ୍ ନ ଥିଲା। ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା ଅସ୍ତରଙ୍ଗ ବ୍ଲକର ସମୁଦ୍ର ତଟବର୍ତ୍ତୀ ଶିଶୁଅ ପଞ୍ଚାୟତ। ମହାବାତ୍ୟାରେ ଧନଜୀବନ ହାନୀର ତାଲିକା ତ ବେଶ୍ ଲମ୍ବା। ହେଲେ ଏହି ବିଭୀଷିକାର ଆଁ ଭିତରେ ହଜିଯାଇଥିଲା ଦୁଇଟି ଗାଁ ଉଦୟକଣୀ ଆଉ ଛେନୁଅର ଠିକଣା। ବଦଳି ଯାଇଥିଲା ସମୁଦ୍ର ତଟବର୍ତ୍ତୀ ଏହି ଦୁଇ ଗାଁର ନକ୍ସା। ଆଉ ପୁରୁଷ ପୁରୁଷ ଧରି ରହୁଥିବା ଭିଟାମାଟିରୁ ବେଦଖଲ କରିଦେଇଥିଲା 'ମହାବାତ୍ୟା'।

**ପୁରୀ, ୨୮।୧୦(ହେମନ୍ତ ନାୟକ):** ୧୯୯୯ ମସିହା ଅକ୍ଟୋବର ୨୯ ତାରିଖ। ଠିକ୍ ଆଜିର ଦିନରେ ଓଡ଼ିଶା ଉପକୂଳରେ ପ୍ରକୃତି ଉଜାଡ଼ିଥିଲା ଅନେକ କିଛି। ସେଦିନ ବଙ୍ଗୋପସାଗରରୁ ହୁ' ହୁ' ହୋଇ ମାଡ଼ି ଆସିଥିଲା ପ୍ରଳୟ। ଘର ଉଡ଼ାଇଲା, ଗାଁ ବୁଡ଼ାଇଲା, ଲିଭିଗଲା ଚିହ୍ନ ବର୍ଣ୍ଣ। କିଏ ନିଜ ପୁଅଝିଅକୁ ହରାଇଲେ ତ ଆଉ କିଏ ସମ୍ପୂର୍ଣ୍ଣ ପରିବାରକୁ ହରାଇ କୋଳଶୂନ୍ୟ ହୋଇଗଲେ। ଅନେକ ବାପା-ମା' ଛେଉଣ୍ଡ ହୋଇଗଲେ, ପୁଣି କାହା ମଥାରୁ ସିନ୍ଦୂର ପୋଛିଦେଲା ମହାବାତ୍ୟା। ଏହି ସାମୁଦ୍ରିକ ଝଡ଼ କେବଳ ପ୍ରାଣ ନେଇ ନଥିଲା ଘରଦ୍ୱାର, ରାସ୍ତାଘାଟ ସବୁ କିଛି ଛାରଖାର୍ କରିଦେଇଥିଲା। ଓଡ଼ିଶାର ଭୂଗୋଳ ବଦଳାଇ ଦେଇଥିଲା। ଇତିମଧ୍ୟରେ ମହାବାତ୍ୟାକୁ ୨୬ ବର୍ଷ ବିତିଯାଇଛି। କିନ୍ତୁ ପଛରେ ଛାଡ଼ି ଦେଇଯାଇଛି ଅନେକ ଦୁଃଖର ଦାଗ ଆଉ ଅଲୋଡ଼ା ସ୍ମୃତିର ଚିହ୍ନ। ଆଜି ବି ସେ ଦିନର କଥାକୁ ମନେ ପକାଇଲେ ଅନେକଙ୍କ ଲୋମ ଟାଙ୍କୁରି ଉଠୁଛି। କୋହରେ ଛାତି ଭରିଯାଉଛି। ୧୯୯୯ ମହାବାତ୍ୟା ପୁରୀ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ୨୦୪ଟି ପଞ୍ଚାୟତର ୧,୭୧୪ଟି ଗାଁର ୧୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିଲେ। ୧,୬୨,୦୦୦ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିଲା ବେଳେ ୧,୩୪,୮୪୧ଟି ଘର ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିଲା। ୩୦୧ଜଣଙ୍କ ଜୀବନ ନେଇଯାଇଥିଲା ମହାବାତ୍ୟା।

ତେବେ ସମୁଦ୍ର କୂଳବର୍ତ୍ତୀ ଅସ୍ତରଙ୍ଗ ଓ କାକଟପୁର ବ୍ଲକ ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ଏହି ଦୁଇ ବ୍ଲକ୍‌ରୁ ୨୧୬ ଜଣଙ୍କ ଜୀବନ ଚାଲି ଯାଇଥିଲା। ଇତିମଧ୍ୟରେ ମହାବାତ୍ୟାକୁ ୨୬ବର୍ଷ ପୂରିଛି। ଏବେ ବି ଅସ୍ତରଙ୍ଗ ବ୍ଲକ୍‌ର ଏମିତି କିଛି ଗାଁ ଅଛି ଯେଉଁଠି ମହାବାତ୍ୟାର ଚିହ୍ନ ତାଜା ହୋଇ ରହିଛି। ଅସ୍ତରଙ୍ଗ ବ୍ଲକ୍ ଶିଶୁଅ ପଞ୍ଚାୟତର ଉଦୟକଣୀ ଓ ଛେନୁଅ ଗାଁ। ଏବେ ବି ବାତ୍ୟା କଥା ଶୁଣିଲେ ଏହି ଦୁଇ ଗାଁ ଲୋକଙ୍କ ମନରେ ଛନକା ପଶେ। ୧୯୯୯ ମହାବାତ୍ୟାର କରାଳ ରୂପକୁ ଏମାନେ ଅତି ପାଖରୁ ଦେଖିଥିଲେ। ସୁ' ସୁ' ଗର୍ଜନ କରି ମାଡ଼ି ଆସିଥିଲା ସମୁଦ୍ର। କ'ଣ କରିବେ, କୁଆଡ଼େ ଯିବେ, ଜାଣିପାରିନ ଥିଲେ ସମୁଦ୍ର ତଟବର୍ତ୍ତୀ ଏହି ଦୁଇ ଗାଁର ଲୋକେ। ଜୀବନ ବଞ୍ଚାଇବାକୁ ଯାଇ ଘରଦ୍ୱାର ସବୁ ଛାଡ଼ି ପିଲାଛୁଆଙ୍କୁ ଧରି ଚାଲିଯାଇଥିଲେ। ହେଲେ ଆଉ ସେଠାକୁ ଫେରିବାକୁ ସାହସ କରି ନ ଥିଲେ। କାରଣ ଯେଉଁଠି ସେମାନଙ୍କର ଘର ଥିଲା, ମନ୍ଦିର ଥିଲା, ଜୀବନଜୀବିକା ନେଇ ବଞ୍ଚୁଥିଲେ, ତାହାକୁ ଉଜାଡ଼ି ଦେଇଥିଲା ମହାବାତ୍ୟା। ଭସାଇ ନେଇଥିଲା ସେମାନଙ୍କ ତେଲଲୁଣର ସଂସାର। ସମୁଦ୍ର ଢେଉରେ ଉଦୟକଣୀ ଓ ଛେନୁଅ ଗାଁ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିଲା। ଛେନୁଅ ଗାଁର ଚିହ୍ନବର୍ଣ୍ଣ ନ ଥିବା ବେଳେ କେବଳ କେଉଁ ଏକ ଘର ମୂଳଦୁଆର ମାଟିକାନ୍ଥ ଏବେ ବି ବାତ୍ୟାର କଥା ମନେ ପକାଇଦେଉଛି।



ଛେନୁଅ ଗାଁର ସ୍ମୃତି...
କେବଳ କେଉଁ ଏକ ଘର ମୂଳଦୁଆର ମାଟିକାନ୍ଥ ରହିଛି



ଉଦୟକଣୀର ମା' ବାଟୁଲେଇଙ୍କ ମନ୍ଦିର

ମହାବାତ୍ୟା ପରେ ଛେନୁଅ ଗାଁ ଯେଉଁଠିକୁ ସ୍ଥାନାନ୍ତର ହୋଇଥିଲା, ତାହା ବି ସେମାନଙ୍କ ସ୍ଥାୟୀ ଠିକଣା ହୋଇ ରହିପାରିଲା ନାହିଁ। ସମୁଦ୍ର ଜୁଆର ଭୟ ଦେଖାଇବାରୁ ଚିତ୍ରେଶ୍ୱରୀ ପିଆର୍‌ଏଫ୍ ନଡ଼ିଆ ମଠ ବିଟ୍ ପାଖ ଜଙ୍ଗଲ ଜମିକୁ ଉଠିଯାଇଛନ୍ତି ଏହି ଗାଁ ଲୋକେ। ସେହିପରି ଉଦୟକଣୀ ବି ସ୍ଥାନାନ୍ତର ହୋଇଛି। ଗାଁ ଥିବା ପୂର୍ବ ସ୍ଥାନରେ ଏବେ କେବଳ ମା' ବାଟୁଲେଇଙ୍କ ମନ୍ଦିର ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହି ମନ୍ଦିର ଦେଖିଲେ ମହାବାତ୍ୟାର କରାଳ ରୂପ ମନେ ପଡ଼ିଯାଏ। ନିଜ ଭିଟାମାଟିକୁ ଦେଖିଲେ ଉଦୟକଣୀ ଆଉ ଛେନୁଅ ଗାଁ ଲୋକଙ୍କ ଆଖିରେ ଏବେ ବି ଲୁହ ଜକେଇ ଆସୁଛି।

ମହାବାତ୍ୟା ପରେ ବିପର୍ଯ୍ୟୟ ପ୍ରଶମନ ପାଇଁ ଅସ୍ତରଙ୍ଗ ବ୍ଲକ୍‌ରେ ସର୍ବାଧିକ ୩୭, କାକଟପୁର ୨୩, ଗୋପରେ ୩୪, କୋଣାର୍କରେ ୨, ପୁରୀ ସଦରରେ ୧୭, ନିମାପଡ଼ାରେ ୯, ପେଣ୍ଠକଟାରେ ୬, କଣାସରେ ଗୋଟିଏ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ରକ୍ଷଣାବେକ୍ଷଣ ଓ ସଚେତନତା ଅଭାବରୁ ଅନେକ ବାତ୍ୟା ଆଶ୍ରୟସ୍ଥଳୀର ଅବସ୍ଥା ଧୀରେଧୀରେ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଲାଣି। ଏଗୁଡ଼ିକର ମରାମତି ହେବା ଆବଶ୍ୟକ ହୋଇପଡ଼ିଛି। ମହାବାତ୍ୟାର ୨୬ବର୍ଷ ପରେ ପୁରୀ ଜିଲ୍ଲା ଉପକୂଳ ଅଞ୍ଚଳର ରଙ୍ଗ ବଦଳି ଯାଇଛି ସତ, କିନ୍ତୁ ଏବେ ବି ଅନେକ ଗାଁରେ ସତେଜ ରହିଛି ମହାବାତ୍ୟାର ତାଣ୍ଡବର ଚିହ୍ନ।

# ଏବେ ବି ଗୁମୁରି କାନ୍ଦୁଛି ଅସ୍ତରଙ୍ଗ

**ଅସ୍ତରଙ୍ଗ, ୨୮।୧୦(ସମୀର କର):** ୧୯୯୯ ମସିହା ପ୍ରଳୟଙ୍କାରୀ ମହାବାତ୍ୟାର ୨୬ ବର୍ଷ ପରେ ପୁରୀ ଜିଲ୍ଲା ଉପକୂଳର ସର୍ବାଧିକ କ୍ଷତିଗ୍ରସ୍ତ ଅସ୍ତରଙ୍ଗ ଅଞ୍ଚଳର ଚିତ୍ର ଅନେକ ବଦଳିଛି। ହେଲେ ସେହି ପ୍ରଳୟଙ୍କରୀ ମହାବାତ୍ୟାର ବିଭୀଷିକା କଥା ମନେ ପଡ଼ିଲେ ଆଜି ବି ସ୍ଥାନୀୟ ଅଞ୍ଚଳର ବିପନ୍ନମାନଙ୍କ ଆଖିରେ ଲୁହ ଆସିଯାଉଛି।



ନିଜ ଝିଅ, ବାପାଙ୍କୁ ହରେଇଥିବା ସୁଦିକେଶ୍ୱର ଗ୍ରାମର ବିଶ୍ୱାଳ ଦମ୍ପତି

ପୁରୀ ଜିଲ୍ଲାରେ ସମୁଦାୟ ୩୦୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ କେବଳ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ୨୧୬ଜଣଙ୍କର ମୃତ୍ୟୁ ହୋଇଥିଲା। ଆଖି ଆଗରେ ସ୍ୱାମୀ, ପୁଅ, ଝିଅ, ଶଶୁର, ଯାଆଙ୍କୁ ହରେଇ ୨୬ବର୍ଷ ହେଲାଣି ଲୁହ ଝରେଇ ଏକାକୀ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି ମଧୁପୁର ଗ୍ରାମର କଳ୍ପନା ବେହେରା।

କଳ୍ପନା ଓ ତାଙ୍କ ପରିବାର ସମୁଦ୍ରକୂଳ ତାଣ୍ଡାରେ ଗାଈଗୋରୁ ରଖି ମାଛମାରି ପରିବାର ପ୍ରତିପୋଷଣ କରୁଥିଲେ। ମହାବାତ୍ୟାରେ ସମୁଦ୍ର ପାଣି ହଠାତ୍ ମାଡ଼ି ଆସିଲା। ପରିବାରର ୭ ଜଣ ଲୋକ ଜୀବନ ବଞ୍ଚାଇବାକୁ ଗାଁକୁ ଆସିବା ସମୟରେ ନଦୀରେ ସୁ ସୁ ଗର୍ଜନ କରୁଥିବା ଭୟଙ୍କର ଜୁଆର ପାଣିରେ ସ୍ୱାମୀ ବୁଦ୍ଧେଶ୍ୱର, ୨ ବର୍ଷର ପୁଅ ଟାଇଗର, ୮ ମାସର ଝିଅ ପୁଷ୍ପା, ଶଶୁର ଲୋକନାଥ ଓ ତାଙ୍କ ଯାଆ ଝୁମ୍ପା ବେହେରା ଭାସିଯାଇ ପ୍ରାଣ ହରାଇଥିଲେ। ସ୍ୱାମୀଙ୍କ ବୁଦ୍ଧେଶ୍ୱରଙ୍କ ଆଉ ପତ୍ତା ମିଳିନଥିଲା। ଜୀବନ ସହ ସଂଗ୍ରାମ କରି କଳ୍ପନା ଆଜି ନିଃସଙ୍ଗ ଜୀବନ ଜିଉଁଛନ୍ତି। ସେହିପରି ନିକଟସ୍ଥ ସୁଧିକେଶ୍ୱର ଗ୍ରାମର ପଦ୍ମନାଭ ବିଶ୍ୱାଳ ଓ ନିର୍ମଳା ବିଶ୍ୱାଳଙ୍କ ୯ ବର୍ଷର ଝିଅ ଓ ଶଶୁରଙ୍କ ଉପରେ କାନ୍ଥ ପଡ଼ିଯିବା ଯୋଗୁଁ ଦୁହେଁ ପ୍ରାଣ ହରାଇଥିଲେ। ୨୬ ବର୍ଷ ପରେ ବି ନିଜ ପରିଜନଙ୍କୁ ହରାଇ କଳ୍ପନା ହୁଅନ୍ତୁ ବା ନିର୍ମଳା ବା ଅନେକ ପରିବାର ଆଜି ବି ଗୁମୁରିଗୁମୁରି କାନ୍ଦୁଛନ୍ତି।

ମହାବାତ୍ୟା ପରେ ହୁଡ୍‌ହୁଡ୍, ଫାଇଲିନ, ତିତିଲି, ଫନୀ, ଅମ୍ଫାନ ଏବଂ ବର୍ତ୍ତମାନ 'ମୋନ୍ଥା' ଭଳି ସାମୁଦ୍ରିକ ବାତ୍ୟାକୁ ଏ ଅଞ୍ଚଳର ଲୋକେ ବାରମ୍ବାର ସମ୍ମୁଖୀନ ହେଉଛନ୍ତି। ମହାବାତ୍ୟା ପରେ ଏହି ଉପକୂଳବାସୀଙ୍କ ସୁରକ୍ଷା ପାଇଁ ବେସରକାରୀ ଉଦ୍ୟମରେ ସମୁଦ୍ର ଉପକୂଳରେ ଅବସ୍ଥିତ ଦାଲୁଅକଣି, ଛେନୁ, କୋରଣା, ସୁଧିକେଶ୍ୱର, ନାନପଡ଼ା, ନୂଆଗଡ଼, ଡମଶୁଣ୍ଡ, ନଗର ଭଳି ସମ୍ବେଦନଶୀଳ ଗ୍ରାମଗୁଡ଼ିକରେ ନିର୍ମିତ ଅଧିକାଂଶ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ରକ୍ଷଣାବେକ୍ଷଣ ଅଭାବରୁ ଏହି ବାତ୍ୟା ଆଶ୍ରୟସ୍ଥଳୀ ଏବେ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଓ ଭୂତକୋଠିରେ ପରିଣତ ହୋଇଯାଇଛି। ତେବେ ଜରାଜୀର୍ଣ୍ଣ ବାତ୍ୟା ଆଶ୍ରୟସ୍ଥଳୀରେ ପୁନରୁଦ୍ଧାର ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରିଥିବାବେଳେ ଏଥିପ୍ରତି କେହି ଦୃଷ୍ଟି ଦେଇନାହାନ୍ତି।







## ମହିଳା ଦିନିକିଆ ବିଶ୍ୱକପ୍

# ପ୍ରଥମ ଫାଇନାଲ ଖେଳିବା ଲକ୍ଷ୍ୟରେ ଦକ୍ଷିଣ ଆଫ୍ରିକା

ଗୌହାଟୀ, ୨୮ ।୧୦ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ସେମିଫାଇନାଲ ପର୍ଯ୍ୟାୟ ବୁଧବାରଠାରୁ ଆରମ୍ଭ ହେବାକୁଯାଉଛି । ଗତ ସଂସ୍କରଣର ରନର୍ସଅପ୍ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ସେମିଫାଇନାଲ ସ୍ଥାନୀୟ ବର୍ଷାପରା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ । ଚଳିତ ବିଶ୍ୱକପ୍‌ରେ ଉଭୟ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସମାନ ୫ଟି ଲେଖାଏ ମ୍ୟାଚ୍ ଜିତି ସେମିଫାଇନାଲରେ ପହଞ୍ଚିଛନ୍ତି । ତେଣୁ ଏହି ମ୍ୟାଚ୍ ନିଶ୍ଚିତ ରୋମାଞ୍ଚକ ହେବ ବୋଲି ଆକଳନ କରାଯାଉଛି । ଚାରିଥରର ବିଜେତା ଇଂଲଣ୍ଡ ଏହି ମ୍ୟାଚରେ ବିଜୟୀ ହେଲେ ୯ମଥର ଲାଗି ଫାଇନାଲ ଖେଳିବ । ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ନିକଟରେ ପ୍ରଥମଥର ଲାଗି ବିଶ୍ୱକପ୍ ଫାଇନାଲ ଖେଳିବାର ସୁବର୍ଣ୍ଣ ସୁଯୋଗ ରହିଛି ।

### ଇଂଲଣ୍ଡ-୩୬; ଦ.ଆଫ୍ରିକା- ୧୦

ରେକର୍ଡ ଉପରେ ନଜର ପକାଇଲେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଇଂଲଣ୍ଡ୪୭ଟି ମ୍ୟାଚରୁ ୩୬ଟି ଜିତିଛି । ଦକ୍ଷିଣ ଆଫ୍ରିକା ମାତ୍ର ୧୦ଟି ମ୍ୟାଚ୍ ବିଜୟୀ ହୋଇଛି । ଗୁରୁବାର ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ ।

**ପ୍ରଥମ ସେମିଫାଇନାଲ**
**ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା** | **ଆରମ୍ଭ: ଅପରାହ୍ଣ ୩ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

## ■ ଆଇସିସି ମହିଳା ଦିନିକିଆ ର୍ୟାଙ୍କିଂ

# ଶ୍ରେଷ୍ଠ ରେଟିଂ ପଏଣ୍ଟ ସହ ଶୀର୍ଷରେ ମନ୍ଧାନା



ଦୁବାଇ, ୨୮ ।୧୦ (ଏଜେନ୍ସି): ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା ଦିନିକିଆ ର୍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ ଭାରତୀୟ ଓପନର୍ ସ୍ମୃତି ମନ୍ଧାନା ଶୀର୍ଷ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି । ମନ୍ଧାନାଙ୍କ ରେଟିଂ ପଏଣ୍ଟ ବର୍ତ୍ତମାନ ୮୨୮ ରହିଛି । ଯାହାକି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ରେଟିଂ ପଏଣ୍ଟ । ୨୯ ବର୍ଷୀୟା ମନ୍ଧାନା ଦମ୍‌ଦାର ପ୍ରଦର୍ଶନ କରି ଚଳିତ ବିଶ୍ୱକପ୍‌ରେ ୩୬୫ ରନ ସଂଗ୍ରହ କରିବା ସହ ଟପ୍ ସ୍କୋରର୍ ରହିଛନ୍ତି । ସେ ଗତ ଦୁଇଟି ମ୍ୟାଚରେ ଯଥାକ୍ରମେ ନ୍ୟୁଜିଲାଣ୍ଡ ବିପକ୍ଷରେ ୧୦୯ ଓ ବାଂଲାଦେଶ ବିପକ୍ଷରେ ୩୪ ରନର ଅପରାଜିତ ପାଳି ଖେଳିଥିଲେ । ଯେଉଁଥିପାଇଁ ତାଙ୍କ ରେଟିଂ ପଏଣ୍ଟ କ୍ୟାରିୟରର ଶ୍ରେଷ୍ଠ ୮୨୮ ରେ ପହଞ୍ଚିଛି । ମନ୍ଧାନାଙ୍କ ଓପନିଂ ପାର୍ଟନର ପ୍ରତୀକା ରାୱଲ ମଧ୍ୟ ର୍ୟାଙ୍କିଙ୍ଗ୍‌ରେ ବଡ଼ ଉନ୍ନତି ସହ ୧୨ଟି ସ୍ଥାନ ଉପରକୁ ଉଠି ୨୭ରେ ପହଞ୍ଚିଛନ୍ତି । ସେହିଭଳି ଏହି ର୍ୟାଙ୍କିଙ୍ଗ୍‌ରେ ଅଷ୍ଟ୍ରେଲିଆର ଆସଲେ ଗାର୍ଡନର ଏକାଥରକେ ୬ଟି ପାହାଚ ଲମ୍ଫ ପ୍ରଦାନ କରି ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି । ମନ୍ଧାନାଙ୍କଠାରୁ ତାଙ୍କ ରେଟିଂ ପଏଣ୍ଟ ୯୭ କମ୍ ଅର୍ଥାତ୍ ୭୩୧ ରହିଛି । ଗାର୍ଡନର ମଧ୍ୟ ବିଶ୍ୱକପ୍‌ରେ ୪ଟି ଇନିଂସରୁ ୮୮ ହାରରେ ୨୬୫ ରନ କରିଛନ୍ତି । ଦକ୍ଷିଣ ଆଫ୍ରିକା ଅଧିନାୟିକା ଲୌରା ଓଲଭର୍ଡଟ୍ ୫ମରୁ ୩ୟ ସ୍ଥାନକୁ ଉଠିଛନ୍ତି । ଅପରପକ୍ଷରେ ଦିନିକିଆ ବୋଲିଂ ତାଲିକାରେ ଇଂଲଣ୍ଡର ସୋଫି ଇକଲେଷ୍ଟୋନ ପ୍ରଥମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି । ତେବେ ଅଷ୍ଟ୍ରେଲିଆର ଲେଗ୍-ସ୍ପିନର ଆଲାନ କିଙ୍ଗ୍ ୫ଟି ପାହାଚ ଉପରକୁ ଉଠି ୨ୟ ସ୍ଥାନ ହାସଲ କରିଛନ୍ତି । ବୋଲିଂ ତାଲିକାର ଟପ୍-୧୦ରେ ଏକମାତ୍ର ଭାରତୀୟ ଭାବେ ଦୀପ୍ତି ଶର୍ମା ୫ମରେ ରହିଛନ୍ତି ।

# ବେଙ୍ଗଲକୁ ଜିତାଇଲେ ସାମି

କୋଲକାତା,୨୮ ।୧୦(ଏଜେନ୍ସି): ମହମ୍ମଦ୍ ସାମିଙ୍କ ଘାତକ ବୋଲିଂ ବଳରେ ଏଠାରେ ମଙ୍ଗଳବାର ଶେଷ ହୋଇଥିବା ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ସି’ରେ ବେଙ୍ଗଲ ୧୪୧ ରନ୍‌ରେ ଗୁଜରାଟକୁ ପରାସ୍ତ କରିଛି । ଏହା ଫଳରେ ବେଙ୍ଗଲ କ୍ରମାଗତ ଦ୍ୱିତୀୟ ବିଜୟ ସହ ଗ୍ରୁପ୍-ସି’ ପଏଣ୍ଟ ଟେବଲରେ ହରିୟାଣା ସହ ମିଳିତଭାବେ ପ୍ରଥମ ସ୍ଥାନରେ ରହିଛି । ଏହି ମ୍ୟାଚ୍‌ରେ ସାମି ପ୍ରଥମ ଇନିଂସରେ ୩ଟି ଓ ଦ୍ୱିତୀୟ ଇନିଂସରେ ୫ଟି ୱିକେଟ ନେଇ ବେଙ୍ଗଲକୁ ବିଜୟୀ କରାଇଥିଲେ । ଉତ୍ତରାଖଣ୍ଡ ବିପକ୍ଷରେ ସେ ୮ଟି ୱିକେଟ ନେଇ ବେଙ୍ଗଲକୁ ଜିତାଇବା ସହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ହୋଇଥିଲେ । ଏହି ସଫଳତା ପରେ ସାମି ପୁଣିଥରେ ଜାତୀୟ ଦଳକୁ ଫେରିବାକୁ ନେଇ ଦାବି ଉପସ୍ଥାପନ କରିଛନ୍ତି ।



## ବିଶ୍ୱକପ୍ ପୂର୍ବରୁ ହେବ ପରୀକ୍ଷାନିରୀକ୍ଷା

# ଭାରତ-ଅଷ୍ଟ୍ରେଲିଆ ଟି-୨୦ ସିରିଜ୍ ଆଜିଠାରୁ

କାନବେରା,୨୮ ।୧୦(ଏଜେନ୍ସି)



ବିଶ୍ୱର ନଂ-୧ ତଥା ବିଶ୍ୱ ଚାମ୍ପିଅନ ଟିମ୍ ଭାରତ ଓ ନଂ-୨ ଟିମ୍ ତଥା ଆୟୋଜକ ଅଷ୍ଟ୍ରେଲିଆ ମଧ୍ୟରେ ଆସନ୍ତାକାଲି ବା ବୁଧବାରଠାରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ । ଏହା ପୂର୍ବରୁ ଦୁଇ ଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯାଇଥିଲା । ଏଥିରେ ଅଷ୍ଟ୍ରେଲିଆ ୨-୧ରେ ବିଜୟୀ ହୋଇଥିଲା । କିନ୍ତୁ ଟି-୨୦ ଫର୍ମାଟରେ ଭାରତର ଶକ୍ତି ଅଧିକ । ଏପରିକି ୨୦୦୮ ପରଠାରୁ ଅଷ୍ଟ୍ରେଲିଆରେ ଭାରତ ସିରିଜ୍ ହାରିନାହିଁ । ରେକର୍ଡ ଯାହା ହେଉ ପଛେ ଦଳର ତାରକା ବୋଲର ଯଶପ୍ରୀତ୍ ବୁମ୍‌ରା ଏହି ସିରିଜ୍ ଖେଳିବାକୁ ମନୋନୀତ ହୋଇଛନ୍ତି । ଏଣୁ ଭାରତର ଶକ୍ତି ବୃଦ୍ଧି ଘଟିଛି ଓ ଦଳର ସନ୍ତୁଳନକୁ ନେଇ ମ୍ୟାନେଜମେଣ୍ଟର ଚିନ୍ତା ମଧ୍ୟ ବଢ଼ିଛି । ଆସନ୍ତାବର୍ଷ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବ ଟି-୨୦ ବିଶ୍ୱକପ୍ । ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ନିଜକୁ ପ୍ରସ୍ତୁତ କରିନେବାକୁ ଉଭୟ ଦଳ ଯୋଜନାବଦ୍ଧ ଭାବେ ଉଦ୍ୟମ କରିବେ । ଏପରିକି ଦଳର ଦକ୍ଷତା, ସନ୍ତୁଳନ, ଦୁର୍ବଳତାକୁ ମଧ୍ୟ ସଜାଡ଼ିନେବାକୁ ଉଭୟ ଦଳ ଚେଷ୍ଟା କରିବେ । ଟି-୨୦ ଫର୍ମାଟରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ବିଶ୍ୱର ଟପ୍-୨ ଦଳ ହୋଇଥିବାରୁ ଏହି ସିରିଜ୍‌ର ପ୍ରତ୍ୟେକ ମ୍ୟାଚ୍ ବେଶ ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି ।

ଭାରତରେ ଖେଳାଯିବାକୁ ଥିବା ବିଶ୍ୱକପ୍‌ର ପିଚ୍ କିମ୍ବା ଭେନ୍ୟୁ ସହ ଅଷ୍ଟ୍ରେଲିଆର ପିଚ୍‌ର ବ୍ୟବହାର ସମ୍ପୂର୍ଣ୍ଣ ଭିନ୍ନ । କିନ୍ତୁ ଏବେ ସବୁ ଦଳର ନଜର ରହିଛି ବିଶ୍ୱକପ୍ ପୂର୍ବରୁ ନିଜର ଶ୍ରେଷ୍ଠ ଟିମ୍ ଚୟନ କରିବା । ଏହି ସିରିଜ୍ ଭାରତ ଓ ଅଷ୍ଟ୍ରେଲିଆକୁ ଶ୍ରେଷ୍ଠ ଦଳ ଚୟନ ଓ ଦଳର ସନ୍ତୁଳନ ସଜାଡିବାକୁ ବଡ଼ ସୁଯୋଗ ଦେଇଛି । ଉଭୟଙ୍କ ମଧ୍ୟରେ ଲଢ଼େଇରୁ ଯେଉଁ ଫଳ ମିଳିବ ତାହା ନିଶ୍ଚିତପକ୍ଷେ ଲାଭଦାୟକ ହେବ । ଏହା ପୂର୍ବରୁ ଭାରତ ଟି-୨୦ ଫର୍ମାଟରେ ଏସିଆ କପ୍ ଖେଳି ଚାମ୍ପିଅନ ହୋଇଥିଲା । ଏଥିରେ ଦଳ ଅପରାଜେୟ ଥିଲାବେଳେ ଶ୍ରୀଲଙ୍କା ବିପକ୍ଷ ସୁପର-୪’ର ଏକ ମ୍ୟାଚ୍‌କୁ ବାଦ୍ ଦେଲେ ଅନ୍ୟ ସବୁଥିରେ ସହଜ ବିଜୟ ହାସଲ କରିଥିଲା । ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଏକାଧିକ ପ୍ରତିଭାବାନ ଖେଳାଳି ଆଇପିଏଲ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରି ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ହୋଇଛନ୍ତି । ଭାରତ ନିକଟରେ ଏତେ ପ୍ରତିଭା ରହିଛି ଯେ ୧୫ ଜଣିଆ ହେଉ କିମ୍ବା ୧୧ ଜଣିଆ ଦଳ ଚୟନ କରିବା କଷ୍ଟକର । ଟି-୨୦ ସିରିଜ୍ ଲାଗି ଯଶପ୍ରୀତ୍ ବୁମ୍‌ରାଙ୍କ ପ୍ରତ୍ୟାବର୍ତ୍ତନ ଦଳକୁ ଅଧିକ ମଜଭୁତ କରିଛି । ଅର୍ଶଦୀପ ସିଂହଙ୍କୁ ପାର୍ଟନର କରି ସେ ନିଶ୍ଚିତଭାବେ ଅଷ୍ଟ୍ରେଲୀୟ ବ୍ୟାଟରଙ୍କୁ ଅସୁବିଧାରେ ପକାଇବେ । ନିକଟରେ ସିଡନୀ ଦିନିକିଆରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ହର୍ଷିତ ରାଣା କିମ୍ବା ଶିବମ ଦୁବେ ପେସ୍ ବୋଲିଂ ଯୋଡି ବୁମ୍‌ରା-ଅର୍ଶଦୀପ୍‌ଙ୍କୁ ସାହାଯ୍ୟ କରିବେ । ଏସିଆ କପ୍‌ରେ ଭାରତ ସ୍ପିନରଙ୍କୁ ନେଇ ଚାମ୍ପିଅନ ହୋଇଥିଲା । ଅଷ୍ଟ୍ରେଲିଆ ବିପକ୍ଷରେ ସ୍ପିନରଙ୍କ ଭୂମିକା ଅଧିକ ନ ରହିଲେ ମଧ୍ୟ ଏମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ । ଦଳରେ ୪ଜଣ ସ୍ପିନରଙ୍କୁ ନିଆଯାଇଛି । ଅକ୍ଷର ପଟେଲ, କୁଳଦୀପ ଯାଦବ, ୱାଶିଂଟନ ସୁନ୍ଦର ଓ ବରୁଣ ଚକ୍ରବର୍ତ୍ତୀଙ୍କ ମଧ୍ୟରୁ ୨ଜଣ ଖେଳିବା ନିଶ୍ଚିତ । ଦିନିକିଆରେ ଏମାନେ ଅଷ୍ଟ୍ରେଲିଆ ପିଚ୍‌ରେ ସଂଘର୍ଷ କରିଥିଲେ । ଟି-୨୦ରେ କିପରି ପ୍ରଦର୍ଶନ କରିବେ ତାହା ଉପରେ ଦଳର ସଫଳତା ନିର୍ଭର କରୁଛି । ଭାରତ ୨୦୨୪ରେ ବିଶ୍ୱକପ୍ ଜିତିବା ପରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଖେଳି ମାତ୍ର ୩ଟି ମ୍ୟାଚ୍‌ରେ ପରାଜିତ ହୋଇଛି । ଏହି ରେକର୍ଡ ବଜାୟ ରଖିବ ବୋଲି ଭାରତୀୟ ସମର୍ଥକ ଓ କର୍ମକର୍ତ୍ତା ଆଶା ରଖିବା ସ୍ୱାଭାବିକ୍ ।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଗତ ଦୁଇଟି ବିଶ୍ୱକପ୍‌ରେ ସଅଳ ବିଦାୟ ନେବା ସହ ସମସ୍ତଙ୍କୁ ନିରାଶ କରିଥିଲା । କିନ୍ତୁ ୨୦୨୪ ବିଶ୍ୱକପ୍ ପରେ ଦଳର ତାହାର ରଣନୀତି ଓ ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିଛି । ଯାହା ଫଳରେ ୧୧ଟି ମ୍ୟାଚ୍ ଖେଳି ମାତ୍ର ୨ଟିରେ ପରାଜିତ ହୋଇଛି । ମିଚେଲ ମାର୍ଶଙ୍କ ନେତୃତ୍ୱରେ ପାୱାର ହିଟରଙ୍କୁ କେବଳ ଦଳରେ ସ୍ଥାନ ମିଳିଛି । ଟ୍ରାଭିସ ହେଡ୍, ଜୋଶ ଇଂଲିଶ, କାମେରନ ଗ୍ରୀନ୍ (ଏହି ସିରିଜ୍‌ରେ ଖେଳୁନାହାନ୍ତି), ଟିମ୍ ଡେଭିଡ୍, ମିଚେଲ ଓଏନ୍ ଓ ଗ୍ଲେନ୍ ମ୍ୟାକ୍ସୱେଲ (ଶେଷ ୩ଟି ମ୍ୟାଚ୍ ଖେଳିବେ)ଙ୍କୁ ନେଇ ଦଳର ବ୍ୟାଟିଂ ଲାଇନ୍ ବେଶ ସଫଳ ହୋଇଛି । ମାର୍କସ ଷ୍ଟୋଇନିସଙ୍କ ନେତୃତ୍ୱରେ ଏକାଧିକ ଅଲରାଉଣ୍ଡର ଅଷ୍ଟ୍ରେଲିଆର ସଫଳତାରେ ଭାଗୀଦାରି ହେଉଛନ୍ତି ।

### ସମ୍ଭାବ୍ୟ ଦଳ

**ଭାରତ**- ଅଭିଷେକ ଶର୍ମା, ଶୁବମନ ଗିଲ୍, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଳକ ବର୍ମା, ସଞ୍ଜୁ ସାମସନ (ୱିକେଟରକ୍ଷକ), ରିଙ୍କୁ ସିଂ, ଅକ୍ଷର ପଟେଲ, ଶିବମ ଦୁବେ/ ହର୍ଷିତ ରାଣା, କୁଳଦୀପ ଯାଦବ/ ବରୁଣ ଚକ୍ରବର୍ତ୍ତୀ, ଅର୍ଶଦୀପ ସିଂହ, ଯଶପ୍ରୀତ୍ ବୁମ୍‌ରା ।
**ବେଞ୍ଚ**- ୱାଶିଂଟନ ସୁନ୍ଦର, ନୀତୀଶ କୁମାର ରେଡ୍ଡୀ ।
**ଅଷ୍ଟ୍ରେଲିଆ**- ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ଜୋଶ ଇଂଲିଶ (ୱିକେଟରକ୍ଷକ), ଟିମ୍ ଡେଭିଡ୍, ଜୋଶ ଫିଲିପ୍, ମିଚେଲ ଓଏନ, ମାର୍କସ ଷ୍ଟୋଇନିସ୍, ସିନ୍ ଆବଟ/ ଜାଭିୟର ବାର୍ଟଲେଟ, ନାଥାନ ଏଲିସ୍, ମ୍ୟାଟ କୁନେମାନ, ଜୋଶ ହାଜ୍‌ଲେଉଡ୍ ।
**ବେଞ୍ଚ**- ମାଥ୍ୟୁ ସର୍ଟ, ଜୋଶ ଫିଲିପ୍, ତନବୀର ସାଙ୍ଗା ଓ ବେନ୍ ଡ୍ୱାରଶୁଇସ୍ ।

**ଖେଳ ଆରମ୍ଭ : ଅପରାହ୍ଣ ୧ଟା ୪୫ ମିନିଟ୍**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓ ହଟ୍‌ଷ୍ଟାର**

## ● ପୂର୍ବତନ ମ୍ୟାଚ୍ ରେଫରି ବ୍ରଡ୍‌ଙ୍କ ଅଭିଯୋଗ

# ‘ଖେଳାଳିଙ୍କୁ ଦଣ୍ଡରୁ ବଞ୍ଚାଇବା ଲାଗି ବିସିସିଆଇ ଚାପ ପକାଏ’

ନୂଆଦିଲ୍ଲୀ, ୨୮ ।୧୦ (ଏଜେନ୍ସି): ପୂର୍ବତନ ଆଇସିସି ମ୍ୟାଚ୍ ରେଫରି ଇଂଲଣ୍ଡର କ୍ରିସ୍ ବ୍ରଡ୍ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି । ବ୍ରଡ୍ ଦାବି କରିଛନ୍ତି ଯେ ବିସିସିଆଇ ଭାରତୀୟ ଖେଳାଳିଙ୍କୁ ଦଣ୍ଡରୁ ରକ୍ଷା କରିବା ଲାଗି ଚାପ ପକାଏ । ଏକ ସାକ୍ଷାତକାର ସମୟରେ ୬୮ ବର୍ଷୀୟ ବ୍ରଡ୍ କହିଛନ୍ତି, ‘ଟିମ୍ ଇଣ୍ଡିଆ ଗୋଟିଏ ମ୍ୟାଚରେ ଧାର୍ଯ୍ୟ ସମୟସୀମାଠାରୁ ୩-୪ ଓଭର କମ୍ ବୋଲିଂ କରିଥିଲା । ଯାହା ଫଳରେ ଭାରତୀୟ ଖେଳାଳିଙ୍କ ଉପରେ ସ୍ୱୟଂଚାଳିତ ଭାବେ ଜରିମାନା ହୋଇଥାନ୍ତା । କିନ୍ତୁ ଏକ ଫୋନ କଲ୍ ମୋ ନିକଟକୁ ଆସିଥିଲା । ଯେଉଁଥିରେ ମୋତେ କୁହାଯାଇଥିଲା ଏହା ଭାରତୀୟ ଦଳ ତେଣୁ ତୁମେ ନରମ ହୁଅ । ସ୍ଲୋ ଓଭର ରେଟ୍‌ର ଜରିମାନାରୁ ଭାରତକୁ ବଞ୍ଚାଇବା ଲାଗି ମୁଁ ସମୟ ନିମୟରେ ହେରାଫେରି କରିଥିଲି ।’ ବ୍ରଡ୍ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ, ‘ଏହି ସ୍ଲୋ ଓଭର ରେଟ୍ ଘଟଣାର ଠିକ୍ ପରବର୍ତ୍ତୀ ମ୍ୟାଚରେ ମଧ୍ୟ ଭାରତୀୟ ଦଳ ସମାନ ଭୁଲ୍‌ର ପୁନରାବୃତ୍ତି କରିଥିଲା । ସୌରଭ ଗାଙ୍ଗୁଲିଙ୍କୁ ମୁଁ ପୂର୍ବରୁ ସତର୍କ କରାଇ ଦେଇଥିଲି । କିନ୍ତୁ ସେ ମୋର କୌଣସି କଥାକୁ ଧ୍ୟାନ ଦେଇ ନ ଥିଲେ । ଶେଷରେ ଜରିମାନା ଲଗାଇବା ବ୍ୟତୀତ ମୋ ପାଖରେ ଆଉ କୌଣସି ବିକଳ୍ପ ନ ଥିଲା । ବିସିସିଆଇ ନିକଟରେ ପ୍ରଚୁର ଅର୍ଥ ରହିଛି । ଯେଉଁଥି ପାଇଁ ସେମାନେ ଅନେକ କ୍ଷେତ୍ରରେ ଆଇସିସିକୁ ପଛରେ ପକାଇ ଦେଉଛନ୍ତି । ମୁଁ ଏବେ ଏ କ୍ଷେତ୍ରରୁ ଦୂରେଇ ରହିଥିବାରୁ ବହୁତ ଖୁସି ଅଛି । କାରଣ ଏବେ କ୍ରିକେଟରେ ପୂର୍ବାପେକ୍ଷା ଅଧିକ ରାଜନୀତି ହେଉଛି’ ବୋଲି ବ୍ରଡ୍ କହିଛନ୍ତି । ଉଲ୍ଲେଖଯୋଗ୍ୟ, ବ୍ରଡ୍ ୨୦୦୩ରୁ ୨୦୨୪ ମଧ୍ୟରେ ୬୨୨ ଅନ୍ତର୍ଜାତୀୟ ମ୍ୟାଚରେ ରେଫରି ଦାୟିତ୍ୱ ତୁଲାଇଥିଲେ ।

# ଭୁବନେଶ୍ୱରରେ ହୋଇପାରେ ୨୦୨୮ ଏସିଆନ ଇଣ୍ଡୋର ଆଥ୍‌ଲେଟିକ୍ସ

ନୂଆଦିଲ୍ଲୀ,୨୮ ।୧୦(ଏଜେନ୍ସି): ଇଣ୍ଡୋର ଆଥଲେଟିକ୍ସ ଲାଗି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଯେଉଁ ସୁବିଧା ରହିଛି ତାହା ଦେଶର ଅନ୍ୟ କୌଣସି ଷ୍ଟାଡିୟମ୍‌ରେ ନାହିଁ । ଏଣୁ ଭାରତ ଯଦି ୨୦୨୮ ଏସିଆନ୍ ଇଣ୍ଡୋର ଆଥ୍‌ଲେଟିକ ଚାମ୍ପିଅନସିପ୍ ଆୟୋଜନ କରିବାର ଅଧିକାର ହାସଲ କରେ ତେବେ ଏହା କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ହେବ ବୋଲି ଆଥ୍‌ଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫଆଇ) ସୂତ୍ରରୁ ଜଣାଯାଇଛି । ୨୦୨୮ରେ ଏସିଆନ୍ ଇଣ୍ଡୋର ଆଥଲେଟିକ୍ସ ଓ ୨୦୨୬ରେ ଏସିଆନ୍ ରିଲେଜ ଆୟୋଜନ କରିବାକୁ ଆଥ୍‌ଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ବିଡ୍ ଦାଖଲ କରାଯାଇଛି । ଏସିଆନ୍ ରିଲେଜ୍ ଲାଗି ଭେନ୍ୟୁ ସ୍ଥିର ହୋଇ ନ ଥିଲାବେଳେ ଭବନେଶ୍ୱରରେ ଇଣ୍ଡୋର ଆଥଲେଟିକ୍ସ ଲାଗି ଭେନ୍ୟୁ ପ୍ରସ୍ତାବ ଦିଆଯାଇଛି । ଉଭୟ ଇଭେଣ୍ଟର ଆୟୋଜନ ଅଧିକାର ପାଇଲେ ଭାରତ ବିଶ୍ୱସ୍ତରର ଆଥଲେଟିକ୍ ଇଭେଣ୍ଟ ଆୟୋଜନ କରିବାରେ ସଫଳ ହେବ ବୋଲି ଏଏଫ୍‌ଆଇ କହିଛି ।

ଏଏଫ୍‌ଆଇର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ କଳିଙ୍ଗରେ ଇଣ୍ଡୋର ଷ୍ଟାଡିୟମ୍ ୨୦୨୪ରେ ଉଦ୍‌ଘାଟିତ ହୋଇଥିଲା । ଇଣ୍ଡୋର ଷ୍ଟାଡିୟମ୍‌ରେ ୨୦୦ ମିଟର ରନିଂ ଟ୍ରାକ୍, ୧୦୦ ମିଟର ପ୍ରାକ୍ଟିସ୍ ଟ୍ରାକ୍, ଲଙ୍ଗ୍ ଜମ୍ପ, ଟ୍ରିପଲ ଜମ୍ପ, ପୋଲ ଭଲ୍ଟ ଓ ସଟ୍‌ପୁଟ୍ ଲାଗି ଆବଶ୍ୟକ ସୁବିଧା ସୁଯୋଗ ଅଲଗା ଭାବେ ରହିଛି । ଏହା ବ୍ୟତୀତ ଆଥ୍‌ଲେଟଙ୍କ ଲାଗି ୱାର୍ମଅପ୍ ଏରିଆ ଓ ଜିମ୍ନାସିୟମ ମଧ୍ୟ ଅଛି । ଓଭାଲ ଆକୃତିର ଏହି ଷ୍ଟାଡିୟମ୍‌ରେ ୨୦୦୦ ଦର୍ଶକ ଖେଳ ଦେଖିପାରିବାର ଗ୍ୟାଲେରୀ ରହିଛି । ଏଠାରେ ସବୁଦିନେ ଅଭ୍ୟାସ କରିବାକୁ ଆଶାୟୀ ଥିବା ଆଥ୍‌ଲେଟଙ୍କ ଲାଗି ଦୁଇ ଜଣ ରହିଲା ଭଳି ୬୦ଟି ରୁମ୍, ଡାଇନିଂ ହଲ୍‌ର ବ୍ୟବସ୍ଥା ରହିଛି । ଏଣୁ ଇଣ୍ଡୋର ଆଥ୍‌ଲେଟିକ ଚାମ୍ପିଅନସିପ୍ ଆୟୋଜନ କରିବାକୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ଉପଯୁକ୍ତ ସ୍ଥାନ ବୋଲି ଏଏଫ୍‌ଆଇ ପକ୍ଷରୁ କୁହାଯାଇଛି ।

ଏସିଆନ୍ ଇଣ୍ଡୋର ଆଥ୍‌ଲେଟିକ୍ ଚାମ୍ପିଅନସିପ୍ ୨୦୦୪ରୁ ଆୟୋଜିତ ହୋଇଆସୁଛି । ଏହାର ପ୍ରଥମ ଓ ୨୦୨୪ରେ ଅନୁଷ୍ଠିତ ଶେଷ ସଂସ୍କରଣ ସହ ଇରାନ ଏହାକୁ ୪ଥର ଆୟୋଜନ କରିଛି । ପ୍ରତି ଦୁଇ ବର୍ଷରେ ହେଉଥିବା ଏହି ପ୍ରତିଯୋଗିତାର ପରବର୍ତ୍ତୀ ସଂସ୍କରଣ ଚୀନ୍‌ର ତିଆନଜିନ୍‌ଠାରେ ଫେବୃଆରୀ ୬ରୁ ୮ ତାରିଖ ଯାଏ ଅନୁଷ୍ଠିତ ହେବ ।

## ■ ‘ମୋନ୍ଥା’ର ପ୍ରଭାବ

# ସିକେ ନାଇଡୁ ଟ୍ରଫିରେ ପଡ଼ିପାରିଲାନି ଗୋଟିଏ ବଲ୍

ଭୁବନେଶ୍ୱର, ୨୮ ।୧୦ (ସମିସ): ସାମୁଦ୍ରିକ ଝଡ଼ ‘ମୋନ୍ଥା’ର ପ୍ରଭାବ କ୍ରିକେଟ୍ ଉପରେ ମଧ୍ୟ ପଡ଼ିଛି । ସ୍ଥାନୀୟ କିଟ୍ କ୍ରିକେଟ୍ ଷ୍ଟାଡିୟମରେ ଘରୋଇ ଓଡ଼ିଶା ଓ ଆସାମ ମଧ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିର ତୃତୀୟ ଦିବସ ଖେଳ ବର୍ଷା ଲାଗି ଧୋଇଯାଇଛି । ମଙ୍ଗଳବାର ଭୁବନେଶ୍ୱରରେ ତୁହାକୁ ତୁହା ବର୍ଷା ଲାଗି ରହିବାରୁ ଗୋଟିଏ ବି ବଲ୍ ପଡ଼ିବା ସମ୍ଭବପର ହୋଇପାରି ନ ଥିଲା । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଆସାମ ରାଜବୀର ସିଂଙ୍କ ୧୦୫ ରନ ବଳରେ ପ୍ରଥମ ପାଳିରେ ୨୧୬ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଓଡ଼ିଶା ପକ୍ଷରୁ ରୀତେଶ ପ୍ରିୟରଞ୍ଜନ ୪ ଓ ଆୟୁଷ ବାରିକ ୩ଟି ୱିକେଟ୍ ନେଇଥିଲେ । ଜବାବରେ ଓଡ଼ିଶା ପ୍ରଥମ ପାଳି ଆରମ୍ଭ କରି ସୋମବାର ଦ୍ୱିତୀୟ ଦିବସ ସୁଦ୍ଧା ୫୦ ଓଭରରେ ୩ ୱିକେଟ୍ ହରାଇ ୧୬୯ ରନ ସଂଗ୍ରହ କରିଛି । ମଙ୍ଗଳବାର ବର୍ଷା ଯୋଗୁ ଖେଳ ହୋଇପାରି ନ ଥିଲା । ବୁଧବାର ଖେଳ ମଧ୍ୟ ବର୍ଷା ଯୋଗୁ ବାଧାପ୍ରାପ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

## ରଣଜୀ ଟ୍ରଫି

# ଗୋଟିଏ ପଏଣ୍ଟରେ ଓଡ଼ିଶା ସନ୍ତୁଷ୍ଟ

କଟକ,୨୮ ।୧୦(ସମିସ)

ଚଳିତ ରଣଜୀ ଟ୍ରଫି ଆରମ୍ଭରେ ଓଡ଼ିଶାର ପ୍ରଦର୍ଶନ ସନ୍ତୋଷଜନକ ରହିନାହିଁ । ପ୍ରଥମ ମ୍ୟାଚ୍‌ରେ ବରୋଦା ଠାରୁ ପରାଜୟ ପରେ ଉତ୍ତରପ୍ରଦେଶ ବିପକ୍ଷ ଦ୍ୱିତୀୟ ମୁକାବିଲାକୁ ଦଳ ଡ୍ର ରଖି ମାତ୍ର ୧ ପଏଣ୍ଟ ହାସଲ କରିଛି । ଏହି ମ୍ୟାଚ୍‌ରେ ଇନିଂସ୍ ଅଗ୍ରଣୀ ପାଇଥିବା ଉତ୍ତରପ୍ରଦେଶକୁ ୩ ପଏଣ୍ଟ ମିଳିଛି । ୨ଟି ଲିଗ୍‌ରୁ ମୋଟ ୧ ପଏଣ୍ଟ ପାଇ ଓଡ଼ିଶା ଏଲିଟ ଗ୍ରୁପ-ଏ ଟେବଲର ୭ମ ସ୍ଥାନରେ ରହିଛି । ନଭେମ୍ବର ୧ରୁ ରଣଜୀ ଟ୍ରଫିର ୩ୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଆରମ୍ଭ ହେବ । ଘରୋଇ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଆନ୍ଧ୍ରପ୍ରଦେଶକୁ ଭେଟିବ ।

କାନପୁର ଗ୍ରୀନପାର୍କ ଷ୍ଟାଡିୟମରେ ଖେଳାଯାଇଥିବା ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ଉତ୍ତରପ୍ରଦେଶ ଉଭୟ ବ୍ୟାଟିଂ ଓ ବୋଲିଂରେ ପ୍ରାଧାନ୍ୟ ବିସ୍ତାର କରି ରଖିଥିଲା । ଓଡ଼ିଶାକୁ ପ୍ରଥମ ପାଳିରେ ୨୪୩ରନରେ ଅଲଆଉଟ କରିଥିଲା । ଅଧିନାୟକ କରନ ଶର୍ମାଙ୍କ ୧୨୧ରନ, ଆରାଧ୍ୟା ଯାଦବଙ୍କ ୧୦୧ ରନ ସହାୟତାରେ ସୋମବାର ମ୍ୟାଚର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଉତ୍ତରପ୍ରଦେଶ ୬ ୱିକେଟ ହରାଇ ୩୮୦ରନ ସଂଗ୍ରହ କରିଥିଲା । ଘରୋଇ ଦଳ ମ୍ୟାଚ୍‌କୁ କବଜା କରିବା ସହ ୧୩୭ରନର ଅଗ୍ରଣୀ ହାସଲ କରି ସାରିଥିଲା । ଆଜି କୌଣସି ୱିକେଟ ନହରାଇ ଦଳ ଆଉ ୨୯ରନ ଯୋଡ଼ିବା ସହ ଦଳୀୟ ସ୍କୋର ୪୦୯/୬ରେ ପାଳି ଘୋଷଣା କରିଥିଲା । ଭିପରାଜ ନିଗମ ୩୧ରନ, ଶିଭମ ମାଭି ୧୨ରନରେ ଅପରାଜିତ ଥିଲେ । ଓଡ଼ିଶା ପକ୍ଷରୁ ପଦାର୍ପଣ ମ୍ୟାଚ୍ ଖେଳୁଥିବା ସମ୍ବିତ ବରାଳ ସର୍ବାଧିକ ୩ଟି ୱିକେଟ ଦଖଲ କରିଥିବା ବେଳେ ବାଦଲ ବିଶ୍ୱାଳ ଏବଂ ସୁମିତ ଶର୍ମାଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା । ଉତ୍ତରପ୍ରଦେଶ ପ୍ରଥମ ଇନିଂସ୍‌ରେ ୧୬୬ରନରେ ଆଗୁଆ ରହିଥିଲା । ମଙ୍ଗଳବାର ମ୍ୟାଚ୍‌ର ଅନ୍ତିମ ଦିବସରେ ଓଡ଼ିଶା ୪୪ ଓଭର ଖେଳି ୩ ୱିକେଟ ବିନିମୟରେ ୧୫୧ରନ କରିଥିବା ବେଳେ ମ୍ୟାଚ୍ ଡ୍ର ଘୋଷଣା କରାଯାଇଥିଲା । ଓପନର ସ୍ୱସ୍ତିକ ସାମଲ ୭୧ରନର ଅପରାଜିତ ପାଳି ଖେଳିଥିଲେ । ପ୍ରଥମଶ୍ରେଣୀ କ୍ରିକେଟରେ ସ୍ୱସ୍ତିକଙ୍କୁ ଏହା ଦ୍ୱିତୀୟ ଅର୍ଦ୍ଧଶତକ । ଆଶୀର୍ବାଦ ସ୍ୱାଇଁ ୨୩ରନ, ସନ୍ଦୀପ ପଟ୍ଟନାୟକ ୬ରନ, ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୧ରନରେ ଆଉଟ ହୋଇଥିବା ବେଳେ ଗୋବିନ୍ଦ ପୋଦ୍ଦାର ୩୮ରନରେ ଅପରାଜିତ ଥିଲେ । ଉତ୍ତରପ୍ରଦେଶର ଶିଭମ ମାଭିଙ୍କୁ ୨ଟି ୱିକେଟ ମିଳିଥିଲା ।


ସ୍ୱସ୍ତିକ ସାମଲ


ଗୋବିନ୍ଦ ପୋଦ୍ଦାର

## ନନ୍ଦକିଶୋର ସ୍ମାରକୀ ମହିଳା ଫୁଟବଲ

# ସେମିରେ କୁଆଁରମୁଣ୍ଡା

ଭୁବନେଶ୍ୱର,୨୮ ।୧୦(ସମିସ): କୁଆଁରମୁଣ୍ଡା ଫୁଟବଲ କ୍ଲବ୍ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ତୃତୀୟ ନନ୍ଦକିଶୋର ସ୍ମାରକୀ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି । ମଙ୍ଗଳବାର ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ କୁଆଁରମୁଣ୍ଡା ଫୁଟବଲ କ୍ଲବ୍ ୩-୨ ଗୋଲରେ କଟକ ଟିମ୍‌କୁ ପରାସ୍ତ କରିଛି । ବିଜୟୀ ଦଳ ପକ୍ଷରୁ ଜ୍ୟୋସ୍ନା ଲାକ୍ରା, ପୁଷ୍ପା କିସାନ ଓ ଜାହ୍ନବୀ କିସାନ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ । କଟକ ଟିମ୍‌ର ଶିଲା ସିଂ ୨ଟି ଗୋଲ ଶୁଝାଇବାରେ ସମର୍ଥ ହୋଇଥିଲେ । କୁଆଁରମୁଣ୍ଡା ଫୁଟବଲ କ୍ଲବ୍‌ର ଜର୍ସି ନଂ-୧୮ ଖେଳାଳି ଜ୍ୟୋସ୍ନା ଲାକ୍ରାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଆସନ୍ତାକାଲି ବୁଧବାର କଟକର ଓଡ଼ିଶା ପୁଲିସ୍ ଓ କେନ୍ଦୁଝରର ତାରିଣୀ ଫୁଟବଲ ଏକାଡେମୀ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳାଯିବ । ଖେଳ ଶେଷରେ ସାମାଜିକ କର୍ମୀ ରଜତ କୁମାର ପାଢ଼ୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ।

# ସିଦ୍ଧେଶ୍ୱର ମୁଦୁଲି ୨୦୨୫ର ଜୁଡୋ ଜୁଏଲ




ଭୁବନେଶ୍ୱର,୨୮ ।୧୦(ସମିସ): ବିଶ୍ୱ ଜୁଡୋ ଦିବସରେ ପ୍ରତିଷ୍ଠିତ ଜୁଡୋକା ସିଦ୍ଧେଶ୍ୱର ମୁଦୁଲିଙ୍କୁ ୨୦୨୫ର ଜୁଡୋ ଜୁଏଲ ପୁରସ୍କାର ପ୍ରଦାନ କରାଯାଇଛି । ରାଜଧାନୀ ଉପକଣ୍ଠ ଶିଶୁପାଳଗଡ଼ସ୍ଥିତ ଗଙ୍ଗାଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ମଙ୍ଗଳବାର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶା ଖ୍ୟାତନାମା ଆଥ୍‌ଲେଟ ପ୍ରଣତି ମିଶ୍ର ମୁଖ୍ୟ ଅତିଥି ଓ ପୂର୍ବତନ ଜୁଡୋକା ଡ. ଶ୍ରୀକାନ୍ତ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇ ସିଦ୍ଧେଶ୍ୱରଙ୍କୁ ମାନପତ୍ର, ସ୍ମୃତିଫଳକ ଓ ନଗଦ ୨୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ପାରା-ଜୁଡୋ ଆସୋସିଏସନ ଆନୁକୂଲ୍ୟରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜିତ କରାଯାଇଥିଲା । ଆସୋସିଏସନର ଉପଦେଷ୍ଟା ଅମିୟ କୁମାର ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ଜୁଡୋ ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ଜୁଡୋକା ରଶ୍ମିରଞ୍ଜନ ପଟ୍ଟନାୟକ ଓ ମନମୋହନ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଉତ୍ସବକୁ ଜୁଡୋ ପଦକଧାରୀ ତଥା ଆୟୋଜକ ସମ୍ପାଦକ ବ୍ରଜକିଶୋର ଦାସ ପରିଚାଳନା କରିଥିଲାବେଳେ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଭୋଲ ଧନ୍ୟବାଦ ଅର୍ପଣ କରିଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS